# ଧରିତ୍ରୀ
DHARITRI

ପୃଷ୍ଠା–୧୨+୮

ଭୁବନେଶ୍ୱର, ଶୁକ୍ରବାର, ମେ ୧୦/୨୦୨୪ (୧୨+୮=୨୦ ପୃଷ୍ଠା) | Bhubaneswar, Friday, May 10/2024 | Page 20 | ₹ 7.00

୫୦ଶ ଭାଗ ୧୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 165 | ମୂଲ୍ୟ ₹୭/-





**ବିମାନରେ ସିଗାରେଟ୍ ଟାଣି ଗିରଫ**

ଓମାନର ମସ୍କଟରୁ ମୁମ୍ବାଇ ଯାତ୍ରା କରୁଥିବା ଏକ ଭିସ୍ତାରା ବିମାନର ୱାଶ୍‌ରୁମରେ ସିଗାରେଟ ଟାଣୁଥିବାରୁ ତାମିଲନାଡୁ କନ୍ୟାକୁମାରୀର ବାଳକୃଷ୍ଣ ରାଜାୟନ (୫୧)ଙ୍କୁ ଗିରଫ କରାଯାଇଛି। ପାଇଲଟ ସ୍ମୋକ୍ ଡିଟେକ୍ଟରରେ ଏହା ଜାଣିପାରି ସାଥୀ କ୍ରିଉ ସଦସ୍ୟଙ୍କୁ ସତର୍କ କରାଇଥିଲେ। ପରେ କ୍ରିଉ ସଦସ୍ୟ ୱାଶ୍‌ରୁମରୁ ସିଗାରେଟ୍ ଖଣ୍ଡ ପାଇଥିଲେ। ବିମାନଟି ମୁମ୍ବାଇରେ ଅବତରଣ କଲାପରେ ଏନେଇ ସୁରକ୍ଷା ପର୍ଯ୍ୟବେକ୍ଷକଙ୍କୁ କ୍ରିଉ ସଦସ୍ୟ ଜଣାଇଥିଲେ। ପଚରାଉଚରା ବେଳେ ରାଜାୟନ ଭୁଲ୍ ସ୍ୱୀକାର କରିଛନ୍ତି।

**ସଂକ୍ଷେପରେ**

## ମଦିନା ଗଲେ ଭାରତର ପ୍ରଥମ ପର୍ଯ୍ୟାୟ ହଜ୍ ଯାତ୍ରୀ

**ଶ୍ରୀନଗର, ୯।୫**

ଦିଲ୍ଲୀ ଓ ଶ୍ରୀନଗରରୁ ଗୁରୁବାର ପ୍ରଥମ ପର୍ଯ୍ୟାୟରେ ୯୨୭ ଜଣ ହଜ୍ ଯାତ୍ରୀ ସାଉଦି ଆରବର ମଦିନା ଅଭିମୁଖେ ଗସ୍ତ କରିଛନ୍ତି। ଦିଲ୍ଲୀରୁ ୨୮୫ ଜଣ ହଜ୍ ଯାତ୍ରୀ ଏବଂ ଶ୍ରୀନଗରରୁ ୬୪୨ ଜଣ ହଜ୍ ଯାତ୍ରୀ ଏହି ଗସ୍ତ କରିଛନ୍ତି। ଚଳିତ ବର୍ଷ ଦିଲ୍ଲୀରୁ ୧୬,୫୦୦ ଜଣ ହଜ୍ ଯାତ୍ରା କରିବେ ବୋଲି ଦିଲ୍ଲୀ ରାଜ୍ୟ ହଜ୍ ସମିତିର ସଭାପତି କୌଶର ଜାହାଁ ସୂଚନା ଦେଇଛନ୍ତି। ସେହିପରି ଜମ୍ମୁ-କଶ୍ମୀରରୁ ୭,୦୦୮ ଜଣ ହଜ୍ ଯାତ୍ରୀ ଚଳିତ ବର୍ଷ ସାଉଦି ଆରବର ମଦିନା ଗସ୍ତ କରିବେ ବୋଲି ଜମ୍ମୁ-କଶ୍ମୀର ହଜ୍ ସମିତିର କାର୍ଯ୍ୟକାରୀ ସଭାପତି ଡକ୍ଟର ସୁଜହତ କୁରେଶୀ କହିଛନ୍ତି।

## ପାକିସ୍ତାନରେ ଗୁଳିମାଡ଼: ୭ ମୃତ

**ପେଶାୱର, ୯।୫**

ପାକିସ୍ତାନରେ ଜଣେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଗୁରୁବାର ୭ ଜଣଙ୍କର ମୃତ୍ୟୁ ଘଟିଛି। ଆଫଗାନିସ୍ତାନ ଓ ଇରାନ ସୀମା ନିକଟବର୍ତ୍ତି ବେଲୁଚିସ୍ତାନ ପ୍ରଦେଶର ଦକ୍ଷିଣ-ପଶ୍ଚିମ ପାର୍ଶ୍ୱରେ ଅବସ୍ଥିତ ଗ୍ୱାଦର ବନ୍ଦରରେ ଜଣେ ସଶସ୍ତ୍ର ଆତଙ୍କବାଦୀଙ୍କ ଗୁଳିମାଡ଼ରେ ବନ୍ଦରର ୭ କର୍ମଚାରୀ ନିହତ ହୋଇଥିବାବେଳେ ଜଣେ ଆହତ ହୋଇଛନ୍ତି। ଗୁଳିମାଡ଼ ସମୟରେ ସମସ୍ତ କର୍ମଚାରୀ ଶୋଇଥିବା ପୋଲିସ ସୂଚନା ଦେଇଛି। ବେଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ମୀର ସର୍ଫରାଜ ବୁଗ୍‌ଟି ଏହାକୁ ଖୋଲା ଆତଙ୍କବାଦ କହିବା ସହ ଘଟଣାକୁ ନିନ୍ଦା କରିଛନ୍ତି। ଘଟଣାରେ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ଧରି ବାହାର କରାଯିବ ବୋଲି ସେ କହିଛନ୍ତି।

## ଟ୍ରକ୍‌ରୁ ୮ କୋଟି ଟଙ୍କା ଜବତ



**ହାଇଦ୍ରାବାଦ, ୯।୫**

ଆନ୍ଧ୍ରପ୍ରଦେଶର ଏନ୍‌ଟିଆର ଜିଲାର ଏକ ଚେକ୍‌ପୋଷ୍ଟରେ ଗୁରୁବାର ଗୋଟିଏ ଟ୍ରକରୁ ନଗଦ ୮ କୋଟି ଟଙ୍କା ଜବତ କରାଯାଇଛି। ଏହି ମାମଲାରେ ପୋଲିସ ୨ ଜଣଙ୍କୁ ଅଟକ ରଖିଛି। ଗୁରୁବାର ସକାଳୁ ଏକ ପାଇପ୍ ବୋଝେଇ ଟ୍ରକ୍ ଯାଉଥିବାବେଳେ ଗରିକାପାଡୁ ଚେକ୍‌ପୋଷ୍ଟରେ ପୋଲିସ ଏହାକୁ ଅଟକାଇ ତଲାସି କରିଥିଲା। ଟ୍ରକର ଗୁପ୍ତ କ୍ୟାବିନରେ ୮ କୋଟି ଟଙ୍କା ଲୁଚାଇ ନିଆଯାଉଥିବାବେଳେ ଏହା ଚେକିଂ ବେଳେ ଧରା ପଡ଼ିଥିଲା। ଏହି ଟଙ୍କା ଟ୍ରକ୍ ଯୋଗେ ହାଇଦ୍ରାବାଦରୁ ଗୁଣ୍ଟୁର ନିଆଯାଉଥିବା ସ୍ଥାନୀୟ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ନଗଦ ଟଙ୍କା ଜିଲା ତଦନ୍ତକାରୀ ଦଳକୁ ଖୁବ୍‌ଶୀଘ୍ର ହସ୍ତାନ୍ତର କରାଯିବ ଏବଂ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଆସନ୍ତା ୧୩ରେ ଆନ୍ଧ୍ରପ୍ରଦେଶର ସମସ୍ତ ୨୫ ଲୋକ ସଭା ଓ ୧୭୫ ବିଧର୍ଜସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବ।



ଶ୍ରୀନଗରସ୍ଥିତ ହଜ୍ ହାଉସ୍‌ରେ ଗୁରୁବାର ପହଞ୍ଚିଥିବା ହଜ୍ ଯାତ୍ରୀମାନଙ୍କୁ ସମ୍ପର୍କୀୟମାନେ ବିଦାୟ ଜଣାଉଛନ୍ତି।

# ଭାଜପା ବହୁମତ ପ୍ରମାଣ ଦେଉ: ଦୁଷ୍ୟନ୍ତ

## ହରିୟାଣା ରାଜନୈତିକ ସଙ୍କଟ

### ଖଟ୍ଟାରଙ୍କୁ ଭେଟିଲେ ୪ ଜେଜେପି ବିଧାୟକ

**ଚଣ୍ଡିଗଡ଼, ୯।୫**

ହରିୟାଣା ସରକାରରୁ ୩ ସ୍ୱାଧୀନ ବିଧାୟକ ସମର୍ଥନ ପ୍ରତ୍ୟାହାର କରିନେବା ପରେ ରାଜ୍ୟରେ ରାଜନୈତିକ ସଙ୍କଟ ଦେଖାଦେଇଛି। ଭାଜପା ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଜନନାୟକ ଜନତା ପାର୍ଟି (ଜେଜେପି) ଅଧ୍ୟକ୍ଷ ଦୁଷ୍ୟନ୍ତ ଚୌଟାଲା ଦାବି କରିଛନ୍ତି। ଏଥିପାଇଁ ସେ ଗୁରୁବାର ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟଙ୍କୁ ପତ୍ର ଲେଖିଛନ୍ତି। ସରକାର ଗଠନ ପାଇଁ ଜେଜେପି ଯେକୌଣସି ଦଳକୁ ସମର୍ଥନ ଦେବା ଲାଗି ପ୍ରସ୍ତୁତ ଅଛି। ଭାଜପା ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇ ନ ପାରିଲେ, ହରିୟାଣାରେ ରାଷ୍ଟ୍ରପତି ଶାସନ ଜାରି ପାଇଁ ଚୌଟାଲା ଦାବି କରିଛନ୍ତି।

ହରିୟାଣାର ନାୟବ ସିଂ ସାଇନି ସରକାରଙ୍କୁ ଭାଙ୍ଗିବା ପାଇଁ ଭାଜପାର ପୂର୍ବତନ ସହଯୋଗୀ ଜେଜେପି କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମେଣ୍ଟକୁ ସମର୍ଥନ କରିବାକୁ ପ୍ରସ୍ତୁତ ଅଛି। ଏନେଇ ଚୌଟାଲା ବୁଧବାର ଘୋଷଣା କରିବା ସହ ନିଜ ଦଳର ବିଧାୟକମାନଙ୍କୁ ଚେତାବନୀ ଦେଇଥିଲେ। ଯଦି ଜେଜେପିର କୌଣସି ବିଧାୟକ ଗୈରିକ ଦଳକୁ ସମର୍ଥନ କରନ୍ତି, ତେବେ ତାଙ୍କ ବିଧାୟକ ପଦ ରଦ୍ଦ ହେବ ବୋଲି ଚୌଟାଲା କହିଥିଲେ। ସୂଚନାଯୋଗ୍ୟ, ୮୮ ସଦସ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାରେ ୩ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ପ୍ରତ୍ୟାହାର ପରେ ଭାଜପା ନେତୃତ୍ୱାଧୀନ ମେଣ୍ଟର ବିଧାୟକ ସଂଖ୍ୟା ୪୩କୁ ହ୍ରାସ ପାଇଛି। ଗତ ମାର୍ଚ୍ଚରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟାର ଏବଂ ସ୍ୱାଧୀନ ବିଧାୟକ ରଞ୍ଜି ସିଂ ଚୌଟାଲା ଇସ୍ତଫା ଦେଇଥିଲେ। ଅନ୍ୟପକ୍ଷରେ ସରକାରଙ୍କ ପ୍ରତି କୌଣସି ବିପଦ ନାହିଁ, ଏହା ପୂରା ସମୟ କ୍ଷମତାରେ ରହିବ ବୋଲି ମୁଖ୍ୟମନ୍ତ୍ରୀ ସାଇନି କହିଛନ୍ତି। ସରକାର ଭାଙ୍ଗିବା ପାଇଁ ଚୌଟାଲା ଅଣ୍ଟା ଭିଡ଼ିଥିବାବେଳେ ତାଙ୍କ ଦଳର ୪ ଜଣ ବିଧାୟକ ଗୁରୁବାର ଅପରାହ୍ନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଖଟ୍ଟାରଙ୍କୁ ଭେଟିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ମନ୍ତ୍ରୀ ମହିପାଲ ଧଣ୍ଡାଙ୍କ ପାନିପଥ ବାସଭବନରେ ଏହି ବୈଠକ ବସିଥିଲା।

କଂଗ୍ରେସ ରାଜ୍ୟପାଳଙ୍କୁ ଭେଟିବା ଲାଗି ଶୁକ୍ରବାର ପର୍ଯ୍ୟନ୍ତ ସମୟ ମାଗିଥିବାବେଳେ ନୈତିକତା ଦୃଷ୍ଟିରୁ ସଂଖ୍ୟାଲଘୁ ସରକାର ଇସ୍ତଫା ଦେଇଦେବା ଉଚିତ ବୋଲି ଭୂପିନ୍ଦର ସିଂ ହୁଡ଼ା କହିଛନ୍ତି।



ଦୁଷ୍ୟନ୍ତ ଚୌଟାଲା

# ଏୟାରଇଣ୍ଡିଆ ଏକ୍ସପ୍ରେସ୍ କର୍ମଚାରୀଙ୍କ ଧର୍ମଘଟ ପ୍ରତ୍ୟାହୃତ

**ନୂଆଦିଲ୍ଲୀ, ୯।୫**





ଟାଟା ଗ୍ରୁପ୍ ମାଲିକାନାରେ ଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର କ୍ରିଉ ସଦସ୍ୟମାନେ ଧର୍ମଘଟ ପ୍ରତ୍ୟାହାର କରିନେବାକୁ ରାଜି ହୋଇଛନ୍ତି। ଫଳରେ କ୍ରମାଗତ ୩ ଦିନ ହେଲା ବିମାନ ଚଳାଚଳକୁ ନେଇ ଲାଗିରହିଥିବା ସମସ୍ୟା ଦୂରହେବାକୁ ଯାଉଛି। କର୍ମଚାରୀମାନେ ଖୁବ୍‌ଶୀଘ୍ର କାର୍ଯ୍ୟରେ ଯୋଗଦେବେ ବୋଲି ଆଶା କରାଯାଉଛି। ଧର୍ମଘଟରେ ସାମିଲ ଥିବା ୨୫ କ୍ୟାବିନ କ୍ରିଉଙ୍କୁ ଏୟାରଲାଇନ୍ସ ବହିଷ୍କାର କରିଥିବାବେଳେ ସେମାନଙ୍କୁ ପୁନଃ ଅବସ୍ଥାପିତ କରାଯାଇଛି। ମଙ୍ଗଳବାର ରାତିରୁ ଗୋଟିଏ ଗୋଷ୍ଠୀ କ୍ରିଉ ସଦସ୍ୟ ଅସୁସ୍ଥତା ଦର୍ଶାଇ କାର୍ଯ୍ୟରେ ଯୋଗ ନ ଦେବାରୁ ୩ ଦିନରେ ୧୭୦ରୁ ଊର୍ଦ୍ଧ୍ୱ ବିମାନ ଉଡ଼ାଣ ବାତିଲ ହୋଇଥିଲା। ଏୟାରଲାଇନ୍ସର କୁପରିଚାଳନାକୁ ବିରୋଧ କରି କ୍ରିଉ ମେମ୍ବରମାନେ ବିମାନ ବାତିଲ ଯୋଗୁ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଗୁରୁବାର ପ୍ରାୟ ୨୫୦ କ୍ୟାବିନ କର୍ମଚାରୀ ଅସୁସ୍ଥତା ଦର୍ଶାଇ କାମରେ ଯୋଗଦେଇ ନ ଥିଲେ। ଦୀର୍ଘ ସମୟ ଆଲୋଚନା ଓ ବିଚାରବିମର୍ଶ ପରେ ସମସ୍ତ କ୍ୟାବିନ୍ କ୍ରିଉ ସଦସ୍ୟ ତୁରନ୍ତ ଫିଟ୍‌ନେସ୍ ସାର୍ଟିଫିକେଟ ସହ କାର୍ଯ୍ୟରେ ଯୋଗଦେବା ପାଇଁ ରାଜି ହୋଇଥିବା ମୁଖ୍ୟ ଶ୍ରମ କମିଶନର ଏକ ବିବୃତିରେ କହିଛନ୍ତି। ଶ୍ରମ କମିଶନରଙ୍କ ଅପିଲ୍‌କ୍ରମେ ବହିଷ୍କୃତ ହୋଇଥିବା ୨୫ କ୍ୟାବିନ କ୍ରିଉଙ୍କୁ ଏୟାରଲାଇନ୍ସ ମ୍ୟାନେଜମେଣ୍ଟ ପୁନଃ ଅବସ୍ଥାପିତ କରିବାକୁ ରାଜି ହୋଇଛି।

## ବାଣ ଫ୍ୟାକ୍ଟ୍ରିରେ ବିସ୍ଫୋରଣ: ୮ ମୃତ

**ବିରୁଧୁନଗର, ୯।୫**

ତାମିଲନାଡୁର ବିରୁଧୁନଗର ଜିଲା ଶିବକାଶୀସ୍ଥିତ ସେଙ୍ଗାମାଲାପଟ୍ଟିର ଏକ ବାଣ ଫ୍ୟାକ୍ଟ୍ରିରେ ଗୁରୁବାର ବିସ୍ଫୋରଣ ଘଟି ୮ ଜଣ କର୍ମଚାରୀଙ୍କର ମୃତ୍ୟୁ ଘଟିଥିବାବେଳେ ୧୨ରୁ ଅଧିକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୫ ଜଣ ମହିଳା ରହିଥିବାବେଳେ ବିସ୍ଫୋରଣରେ କାରଖାନାର ୭ ବଖରା ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ପୋଲିସ କହିଛି। ବିସ୍ଫୋରଣ ନେଇ ସୂଚନା ମିଳିବା ମାତ୍ରେ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତ ବ୍ୟକ୍ତିମାନଙ୍କୁ ବିରୁଧୁନଗର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଆହତଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗମ୍ଭୀର ଥିବାବେଳେ ବିସ୍ଫୋରଣକୁ ନେଇ ତଦନ୍ତ ଚାଲିଥିବା ପୋଲିସ ସୂଚନା ଦେଇଛି।

## ସନ୍ଦେଶଖାଲି: ଏତଲା ଫେରାଇନେଲେ ୨ ମହିଳା

**କୋଲକାତା, ୯।୫**

ସନ୍ଦେଶଖାଲି ମାମଲାର ୨ ଜଣ ମହିଳା ତୃଣମୂଳ କଂଗ୍ରେସ(ଟିଏମ୍‌ସି) ନେତା ଶେଖ୍ ଶାହଜାହନଙ୍କ ଉପରେ ଲଗାଇଥିବା ବଳାତ୍କାର ଅଭିଯୋଗକୁ ଗୁରୁବାର ପ୍ରତ୍ୟାହାର କରିନେଇଛନ୍ତି। ସେହିପରି ଏକ ସାଧା କାଗଜରେ ସେମାନଙ୍କଠାରୁ ଜବରଦସ୍ତ ଦସ୍ତଖତ ନିଆଯାଇଥିବା ନେଇ ସମ୍ପୃକ୍ତ ମହିଳା ଓ ତାଙ୍କ ଶାଶୁ ଅଭିଯୋଗ ଆଣିଛନ୍ତି। ଏହି ଦସ୍ତଖତକୁ ବ୍ୟବହାର କରି ତାଙ୍କ ନାମରେ ଦୁଷ୍କର୍ମର ମିଥ୍ୟା ଅଭିଯୋଗ ରୁଜୁ କରାଯାଇଥିବା ମହିଳା ଜଣକ କହିଛନ୍ତି। ଜାତୀୟ ମହିଳା କମିଶନ ସନ୍ଦେଶଖାଲି ଗସ୍ତରେ ଥିବାବେଳେ ଜଣେ ମହିଳା ଏକ ଖୋଲା କାଗଜରେ ସେମାନଙ୍କର ଦସ୍ତଖତ ନେଇଥିଲେ। କେବଳ ତାଙ୍କର ନୁହେଁ, ଏହିପରି ଅନେକ ମହିଳାଙ୍କଠାରୁ ଜବରଦସ୍ତ ଦସ୍ତଖତ ନିଆଯାଇ ସନ୍ଦେଶଖାଲିକୁ ବଦନାମ କରାଯାଉଥିବା ସେ ଅଭିଯୋଗ ଆଣିଛନ୍ତି। ମହିଳାଙ୍କ ଏହି ଅଭିଯୋଗ ପରେ ପଶ୍ଚିମବଙ୍ଗରେ ପୁଣି ଟିଏମ୍‌ସି ଓ ଭାଜପା ମଧ୍ୟରେ ରାଜନୈତିକ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଛି।

# ଭାରତୀୟ ନିର୍ବାଚନରେ ଆମେରିକାର ହସ୍ତକ୍ଷେପ ଉଦ୍ୟମ

## ରୁଷିଆର ଅଭିଯୋଗ

**ନୂଆଦିଲ୍ଲୀ, ୯।୫**

ଭାରତରେ ସାଧାରଣ ନିର୍ବାଚନ ଚାଲିଥିବାବେଳେ ଆମେରିକା ଏଥିରେ ହସ୍ତକ୍ଷେପ କରି ରାଜନୈତିକ ଅସ୍ଥିରତା ସୃଷ୍ଟି ଲାଗି ଉଦ୍ୟମ କରୁଛି ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଖଲିସ୍ତାନୀ ନେତା ଗୁରପତୱନ୍ତ ସିଂ ପନ୍ନୁନ ହତ୍ୟା ଉଦ୍ୟମ ପଛରେ ନୂଆଦିଲ୍ଲୀ ସମ୍ପୃକ୍ତ ଥିବା ଅଭିଯୋଗର ନିର୍ଭରଯୋଗ୍ୟ ପ୍ରମାଣ ଆମେରିକା ଏପର୍ଯ୍ୟନ୍ତ ଦେଇ ନ ଥିବାବେଳେ ଭାରତର ଧର୍ମୀୟ ସ୍ୱାଧୀନତା ଉପରେ ଯୁକ୍ତରାଷ୍ଟ୍ରର ରିପୋର୍ଟ ନିରାଧାର ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାରିଆ ଜାଖାରୋଭା କହିଛନ୍ତି। ଭାରତର ଜାତୀୟ ମାନସିକତା ଏବଂ ଇତିହାସ ସମ୍ପର୍କରେ ଆମେରିକା ପାଖରେ ବୁଝାମଣାର ଅଭାବ ରହିଥିବାରୁ ଏଭଳି ଭିତ୍ତିହୀନ ରିପୋର୍ଟ ପ୍ରକାଶ କରୁଥିବା ଜାଖାରୋଭା ମତ ଦେଇଛନ୍ତି।

ଆମେରିକା କମିଶନ ଅନ୍ ଇଣ୍ଟରନ୍ୟାଶନାଲ ରିଲିଜିଅସ୍ ଫ୍ରିଡମ୍ (ୟୁଏସ୍‌ସିଆଇଆର୍‌ଏଫ୍) ପକ୍ଷରୁ ନିକଟରେ ପ୍ରକାଶିତ ରିପୋର୍ଟରେ ଭରତକୁ ଧର୍ମୀୟ ସ୍ୱାଧୀନତା ଉଲ୍ଲଂଘନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ସମାଲୋଚନା କରାଯାଇଥିଲା। ଭାରତ ସମେତ ୧୬ଟି ଦେଶ ଧର୍ମୀୟ ସ୍ୱାଧୀନତା ଓ ବିଶ୍ୱାସ ଅଧିକାରର ଗୁରୁତର ଉଲ୍ଲଂଘନ ହେଉଥିବାରୁ ସେଗୁଡ଼ିକୁ 'ନିର୍ଦ୍ଦିଷ୍ଟ ଚିନ୍ତାଜନକ ଦେଶ' ତାଲିକାରେ ସାମିଲ କରିବାକୁ ଉକ୍ତ ରିପୋର୍ଟରେ ଆହ୍ୱାନ ଦିଆଯାଇଥିଲା। ଏଭଳି ରିପୋର୍ଟକୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ଦୃଢ଼ ବିରୋଧ କରିଥିଲା। ଉକ୍ତ ରିପୋର୍ଟ ପକ୍ଷପାତ ବୋଲି ମନ୍ତ୍ରଣାଳୟ କହିବା ସହ ଦେଶର ବାର୍ଷିକ ରିପୋର୍ଟରେ କିଛି ଅଂଶକୁ ବାହାନା କରି ୟୁଏସ୍‌ସିଆଇଆର୍‌ଏଫ୍ ଭାରତ ବିରୋଧୀ ପ୍ରଚାର କରିଆସୁଥିବା ମନ୍ତ୍ରଣାଳୟ କହିଥିଲା।

ପନ୍ନୁନ ହତ୍ୟା ପାଇଁ ଭାରତୀୟ ଗୋଇନ୍ଦା ଅଧିକାରୀ ଯୋଜନା କରିଥିବା ନେଇ ଆମେରିକାର ଅଭିଯୋଗକୁ ମଧ୍ୟ ରୁଷିଆ ଅଧିକାରୀ ଖଣ୍ଡନ କରିଛନ୍ତି। ପନ୍ନୁନ ହତ୍ୟା ଉଦ୍ୟମ ପଛରେ ଭାରତୀୟ ନାଗରିକଙ୍କ ସମ୍ପୃକ୍ତି ଥିବା ନେଇ ଏପର୍ଯ୍ୟନ୍ତ ୱାଶିଂଟନ କୌଣସି ପ୍ରମାଣ ଦେଇପାରି ନାହିଁ। ବିନା ପ୍ରମାଣରେ ଉକ୍ତ ପ୍ରସଙ୍ଗରେ କଳ୍ପନା ଜଳ୍ପନା ଗ୍ରହଣୀୟ ନୁହେଁ ବୋଲି ଜାଖାରୋଭା କହିଛନ୍ତି।



ମାରିଆ ଜାଖାରୋଭା



ବର୍ଷୀୟାନ ଅଭିନେତ୍ରୀ ବୈଜୟନ୍ତିମାଲା ବାଲିଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ପଦ୍ମ ବିଭୂଷଣ ପୁରସ୍କାରରେ ସମ୍ମାନିତ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତେଲୁଗୁ ଅଭିନେତା କୋନିଡେଲା, ଚିରଞ୍ଜୀବୀଙ୍କୁ ପଦ୍ମ ବିଭୂଷଣ, ସୁପ୍ରିମକୋର୍ଟର ପ୍ରଥମ ମହିଳା ବିଚାରପତି ସ୍ୱର୍ଗତ ଏମ୍ ଫତିମା ବିଭି ଏବଂ ବମ୍ବେ ସମାଚାରର ମାଲିକ ହରମୁସ୍‌ଜି ଏନ୍ କାମାଙ୍କୁ ପଦ୍ମ ଭୂଷଣ ପୁରସ୍କାରରେ ସମ୍ମାନିତ କରାଯାଇଛି।

**ଫୁର୍‌ସତ**

# ଆକାଶରୁ ମାଛବର୍ଷା

**ତେହେରାନ:** ଅନେକ ସମୟରେ ବର୍ଷା ହେଉଥିବାବେଳେ ଆକାଶରୁ କୁଆପଥର ଖସିଥାଏ। ଏହାକୁ କୁଆପଥର ବର୍ଷା କୁହାଯାଏ। ତେବେ ସେହିପରି ଭାବେ ଆକାଶରୁ ଅଚାନକ ମାଛ ବର୍ଷା ହେବା ପରି ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଏନେଇ ଏକ ଭିଡିଓ ଭାଇରାଲ ହେଉଥିବା ବେଳେ ଏଥିରେ ଗୋଟିଏ ପରେ ଗୋଟିଏ ମାଛ ଆକାଶରୁ ଖସୁଥିବାର ଦେଖାଯାଉଛି।

ଇରାନର ୟାସୁଜ ସହରରେ ପ୍ରବଳ ବର୍ଷା ମଧ୍ୟରେ ଏହିପରି ଏକ ବିରଳ ଘଟଣା ସାମ୍ନାକୁ ଆସିଛି, ଯାହା ସୋସିଆଲ ମିଡିଆରେ ଅନେକ ୟୁଜର୍ସଙ୍କୁ ଚକିତ କରିପାରିଛି। ୟାସୁଜ ସହରରେ ବର୍ଷା ଚାଲିଥିବା ସମୟରେ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ଉପରେ ହଠାତ୍ ମାଛ ପଡିଥିଲା। ସହରର ଏକ ରାସ୍ତାରେ ଅନେକ କାର୍ ରଖାଯାଇଥିବା ବେଳେ ଆକାଶରୁ ଗୋଟିଏ ପରେ ଗୋଟିଏ ମାଛ ଖସୁଥିବା ଭିଡିଓରୁ ଜଣାପଡ଼ିଛି। ମାଛ ବର୍ଷା ହେବା ପରେ କିଛି ବ୍ୟକ୍ତି ଆନନ୍ଦର ସହ ମାଛଗୁଡ଼ିକୁ ଗୋଟାଇ ରଖିବାକୁ ଲାଗିଛନ୍ତି। ତେବେ ଲଗାଣ ବର୍ଷା କାରଣରୁ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ସମୁଦ୍ରରେ ବଡ଼ଧରଣର ଲହଡ଼ି ଉଠିଥିବାରୁ ଏହାର ପ୍ରଭାବରେ ମାଛମାନେ ସମୁଦ୍ରରୁ ଉପରକୁ ଉଠିଯାଇ କିଛି ଦୂରକୁ ଯାଇ ଖସିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ତେବେ ସୋସିଆଲ ମିଡିଆରେ ଏହି ଭିଡିଓରେ ଅନେକ ୟୁଜର୍ସ ବେଶ୍ ମଜାଳିଆ ଢଙ୍ଗର କମେଣ୍ଟ କରିଛନ୍ତି। ଇସ୍ରାଏଲ ଇରାନକୁ କ୍ଷେପଣାସ୍ତ୍ର ନିକ୍ଷେପ କରିବା ପରିବର୍ତ୍ତେ ମାଛ ପଠାଇଛି ବୋଲି କିଛି ୟୁଜର୍ସ କମେଣ୍ଟ କରିଛନ୍ତି। ସୂଚନାଯୋଗ୍ୟ, ପ୍ରବଳ ବର୍ଷା ହେତୁ ଇରାନର ୨୧ଟି ଅଞ୍ଚଳରେ ବନ୍ୟା ପରିସ୍ଥିତି ଉପୁଜିଛି। ରବିବାର ଠାରୁ ଦେଶରେ ଆରମ୍ଭ ହୋଇଥିବା ଏହି ଲଗାଣ ବର୍ଷା ଧୀରେ ଧୀରେ ଅନ୍ୟାନ୍ୟ ଅଞ୍ଚଳକୁ ବ୍ୟାପୁଥିବା ଇରାନର ପାଣିପାଗ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।



# ସଲମାନଙ୍କ ନାୟିକା ସାଜିବେ ରଶ୍ମିକା



ରଶ୍ମିକା ମନ୍ଦାନା

**ମୁମ୍ବାଇ:** ନିକଟରେ 'ଆନିମଲ' ଫିଲ୍ମରେ ନିଜ ଅଭିନୟର ଯାଦୁ ଦେଖାଇଥିବା ଅଭିନେତ୍ରୀ ରଶ୍ମିକା ମନ୍ଦାନା 'ସିକନ୍ଦର' ଫିଲ୍ମରେ ବଲିଉଡ୍ ସୁପରଷ୍ଟାର ସଲ୍‌ମାନ ଖାନ୍‌ଙ୍କ ବିପକ୍ଷରେ ନଜର ଆସିବେ। ଆସନ୍ତା ବର୍ଷ ଇଦ୍ ଉପଲକ୍ଷେ ରିଲିଜ୍ ହେବାକୁ ଥିବା ଏହି ଚଳଚ୍ଚିତ୍ରରେ ପ୍ରଥମ ଥର ପାଇଁ ରଶ୍ମିକା ଏବଂ ସଲ୍‌ମାନଙ୍କୁ ଏକାଠି ଦେଖିବାକୁ ମିଳିବ। ଫିଲ୍ମ ପ୍ରଯୋଜକ ସାଜିଦ୍ ନାଦିଆଡ୍‌ୱାଲାଙ୍କ ତରଫରୁ ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଗୁରୁବାର ଏହି ଘୋଷଣା କରାଯାଇଛି। ଏ. ଆର୍. ମୁରୁଗାଡୋସ୍‌ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ସଲମାନ୍‌ଙ୍କ ବିପକ୍ଷରେ କେଉଁ ଅଭିନେତ୍ରୀ ନଜର ଆସିବେ, ଏହାକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠା ଲାଗି ରହିଥିଲା।

ନ୍ୟାଶନାଲ କ୍ରସ୍ କୁହାଯାଉଥିବା ରଶ୍ମିକା ପ୍ରଥମ ଥର ପାଇଁ ସଲମାନ୍‌ଙ୍କ ସହ ସ୍କ୍ରିନ୍ ଶେୟାର କରିବେ। ଫିଲ୍ମ ନିର୍ମାତା ସାଜିଦ ନାଦିଆଡ୍‌ୱାଲା ନିଜ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ସଲମାନ୍ ଓ ଏ. ଆର୍. ମୁରୁଗାଡୋସ୍‌ଙ୍କ ସହ ରଶ୍ମିକାଙ୍କ ଫଟୋ ଶେୟାର କରିଛନ୍ତି। ଏହି ପୋଷ୍ଟର କ୍ୟାପ୍‌ସନରେ ସେ ଲେଖିଛନ୍ତି, ''ସିକନ୍ଦରରେ ସଲ୍‌ମାନ ଖାନ୍‌ଙ୍କ ସହ ଅଭିନୟ କରିବାକୁ ରଶ୍ମିକା ମନ୍ଦନାଙ୍କୁ ସ୍ୱାଗତ। ଇଦ୍ ୨୦୨୫ ଅବସରରେ ତାଙ୍କର ଅନ୍-ସ୍କ୍ରିନ୍ ମ୍ୟାଜିକ୍ ଦେଖିବାକୁ ଉତ୍କଣ୍ଠା ବଢ଼ି ଚାଲିଛି''। ସେପଟେ ରଶ୍ମିକା ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଏହି ପୋଷ୍ଟକୁ ଶେୟାର କରିଛନ୍ତି। 'ସିକନ୍ଦର' ଫିଲ୍ମର ଏକ ଅଂଶ ହୋଇଥିବାରୁ ବେଶ ଖୁସିବ୍ୟକ୍ତ କରିବା ସହ ଫିଲ୍ମ ନିର୍ମାତାଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଏହି ଫିଲ୍ମରେ ସଲ୍‌ମାନଙ୍କ ବିପକ୍ଷରେ ନାୟିକା ହୋଇ ରଶ୍ମିକା ନିଜ କ୍ୟାରିୟରରେ ଆଉ ଏକ ସୋପାନ ଚଢ଼ିଥିବା ଅନେକ ସିନେ ସମୀକ୍ଷକ ମତ ରଖିଛନ୍ତି। ତେବେ ଉଭୟ ରଶ୍ମିକା ଏବଂ ସଲମାନ୍ ଜୁନ ମାସରୁ ଏହି ଫିଲ୍ମର ଶୁଟିଂ ଆରମ୍ଭ କରିବାକୁ ଯାଉଥିବା ରିପୋର୍ଟ ପ୍ରକାଶ ପାଇଛି। ସଲ୍‌ମାନ ଏବଂ ସାଜିଦ ନାଦିଆଡ୍‌ୱାଲା ପୁଣିଥରେ 'ସିକନ୍ଦର' ଫିଲ୍ମ ସହ ଏକାଠି କାମ କରିବାକୁ ଯାଉଛନ୍ତି। ଏହାପୂର୍ବରୁ ଦୁହେଁ 'କିକ୍' ଚଳଚ୍ଚିତ୍ରରେ ଏକାଠି କାମ କରିଥିଲେ। ସେହିପରି ପ୍ରସିଦ୍ଧ 'ଗଜନି' ଫିଲ୍ମର ନିର୍ଦ୍ଦେଶକ ଆର୍ ମୁରୁଗାଡୋସ୍ ସଲ୍‌ମାନଙ୍କ ସହ ପ୍ରଥମ ଥର ପାଇଁ କାମ କରୁଛନ୍ତି।

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ମେ ୧୦/୨୦୨୪ | Bhubaneswar, Friday, May 10/2024 | ପୃଷ୍ଠା-୧



ଆଜିର ସମ୍ପାଦକୀୟ | ସହର ସୁରକ୍ଷାରେ ଏଆଇ


# ୫ ବର୍ଷରେ ୨ ଲକ୍ଷ ସରକାରୀ ଚାକିରି

## ବିଜେଡିର ନିର୍ବାଚନୀ ଇସ୍ତାହାର



ଚଳିତ ନିର୍ବାଚନ ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଗୁରୁବାର ଦଳୀୟ ଇସ୍ତାହାର ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୯।୫(ଅନିଲ ଦାସ)**

ଓଡ଼ିଶାର ଯୁବବର୍ଗଙ୍କୁ ଆସନ୍ତା ୫ ବର୍ଷରେ ୨ ଲକ୍ଷ ସରକାରୀ ନିଯୁକ୍ତି ମିଳିବ ବୋଲି ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଛନ୍ତି। ଚଳିତ ନିର୍ବାଚନ ପାଇଁ ବିଜୁ ଜନତା ଦଳ (ବିଜେଡି)ର ଇସ୍ତାହାର ଉନ୍ମୋଚନ କରି ଦଳର ସଭାପତି ୨୦୩୪ ସୁଦ୍ଧା ଓଡ଼ିଶାକୁ ଦେଶର ଏକ ନମ୍ବର ରାଜ୍ୟରେ ପରିଣତ କରିବା ପାଇଁ ନିଜ ଯୋଜନାର ରୂପରେଖ ପ୍ରକାଶ କରି ଏହି ବିଷୟ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଜେଡି ଷଷ୍ଠ ଥର କ୍ଷମତାସୀନ ହେଲେ ଯୁବଗୋଷ୍ଠୀଙ୍କ ପାଇଁ ଆଗାମୀ ୧୦ ବର୍ଷ ସକାଶେ ୧ ଲକ୍ଷ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ବଜେଟ ପ୍ରସ୍ତୁତ ହେବ। ନୂଆ-ଓ ଛାତ୍ରବୃତ୍ତି ଯୋଜନାରେ ପ୍ରତିବର୍ଷ ଛାତ୍ରୀଙ୍କୁ ୧୪ ହଜାର ଓ ଛାତ୍ରଙ୍କୁ ୧୨ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ୧୦୦ ୟୁନିଟ୍ ବିଦ୍ୟୁତ୍ ବ୍ୟବହାର କରୁଥିବା ଉପଭୋକ୍ତାଙ୍କୁ ମାଗଣା ବିଜୁଳି ଯୋଗାଇ ଦିଆଯିବ। ସେହିପରି କୃଷି ଉଦ୍ଦେଶ୍ୟରେ ମଧ୍ୟ ମାଗଣା ବିଜୁଳି ମିଳିବ। ମିଶନ ଶକ୍ତି ମହିଳାଙ୍କୁ ପେନ୍‌ସନ ପ୍ରଦାନ ସହ ଗ୍ରାମୀଣ ଗୃହ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ୧୦ ଲକ୍ଷ ଘର ଯୋଗାଇ ଦିଆଯିବ। ଏଥିସହିତ ଐତିହ୍ୟର ସୁରକ୍ଷା ଓ ବିକାଶ ପାଇଁ ୧ ହଜାର କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରାଯିବ। କୃଷକ ପରିବାର ପିଲାଙ୍କୁ ଛାତ୍ରବୃତ୍ତି, ଝିଅ ବାହାଘର ପାଇଁ ୨୫ ହଜାର ଓ ମତ୍ସ୍ୟଜୀବୀ ପରିବାରକୁ ବାର୍ଷିକ ୧୫ ହଜାର ଟଙ୍କା ମିଳିବ। ଓଡ଼ିଆ ଭାଷାର ବିକାଶ ଓ ପ୍ରୋତ୍ସାହନ ପାଇଁ ୧୦୦ କୋଟି ବ୍ୟୟବରାଦ କରାଯିବା ସହ ୧୦୦ ବିଦ୍ୟାଳୟକୁ ଐତିହ୍ୟ ବିଦ୍ୟାଳୟ ଘୋଷଣା କରାଯିବ। ପଦ୍ମଶ୍ରୀ ଓ ପଦ୍ମଭୂଷଣ ପୁରସ୍କାରପ୍ରାପ୍ତ ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କୁ କଳିଙ୍ଗଶ୍ରୀ ଓ କଳିଙ୍ଗଭୂଷଣ ପୁରସ୍କାରରେ ସମ୍ମାନିତ କରାଯିବ। ସ୍ୱୟମ୍ ଯୋଜନା ରାଶି ୨ ଲକ୍ଷକୁ ବୃଦ୍ଧି କରାଯିବ। ରାଜ୍ୟରେ ଫ୍ୟାଶନ ଟେକ୍ନୋଲୋଜି ଏବଂ ଆର୍ଟିଫିସିଆଲ୍ (ଏଆଇ) ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଏକ ଭିଡିଓ ବାର୍ତ୍ତା ଜାରି କରି କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ୨୪ ବର୍ଷ ମଧ୍ୟରେ ବିଜେଡି ସରକାର ଓଡ଼ିଶାକୁ ଏକ ଗରିବ, କ୍ଷୁଧାପ୍ରବଣ, ପ୍ରାକୃତିକ ବିପର୍ଯ୍ୟୟ କବଳିତ ପଛୁଆ ରାଜ୍ୟରୁ ଆଧୁନିକ ଅଭିବୃଦ୍ଧିଭିତ୍ତିକ, ସଂସ୍କୃତି ଏବଂ ଅସ୍ମିତାର ପରିଚୟଭିତ୍ତିକ ରାଜ୍ୟରେ ପରିଣତ କରିପାରିଛି। ଓଡ଼ିଶା ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ହୋଇଛି। ଏକ ଗରିବ ଓ ପଛୁଆ ରାଜ୍ୟର ପରିଚୟ ଆଜି ଇତିହାସ ହୋଇଯାଇଛି। ଏହି ଘୋଷଣାପତ୍ର ଓଡ଼ିଶାରେ ଏକ ସୁବର୍ଣ୍ଣଯୁଗର ଭିତ୍ତି ପକାଇବ। ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ହେବ। ଏହାର ଦୁଇ ବର୍ଷ ପୂର୍ବରୁ ଆମେ ଓଡ଼ିଶାକୁ ଦେଶର ଏକ ନମ୍ବର ରାଜ୍ୟରେ ପରିଣତ କରିବୁ। ଓଡ଼ିଶା ନୂଆ ଇତିହାସ ରଚି ନମ୍ବର ୱାନ୍ ହେବ। ଯୁବଶକ୍ତି ହେବ ଏହାର ସାକ୍ଷୀ। ଏହି ଘୋଷଣାପତ୍ର ହେବ ବିଶେଷକରି ଯୁବଶକ୍ତିର ଘୋଷଣାପତ୍ର। ଦେଶରେ ପ୍ରଥମ ଥର ପାଇଁ ଯୁବ ବଜେଟ ପ୍ରସ୍ତୁତ କରାଯିବ। ପ୍ରଭୁ ଜଗନ୍ନାଥଙ୍କ କୃପା ଏବଂ ଜନସାଧାରଣଙ୍କ ଆଶୀର୍ବାଦ ସହିତ ଏହି ଲୋକାଭିମୁଖୀ ମାନିଫେଷ୍ଟୋରେ ଉପସ୍ଥାପିତ ହୋଇଥିବା ଗ୍ୟାରେଣ୍ଟିଗୁଡିକ ୫-ଟି ଗଭର୍ନାନ୍ସ ମାଧ୍ୟମରେ କାର୍ଯ୍ୟକାରୀ ହେବ। ଯୁବକ ହିଁ ଓଡ଼ିଶାର ସଫଳତାର କାହାଣୀ ଲେଖିବେ। ଏକନମ୍ବର ରାଜ୍ୟର ଭବିଷ୍ୟତ ଲେଖିବା ପାଇଁ ସେମାନଙ୍କୁ ସଶକ୍ତ ଓ ସମୃଦ୍ଧ କରାଯିବ। ଯୁବତୀଯୁବକଙ୍କ ନିମନ୍ତେ ୧୦ ବର୍ଷ ପାଇଁ ୧ ଲକ୍ଷ କୋଟି ଅଲଗା ବଜେଟ ରଖାଯିବ। ଏହି ଯୁବ ବଜେଟ ଜଳବାୟୁ ଏବଂ ଜେଣ୍ଡର ବଜେଟ ଭଳି


☞ ପୃଷ୍ଠା-୮








**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଦାନୀଙ୍କୁ ଗତ ୧୦ ବର୍ଷ ମଧ୍ୟରେ ଅନେକ ପ୍ରକଳ୍ପ ଦେଇଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ଆମେ ୩୦ ଲକ୍ଷ ଖାଲି ପଦବୀ ପୂରଣ କରିବୁ।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭକ୍ତକବି ଶ୍ରୀଜୟଦେବ ଜୟନ୍ତୀ, ସ୍ଥାନ: ଜୟଦେବ ବିହାର ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଉତ୍କଳ ସମ୍ମିଳନୀ ମହାକବି ଜୟଦେବଙ୍କ ଜୟନ୍ତୀରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ବିହାର ଛକ, ସମୟ: ସକାଳ ୮ଟା ୩୦।
- ୪୫ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ହଂସପାଳ ଗ୍ରାମର ମଉନୀ ଗରୀବ ଦାସ ମଠ, ସମୟ: ସକାଳ ୯ଟା।
- ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ ଅକ୍ଷୟ ତୃତୀୟା ମହୋତ୍ସବ, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ଷ୍ଟେଟ୍ ଲେଭଲ ପଣ୍ଡ କନଫରେନ୍ସ, ସ୍ଥାନ: ଆଇଏମ୍ଏମ୍‌ଟି କ୍ୟାମ୍ପସ, ଆଚାର୍ଯ୍ୟ ବିହାର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୱି ଫର୍ ୟୁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଦୃଷ୍ଟିବାଧିତ ପିଲାଙ୍କ ପାଇଁ ଫିଲ୍ମ 'ଶ୍ରୀକାନ୍ତ' ସ୍କ୍ରିନିଂ, ସ୍ଥାନ: କେଶରୀ ଟକିଜ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଥାସନ୍ଧି, ସ୍ଥାନ: ଅଡିଟୋରିୟମ୍, ସାହିତ୍ୟ ଏକାଡେମୀ, ସମୟ: ଅପରାହ୍ନ ୫ଟା।
- ୧୨ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ମା' ଖଣ୍ଡେଶ୍ୱରୀ ଦେବୀଙ୍କ ପୀଠ ସ୍ଥଳୀ, ପଳାଶୁଣୀ, ସମୟ: ଅପରାହ୍ନ ୫ଟା।
- ସାଂସ୍କୃତିକ ପରିଷଦର ମିଳିତ ସହଯୋଗରେ ରାଜ୍ୟସ୍ତରୀୟ ଜୟଦେବ ଜୟନ୍ତୀ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଭାରତ ବିକାଶ ପରିଷଦ ପକ୍ଷରୁ 'ଇ-ମାଗାଜିନ୍ ସମ୍ପ୍ରିତି' ଉନ୍ମୋଚନ, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ଖାରବେଳ ନଗର, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ମା' ନାରାୟଣୀ ମଙ୍ଗଳା ମନ୍ଦିର ବାର୍ଷିକୋତ୍ସବ ଏବଂ ନୂତନ ହନୁମାନ ବିଗ୍ରହ ପ୍ରତିଷ୍ଠା, ସ୍ଥାନ: ଶେଖ ବଜାର, ଗୋପାଳ ସାହୁ, କଟକ-୮, କଳସ ବୁଡ଼ା ସମୟ: ସକାଳ ୫ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଚୌଦ୍ୱାର ଓଟିଏମ୍ ଦୁର୍ଗାବଜାରସ୍ଥିତ ଦୁର୍ଗାମଣ୍ଡପ ସମ୍ମୁଖ, ସମୟ: ସକାଳ ୭ଟା।
- ବ୍ଲକସ୍ତରୀୟ କୃଷକ ଦିବସ ଓ ଅକ୍ଷିମୁଠି ଅନୁକୂଳ, ସ୍ଥାନ: ବିନ୍ଧାଣିମା ପଞ୍ଚାୟତ, ତିଗିରିଆ, ସମୟ: ସକାଳ ୭ଟା।
- ଶ୍ରୀଶ୍ରୀ ଅଷ୍ଟପ୍ରହର ନାମଯଜ୍ଞ ଓ ରାମଚରିତ ମାନସ ନବାହ୍ନପାରାୟଣ ଜ୍ଞାନଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଶୁଭାରମ୍ଭ, ସ୍ଥାନ: ଶଙ୍ଖାମେରୀ, କପାପଦା ସାହି, ବଡ଼ମ୍ବା, ସମୟ: ସକାଳ ୭ଟା।
- ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ମହାପ୍ରଭୁଙ୍କ ବାର୍ଷିକୋତ୍ସବ, ହୋମଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡର ନୁଆସାହି, ସମୟ: ସକାଳ ସାଢେ ୭ଟା।
- ଶ୍ରୀ ଶ୍ରୀ ହନୁମାନଜୀଙ୍କ ୧୭ତମ ବାର୍ଷିକୋତ୍ସବ ଉଦ୍‌ଯାପନ, ସ୍ଥାନ: ଚୌଦ୍ୱାରସ୍ଥିତ ନୁଷ୍ଟିକିରି, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣଜୀଉ ମନ୍ଦିର ଟ୍ରଷ୍ଟ ବୋର୍ଡର ଅକ୍ଷୟ ତୃତୀୟା ଉତ୍ସବ, ସ୍ଥାନ: କଟକ ମହନ୍ମଦିଆ ବଜାରସ୍ଥିତ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଚନ୍ଦନ ଯାତ୍ରା ଶୁଭାରମ୍ଭ, ସ୍ଥାନ: ବଡ଼ମ୍ବା ଗାନ୍ଧୀଛକସ୍ଥିତ ଚନ୍ଦନ ପୋଖରୀ, ସମୟ: ସନ୍ଧ୍ୟା ୭ଟା।
- ଅକ୍ଷୟତୃତୀୟା ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ଗୋପିନାଥପୁର ହାଟ ପଡ଼ିଆ, ବଡ଼ମ୍ବା, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଅକ୍ଷୟ ତୃତୀୟା ଅବସରରେ ମା'ଦକ୍ଷିଣେଶ୍ୱରୀଙ୍କ ପୀଠରେ ଭାଗବତ ବାସୁଦେବଙ୍କ ମେଳଣ ଜମାଣ ଉତ୍ସବ, ସ୍ଥାନ: ଅଣ୍ଟିଆ ସାହି, ନିମାପଡ଼ା, ସମୟ: ପ୍ରାତଃ ୪ଟା।
- ଭକ୍ତକବି ଶ୍ରୀଜୟଦେବଙ୍କ ଜୟନ୍ତୀ, ସ୍ଥାନ: ଜୟଦେବ ଛକ, ପୁରୀ, ସମୟ: ସକାଳ ୮ଟା।
- ଅକ୍ଷୟ ତୃତୀୟା ଓ କୃଷକ ଦିବସ -୨୦୨୪ ପାଳନ, ସ୍ଥାନ: ଗବକୁଣ୍ଡ ହାଟ, ସତ୍ୟବାଦୀ, ସମୟ: ସକାଳ ୮ଟା ୩୦।
- ସଙ୍ଗମ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅକ୍ଷୟ ମେଳଣ ସାହିତ୍ୟ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଟାଉନ ହଲ୍, ନିମାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀନିଗମାନନ୍ଦ ସାରସ୍ୱତ ଆଶ୍ରମର ୫୮ତମ ପ୍ରତିଷ୍ଠା ବାର୍ଷିକୀ ଉତ୍ସବ, ସ୍ଥାନ: ଆଶ୍ରମ ପରିସର, ଲୋକନାଥ ମାର୍ଗ, ପୁରୀ, ସମୟ: ମଧ୍ୟାହ୍ନ ୧୨ଟା।
- ସାକ୍ଷୀଗୋପାଳ ଠାକୁରଙ୍କ ଚନ୍ଦନ ସର୍ବାଙ୍ଗ ବେଶ ଓ ଚାପଖେଳ, ସ୍ଥାନ: ଚନ୍ଦନ ପୋଖରୀ, ସମୟ : ଅପରାହ୍ନ ୫ଟା।
- ଗୋପୀନାଥ ଦେବଙ୍କ ଚାପଖେଳ, ସ୍ଥାନ : ବଡ଼ ପୋଖରୀ, ବିଶ୍ୱନାଥପୁର, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା

- ମଦନମୋହନ ନାଟ୍ୟ କଳା ସଂସଦ ପକ୍ଷରୁ ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଧନୁଯାତ୍ରା ପଡ଼ିଆ, ପାତ୍ରପଡ଼ା, ଜଟଣୀ, ସମୟ: ସନ୍ଧ୍ୟା ୬ଟା।
- ନନ୍ଦିଘୋଷ ଅନୁଷ୍ଠାନର ୪୬ତମ ସାମ୍ବତ୍ସରିକ ଉତ୍ସବ, ସ୍ଥାନ:ନନ୍ଦିଘୋଷ ଭବନ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମଲୀଳା ଉତ୍ସବ, ସ୍ଥାନ: କାଶୀପୁର ବଡ଼ପାଟଣା, ଡିଆ, ସମୟ: ରାତି ୧୦ଟା।

## ବାଲେଶ୍ୱର

- ଅକ୍ଷୟତୃତୀୟା ଅବସରରେ ଗଦାଧର ଗିରି ସ୍ମୃତି ପରିଷଦ ତରଫରୁ ଅକ୍ଷିମୁଠି ଅନୁକୂଳ, ସ୍ଥାନ: ନାରାୟଣପୁର, ବେତଗଡ଼ିଆ, ବାଲିଆପାଳ, ସମୟ: ସକାଳ ୬ଟା ୩୦।
- ଅକ୍ଷୟତୃତୀୟା ଅବସରରେ ଜିଲା ଭାଜପା ପକ୍ଷରୁ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମ, ସ୍ଥାନ: ପାରିକୁଳ, ବୁଆଁଳ ପଞ୍ଚାୟତ, ସଦର ବ୍ଲକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବସ୍ତା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟିକା ପ୍ରାର୍ଥୀନୀ ସୁବାସିନୀ ଜେନାଙ୍କ ନାମାଙ୍କନ ଦାଖଲ, ସ୍ଥାନ: ଉପଜିଲାପାଳ ଅଫିସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଭୋଗରାଇ ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ସତ୍ୟଶିବ ଦାସଙ୍କ ନାମାଙ୍କନ ଦାଖଲ, ସ୍ଥାନ: ଉପଜିଲାପାଳ ଅଫିସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜୟଦେବ ସ୍ମୃତି କମିଟି ଆନୁକୂଲ୍ୟରେ ଜୟଦେବ ଜୟନ୍ତୀ ଉତ୍ସବ ପାଳନ, ସ୍ଥାନ: ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଅରଣ୍ଡୁଆ, ବାସଙ୍ଗପୁରୀସାହି, ବାସୁଦେବପୁର, ସମୟ: ସକାଳ ୬ଟା।
- କଂଗ୍ରେସ ବିଧାନସଭା ପ୍ରାର୍ଥୀଙ୍କ ନାମାଙ୍କନ ଶୋଭାଯାତ୍ରା, ସ୍ଥାନ: ବାସୁଦେବପୁର ବଜାରରୁ ଭଦ୍ରକ, ସମୟ: ସକାଳ ୮ଟା।
- ଭାଜପା ବିଧାନସଭା ପ୍ରାର୍ଥୀଙ୍କ ନାମାଙ୍କନ ଶୋଭାଯାତ୍ରା, ସ୍ଥାନ: ଚାଟେରୀଛକଠାରୁ ଭଦ୍ରକ, ସମୟ: ସକାଳ ୮ଟା।
- ମା' ପରମ ବୈଷ୍ଣବୀ ମନ୍ଦିର ବାର୍ଷିକୋତ୍ସବ, ସ୍ଥାନ: ଦେଉଳୀ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ଭଦ୍ରକ ଲୋକ ସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କ ପ୍ରାର୍ଥୀପତ୍ର ଦାଖଲ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଚାନ୍ଦବାଲି ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ମନମୋହନ ସାମଲଙ୍କ ପ୍ରାର୍ଥୀପତ୍ର ଦାଖଲ, ସ୍ଥାନ: ଜିଲା ପରିଷଦ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଭଣ୍ଡାରିପୋଖରୀ ବିଧାୟକ ପ୍ରାର୍ଥୀ ସୁଧାଂଶୁ ନାୟକଙ୍କ ନାମାଙ୍କନ ପତ୍ର ଦାଖଲ, ସ୍ଥାନ: ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା।
- ଭଣ୍ଡାରିପୋଖରୀ ବିଧାୟକ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକଙ୍କ ପ୍ରାର୍ଥୀପତ୍ର ଦାଖଲ, ସ୍ଥାନ: ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ବନ୍ତ, ସମୟ: ଅପରାହ୍ନ ୪ଟା।
- ମା' ସର୍ବମଙ୍ଗଳାଙ୍କ ପୀଠରେ ଅକ୍ଷୟ ତୃତୀୟା ଉତ୍ସବ, ସ୍ଥାନ: ଭୈରବପୁର, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ବସନ୍ତିଆ, ବନ୍ତ, ସମୟ: ଅପରାହ୍ନ ୫ଟା।
- ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ଅକ୍ଷୟ ତୃତୀୟା ଆସର, ସ୍ଥାନ: କାଳୀବଜାର ଯଜ୍ଞ ମଣ୍ଡପ, ଦୋବଲ, ସମୟ: ଅପରାହ୍ନ ୫ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ଗୁଜିଦରଡ଼ା, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଖଣ୍ଡତଡ଼ା, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା ୩୦।

## କେନ୍ଦୁଝର

- କୃଷକ ଦିବସ ପାଳନ, ସ୍ଥାନ: କୃଷି ବିଭାଗ ସରକାରୀ ଫାର୍ମ, କେନ୍ଦୁଝର, ସମୟ: ସକାଳ ୮ ଟା।
- ଜିଲାସ୍ତରୀୟ ଅକ୍ଷୟ ତୃତୀୟା, କୃଷକ ଦିବସ, ସ୍ଥାନ: କେନ୍ଦୁଝର କୃଷି ବିଭାଗ ଫାର୍ମ, ସମୟ: ସକାଳ ୮ଟା ୫।
- ଲକ୍ଷ୍ମୀନାରାୟଣ ମନ୍ଦିରର ୧୦ମ ବାର୍ଷିକୋତ୍ସବ, ସ୍ଥାନ: ଭଦ୍ରାସାହି, ବଡବିଲ, ସମୟ: ସକାଳ ୮ଟା ୩୦।
- ଢେଙ୍କିକୋଟ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ନୂତନ ମୁଖଶାଳା ପ୍ରତିଷ୍ଠା, ସ୍ଥାନ: ଢେଙ୍କିକୋଟ ମଣ୍ଡଳ ସାହି, ସମୟ: ସକାଳ ୮ ଟା।
- ଯୋଡାସ୍ଥିତ ଭୂୟାଁ ବସ୍ତିରେ ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ଯୋଡ଼ା, ସମୟ: ସକାଳ ୧୧ଟା।

## ମୟୂରଭଞ୍ଜ

- ଅଷ୍ଟପ୍ରହର ନାମଯଜ୍ଞ ଓ ଘଟ ଉତ୍ତୋଳନ, ସ୍ଥାନ: ପାଲବଣି, ବାରିପଦା, ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ନାମଯଜ୍ଞ ଓ ଘଟ ଉତ୍ତୋଳନ, ସ୍ଥାନ: ମାଛୁଆ ଗ୍ରାମ,ଦାନ୍ତିଆମୁହାଁ, ମୋରଡ଼ା, ସମୟ: ଅପରାହ୍ନ ୨ଟା ୩୦।

## ବ୍ରହ୍ମପୁର

- ଚନ୍ଦନଯାତ୍ରା ଉତ୍ସବ,ସ୍ଥାନ:ଲକ୍ଷ୍ମୀ ନୃସିଂହ ମନ୍ଦିର, ସୁକୁଣ୍ଡା, ସମୟ:ସକାଳ ୬ଟା।

## ଗଞ୍ଜାମ

- ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ ଆରମ୍ଭ, ସ୍ଥାନ: ବୁଗୁଡା ଜେକ, ସମୟ: ସକାଳ ୬ଟା ୫୪।
- ନାମଯଜ୍ଞ, ସ୍ଥାନ: ଭଞ୍ଜନଗର ବ୍ଲକ ଗୁରାବାଡି, ସମୟ: ସକାଳ ୭ ଟା।
- ନାମଯଜ୍ଞ, ସ୍ଥାନ: ଭଞ୍ଜନଗର ବ୍ଲକ ନିଧିଆପଲ୍ଲୀ, ସମୟ: ସକାଳ ୭ଟା।
- ବିଜେଡ଼ିର ପଦଯାତ୍ରା, ସ୍ଥାନ: ଭଞ୍ଜନଗର ଏନ୍‌ଏସି ୧ ନଂ. ୱାର୍ଡ, ସମୟ: ସକାଳ ୮ଟା।
- ଭାଜପାର ପଦଯାତ୍ରା, ସ୍ଥାନ: ଭଞ୍ଜନଗର ଏନ୍‌ଏସି, ସମୟ: ସକାଳ ୯ଟା।
- ବଳଭଦ୍ର ରଥ ଚକ ପୂଜାର୍ଚ୍ଚନା, ସ୍ଥାନ: ଭଞ୍ଜନଗର ବନବିହାର, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- କଂଗ୍ରେସର ପ୍ରଚାର ଆରମ୍ଭ, ସ୍ଥାନ: କାଟିଙ୍ଗିଆଠାରୁ ଶୁଭାରମ୍ଭ ଗୁମିକିଆ ପର୍ଯ୍ୟନ୍ତ, ସମୟ: ସକାଳ ୮ଟାରୁ।

## ଢେଙ୍କାନାଳ

- ହିନ୍ଦୋଳ ଭାଜପା ବିଧାନସଭା ପ୍ରାର୍ଥିନୀ ସୀମାରାଣୀ ନାଏକଙ୍କ ନିର୍ବାଚନ ପ୍ରଚାର, ସ୍ଥାନ: ନାଧରସ୍ଥିତ ରାମଚଣ୍ଡୀ ମନ୍ଦିର, ସମୟ: ସକାଳ ୮ଟା।
- ରଥକାଠ ଅନୁକୂଳ, ସ୍ଥାନ: ରଥଗଡା ଢେଙ୍କାନାଳ, ସମୟ: ସକାଳ ୯ଟା୩୦।

## ଅନୁଗୋଳ

- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ ଟା।
- ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦।
- ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସାଦ ସେବନ, ସ୍ଥାନ: ବଲାସିଂହା, ସମୟ: ମଧ୍ୟାହ୍ନ ୧୨ଟା୩୦।
- ଅଖଣ୍ଡ ନାମ ମହାଯଜ୍ଞ, ସ୍ଥାନ: ବାଗଡିଆ କଦମ୍ବ ଛକ, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ଶ୍ରୀଶ୍ରୀ ଶନିଶ୍ଚର ଦେବଙ୍କ ଜନ୍ମବାର୍ଷିକୀ ଓ ବିଶ୍ୱଶାନ୍ତି ଶନିଶ୍ଚର ମହାଯଜ୍ଞ, ସ୍ଥାନ: କୁଜଙ୍ଗସ୍ଥିତ ଜଗନ୍ନାଥପୁରଗଡ଼ା ଶନିମନ୍ଦିର, ସମୟ: ସକାଳ ୬ଟା।
- ଗ୍ରୀନ ପାରାଦୀପ ଟ୍ରଷ୍ଟର ଲୋକାର୍ପଣ ଓ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଥାନା ଛକ, ବଡ଼ପଡ଼ିଆ, ପାରାଦୀପ, ସମୟ : ସକାଳ ୬ଟା।
- ସିଦ୍ଧକପିଳମୁନି ଆଶ୍ରମରେ ଶ୍ରୀଶନିଶ୍ଚର ମହାପ୍ରଭୁଙ୍କର ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଯଜ୍ଞ, ସ୍ଥାନ: ମଧୁବନ, ପାରାଦୀପ, ସମୟ : ସକାଳ ୬ଟା।
- କୃଷି ବିଭାଗ ପକ୍ଷରୁ ଜିଲାସ୍ତରୀୟ ଅକ୍ଷିମୁଠି ଅନୁକୂଳ, ସ୍ଥାନ: ତିର୍ତ୍ତୋଲ ବ୍ଲକ ନିମକଣାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ସକାଳ ୭ଟା।
- ଚତୁର୍ଦ୍ଦଶୀ ମେଳା ମହୋତ୍ସବ ଶୁଭାରମ୍ଭ, ଅକ୍ଷିମୁଠି ଅନୁକୂଳ, ସ୍ଥାନ: ତିର୍ତ୍ତୋଲ ଅରିଲୋସ୍ଥିତ ଶିଶୁ ଅନନ୍ତ ଆଶ୍ରମ ପରିସର, ସମୟ: ସକାଳ ୮ଟା।
- ଗୋରେଖନାଥ କୃଷକ ମହାସଂଘ ପକ୍ଷରୁ ଅକ୍ଷିମୁଠି ଅନୁକୂଳ, ସ୍ଥାନ: ରଘୁନାଥପୁର ବ୍ଲକ ରେଜୁଆ ନୂଆଗଡ଼, ସମୟ: ସକାଳ ୮ଟା।
- ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନ ପକ୍ଷରୁ ଅକ୍ଷିମୁଠି ଅନୁକୂଳ, ସ୍ଥାନ: ରଘୁନାଥପୁର ପଞ୍ଚାୟତ, କେରେକେରା, ସମୟ: ସକାଳ ୮ଟା।
- ମା'ନାରାୟଣୀଙ୍କ ପୀଠରେ ୫ ଦିନ ବ୍ୟାପି ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ, ସ୍ଥାନ: ରଘୁନାଥପୁର ବ୍ଲକ ତାରପୁରସ୍ଥିତ ନାରାୟଣୀ ପୀଠ, ସମୟ: ସନ୍ଧ୍ୟା ୬ଟା।
- ଗୋରେଖନାଥ ପୀଠରେ ୮ ଦିନ ବ୍ୟାପି ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ, ସ୍ଥାନ: ରଘୁନାଥପୁର ବ୍ଲକ କେରେକେରା ସ୍ଥିତ ପ୍ରଭୁ ଗୋରେଖନାଥ ପୀଠ, ସମୟ: ସନ୍ଧ୍ୟା ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଓ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ରଘୁନାଥପୁର ବ୍ଲକ ହରିଶପୁର ମଳିକେଶ୍ୱରୀ ପୀଠ ପରିସର,ସମୟ: ରାତି ୧୦ଟା।

## କେନ୍ଦ୍ରାପଡ଼ା

- ନ୍ୟାୟ ଦେବତା ପୂଜା କମିଟି ପକ୍ଷରୁ ଶନିଶ୍ଚର ମହାଯଜ୍ଞ, ସ୍ଥାନ: ବାୟାବଜାର, ମହିପାଳ କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- ସାଧୁସନ୍ଥ ମହାସଂଘ ପକ୍ଷରୁ ଭାଗବତ ମହଯଜ୍ଞ, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ: ପ୍ରାତଃ ୫ଟା।
- କୃଷକ ବିକାଶ ସମବାୟ ସମିତି ପକ୍ଷରୁ ଚାଷୀ ସମାବେଶ, ସ୍ଥାନ: ଗୋପସ୍ଥିତ କାର୍ଯ୍ୟାଳୟ ପରିସର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା' କନ୍ତେଇ ଠାକୁରାଣୀ ପୀଠ, ବାଙ୍କିମୁଣ୍ଡାଇ, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ପାରାୟଣ ଓ ପ୍ରବଚନ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା।
- ବ୍ରହ୍ମ ତାଳଧ୍ୱଜ ରଥ ପାଇଁ କାଠ ଅନୁକୂଳ, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ରାଧାଗୋବିନ୍ଦ ଜୀଉ ମନ୍ଦିରରେ ଅକ୍ଷି ତୃତୀୟା ଉତ୍ସବ, ସ୍ଥାନ: ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ବିଲିପଡ଼ା(ଗୋସାଇଁ ମଠ), ସମୟ: ପ୍ରାତଃ ୫ଟା।
- ସ୍ୱାଧୀନ ବିଧାୟକ ପ୍ରାର୍ଥୀ ସତିଶ ବିଶ୍ୱାଳଙ୍କ ପ୍ରାର୍ଥୀପତ୍ର ଦାଖଲ ପାଇଁ ପୂଜାର୍ଚ୍ଚନା, ସ୍ଥାନ: ଧର୍ମଶାଳା ବ୍ଲକ ଭୁବନପୁର ଗ୍ରାମର ମା' କାଳିଆଣୁଣୀ ପୀଠ, ସମୟ: ସକାଳ ୯ଟା।
- ମା'ତାରିଣୀଙ୍କ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଧର୍ମଶାଳା ବ୍ଲକ ଶଙ୍ଖଚିଲିହ ହନୁମାନ ମନ୍ଦିର ନିକଟ, ସମୟ: ରାତି ୮ଟା।
- ମା'ବ୍ରାହ୍ମଣୀ ଦେବୀଙ୍କ ଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଧର୍ମଶାଳା ବ୍ଲକର ବ୍ରାହ୍ମଣଦା(ଭାତୃପଶି),ସମୟ: ରାତି ୮ଟା।

## ନୟାଗଡ଼

- ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥ ନିର୍ମାଣର ଶୁଭାରମ୍ଭ,ସ୍ଥାନ: ଦଶପଲ୍ଲା ସାତ ପାଟଣାସ୍ଥିତ ଜଗନ୍ନାଥଙ୍କ ମନ୍ଦିର ପ୍ରାଙ୍ଗଣ,ସମୟ: ପୂର୍ବାହ୍ନ ୧୦ଟା।
- ରାମଲୀଳାର ପ୍ରଥମ ଦିବସ, ସ୍ଥାନ:କଣ୍ଟିଲୋ ବାପୁଜୀ ନଗରସ୍ଥିତ ରଘୁନାଥ ଜୀଉ ପୀଠ,ସମୟ:ରାତି ୧୧ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ଆରମ୍ଭ, ସ୍ଥାନ: ଶ୍ରୀରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ ଓଡ଼ଗାଁ, ସମୟ:ସନ୍ଧ୍ୟା ୬ଟା।
- ଶ୍ରୀରଘୁନାଥ ଜୀଉଙ୍କ ଭଉଁରୀ ଯାତ୍ରା, ସ୍ଥାନ: ଓଡ଼ଗାଁ ଶ୍ରୀରାମ ସାଗର, ସମୟ: ସନ୍ଧ୍ୟା ୭ଟା।
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରା, ସ୍ଥାନ:ଶରଣକୁଳ ମନ୍ଦିର କୁଣ୍ଡରେ ଚାପଖେଳ,ସମୟ:ସନ୍ଧ୍ୟା ୭ଟା।
- ନୟାଗଡ଼ର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରା, ସ୍ଥାନ:ନୟାଗଡ଼ ସାଗର ପୋଖରୀ, ସମୟ:ଅପରାହ୍ନ ୫ଟା।

## ରାୟଗଡ଼ା

- ଜିଲାସ୍ତରୀୟ ଅକ୍ଷୟ ତୃତୀୟା ପାଳନ ଏବଂ ଅକ୍ଷିମୁଠି ଅନୁକୂଳ, ସ୍ଥାନ: ନାରାୟଣପୁରସ୍ଥିତ ସରକାରୀ କୃଷି ଫାର୍ମ, କଲ୍ୟାଣସିଂପୁର, ସମୟ: ସକାଳ ୯ଟା।
- ବିଜେଡି ବାଇକ୍ ରାଲି, ସ୍ଥାନ: ଟିକିରି ମେନ ମାର୍କେଟ, କାଶୀପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ ଟା।
- ନିର୍ବାଚନ ପ୍ରଚାର ପାଇଁ ଭାଜପାର ପଦଯାତ୍ରା: ସ୍ଥାନ: ଟିକିରି ହାଟପଦାଠାରୁ ବସ୍ତ୍ରଷ୍ଟାଣ୍ଡ ପର୍ଯ୍ୟନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଆଇନ ସଚେତନତା ଶିବିର, ସ୍ଥାନ: ବିଟ୍ସ କଲେଜ, ଗୁଣୁପୁର, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପାର ପଦଯାତ୍ରା, ସ୍ଥାନ: ରାୟଗଡା ମଝିଘରିଆଣି ମନ୍ଦିରଠାରୁ ଭେଙ୍କେଟଶ୍ୱର ମନ୍ଦିର, ସମୟ: ଅପରାହ୍ନ ୪ ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ ଅକ୍ଷୟ ତୃତୀୟା ପାଳନ, ସ୍ଥାନ: ଡାବୁଗାଁ ବ୍ଲକ କୃଷି ଫାର୍ମ, ସମୟ: ସକାଳ ୯ଟା।
- କଂଗ୍ରେସର ରୋଡ୍ ଶୋ, ସ୍ଥାନ: ଡାବୁଗାଁ ବ୍ଲକ ସଦର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଶ୍ରୀରାଧାମୋହନ ଗୌଡ଼ିୟ ମଠରେ ଅଷ୍ଟପ୍ରହରୀ ନାମ ଯଜ୍ଞ, ସ୍ଥାନ: ଗୌଡ଼ିୟ ମଠ ପରିସର ସୁନାବେଡ଼ା, ସମୟ: ସକାଳ ୮ଟା।
- ଜିଲା ସ୍ମାରକୀ କମିଟି ପକ୍ଷରୁ ଜୟଦେବ ଜୟନ୍ତୀ, ସ୍ଥାନ: କୋରାପୁଟ ଆର୍ଟ ଗ୍ୟାଲେରୀ, ସମୟ: ସକାଳ ୯ଟା।
- ପ୍ରଗତି ଅନୁଷ୍ଠାନ ପକ୍ଷରୁ ଅକ୍ଷୟ ତୃତୀୟା ଉତ୍ସବ, ସ୍ଥାନ: କୋରାପୁଟ ବ୍ଲକର ବାସପୁଟ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ତିନି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର, ସ୍ଥାନ: ଦଶମନ୍ତପୁର ସାପ୍ତାହିକ ହାଟ, ସମୟ: ପୂର୍ବାହ୍ନ: ସାଢ଼େ୧୧ଟା।

## ସମ୍ବଲପୁର

- ଶ୍ରୀ ପର୍ଶୁରାମ ଜନ୍ମୋତ୍ସବ ସମାରୋହ, ସ୍ଥାନ: ମାରୱାଡି ପଡା ସ୍ଥିତ ପର୍ଶୁରାମ ଭବନ, ସମୟ: ସକାଳ ୭ଟା।
- ଅକ୍ଷୟ ତୃତୀୟା ପାଳନର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ମା' ଲକ୍ଷ୍ମୀଙ୍କ ପୂଜା, କଳସ ଯାତ୍ରା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଯୁଜୁମରା ବ୍ଲକ କଦଳିମୁଣ୍ଡା , ସମୟ: ସକାଳ ୮ଟା୩୦।
- ନବ ନିର୍ମିତ ହନୁମାନ ମନ୍ଦିରର ରତ୍ନମୁଦ ଉତ୍ସବ, ସ୍ଥାନ: ବାମରା ବ୍ଲକ କେଛୁପାଣି ଶ୍ରୀବଳଭଦ୍ର ମହାଦେବ ମନ୍ଦିର, ସମୟ: ସକାଳ ୯ଟା।
- ସାଓଲିନ କୁଙ୍ଗୁ ଆସାସିଏଶନ ପକ୍ଷରୁ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ-ସକାଳ ୯ଟା।
- ଜିଲାସ୍କୁଲ ହଷ୍ଟେଲ ସମସ୍ୟା ନେଇ ସଚେତନତା ରଥ, ସ୍ଥାନ: ଜିଲାସ୍କୁଲ ଛକ, ସମୟ:ସକାଳ ୯ଟା।
- ପ୍ରଶାସନ ପକ୍ଷରୁ ନିର୍ବାଚନକୁ ନେଇ ରାଜନୈତିକ ଦଳର ନେତାଙ୍କ ସହ ବୈଠକ, ସ୍ଥାନ: ଜିଲାପାଳଙ୍କ ପ୍ରେକ୍ଷାଳୟ, ସମୟ: ସକାଳ ୯ଟା ୩୦।
- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସୂର୍ଯ୍ୟପୂଜା, ଘୃତ ଯଜ୍ଞ, ଯୁପାରୋପଣ, ସ୍ନାନ ଶୟନ ନ୍ୟାସ, ଦେବତା ପ୍ରବେଶାଦି କର୍ମ ଓ ମହାପ୍ରସାଦ ସେବନ, ସ୍ଥାନ: ବାମରା ବ୍ଲକ ମହୁଲପାଲି, ସମୟ: ପୂର୍ବାହ୍ନ ସକାଳ ୧୦ଟା।
- ନନ୍ଦପଡା ଯାତ୍ରାକମିଟୀର ଥାଳଉଠା ପର୍ବ, ସ୍ଥାନ: ବମବରାଡ ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣ , ସମୟ: ଅପରାହ୍ନ ୩ ଟା ୩୦।
- ଝାଡୁଆପଡା ଯାତ୍ରା କମିଟିର ଥାଳଉଠା ପର୍ବ, ସ୍ଥାନ: ଲୋକନାଥ ବାବାଙ୍କ ମନ୍ଦିର ପ୍ରାଙ୍ଗଣ , ସମୟ: ଅପରାହ୍ନ ୪ ଟା ୩୦।
- ବାଲିବନ୍ଧା ଯାତ୍ରାକମିଟିର ଥାଳଉଠା ପର୍ବ, ସ୍ଥାନ: ସୋମବାଥ ବାବାଙ୍କ ମନ୍ଦିର ପ୍ରାଙ୍ଗଣ , ସମୟ: ଅପରାହ୍ନ ୫ ଟା।
- ବଡବଜାର ଯାତ୍ରା କମିଟିର ଥାଳଉଠା ପର୍ବ, ସ୍ଥାନ: ଶିତଲେଶ୍ୱର ବାବାଙ୍କ ମନ୍ଦିର ପ୍ରାଙ୍ଗଣ, ସମୟ:ଅପରାହ୍ନ ୬ ଟା।
- ମୁଦିପଡା ଯାତ୍ରାକମିଟୀର ଥାଳଉଠା ପର୍ବ, ସ୍ଥାନ: ଜାଗେଶ୍ୱରବାବାଙ୍କ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୭ ଟା।
- ଠାକୁରପଡା ଯାତ୍ରାକମିଟୀର ଥାଳଉଠା ପର୍ବ, ସ୍ଥାନ: ଗୁପ୍ତେଶ୍ୱର ବାବାଙ୍କ ମନ୍ଦିର ପ୍ରାଙ୍ଗଣ , ସମୟ, ଅପରାହ୍ନ ୭ ଟା ୩୦।

## ବଲାଙ୍ଗୀର

- ଗ୍ରୀଷ୍ମକାଳୀନ ଖୋଖୋ ତାଲିମ ଶିବିର, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପଡିଆ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ବାଲ୍ୟ ବିବାହକୁ ନା କାର୍ଯ୍ୟକ୍ରମ, ସ୍ଥାନ: କରୁଆଁଝର ଏବଂ ଟଙ୍କପାଣି ପଞ୍ଚାୟତର ବିଭିନ୍ନ ଗ୍ରାମ, ଖପ୍ରାଖୋଲ, ସମୟ: ସକାଳ ୮ଟା।
- ଭାଜପା ସଂକଳ୍ପ ପତ୍ର ଉନ୍ମୋଚନ, ସ୍ଥାନ: ରାଜଖମାର, ପାଟଣାଗଡ, ସମୟ: ସକାଳ ୮ଟା।

## ସୁବର୍ଣ୍ଣପୁର

- ଅକ୍ଷୟ ତୃତୀୟା ଅବସରରେ ଅକ୍ଷିମୁଠି ଅନୁକୂଳ ଓ କୃଷକ ଦିବସ ପାଳନ, ସ୍ଥାନ: ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ସକାଳ ୮ଟା।
- ଅକ୍ଷୟ ତୃତୀୟା ଅବସରରେ ସୁବର୍ଣ୍ଣପୁର ଜିଲା କୃଷକ ସଂଗଠନ ପକ୍ଷରୁ ଅକ୍ଷିମୁଠି ଅନୁକୂଳ, ସ୍ଥାନ: ସୋନପୁର ବ୍ଲକର ବଡଝିଙ୍କି ଗାଁ, ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ବୀରମହାରାଜପୁର ବ୍ଲକ ଖଣ୍ଡହତା ଗଡଭିତର, ସମୟ:ସକାଳ ୮ ଟା।
- କଂଗ୍ରେସର ନିର୍ବାଚନୀ ପ୍ରଚାର, ସ୍ଥାନ: ଉଲୁଣ୍ଡା, ସମୟ:ସକାଳ ୯ଟା।
- ସଙ୍କୀର୍ତ୍ତନ ଓ ସତ୍‌ସଙ୍ଗ, ସ୍ଥାନ: ଶୃଙ୍ଗଦର, ଭାଲୁଡୁଙ୍ଗୁରୀ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ ଟା।
- ଭାଜପାର ନିର୍ବାଚନୀ ପ୍ରଚାର, ସ୍ଥାନ: କମିରା,ବୀରମହାରାଜପୁର ଜୋନ, ସମୟ : ସକାଳ ୯ଟା।
- ବିଜେଡିର ନିର୍ବାଚନୀ ପ୍ରଚାର, ସ୍ଥାନ: ବୀରମହାରାଜପୁର ଜୋନ -୧, ସମୟ: ସକାଳ ୯ଟା।
- ବିଶ୍ୱଶାନ୍ତି ବ୍ରହ୍ମ ମହାଯଜ୍ଞ ଶୁଭାରମ୍ଭ, ସ୍ଥାନ: ସୋନପୁର ବ୍ଲକର ହଳଦିପାଲି ସ୍ଥିତ ଅଲେଖ ମହିମା ଆଶ୍ରମ, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ବ୍ଲକ ବରକାନୀରେ ଫ୍ଲଡ ଲାଇଟ୍ ପ୍ରିମିୟର ଲିଗ୍ କ୍ରିକେଟ୍ ଉଦ୍‌ଯାପିତ, ସ୍ଥାନ ; ବରକାନୀ ଖେଳପଡିଆ, ସମୟ: ରାତି ୯ଟା।

## ରାଉରକେଲା

- ରଘୁନାଥପାଲି ବିଧାନସଭା ମଣ୍ଡଳୀରେ ଭାଜପାର ପଦଯାତ୍ରା, ସ୍ଥାନ: ସେକ୍ଟର -୧୬, ସମୟ:ସକାଳ ୯ଟା।
- ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଗସ୍ତ,ସ୍ଥାନ: ରାଉରକେଲା,ସମୟ: ସନ୍ଧ୍ୟା ସାଢ଼େ ୬ଟା।

## ସୁନ୍ଦରଗଡ଼

- ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ବାଚନୀ ସାଧାରଣ ସଭା, ସ୍ଥାନ:ରାଜଗାଙ୍ଗପୁର ଜାମପାଲି ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ମାହେଶ୍ୱରୀ ଇଂରାଜୀ ମାଧ୍ୟମ ସ୍କୁଲର ଉଦ୍‌ଘାଟନ ସମାରୋହ,ସ୍ଥାନ:ମେନରୋଡ, ଶଙ୍କରା,ସମୟ:ସକାଳ୯ଟା।

## ବରଗଡ଼

- ଶ୍ରୀ ଶ୍ରୀ ପର୍ଶୁରାମ ଜନ୍ମୋତ୍ସବରେ ପୂଜାର୍ଚ୍ଚନା, ସ୍ଥାନ: ଦୁର୍ଗା ମନ୍ଦିର, ଅତାବିରା, ସମୟ: ସକାଳ ୭ଟା।
- ଶୀତଳଷଷ୍ଠୀ ଥାଳଉଠା କାର୍ଯ୍ୟକ୍ରମ, ସ୍ଥାନ: ପଦ୍ମପୁର ରାମେଶ୍ୱର ମନ୍ଦିର(ବଡ଼ପଡ଼ା), ସମୟ: ସକାଳ ୭ଟା।
- ମହାଦେବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ପିପିଲିପାଲି, ସୋହେଲା, ସମୟ: ସକାଳ ୮ଟା।
- ପର୍ଶୁରାମ ଜୟନ୍ତୀରେ ବାଇକ୍ ଶୋଭାଯାତ୍ରା, ସ୍ଥାନ: ଗାଇସିଲେଟ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ଟା।
- ମାର୍ଜାର କେଶରୀଙ୍କୁ ପଖାଳ ଭୋଗ ଲାଗି କାର୍ଯ୍ୟକ୍ରମ, ସ୍ଥାନ: ନୃସିଂହନାଥ ମନ୍ଦିର, ପାଇକମାଳ, ସମୟ: ଅପରାହ୍ନ ୪ଟା।

## କଳାହାଣ୍ଡି

- କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ସିଂହ ଯାଦବଙ୍କ ନିର୍ବାଚନୀ ପ୍ରଚାର, ସ୍ଥାନ: ଶ୍ରଦ୍ଧାପୁର, ଧର୍ମଗଡ଼ ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ବୃନ୍ଦାବନ ସେବାଶ୍ରମର ବାର୍ଷିକ ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଲାଞ୍ଜିଗଡ଼ ଆଶ୍ରମପଡା ବୃନ୍ଦାବନ ସେବାଶ୍ରମ ପରିସର, ସମୟ: ସକାଳ ୭ଟା।
- ଭାଜପାର ବାଇକ୍ ରାଲି ଓ ନିର୍ବାଚନୀ ସଭା, ସ୍ଥାନ: ବିଶ୍ୱନାଥପୁର ଖେଳପଡିଆ, ସମୟ: ସକାଳ ୧୦ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଷୋହଳପ୍ରହର ନାମଯଜ୍ଞ, ସ୍ଥାନ: କୋମନା ବ୍ଲକ ନୂଆଗାଁ ପଞ୍ଚାୟତ କାଳିମାଟି ଗାଁ, ସମୟ: ସକାଳ ୮ଟା ୩୦।
- ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ନୂଆପଡ଼ା ଜିଲା କୋମନା ବ୍ଲକ ବିଶିବାହାଲ ଗ୍ରାମ, ସମୟ: ପୂର୍ବାହ୍ନ ୯ଟା।

## ବୌଦ୍ଧ

- ସାମ୍ବାଦିକ ସଂଘ ପକ୍ଷରୁ ସ୍ୱର୍ଗତ ଦୁର୍ବାକ୍ଷ ବଡ଼ିଆଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଧାନଖଣ୍ଡି ଆମ୍ବତୋଟା,କନ୍ଧମାଳ, ସମୟ ସକାଳ ୮ଟା।
- କୁଲୁତାଯୋର ପଞ୍ଚାୟତର ଦେଉଳି ପିତାବାହାଲର କନ୍ଧେନବୁଢୀଠାରେ ବଳିଯାତ୍ରା, ସ୍ଥାନ: କନ୍ଧେନବୁଡି ମନ୍ଦିର ପ୍ରାଙ୍ଗଣ, କନ୍ଧମାଳ, ସମୟ: ସକାଳ ୯ଟା।
- ଖୁଣ୍ଟିଗୋରା କ୍ରିକେଟ କ୍ଲବ ପକ୍ଷରୁ ପଞ୍ଚମ ରାତ୍ରିକାଳୀନ ଧମାକା ସାର୍କିଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ: ଖୁଣ୍ଟିଗୋରା ସତ୍‌ସଙ୍ଗ ପଡ଼ିଆ, କନ୍ଧମାଳ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ଜିଲାସ୍ତରୀୟ କୃଷକ ଦିବସ ପାଳନ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ କବି ଶ୍ରୀ ଜୟଦେବ ଜୟନ୍ତୀ, ସ୍ଥାନ: ସୂଚନା କେନ୍ଦ୍ର, ସମୟ: ସକାଳ ୯ଟା।
- ବିଜେଡିର ନିର୍ବାଚନ ପ୍ରଚାର ଓ କର୍ମୀ ସମ୍ମିଳନୀ, ସ୍ଥାନ: ବାରକୋଟ, ବ୍ଲକ ସରୁଆଲି, ଗୁରୁସଙ୍ଗ, ଗଲାବନ୍ଦ, ବମ୍ପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ, ସ୍ଥାନ: ଦେବଗଡ ସହର, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ଭଗବାନ ପର୍ଶୁରାମ ଜୟନ୍ତୀ ପାଳନ, ସ୍ଥାନ: ସରବାହାଲସ୍ଥିତ ପର୍ଶୁରାମ ମନ୍ଦିର, ସମୟ: ସକାଳ ୭ଟା ୩୦ ମିନିଟ୍।
- ଆଗାମୀ ରଥଯାତ୍ରା ପାଇଁ ରଥ କାର୍ଯ୍ୟ ଆରମ୍ଭ, ସ୍ଥାନ: ସହରସ୍ଥିତ ବଡ଼ମାଳ ପଞ୍ଚାୟତ କୁକୁର୍ଡ଼ୁଙ୍ଗା ଗ୍ରାମ ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୯ଟା।
- ବିଜେଡିର ସାଧାରଣ ସଭା, ସ୍ଥାନ: ସହରସ୍ଥିତ ଅମଲିପାଲି ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପାର ସହର ଭିତରେ ପ୍ରଚାର, ସ୍ଥାନ: ଡବଲିଂଗ କଲୋନୀ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ମନ ପ୍ରଫୁଲ୍ଲ ରହିବା ସହ ସବୁ କାମ ସୁବିଧାରେ ହୋଇଯିବ। ଯାହାକୁ ଯାହା କହିବେ ସେ ନାହିଁ କରିବ ନାହିଁ ଏବଂ ଆପଣଙ୍କ କାମ ମଧ୍ୟ ଅଟକିବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ, ନିର୍ମାଣରେ ଉତ୍କର୍ଷତା ପରିଲକ୍ଷିତ ହେବ। ଅଶ୍ୱିନୀ ନକ୍ଷତ୍ର ସକାଶେ ଈର୍ଷାପରାୟଣବଶତଃ ନିଜ ଲୋକମାନେ ଦାଉସାଧିବାକୁ ଚେଷ୍ଟା କରିପାରନ୍ତି।

**ବୃଷ** ଅପୂରଣୀୟ ଆଶା ଓ ଅଭିଳାଷଜନିତ ମନ ଭଲ ରହିବ ନାହିଁ। ଆତ୍ମୀୟଙ୍କ ପରୋକ୍ଷ ଶତ୍ରୁତା ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରେ। ଅତୀତର ପୁରୁଣା ସମ୍ପର୍କ, ଜମିଜମା, ଗାଡି ମୋଟର କିଣାବିକାରୁ ଭଲ ଲାଭ ପାଇବେ। ମୃଗଶିରା ନକ୍ଷତ୍ର ସନ୍ତାନଙ୍କ ସମସ୍ୟାରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିକୁ ସୁଧାରିନେବା ଭଲ।

**ମିଥୁନ** ସମସ୍ୟା ରହିଥିଲେ ମଧ୍ୟ କର୍ମକ୍ଷେତ୍ରରେ ବିଶେଷ କିଛି ଅସୁବିଧା ହେବନାହିଁ। କେଉଁ ଉପାୟରେ, କାହା ମାଧ୍ୟମରେ ଅଭିଳଷିତ ଅର୍ଥ ଓ ଦ୍ରବ୍ୟ ଲାଭ କରିପାରିବେ ସେହି ଚିନ୍ତା କରିପାରନ୍ତି। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ପୁନର୍ବସୁ ନକ୍ଷତ୍ର ଶିଳ୍ପ, ବାଣିଜ୍ୟ,ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପାଇବେ।

**କର୍କଟ** ଆଜି ଘରର ସ୍ଥଗିତ କାମ ସମ୍ପନ୍ନ କରିବା ସାଙ୍ଗକୁ କର୍ମକ୍ଷେତ୍ରର ଦାୟିତ୍ୱ ପ୍ରତି ଯତ୍ନବାନ ହେବାକୁ ପଡିବ। ଅସ୍ଥିରତାଜନିତ ଅଶାନ୍ତି ଉପଲବ୍ଧି କରିପାରନ୍ତି। ଅଶ୍ଳେଷା ନକ୍ଷତ୍ର ସକାଶେ ଦୂରଯାତ୍ରା, ବିଶିଷ୍ଟବ୍ୟକ୍ତିଙ୍କ ସହ ଆଲୋଚନା ଓ ବନ୍ଧୁମିଳନ ଘଟିପାରେ। ଭାଇ, ବନ୍ଧୁଙ୍କ ସହଯୋଗରେ କାମ କରିବାର ସୁଯୋଗ ଲାଭ କରି ଖୁସି ହେବେ।

**ସିଂହ** ସୁଚିନ୍ତିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସମର୍ଥ ହେବେ। ଉତ୍ତରାଫାଲଗୁନୀ ନକ୍ଷତ୍ର ଅନ୍ୟ ଉପରେ ନିର୍ଭର ନ କରି ଆତ୍ମନିର୍ଭରଶୀଳ ହେବାକୁ ମନସ୍ଥ କରିବେ। ପ୍ରଶାସନିକ ସ୍ତରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଘରୋଇ କ୍ଷେତ୍ରରେ କାର୍ଯ୍ୟହାସଲ ପରିପ୍ରେକ୍ଷୀରେ ଅର୍ଥ ସଂକଟ ଲାଗିରହିପାରେ।

**କନ୍ୟା** ଦିନଟି ସବୁ ଦିଗରୁ ଖୁସିରେ କଟିବ କିନ୍ତୁ ବିଳମ୍ବିତ କାର୍ଯ୍ୟ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି। କଳା, ସାହିତ୍ୟ ତଥା ମନୋରଞ୍ଜନ କାର୍ଯ୍ୟକ୍ରମାଦିରେ ସାମିଲ ହୋଇ ପ୍ରଶଂସିତ ହେବେ। ଲାଗି ରହିଥିବା ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ। ଚିତ୍ରା ନକ୍ଷତ୍ର ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ।

**ତୁଳା** ଆଜି କର୍ମକ୍ଷେତ୍ରରୁ ସମ୍ମାନ ସହ ସାମାଜିକ ସ୍ତରରେ ମଧ୍ୟ ପ୍ରଶଂସିତ ହେବେ। ବନ୍ଧୁମିଳନ, ନୃତ୍ୟ, ଗୀତ ଆସର ମଧ୍ୟରେ ଆନୁଷ୍ଠାନିକ କାମକୁ ସମ୍ପାଦନ କରିବାରେ ସମର୍ଥ ହେବେ। ସ୍ୱାତୀ ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ସହ ଆନୁଷ୍ଠାନିକ କାର୍ଯ୍ୟରେ ସଫଳତା ପାଇବେ। ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି।

**ବିଛା** କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ଆନୁଷ୍ଠାନିକ କାର୍ଯ୍ୟ ସକାଶେ ସଭାସମିତିରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଅର୍ଥହାନିକୁ କେନ୍ଦ୍ରକରି ଅନ୍ୟମନସ୍କତାରୁ କେତେକ ଭୁଲ୍ ହୋଇଯାଇପାରେ। ଜମିଜମା କିମ୍ବା ଗୃହସୀମା ସମ୍ପର୍କିତ ବିବାଦୀୟ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିବ।

**ଧନୁ** ସହକର୍ମୀଙ୍କ ବଦାନ୍ୟତା କାରଣରୁ କର୍ମକ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ରକ୍ଷା ପାଇବେ। ପାରିବାରିକ ଖର୍ଚ୍ଚ ସକାଶେ ଅର୍ଥାଭାବ ଯୋଗୁ ବିଚଳିତ ହୋଇପାରନ୍ତି। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବାର ସୁଯୋଗ ପାଇବେ। ଉତ୍ତରାଷାଢ଼ା ନକ୍ଷତ୍ରର ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**ମକର** ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି କରିବ। ପ୍ରିୟଜନଙ୍କ ସହ ଭ୍ରମଣ ସୁଯୋଗ ଲାଭ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁମାନଙ୍କ ଗହଣରେ ଆଳାପ ଆଲୋଚନାରେ ସମୟ କଟାଇବେ। ଶ୍ରବଣା ନକ୍ଷତ୍ର ନିଜର ସହନଶୀଳତା ଗୁଣରୁ ପ୍ରତ୍ୟେକ ସ୍ତରରେ ପ୍ରଶଂସିତ ହେବେ।

**କୁମ୍ଭ** କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିବେ, ଯଦ୍ୱାରା କି ଆପଣଙ୍କୁ ଉପରିସ୍ଥଙ୍କ କଡ଼ାକଥା ଶୁଣିବାକୁ ପଡିପାରେ। ପରିବାର ଖର୍ଚ୍ଚ ତୁଲାଇବା ସକାଶେ ଧାର ଉଧାର କରିବାକୁ ପଡିବ। ସଙ୍ଗ ଦୋଷରୁ ନୀଚବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଶତଭିଷା ନକ୍ଷତ୍ରର ପ୍ରିୟଜନଙ୍କ ସହିତ ବନ୍ଧୁଙ୍କ ଭ୍ରମଣ ସୁଯୋଗ ଜୁଟିବ।

**ମୀନ** ବିଭିନ୍ନ ସ୍ତରରେ ଛୋଟବଡ଼ ସମସ୍ୟା ରହିଥିଲେ ମଧ୍ୟ ଆଜିର କର୍ମକ୍ଷେତ୍ରକୁ ତାହା ପ୍ରଭାବିତ କରିବ ନାହିଁ। ଉତରଭାଦ୍ର ନକ୍ଷତ୍ର ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଆଜିର ଯାତ୍ରା ବାଣିଜ୍ୟ, ଲେଖାପଢା, ମନୋରଞ୍ଜନରୁ ଖୁସି ରହିବେ। ଆତ୍ମୀୟଙ୍କ ସହ ଯଥା ସମ୍ଭବ ସମ୍ପର୍କ ରଖିବା ଆଗାମୀ ସମୟ ସକାଶେ ହିତକର ହେବ।

ଆଜି ମେ ୧୦ ତାରିଖ, ବୈଶାଖ ଶୁକ୍ଳପକ୍ଷର ପବିତ୍ର ଅକ୍ଷୟତୃତୀୟା, ଶୁକ୍ରବାର। ରଥ ନିର୍ମାଣ ଅନୁକୂଳ, ଚନ୍ଦନଯାତ୍ରା ଆରମ୍ଭ, ରେବତୀ ବିବାହ ଉତ୍ସବ, ରାଶି ନକ୍ଷତ୍ର- ରୋହିଣୀ/ବୃଷ। ଦିବା ଘ.୧୦।୪୭ମି. ଗତେ ମୃଗଶିରା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୧୬ମି. ଗତେ ଘ.୦୬।୦୮ମି. ମଧ୍ୟେ, ଘ. ୦୬।୫୯ମି. ଗତେ ଘ.୦୮।୨୯ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୦୬ମି. ଗତେ ଘ.୧୧।୪୩ମି. ମଧ୍ୟେ ରାହୁକାଳ।







# ୩ ଏଜେଣ୍ଟଙ୍କୁ ୨୦ ବର୍ଷ ଲେଖାଏ ଜେଲଦଣ୍ଡ

ଭୁବନେଶ୍ୱର,୯।୫
(ସତ୍ୟଜିତ୍ ରାଉତ)

**ରାଜଧାନୀରୁ ୭ କୋଟିର ବ୍ରାଉନସୁଗାର ଜବତ ଘଟଣା**

ରାଜଧାନୀରୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ୭ କୋଟି ଟଙ୍କାର ବ୍ରାଉନସୁଗାର ଜବତ କରିବା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଏଥିରେ ସମ୍ପୃକ୍ତ ୩ ଏଜେଣ୍ଟଙ୍କୁ ଭୁବନେଶ୍ୱର ଦ୍ୱିତୀୟ ଅତିରିକ୍ତ ଦୌରା ଜଜ୍ ବନ୍ଦନା କର ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ବାଲେଶ୍ୱର ଜିଲା ନରସିଂହପୁରର ଦେବାଶିଷ ବେହେରା ଓରଫ ରିଙ୍କୁ, ବାଲେଶ୍ୱର ଟାଉନ ଗୋପାଳଗାଁର ଏସ୍.କେ. କୌସର ଅଲ୍ଲୀ ଓ ପ୍ରବୀର କୁମାର ସିଂ। ସମସ୍ତ ଦୋଷୀଙ୍କୁ ୨୦ ବର୍ଷ ଲେଖାଏ ଜେଲଦଣ୍ଡ ହୋଇଛି। ଏଥିସହ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଦେବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, କରୋନା ପାଇଁ ଲକଡାଉନ୍ ହେବାରୁ ବ୍ରାଉନସୁଗାର ବେପାର ବନ୍ଦ ହୋଇଯାଇଥିଲା। ତେଣୁ ଏଜେଣ୍ଟମାନେ ରାଜଧାନୀକୁ ସିଧାସଳଖ ବିପୁଳ ପରିମାଣର ବ୍ରାଉନସୁଗାର ଚାଲାଣ କରିବାକୁ ଯୋଜନା କରିଥିଲେ। ୨୦୨୦ ଜୁନ୍୧୯ରେ ପ୍ରବୀର, ଦେବାଶିଷ ଓ କୌସର ଏକ ବୋଲେରୋରେ ବିପୁଳ ପରିମାଣର ବ୍ରାଉନସୁଗାର ଧରି ବାଲେଶ୍ୱରରୁ ଭୁବନେଶ୍ୱର ଆଣୁଥିଲେ। ଖବର ପାଇ ସେମାନଙ୍କୁ ଧରିବାକୁ ଏସ୍‌ଟିଏଫ୍ ଟିମ୍ ଅପରାହ୍ଣରେ ଭୁବନେଶ୍ୱର ରସୁଲଗଡ଼ ଛକରେ ଜଗି ରହିଥିଲା। ଏଜେଣ୍ଟମାନେ କଟକ ରୋଡ୍ ଦେଇ କଳ୍ପନା ଅଭିମୁଖେ ଯିବାବେଳେ ଏସ୍‌ଟିଏଫ୍ ଟିମ୍ ସେମାନଙ୍କୁ ଏସ୍‌ପ୍ଲାନେଡ୍ ମଲ୍ ଆଗରେ କାବୁ କରିଥିଲେ। ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ୪ କେଜି ୪୫୮ ଗ୍ରାମର ବ୍ରାଉନସୁଗାର ଜବତ ହୋଇଥିଲା। ଏନେଇ ଏସ୍‌ଟିଏଫ୍ ମାମଲା (ନଂ.୨୦/୨୦୨୦) ରୁଜୁ କରି ସମସ୍ତଙ୍କୁ ଗିରଫ କରିଥିଲା। କୋର୍ଟଚାଲାଣ ପରେ ଏଜେଣ୍ଟମାନେ ଜେଲଯାଇଥିଲେ। ଏସ୍‌ଟିଏଫ୍ ଏହି ମାମଲାରେ ଚାର୍ଜସିଟ୍ ଦାଖଲ କରିବା ପରେ କୋର୍ଟରେ ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୧୩ଜଣଙ୍କ ସାକ୍ଷ୍ୟ ଓ ୭୯ ଦସ୍ତାବିଜ୍ ଆଧାରରେ ବିଚାରପତି ରାୟ ଶୁଣାଇଛନ୍ତି। ସ୍ୱତନ୍ତ୍ର ସରକାରୀ ଓକିଲ ରଶ୍ମୀ ରଞ୍ଜନ ବ୍ରହ୍ମା ସରକାରଙ୍କ ପକ୍ଷରୁ ମାମଲାର ପରିଚାଳନା କରୁଥିଲେ।

# ରଥଯାତ୍ରା ବେଳେ ଖୋଲିପାରେ ରତ୍ନଭଣ୍ଡାର

ପୁରୀ,୯।୫(ଅଜିତ୍ ମହାନ୍ତି)

**ଜଷ୍ଟିସ୍ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ**

ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ଉଚ୍ଚସ୍ତରୀୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ରତ୍ନଭଣ୍ଡାର କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରତ୍ନଭଣ୍ଡାରରେ ଥିବା ରତ୍ନଗୁଡ଼ିକ କିଭଳି ଗଣତି, ମଣତି ବ୍ୟବସ୍ଥା ହୋଇପାରିବ, ସେନେଇ ଆଲୋଚନା କରାଯାଇଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ, ଉଚ୍ଚସ୍ତରୀୟ କମିଟି ଓ ପରିଚାଳନା କମିଟିର ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ଭର୍ଚୁଆଲ ଯୋଗେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ଓଡ଼ିଶା ମୁଖ୍ୟ ଡି.ବି. ଗଡ଼ନାୟକ ଏବଂ ଉଚ୍ଚସ୍ତରୀୟ କମିଟିର ସଦସ୍ୟ ଡ. ରମାକାନ୍ତ ପଣ୍ଡା ଯୋଡ଼ି ହୋଇ ଆଲୋଚନାରେ ଭାଗ ନେଇଥିଲେ। ପ୍ରାୟ ଦେଢ଼ ଘଣ୍ଟା ଧରି ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ କମ୍ କିମ୍ବା ବନ୍ଦ ଥିବାବେଳେ ତଥା ରଥଯାତ୍ରା ସମୟରେ ରତ୍ନଗଣତି ପ୍ରକ୍ରିୟା ସହଜ ହେବା ନେଇ ବୈଠକରେ ଆଲୋଚନା କରାଯାଇଛି।

ବୈଠକ ପରେ ଜଷ୍ଟିସ୍ ପଶାୟତ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ରତ୍ନଭଣ୍ଡାର ଖୋଲିବା ସହ ରତ୍ନଅଳଙ୍କାରଗୁଡ଼ିକୁ ଗଣତିମଣତି ବେଳେ କ'ଣ ସବୁ ସମସ୍ୟା ଆଗକୁ ଆସିବ ଏବଂ କିଭଳି ଭାବେ ଏହାର ସମାଧାନ କରାଯାଇପାରିବ ସେନେଇ ଆଲୋଚନା କରାଯାଇଛି। ତେବେ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ କମ୍ କିମ୍ବା ବନ୍ଦ ଥିବା ସମୟରେ ତଥା ରଥଯାତ୍ରା ସମୟରେ ହିଁ ରତ୍ନଭଣ୍ଡାର ଖୋଲାଯାଇ ଗଣତି, ମଣତି ହୋଇପାରିବ। ଏହା ଏତେ ସହଜ ନୁହେଁ, କାରଣ ୧୯୭୮ ମସିହା ପରେ ଏହା ପ୍ରଥମ ଥର ପାଇଁ ଖୋଲାଯାଇ ଗଣତି ମଣତି କରାଯିବ। ତେଣୁ କାର୍ଯ୍ୟ ସମୟରେ ପ୍ରାକ୍ଟିକାଲ ଭାବେ କ'ଣ ସବୁ ସମସ୍ୟା ଆସିପାରେ ସେ ନେଇ ଆଲୋଚନା କରାଯାଇଛି। ଆଗକୁ ମଧ୍ୟ ଏନେଇ ଆହୁରି ଆଲୋଚନା କରାଯିବ ଓ ନିଷ୍ପତ୍ତି ନିଆଯିବ। ଅପରପକ୍ଷରେ ୧୯୭୮ ମସିହା ବେଳର ଏବଂ ବର୍ତ୍ତମାନ ସମୟର ବୈଷୟିକ ଜ୍ଞାନକୌଶଳ ଭିତରେ ବହୁତ ଫରକ ରହିଛି। ବର୍ତ୍ତମାନ ସମୟର ବୈଷୟିକ ଜ୍ଞାନକୌଶଳ ଉପଯୋଗ କରାଯାଇ ରତ୍ନଭଣ୍ଡାର ଅଳଙ୍କାରର ଗଣତି, ମଣତି କିଭଳି କରାଯାଇପାରିବ ସେନେଇ ବୈଠକରେ ଆଲୋଚନା ହୋଇଛି। ପୂର୍ବରୁ ବ୍ରିଟିଶ୍ ସମୟରେ ୧୯୨୬ ମସିହା ଓ ପରେ ଶେଷଥର ପାଇଁ ୧୯୭୮ ମସିହାରେ ରତ୍ନଭଣ୍ଡାରର ଯାଞ୍ଚ ହୋଇଥିଲା। ୧୯୭୮ ମସିହାର ରିପୋର୍ଟ ତାଙ୍କର ହସ୍ତଗତ ହୋଇଛି। ତେବେ ମହାପ୍ରଭୁ ସମସ୍ତ କାର୍ଯ୍ୟ କରାଇଥାନ୍ତି। ତେଣୁ ତାଙ୍କ ରତ୍ନଭଣ୍ଡାର ଯାଞ୍ଚ ଓ ଗଣତି ମଣତି ମହାପ୍ରଭୁ କରାଇବେ ବୋଲି ଜଷ୍ଟିସ୍ ପଶାୟତ କହିଛନ୍ତି। ବୈଠକ ପୂର୍ବରୁ ଜଷ୍ଟିସ ପଶାୟତ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ମହାପ୍ରଭୁଙ୍କ ଇଚ୍ଛାରେ ହିଁ ସବୁ କାର୍ଯ୍ୟ ସୁରୁଖୁରୁରେ ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।



ବୈଠକରେ ରତ୍ନଭଣ୍ଡାର କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ଅରିଜିତ ପଶାୟତ ଏବଂ ଅନ୍ୟମାନେ।

# ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

ବଡ଼ମ୍ବା,୯।୫(ମାୟାଧର ମଲ୍ଲିକ)

ଗୁରୁବାର ଅପରାହ୍ଣରେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ଜଣକ ହେଲେ ବଡ଼ମ୍ବା ଥାନା ଅନ୍ତର୍ଗତ ଭଟ୍ଟାରିକା ପଞ୍ଚାୟତର ଶଶାଙ୍ଗ ଗ୍ରାମ ନୂଆସାହି ବାସିନ୍ଦା ସୁବାସ ଚନ୍ଦ୍ର ମହାପାତ୍ର (୪୫)। ଅପରାହ୍ଣରେ ସୁବାସ ବିଲକୁ ଖତ ନେଇ ଯାଉଥିବା ବେଳେ ବଜ୍ରପାତର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ କେତେଜଣ ବ୍ୟକ୍ତିଙ୍କ ସହଯୋଗରେ ଆମ୍ବୁଲାନ୍ସ ଯୋଗେ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (୧୪/୨୪)ରୁଜୁ ହୋଇଛି। ବିଧାୟକ ଦେବୀ ପ୍ରସାଦ ମିଶ୍ର ସରକାରୀ ସହାୟତାର ପ୍ରତିଶ୍ରୁତି ଦେଇଛନ୍ତି।




# ବକୁଳରେ ଉନ୍ମୋଚନ ହେବ ନନ୍ଦିନୀଙ୍କ ଜୀବନୀ

ଭୁବନେଶ୍ୱର,୯।୫
(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାର ପ୍ରଥମ ଏବଂ ଏକ ମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଉପରେ ଲିଖିତ ଜୀବନୀ (ବାୟୋଗ୍ରାଫି) 'ନନ୍ଦିନୀ ଶତପଥୀ: ଦ ଆଇରନ୍ ଲେଡି ଅଫ୍ ଓଡ଼ିଶା' ମେ' ୧୧ ତାରିଖରେ ସତ୍ୟନଗରସ୍ଥିତ ବକୁଳ ଲାଇବ୍ରେରିରେ ଉନ୍ମୋଚନ ହେବ। ବିଶିଷ୍ଟ ସାମ୍ବାଦିକା ପଲ୍ଲବୀ ରେବପ୍ରଗଡ଼ା ଏହି ପୁସ୍ତକର ଲେଖିକା ହୋଇଥିବାବେଳେ ଅନ୍ତଃରାଷ୍ଟ୍ରୀୟ ପ୍ରକାଶନ ସଂସ୍ଥା ସାଇମନ ଆଣ୍ଡ୍ ସ୍କୁଷ୍ଟର ଏହାକୁ ପ୍ରକାଶ କରିଛି। ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀ ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହିତ ନନ୍ଦିନୀଙ୍କ ଘନିଷ୍ଠତା, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବାବେଳେ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ, ଜରୁରିକାଳୀନ ପରିସ୍ଥିତି(ଏମରଜେନ୍ସି) ଲାଗୁକୁ ବିରୋଧ ଏବଂ ବିଶେଷକରି ନନ୍ଦିନୀଙ୍କ ମର୍ଯ୍ୟାଦାପୂର୍ଣ୍ଣଜୀବନଶୈଳୀ ସମ୍ପର୍କରେ ପୁସ୍ତକରେ ଉଲ୍ଲେଖ କରାଯାଇଛି। ଜଣେ ଓଡ଼ିଆଙ୍କ ଉପରେ କୌଣସି ଅନ୍ତଃରାଷ୍ଟ୍ରୀୟ ପ୍ରକାଶନ ଦ୍ୱାରା ବାୟୋଗ୍ରାଫି ପ୍ରକାଶ ପାଇବା ବୋଧହୁଏ ଏହା ପ୍ରଥମ। ନନ୍ଦିନୀ କିମ୍ବା ତାଙ୍କ ପରିବାର ସହିତ କୌଣସି ବ୍ୟକ୍ତିଗତ ସମ୍ପର୍କ ନ ଥିବା ଜଣେ ଲେଖିକାଙ୍କ ଦ୍ୱାରା ଏହି ବାୟୋଗ୍ରାଫି ଲେଖାଯାଇଛି। ଲେଖିକା ପଲ୍ଲବୀ ଏକାଧିକ ଅନ୍ତରାଷ୍ଟ୍ରୀୟ ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟ କରିଛନ୍ତି। ପଲ୍ଲବୀ ପୁସ୍ତକ ଉନ୍ମୋଚନ ଅବସରରେ ଉପସ୍ଥିତ ରହି ନନ୍ଦିନୀଙ୍କ ଜୀବନୀ ଲେଖିବା ପାଇଁ ସେ କିପରି ଆଗ୍ରହୀ ହେଲେ ଏବଂ ନନ୍ଦିନୀଙ୍କ ସମ୍ପର୍କରେ ସମସ୍ତେ ଜାଣିବା ଆବଶ୍ୟକ ବୋଲି କାହିଁକି ଅନୁଭବ କଲେ ସେନେଇ ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ କୁମାର ମହାପାତ୍ରଙ୍କ ସହ ଆଲୋଚନା କରିବେ। ଏଥିସହିତ ସେ ପୁସ୍ତକ ମଧ୍ୟରୁ କେତେକ ମୁଖ୍ୟାଂଶ ପଠନ କରିବା ସହିତ ଦର୍ଶକମାନଙ୍କ ସହିତ ମତ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛି। ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଆୟୋଜନ କରୁଥିବା ସଜିତ୍ ମହାପାତ୍ରଙ୍କ କହିବା ହେଲା ନନ୍ଦିନୀ ଶତପଥୀଙ୍କ ଉପରେ ଏତେ ସୁନ୍ଦର ଜୀବନୀ ଲେଖା ହେବା ଜାଣି ସେ ଅତ୍ୟନ୍ତ ଖୁସି ଅନୁଭବ କରୁଛନ୍ତି। ନନ୍ଦିନୀଙ୍କ ଉପରେ ସେ ବହୁତ୍ କମ୍ ଜାଣିଥିଲେ। ହେଲେ ତାଙ୍କ ବାୟୋଗ୍ରାଫିରେ ଏତେ ଅଜଣା ତଥ୍ୟ ପ୍ରକାଶ ପାଇଥିବା ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ମହାପାତ୍ର ଆହୁରି କହିଛନ୍ତି, ତାଙ୍କ ବକୁଳ ଲାଇବ୍ରେରୀରେ ରାଜନୈତିକ ବାୟୋଗ୍ରାଫି ଉପରେ ବହୁ ପୁସ୍ତକ ରହିଛି, ହେଲେ ଓଡ଼ିଶାର ଜଣେ ନେତ୍ରୀଙ୍କ ଉପରେ ରଚୟିତ ଏହି ପୁସ୍ତକ ସବୁଠାରୁ ଭଲ ବାୟୋଗ୍ରାଫି ହେବ ବୋଲି ସେ ଭାବୁଛନ୍ତି।






ଗୋଟିଏ ସ୍ଥାନରେ ମାଟି ଗଦା କରିବା ଅର୍ଥ ଅନ୍ୟସ୍ଥାନରେ ମାଟି ଖୋଳି ଗାତ ତିଆରି କରିବା। ଠିକ୍ ସେହିପରି ଜଣକର ବିଳାସ ବ୍ୟସନ ଅନ୍ୟ କେତେକଙ୍କର ଦାରିଦ୍ର୍ୟର କାରଣ ହୋଇଥାଏ। -ଶ୍ରୀମା

-ଅକ୍ଷୟ ତୃତୀୟା,
ଚନ୍ଦନ ଯାତ୍ରା ଆରମ୍ଭ
ଓ ରଥ ଅନୁକୂଳ



# ସହର ସୁରକ୍ଷାରେ ଏଆଇ



ଜଷ୍ଟିନା ନିକ୍ସନ-ସୈଣ୍ଟିଲ

ପ୍ରାୟ ୪.୪ ବିଲିୟନ ଲୋକ ରହୁଥିବା ସହରଗୁଡ଼ିକ ବିନାଶକାରୀ ଜଳବାୟୁଜନିତ ଘଟଣାର ସାମ୍ନା କରୁଛନ୍ତି ଓ ଅତ୍ୟଧିକ ବିପଦରେ ରହିଛନ୍ତି। ସମୁଦ୍ର ପତ୍ତନ ବୃଦ୍ଧି ଏବଂ ବନ୍ୟା ପରିସ୍ଥିତି ନ୍ୟୁୟର୍କ ସହର ଏବଂ ଜାକର୍ତ୍ତା ଭଳି ଉପକୂଳବର୍ତ୍ତୀ ମେଗାସିଟିଗୁଡ଼ିକ ପ୍ରତି ବିପଦ ସୃଷ୍ଟି କରିଛି। ଏହା ବ୍ୟତୀତ ପ୍ରତିବର୍ଷ ଦକ୍ଷିଣ ଏସିଆ ଓ ମଧ୍ୟପ୍ରାଚ୍ୟର ସହରଗୁଡ଼ିକୁ ଗମ୍ଭୀର ଗ୍ରୀଷ୍ମପ୍ରବାହ ପ୍ରଭାବିତ କରୁଛି। ଏହା ବାରମ୍ବାର ଘଟିବା ସହ ତୀବ୍ର ହେବାର ଅନୁମାନ କରାଯାଉଛି। ଅନେକ ସହରାଞ୍ଚଳରେ ରହୁଥିବା ଜନସମୁଦାୟ ଜଳବାୟୁଜନିତ ସ୍ୱାସ୍ଥ୍ୟ ଏବଂ ଅର୍ଥନୈତିକ ବିପଦର ସମ୍ମୁଖୀନ ହେଉଛନ୍ତି। ବାୟୁ ପ୍ରଦୂଷଣ ଏବଂ ପ୍ରାକୃତିକ ବିପର୍ଯ୍ୟୟ ବିଶେଷକରି ବିକାଶଶୀଳ ଦେଶଗୁଡ଼ିକରେ ଅତି ଗମ୍ଭୀର ହୋଇପାରେ, ଯଦ୍ଦ୍ୱାରା ସେଠାରେ ଅଧିକ ଲୋକ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯିବାର ସମ୍ଭାବନା ରହିଛି। କେବଳ ସେତିକି ନୁହେଁ, ଏବେ ଆମେ ସମ୍ମୁଖୀନ ହେଉଥିବା ବ୍ୟାପକ ଆହ୍ୱାନକୁ ସହରଗୁଡ଼ିକ ଆହୁରି ବଢ଼ାଇଦେଉଛି। କାରଣ ବିଶ୍ୱରେ ମୋଟ କାର୍ବନ ନିର୍ଗମନର ୭୦% ସହରଗୁଡ଼ିକରୁ ହେଉଛି ଏବଂ ସେସବୁ ବୈଶ୍ୱିକ ଶକ୍ତିର ୭୮% ଉପଯୋଗ କରୁଛନ୍ତି। ଏହି ପ୍ରତିଶତ ଦ୍ରୁତ ସହରୀକରଣ ଦ୍ୱାରା ଆହୁରି ବୃଦ୍ଧି ପାଇପାରେ। ୟୁଏନ୍ ହାବିଟାଟ୍ ଅନୁଯାୟୀ, ୨୦୫୦ ସୁଦ୍ଧା ସହରାଞ୍ଚଳର ଜନସଂଖ୍ୟା ୬୮% ବୃଦ୍ଧି ପାଇବାର ସମ୍ଭାବନା ରହିଛି।

ଏହା ସ୍ପଷ୍ଟ ଯେ, ଜଳବାୟୁ ପରିବର୍ତ୍ତନକୁ ରୋକିବାରେ ସହରଗୁଡ଼ିକ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଏ ଦିଗରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ସହରଗୁଡ଼ିକୁ ଅତ୍ୟଧିକ ସହଯୋଗ କରିପାରେ ଏବଂ ଜଳବାୟୁଜନିତ ଅତ୍ୟନ୍ତ ଜଟିଳ ଘଟଣାଗୁଡ଼ିକୁ ଦୂର କରିବା ସହ ସେଥିରୁ ରକ୍ଷା କରିବା ପାଇଁ ସୁଯୋଗ ସୃଷ୍ଟି କରିପାରେ। ଯଦି ନୈତିକତାର ଦୃଷ୍ଟିକୋଣରୁ ଏଆଇକୁ ଦାୟିତ୍ୱର ସହ ବିକାଶ ଓ ପ୍ରୟୋଗ କରାଯାଏ, ତେବେ ଏହା ସହରାଞ୍ଚଳର ଜଳବାୟୁ ଜନିତ ବିପର୍ଯ୍ୟୟକୁ ରୋକିବା ସହ ବିଜ୍ଞାନ ଆଧାରିତ ନିରନ୍ତର ବିକାଶକୁ ଅଧିକ ତ୍ୱରାନ୍ୱିତ କରିବ। ଏହା ନୂତନତ୍ୱକୁ ବାଟ ଦେଖାଇବ ଓ ସବୁଠାରୁ ଅସୁରକ୍ଷିତ ସମୁଦାୟକୁ ପ୍ରାଥମିକତା ଦେବା ଲାଗି ଆମକୁ ସୁଯୋଗ ଦେବ। କିନ୍ତୁ ପ୍ରଥମ ପଦକ୍ଷେପ ହେଉଛି, ଜଳବାୟୁ ସମସ୍ୟା ମୁକାବିଲା କରିବାର କ୍ଷମତା ଥିବା ସହରଗୁଡ଼ିକ ପାଇଁ ଏକ ସାଧନ ଭାବେ ଏଆଇର ସମ୍ଭାବ୍ୟ ପ୍ରୟୋଗ ବିଷୟରେ ବୁଝାମଣାକୁ ଉନ୍ନତ କରିବାକୁ ହେବ। ଉଦାହରଣ ସ୍ୱରୂପ, ବିପୁଳ ପରିମାଣର ତଥ୍ୟ ପରିଚାଳନା କରିବାର ଆହ୍ୱାନ ହିଁ ଭବିଷ୍ୟତର ଜଳବାୟୁ ପରିସ୍ଥିତିକୁ ଠିକ୍ ଭାବରେ ମଡେଲିଂ କରିବା ଏବଂ ଯୋଜନାବଦ୍ଧ ନିଷ୍ପତ୍ତି ନେବାରେ ଏକ ପ୍ରମୁଖ ପ୍ରତିବନ୍ଧକ ବୋଲି ବିଚାର କରିବାକୁ ହେବ।



ସୌଭାଗ୍ୟବଶତଃ ଏଆଇର ଶକ୍ତି ମାଧ୍ୟମରେ ମୂଳ ଢାଞ୍ଚା ଏବଂ ଭୌଗୋଳିକ ବିଶ୍ଳେଷଣ ଆମ ସହରଗୁଡ଼ିକୁ ଏକ ନୂତନ ଢଙ୍ଗରେ ଦୃଶ୍ୟମାନ କରାଇବାରେ ସାହାଯ୍ୟ କରିପାରେ।

ଅତ୍ୟଧିକ ପରିବର୍ତ୍ତନଶୀଳ ପାଣିପାଗ ଧାରାକୁ ସାମ୍ନା କରୁଥିବା ମହାନଗର ନିଗମଗୁଡ଼ିକର କଥା ବିଚାର କରନ୍ତୁ। ସମୟ, ଐତିହାସିକ ଜଳବାୟୁ ତଥ୍ୟ ଏବଂ ଏଆଇ ଚାଳିତ ପୂର୍ବାନୁମାନ କ୍ଷମତାକୁ ନେଇ ସରକାରଗୁଡ଼ିକ ବିପର୍ଯ୍ୟୟ ମୁକାବିଲା ଏବଂ ପ୍ରସ୍ତୁତି ପାଇଁ ନୂତନ ଉପକରଣ ଆପଣାଇପାରନ୍ତି। ଏହା ସହ ସାଧାରଣ ନାଗରିକଙ୍କଠାରୁ ଆରମ୍ଭ କରି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ସୁରକ୍ଷା ତଥା ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ସମସ୍ତ ବ୍ୟକ୍ତି ଉତ୍ତମ ସୂଚନା ପାଇବେ ଏବଂ ପ୍ରସ୍ତୁତ ହୋଇପାରିବେ। ପ୍ରତ୍ୟେକ ସ୍ତରରେ ସହରର କାର୍ଯ୍ୟକୁ ଅଧିକ ପରିବେଶ ଉପଯୋଗୀ କରିବାରେ ଏଆଇ ସାହାଯ୍ୟ କରିବ ଓ ଏହାର ମଧ୍ୟ ସାମର୍ଥ୍ୟ ରହିଛି। ଏହାଦ୍ୱାରା ସହରଗୁଡ଼ିକରୁ ହେଉଥିବା ଅତ୍ୟଧିକ ନିର୍ଗମନ ଏବଂ ପରିବେଶଗତ ପ୍ରଭାବ ହ୍ରାସ କରିବ। ଇଣ୍ଟେଲିଜେଣ୍ଟ ସଫ୍ଟୱେର ଆପ୍ଲିକେଶନ ଏଆଇକୁ ଏକୀଭୂତ କରି ବିଲ୍ଡିଂରେ ଶକ୍ତି ବ୍ୟବହାର, ଜଳ ଉପଯୋଗ ଏବଂ ବର୍ଜ୍ୟବସ୍ତୁ ପରିଚାଳନାକୁ ବିଶ୍ଳେଷଣ କରିପାରିବ। ଏହା ମଧ୍ୟ ଏକ ଦୃଷ୍ଟି କୋଣ ଯୋଗାଇ ଦେବ, ଯାହା ଜନସମୁଦାୟ ଏବଂ ସଂଗଠନଗୁଡ଼ିକୁ ପରିସଂସ୍ଥା ବିଷୟରେ ଅଧିକ ଦାୟିତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଅନୁମତି ଦେବ। ତେବେ ଉତ୍ତମ ମାନର ସବିଶେଷ ତଥ୍ୟ ସଂଗ୍ରହ, ସୁରକ୍ଷା ପଦକ୍ଷେପ (ସହର ଭିତ୍ତିଭୂମି ରକ୍ଷଣାବେକ୍ଷଣ)କୁ ତ୍ୱରାନ୍ୱିତ କରିବା ପାଇଁ ସଂଯୋଜିତ ଉପକରଣଗୁଡ଼ିକର ବ୍ୟବହାର ପୂର୍ବାପେକ୍ଷା ସବୁଠୁ ଅଧିକ ପ୍ରଭାବଶାଳୀ ଏବଂ କାର୍ଯ୍ୟକ୍ଷମ ହୋଇପାରେ। ଏଆଇ ସହିତ ତଥ୍ୟର ବ୍ୟବହାର କରାଗଲେ ପ୍ରାଥମିକ ମନିଟରିଂ ଏବଂ ରିପୋର୍ଟିଂଠାରୁ ବହୁତ ଭଲ ପରିଣାମ ଦେବ। ସହରରେ ଏଆଇର ପ୍ରୟୋଗସବୁ ଏତିକିରେ ଅଟକି ଯାଇନି। ଅଧିକ ପରିବେଶ ଉପଯୋଗୀ ସହରାଞ୍ଚଳ ଗମନାଗମନ ବ୍ୟବସ୍ଥା ହାସଲ କରିବା ପାଇଁ ସାର୍ବଜନୀନ ପରିବହନ ଏବଂ ଟ୍ରାଫିକ୍ ଯୋଜନାକୁ ଅନୁକୂଳ କରିବାରେ ଟେକ୍ନୋଲୋଜିର ସାମର୍ଥ୍ୟ ରହିଛି। ଅତି ଦରକାରୀ ସବୁଜ ଅଞ୍ଚଳ ବୃଦ୍ଧି କରିବା ପାଇଁ ସର୍ବୋତ୍ତମ ସ୍ଥାନ ଚିହ୍ନଟ କରିବାରେ ଏଆଇ ସାହାଯ୍ୟ କରୁଥିବାବେଳେ ସହରାଞ୍ଚଳ ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦକୁ ସଂରକ୍ଷଣ କରିଥାଏ।

ସରକାର, ସାର୍ବଜନୀନ-ସେବା ପ୍ରଦାନକାରୀ ତଥା ଅଣଲାଭକାରୀ ବ୍ୟବସାୟୀମାନଙ୍କୁ ଏଆଇ ଉପକରଣ ପାଇବା ଏବଂ ଅନୁସନ୍ଧାନ କରିବାର ଅଧିକ ସୁଯୋଗ ରହିଛି। ତେବେ ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଏବେ ୬୯% ସହର ସୃଜନାତ୍ମକ ଏଆଇର ଅନୁସନ୍ଧାନ କିମ୍ବା ପରୀକ୍ଷଣ କରିସାରିଥିବାବେଳେ କେବଳ ୨% ଏହାକୁ ପ୍ରୟୋଗ କରୁଛନ୍ତି। ଆଇବିଏମ୍‌ର ଚିଫ୍ ଇମ୍ପାକ୍ଟ ଅଫିସରଙ୍କ ମତରେ ଏଆଇକୁ ପ୍ରଭାବୀ ଭାବେ ବ୍ୟବହାର କରିବାରେ କୌଶଳ ଓ ପ୍ରଯୁକ୍ତି ଉପଲବ୍ଧତା ବାଧକ ହୋଇପାରେ। ଜଣେ ଯଦି ଜଳବାୟୁଜନିତ ବିପଦର ଅସମାନ ବଣ୍ଟନକୁ ବିଚାର କରିବ, ତେବେ ଏଆଇର ଅଧିକ ଉପଲବ୍ଧତା ଜରୁରୀ ଥିବା ଜଣାପଡ଼ିବ। ଆମ ସହରଗୁଡ଼ିକରେ ବାୟୁ ପ୍ରଦୂଷଣ ଭଳି ସମସ୍ୟା ଏବଂ ସ୍ୱଚ୍ଛ ଶକ୍ତିର ଅଭାବ ଗରିବ ଅସୁରକ୍ଷିତ ଲୋକଙ୍କୁ ଅତ୍ୟଧିକ ପ୍ରଭାବିତ କରିଥାଏ। ଏହି ସମୁଦାୟ ଏଆଇରୁ ଅଧିକ ଲାଭ ପାଇବେ। ବିପଦରେ ରହିଥିବା ଲୋକଙ୍କୁ ସମର୍ଥନ କରିବା ପାଇଁ ଏଆଇ ବ୍ୟବହାର ଆମ ସମସ୍ତଙ୍କର ଦାୟିତ୍ୱ। ଏହାର ଅର୍ଥ ହେଉଛି ଜଳବାୟୁ ସାଧନ ପାଇଁ ସମାନ ସୁବିଧା ଯୋଗାଇବା, ଏଆଇ ଓ ତତ୍ ସମ୍ପର୍କିତ ପ୍ରଶିକ୍ଷଣକୁ ସମର୍ଥନ କରିବା ଏବଂ ସହରାଞ୍ଚଳର ସବୁଠୁ ଗରିବ ଜନସାଧାରଣଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ କରିବା ପାଇଁ ପରିକଳ୍ପିତ ପ୍ରୋଗ୍ରାମ୍‌ଗୁଡିକ ସୃଷ୍ଟି କରିବା। କୌଶଳ ବୃଦ୍ଧି କରିବା ବିଶେଷକରି ବିପଦରେ ଥିବା ସମୁଦାୟଙ୍କ ଉପରେ ଥିବା ଜଳବାୟୁ ପ୍ରଭାବ ହ୍ରାସ ଏବଂ ସାଧନ ଗ୍ରହଣୀୟତା ବଢ଼ାଇବାରେ ପ୍ରଶିକ୍ଷଣ ଏକ ପ୍ରମୁଖ ଭୂମିକା ନେବ। ବେସରକାରୀ ସଂସ୍ଥା ସାର୍ବଜନୀନ ଏଜେନ୍ସି ସହିତ ସହଭାଗିତା ଗଠନ କରି ଏବଂ ପୂର୍ବରୁ ଅସୁରକ୍ଷିତ ସମୁଦାୟକୁ ସହାୟତା କରିବାରେ ନିୟୋଜିତ ସଂସ୍ଥାଗୁଡ଼ିକ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିପାରିବ। ଏଆଇକୁ ଜଳବାୟୁ ପରିବର୍ତ୍ତନ ବିରୋଧୀ ଲଢ଼େଇରେ ବ୍ୟବହାର କଲେ ତାହା ଆମ ସହରକୁ ଅଧିକ ନିରାପଦ, ଅଧିକ ଅନୁକୂଳ ଏବଂ ଅଧିକ ପରିବେଶ ଉପଯୋଗୀ ରଖିବାରେ ସାହାଯ୍ୟ କରିପାରିବ। ଜଳବାୟୁଜନିତ ଘଟଣାଗୁଡ଼ିକର ପୂର୍ବାନୁମାନ, ମୁକାବିଲା ଏବଂ ପୁନରୁଦ୍ଧାର ସକାଶେ ଲୋକଙ୍କୁ ସାଧନ ଯୋଗାଇ ଦେବା ପାଇଁ ଟେକ୍ନୋଲୋଜି ରହିଛି। କିନ୍ତୁ ଏହାକୁ କିଭଳି ଭଲ ଭାବେ ବ୍ୟବହାର କରାଯାଇପାରିବ ତାହା ଜନସମୁଦାୟ, ସରକାର ଏବଂ କମ୍ପାନୀଗୁଡ଼ିକ ଉପରେ ନିର୍ଭର କରେ।

**ଉପ-ସଭାପତି ଏବଂ ଚିଫ୍
ଇମ୍ପାକ୍ଟ ଅଫିସର (ଆଇବିଏମ୍)**

# ପୁଅ ଯଦି ଯୋଗ୍ୟ...



ଡ. ପ୍ରଫୁଲ୍ଲ କୁମାର ପାଣି

ଆମ ଭାରତୀୟ ସମାଜ ଜୀବନରେ ବହୁ ଅଜବ ଜୀବନଶୈଳୀ ଦୃଷ୍ଟିଗୋଚରକୁ ଆସେ। ଏଇ ଯେମିତି ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ବରିଷ୍ଠ ନାଗରିକମାନେ ତାଙ୍କ ଜୀବନ ପ୍ରବାହରେ ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରି ଜମାରାଶିକୁ ବୃଦ୍ଧି କରି ବହୁତ ଖୁସି ଅନୁଭବ କରନ୍ତି। ବର୍ତ୍ତମାନର ଜୀବନକୁ ଉପଭୋଗ କରିବା ପାଇଁ ଆଦୌ ଗୁରୁତ୍ୱ ଦେଇ ନ ଥାନ୍ତି। ନିଜର ସକଳ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ନ୍ୟୂନ ଭାବରେ ଜୀବନ ନିର୍ବାହ କରିବାର କୃପଣ ମାନସିକତାକୁ ଆପଣେଇଥାନ୍ତି। ସମଗ୍ର ଜୀବନ କାଳରେ କଠିନ ପରିଶ୍ରମ କରି ଧନ ଅର୍ଜନ କରିଥାନ୍ତି ଓ ସଞ୍ଚୟ କରିବାରେ ଦିନ ବିତାଇ ଦିଅନ୍ତି। ନିଜର ମନୋରଞ୍ଜନ ଓ ଖୁସି ପାଇଁ ଅର୍ଥ ବ୍ୟୟ କରିବା ପରିବର୍ତ୍ତେ ପିଲାମାନଙ୍କ ପାଇଁ ବିଭିନ୍ନ ସଞ୍ଚୟ ଯୋଜନାରେ ଅର୍ଥ ଜମା କରି ଚାଲନ୍ତି। ଫଳତଃ ଜୀବନ ବ୍ୟାପୀ ଗରିବ ଭଳି ବଞ୍ଚନ୍ତି ଏବଂ ମୃତ୍ୟୁ ବେଳକୁ ବୃହତ୍ ଜମାରାଶିର ଅଧିକାରୀ ହୋଇଥାନ୍ତି।

ଏହି ଶ୍ରେଣୀର ନାଗରିକଗଣ ରିଅଲଇଷ୍ଟେଟ, ସ୍ଥାବର ଅସ୍ଥାବର, ସୁନା ରୁପା ଇତ୍ୟାଦି ସମ୍ପତ୍ତି କିଣିବାରେ ଅର୍ଥ ନିବେଶ କରୁଥିବା ବେଳେ ସେମାନଙ୍କର ଯୁବବର୍ଗର ପିଲାମାନେ ଏହି ପାରମ୍ପରିକ ଅର୍ଥନିବେଶରୁ ମୁହଁ ଫେରାଇ ନେଉଛନ୍ତି। ବୟସ୍କମାନଙ୍କର ଏ ସମ୍ପତ୍ତିରେ ସମଗ୍ର ଜୀବନର ପରିଶ୍ରମ ଓ ସଞ୍ଚୟ ରହିଥିବାରୁ ସେମାନଙ୍କର ଗଭୀର ଭାବପ୍ରବଣତା ତଥା ଅହେତୁକ ଦୁର୍ବଳତା ଯୋଡ଼ି ହୋଇ ରହିଥାଏ। ଏବର ଯୁଗ ଅନୁସାରେ ଯୁବବର୍ଗର ପସନ୍ଦରେ ପରିବର୍ତ୍ତନ ଆସିଛି। ସେମାନେ ବୟସ୍କଙ୍କ ପରି ଏ ସବୁ ସମ୍ପତ୍ତି ପ୍ରତି ଗୁରୁତ୍ୱ ଦେଇ ନ ଥାନ୍ତି। ମାତାପିତାଙ୍କ କଷ୍ଟ ଅର୍ଜିତ ସମ୍ପତ୍ତି ପ୍ରତି ସେମାନଙ୍କ ଭାବପ୍ରବଣତା କ୍ରମଶଃ ହ୍ରାସ ପାଇବାର ଲକ୍ଷ୍ୟ କରାଯାଉଛି। ବରିଷ୍ଠମାନେ କେବଳ ନିଜ ପାଇଁ ଘରଦ୍ୱାର ନିର୍ମାଣ କରି ନ ଥାନ୍ତି। ଭବିଷ୍ୟତକୁ ଆଖି ଆଗରେ ରଖି ପିଲାମାନଙ୍କ ପାଇଁ ନିର୍ମାଣ କରିଥାନ୍ତି। କିନ୍ତୁ କୌତୂହଳର କଥା ଯେ ପିଲାମାନଙ୍କ ମଧ୍ୟରୁ ଅଧିକାଂଶ ବିଦେଶରେ ବା ରାଜ୍ୟ ବାହାରେ ବସବାସ କରନ୍ତି। ଆହୁରି ମଧ୍ୟ ଦେଖାଯାଏ ଏହି ବର୍ଗର ପିଲାମାନଙ୍କର କର୍ମକ୍ଷେତ୍ରରେ ବାରମ୍ବାର ସ୍ଥାନ ପରିବର୍ତ୍ତନ ହେତୁ ପୈତୃକ ସମ୍ପତ୍ତି ଯେତେ ଅଧିକ ଥିଲେ ମଧ୍ୟ ଏଥିପ୍ରତି ଉଦାସୀନ ରହି ଗୁରୁତ୍ୱ ଦେଇ ନ ଥାନ୍ତି। ପରୋକ୍ଷରେ ସମୟ ସହିତ ତାଳଦେଇ ନିରନ୍ତର ଅତ୍ୟାଧୁନିକ ଜୀବନଶୈଳୀକୁ ପ୍ରାଧାନ୍ୟ ଦେଇ ଜୀବନ ଜିଅନ୍ତି। ପରିଣାମ ସ୍ୱରୂପ ବରିଷ୍ଠମାନଙ୍କର ଜୀବନ ବ୍ୟାପୀ କଷ୍ଟଲବ୍ଧ ନିବେଶ ବୃଥା ହୋଇଯାଏ।

ସମାଜର ଏହି ବରିଷ୍ଠ ବର୍ଗ ସରଳ ଜୀବନ ଯାପନ ସହିତ ନ୍ୟୂନତମ ଚଳଣିରେ ଚଳୁଥିବା ବେଳେ ଯୁବପିଢ଼ି ଖର୍ଚ୍ଚବହୁଳ ବର୍ଣ୍ଣାଢ଼୍ୟ ଜୀବନଶୈଳୀକୁ ଆପଣେଇବା ସହିତ ନିଜର ବଳକା ଅର୍ଥକୁ ପାରମ୍ପରିକ ଢଙ୍ଗରେ ବିନିଯୋଗ ନ କରି ସ୍ୱଳ୍ପ ସମୟରେ ଅଧିକ ଅର୍ଥ ଫେରିବାର ମାନସିକତା ରଖିଥାନ୍ତି। ଉଦାହରଣ ସ୍ୱରୂପ ଷ୍ଟକ ମାର୍କେଟ, ମ୍ୟୁଚୁଆଲ ଫଣ୍ଡ, ଇନକମ ପ୍ଲାନ୍ସ ଏବଂ କ୍ରିପ୍ଟୋ କରେନ୍ସି ଭଳି ସଂସ୍ଥାରେ ଅର୍ଥ ବିନିଯୋଗ କରିଥାନ୍ତି। ସେମାନେ ବରିଷ୍ଠମାନଙ୍କ ଭଳି ପାରମ୍ପରିକ ଭାବପ୍ରବଣତା ବା ସ୍ମୃତି ବିଜଡ଼ିତ ନ'ହୋଇ ତ୍ୱରିତ୍ ଲାଭର ଆଶା ରଖିଥାନ୍ତି। ବରିଷ୍ଠମାନଙ୍କର ଚିତ୍ତବିନୋଦନ କ୍ଷେତ୍ରରେ ସର୍ବଦା ଖର୍ଚ୍ଚକାଟ ମନୋବୃତ୍ତିର ଭାବନା ଆଦର୍ଶ ଲାଗୁଥାଇପାରେ, କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ମାନସିକତା ଯୋଗୁ ଜୀବନର ସୁବର୍ଣ୍ଣ ସମୟ ହାତଛଡ଼ା ହୋଇଯାଇଛି ବୋଲି ପସ୍ତେଇବାକୁ ମଧ୍ୟ ପଡ଼ିପାରେ। ତେଣୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ବଦଳୁଥିବା ଯୁବପିଢ଼ିଙ୍କ ପସନ୍ଦକୁ ପ୍ରାଥମିକତା ଦେଇ ବରିଷ୍ଠମାନେ ଜୀବନକାଳକୁ ଭରପୂର ଖୁସିରେ ବିତେଇବା କଥା। ଅବଶ୍ୟ ଏବେ ବରିଷ୍ଠମାନଙ୍କ ମାନସିକତାରେ ପରିବର୍ତ୍ତନ ଆସିବାର ଲକ୍ଷଣ ଅନୁଭବ ହୁଏ। କଷ୍ଟମୟ ଜୀବନଚକ୍ରର ବୃହ୍ୟ ମଧ୍ୟରୁ ମୁକ୍ତହୋଇ ସୁନ୍ଦର ସୁରକ୍ଷିତ ଚାପମୁକ୍ତ ଜୀବନଶୈଳୀକୁ ପ୍ରାଥମିକତା ଦେବାର ଘଟଣା ନଜରରେ ପଡ଼େ। କଥାରେ ଅଛି-''ପୁଅ ଯଦି ଯୋଗ୍ୟ ଧନ କାହିଁ ପାଇଁ ସଞ୍ଚୁ, ପୁଅ ଯଦି ଅଯୋଗ୍ୟ ଧନ କାହିଁ ପାଇଁ ସଞ୍ଚୁ''। ତେଣୁ ହେ ମାନନୀୟ ବରିଷ୍ଠ ସମୂହ! ବର୍ତ୍ତମାନକୁ ଉପଭୋଗ କରନ୍ତୁ। ଏଇ ଦୁର୍ଲଭ ଜୀବନଟିର ଶେଷ ଠିକଣା ହେଉଛି ମଶାଣି ଭୂଇଁ। ଖୋଲା ହାତରେ ଜୀବନ ନିର୍ବାହ କରନ୍ତୁ। ଅଧିକ ଅର୍ଥ ସଞ୍ଚୟ କରିବାର ଲାଳସାରୁ ନିବୃତ୍ତ ରହି ସରି ଆସୁଥିବା ଜୀବନକୁ ଭରପୂର ଉପଭୋଗ କରନ୍ତୁ।

**କାମାକ୍ଷାନଗର
ମୋ: ୬୩୭୨୪୫୯୯୬୦**

## ଏଇ ଭାରତରେ

ସ୍ୱାମୀ ଓ ସ୍ତ୍ରୀଙ୍କ ବୟସ ଏବେ ୭୯। ଏହି ବୟସରେ ସେମାନେ ପଶ୍ଚିମବଙ୍ଗ ସୁନ୍ଦରବନର ଦୁର୍ଗମ ଅଞ୍ଚଳରେ ଲୋକମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ମହମ୍ମଦ ଅବ୍‌ଦୁଲ ଓ୍ୱାହାବ ଓ ତାଙ୍କ ସ୍ତ୍ରୀ ସାବିତ୍ରୀ ପାଲ ୧୯୮୦ରେ ସଦର୍ନ ହେଲ୍‌ଥ ଇମ୍ପ୍ରୁଭ୍‌ମେଣ୍ଟ ସମିତି (ଏସ୍‌ଏଚ୍‌ଆଇଏସ୍) ସଂସ୍ଥା ଗଠନ କରି ଏହା ସାହାଯ୍ୟରେ ୪୩ ବର୍ଷ ହେଲା ସେମାନେ ଏହି ସେବା ଅଭିଯାନ ଚଳାଇଛନ୍ତି। ମହମ୍ମଦ ଜଣେ ଆଇନଜୀବୀ ଓ ସାବିତ୍ରୀ ଜଣେ ଶିକ୍ଷକ ଥିଲେ। ସେମାନେ ନିଜ ପେସାକୁ ଛାଡ଼ି ଏହି କାର୍ଯ୍ୟରେ ଲାଗିଛନ୍ତି। ସୁନ୍ଦର ବନରେ ଥିବା ଛୋଟବଡ଼ ୩୦ଟି ଟାପୁରେ ବୋଟ କ୍ଲିନିକ ଦ୍ୱାରା ଏହା କରୁଛନ୍ତି। ପ୍ରତ୍ୟେକ କ୍ଲିନିକ୍‌ରେ ଡାକ୍ତର, ନର୍ସ, ଜଣେ ଏକ୍ସ-ରେ ଟେକ୍‌ନିସିଆନ, ଜଣେ ଲାବୋରେଟାରି ଟେକ୍‌ନିସିଆନ ଓ ଜଣେ ଫାର୍ମାସିଷ୍ଟ ରହିଛନ୍ତି। ଏହି କ୍ଲିନିକ୍‌ରେ ଦୁଇଟି ମେଡିକାଲ ବେଡ୍, ମୋବାଇଲ ଏକ୍ସ-ରେ, ପାଥୋଲୋଜିକାଲ ୟୁନିଟ, ମେଡିକାଲ ଷ୍ଟୋର୍ ରୁମ୍ ଏବଂ ଏକ ଅକ୍ସିଜେନ ସିଲିଣ୍ଡର ରଖାଯାଇଛି। ଏହିଭଳି ୪ଟି ବୋଟ କ୍ଲିନିକ ରହିଛି। ମୁଖ୍ୟତଃ ଯକ୍ଷ୍ମାରୋଗ ଚିହ୍ନଟ ଲାଗି ଏହା ଅଧିକ ଗୁରୁତ୍ୱ ଦେଉଛି। ମାସକୁ ପ୍ରାୟ ୩୫ ହଜାର ରୋଗୀଙ୍କର ଚିକିତ୍ସା କରାଯାଇପାରୁଛି। ଏଥିରେ ନିଯୁକ୍ତ ସମସ୍ତ କର୍ମଚାରୀଙ୍କୁ ମଧ୍ୟ ଏହି ଦମ୍ପତି ଦରମା ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୦ ମେ ୧୯୭୫**

- ବିହାରରେ ସାହେବଗଞ୍ଜଗାମୀ ଏକ ଘରୋଇ ବସ ୨୮ ନମ୍ବର ଜାତୀୟ ରାଜପଥ ଉପରୁ ୨୦ ଫୁଟ ତଳ ଏକ ପୋଖରୀ ମଧ୍ୟକୁ ଖସିପଡ଼ିବା ଫଳରେ ୧୨ ଜଣ ଯାତ୍ରୀଙ୍କ ମୃତ୍ୟୁ।
- ଶ୍ରୀମତୀ ମାୟା ରାୟ, ଏମ୍‌ପିଙ୍କୁ ରେଶମ ବୋର୍ଡର ଉପାଧକ୍ଷ୍ୟା ଭାବେ ନିଯୁକ୍ତି ପ୍ରଦାନ।
- ସୁପ୍ରିମ୍‌କୋର୍ଟ ଓ ହାଇକୋର୍ଟ ବିଚାରପତିଙ୍କ ଚାକିରି ସର୍ତ୍ତାବଳୀ ବିଲ୍ ଲୋକସଭାରେ ଆଗତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | 9 | | | | 3 | | | 2 |
| 2 | | 1 | | | | | | |
| | 8 | | | | | 1 | 6 | |
| | | | 1 | | | 5 | | 4 |
| | | | | | | | 7 | |
| 6 | | 7 | | | | | | |
| 1 | | 8 | 2 | | | | 5 | |
| | | | | 6 | 8 | 9 | 1 | |
| | 3 | | | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 8 | 1 | 5 | 6 | 9 | 2 | 4 |
| 6 | 1 | 9 | 2 | 8 | 4 | 5 | 7 | 3 |
| 5 | 4 | 2 | 3 | 9 | 7 | 8 | 1 | 6 |
| 1 | 5 | 3 | 4 | 7 | 2 | 6 | 8 | 9 |
| 2 | 8 | 4 | 6 | 3 | 9 | 7 | 5 | 1 |
| 7 | 9 | 6 | 8 | 1 | 5 | 4 | 3 | 2 |
| 4 | 2 | 1 | 5 | 6 | 8 | 3 | 9 | 7 |
| 9 | 6 | 5 | 7 | 2 | 3 | 1 | 4 | 8 |
| 8 | 3 | 7 | 9 | 4 | 1 | 2 | 6 | 5 |

ଗତକାଲିର ଉତ୍ତର

# ମାଙ୍କଡ଼ଚିତ୍ ନେତା, ହତବାକ ଜନତା



ଡ. ମାନସ ରଞ୍ଜନ ରଥ

ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ସମଗ୍ର ବିଶ୍ୱରେ ନିଜର ସ୍ୱାତନ୍ତ୍ର୍ୟ ସ୍ଥାପନ କରିଛି। ରାମ ରାଜ୍ୟର ପରିକଳ୍ପନା ତଥା ସାମ୍ୟବାଦର ପ୍ରତିଷ୍ଠା ପାଇଁ ରାଜତନ୍ତ୍ରର ବିଲୋପ ଘଟିଥିଲା। ତା' ବଦଳରେ ପ୍ରଜାଙ୍କ ଦ୍ୱାରା, ପ୍ରଜାଙ୍କ ପାଇଁ ଓ ପ୍ରଜାମାନଙ୍କର ଶାସନ ବ୍ୟବସ୍ଥାର ପ୍ରଚଳନ କରାଯାଇଥିଲା। ଏହି ବ୍ୟବସ୍ଥାକୁ ସବୁଠାରୁ ଉତ୍ତମ ବ୍ୟବସ୍ଥା କହିଲେ ଅତ୍ୟୁକ୍ତି ହେବନାହିଁ। ଗଣ ଅର୍ଥାତ୍ ଜନତା ହିଁ ଏହି ବ୍ୟବସ୍ଥାର ମେରୁଦଣ୍ଡ।

ଗଣତନ୍ତ୍ର ସବୁଠାରୁ ଶ୍ରେଷ୍ଠ ବ୍ୟବସ୍ଥା। କାରଣ ଏଥିରେ ଗଣ ବା ଜନତା ମୁଖ୍ୟ। ପ୍ରତି ପାଞ୍ଚ ବର୍ଷରେ ଗଣ ପ୍ରତିନିଧି ମନୋନୟନ କରିବାର ସୁଯୋଗ ପାଇଥାଏ। କେବଳ ସେତିକି କହିଲେ ହେବନାହିଁ, ସେ ନିଜେ ମଧ୍ୟ ନିର୍ବାଚନରେ ଭାଗ ନେଇଥାଏ। ମୋଟାମୋଟି ଭାବରେ କହିବାକୁ ଗଲେ ଗଣ ଭୋଟ ଦିଏ, ଭୋଟରେ ଛିଡା ହୁଏ ଓ ମନକୁ ନ ପାଇଲେ ପାଞ୍ଚ ବର୍ଷ ପରେ ଶାସକକୁ ଶାସିତରେ ପରିଣତ ମଧ୍ୟ କରିପାରେ। ସବୁ ତ ଶୁଣିବାକୁ ଭଲ ଲାଗୁଛି, ହେଲେ କ'ଣ ଅସୁବିଧା ରହିଲା ଯେ ଚାଷୀ ଆତ୍ମହତ୍ୟା, ବେକାରି ସମସ୍ୟା, ନାରୀ ନିର୍ଯାତନା ଓ ଅନାହାର ମୃତ୍ୟୁ ପରି ଖବର ଖବରକାଗଜର ପୃଷ୍ଠା ମଣ୍ଡନ କରୁଛି ? ପ୍ରକୃତ କଥା ଲୁଚି ରହିଛି ସାତତାଳ ପଙ୍କ ଭିତରେ, ଯାହାକୁ ଦେଖିବାକୁ ତଥା ଅନୁଭବ କରିବାକୁ ପ୍ରକୃତ ଶିକ୍ଷାର ଆବଶ୍ୟକତା ରହିଛି। ସେହି ଶିକ୍ଷା ହେଉଛି ବ୍ୟବହାରିକ ଶିକ୍ଷା। ଏହାର ଅଭାବ ମନୁଷ୍ୟକୁ ଧ୍ୱଂସ ଦିଗକୁ ଟାଣି ନେଉଛି। ଉଦାହରଣ ଦ୍ୱାରା କଥାଟା ଟିକେ ସ୍ପଷ୍ଟ ହୋଇପାରିବ। ମେଣ୍ଢା ପଲ ଭିତରେ ଗଧିଆ ପଶି ମେଣ୍ଢାକୁ ଖାଇଲେ ଦୋଷୀ କିଏ ? ଅଧିକାଂଶଙ୍କ ଉତ୍ତର ନିଶ୍ଚିତ ଗଧିଆ। କହିବାର ମାନେ ସମସ୍ତେ ଭାବନ୍ତି ଗଧିଆ ହିଂସ୍ର ଜୀବ, ତେଣୁ ସେ ଦୋଷୀ। କିନ୍ତୁ ଗଧିଆର ସଂଖ୍ୟା ଏକ ଥିଲାବେଳେ ମେଣ୍ଢାର ସଂଖ୍ୟା ଅନେକ। ସବୁ ମେଣ୍ଢା ମିଶି ଏକାଠି ଆକ୍ରମଣ କରିଥିଲେ ହୁଏତ ଗଧିଆର ମୃତ୍ୟୁ ହୋଇଥାନ୍ତା ଅଥବା ପ୍ରାଣ ବିକଳରେ ଗଧିଆ ପଳାୟନ କରିଥାନ୍ତା। ଏମିତି ତ କିଛି ହେଲାନାହିଁ। କାରଣ ଆପେ ବଞ୍ଚିଲେ ତ ବାପର ନାଁ ନ୍ୟାୟରେ ଅନ୍ୟ ମେଣ୍ଢାମାନେ ଚୁପ ରହି ଭାବିଲେ, ଗଧିଆ ତ ତାକୁ ଖାଉଛି ଆମର କ'ଣ ଅସୁବିଧା। କିନ୍ତୁ ବୁଝିପାରିଲେନି ଗଧିଆର ପରବର୍ତ୍ତୀ ଶିକାର ସେଇମାନେ ହେବେ ବୋଲି। ଅଧୁନା ଗଣତନ୍ତ୍ରର ଅବସ୍ଥା ମଧ୍ୟ ଅବିକଳ ମେଣ୍ଢା ଓ ଗଧିଆ ପରି କହିଲେ ଅତ୍ୟୁକ୍ତି ହେବ ନାହିଁ।

ପ୍ରତି ପାଞ୍ଚ ବର୍ଷରେ ଗଣପର୍ବ ଆରମ୍ଭ ହୋଇଥାଏ। ପାଇକଛା ମାରି ବିଭିନ୍ନ ଦଳର ନେତାମାନେ ନିଜର ଚିହ୍ନକୁ ଧରି ବୀରଦର୍ପରେ ପ୍ରଚାର କରନ୍ତି। ଏଇ ସମୟରେ ମନେପଡେ ଚାଷୀ ଆତ୍ମହତ୍ୟା, ବେକାରି ସମସ୍ୟା, ନାରୀ ନିର୍ଯାତନା ଓ ଅନାହାର ମୃତ୍ୟୁ ପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସାଙ୍ଗକୁ ଉନ୍ନତିର ଦୃଢ ପ୍ରତିଶ୍ରୁତି। ଟିଭି ପରଦାରେ ଭାସିଉଠେ ଅମୁକ ନେତାଙ୍କ ସମୁକ ଗାଁରେ ଛୋଟ ପିଲାର ସିଙ୍ଘାଣି ପୋଛୁଥିବାର ଦୃଶ୍ୟ, କୌଣସି ଗାଁଦାଣ୍ଡକୁ ମୁହଁରେ ପଟି ବାନ୍ଧି ଝାଡୁ କରୁଥିବାର ଦୃଶ୍ୟ ପରି ଅନେକ କଥା। ନିରୀହ ଜନତା ପେଟପାଟଣାର ଜୀବନ ଯନ୍ତ୍ରଣାରେ ଛନ୍ଦି ହୋଇ ଏସବୁ ଦେଖି କିଛି ବୁଝିପାରେ ନାହିଁ କିମ୍ବା ବୁଝିବାକୁ ଚେଷ୍ଟା ମଧ୍ୟ କରେ ନାହିଁ। କାହିଁକି ବା ବୁଝିବ ସେ ? ସ୍ୱାଧୀନତା ପ୍ରାପ୍ତି ପରଠାରୁ ସବୁ ନିର୍ବାଚନରେ ମିଳୁଥିବା ପ୍ରତିଶ୍ରୁତି ସବୁ ପାଣିର



ଗାର ସଦୃଶ ତାକୁ ପ୍ରତୀତ ହୋଇଛି। ଅବଶ୍ୟ କିଛି ଘର ଛାତ ପଡିଛି, ଘରକୁ ପାଣି ଆସିଛି , ବିଜୁଳିର ସଂଯୋଗ ହୋଇଛି କିଛି ଲାଞ୍ଚ ସହାୟତାରେ। ଗଣ ବୁଝିଛି ଭୋଟ ବେଳେ ନିଜେ ନେଇଥିବା ନୋଟ୍‌ର ଏହି ଲାଞ୍ଚ ହେଉଛି କଳନ୍ତର ସୁଧ। ପାଞ୍ଚ ବର୍ଷ ପରେ ସେ କାହାକୁ ବଦଳେଇବ। ସବୁ ତ ଗୋଟିଏ ଲାଉର ମଞ୍ଜି। ନେତା ପରେ ତାଙ୍କ ପୁଅ, ବୋହୂ ବା ସମ୍ପର୍କୀୟଙ୍କୁ ନେତା ହେବାର ସୁଯୋଗ ମିଳିଥାଏ, ଠିକ୍ ରାଜତନ୍ତ୍ର ପରି। ଏଠି ଯୋଜନାର ନାମ ସିନା ବିକାଶ ବୋଲି କୁହାଯାଏ, କିନ୍ତୁ ଫଳ ଓଲଟା। ଏଇ ଦେଖୁନାହାନ୍ତି ସମାଜ ଆଡକୁ ଜଳ ସଙ୍କଟ ମାଡି ଆସୁଛି ଏକ ମହାମାରୀ ପରି। ତାକୁ ରୋକିବାକୁ ଅନେକ ବିଜ୍ଞାପନ ଓ ଅନେକ ଯୋଜନା। କିନ୍ତୁ ସେଇ ଯୋଜନା ଭିତରୁ ଗୋଟିଏ ଯୋଜନା ହେଉଛି ବସୁଧା ଯୋଜନା। ଯେଉଁଥିରେ ସବୁଆଡେ ଜଳ ଯୋଗାଣ ହେଉଛି। ଅଧିକାଂଶ ଜାଗାରେ ଟ୍ୟାପ ଭାଙ୍ଗି ପାଣି ବୋହିଗଲେ ମଧ୍ୟ କାହାର ନିଘା ନାହିଁ ସେ ଦିଗକୁ। କେବଳ ସେତିକି ନୁହେଁ ଲୋକେ ସେଥିରୁ ମଟର ଲଗାଇ ନିଜ ବଗିଚାରେ ମଧ୍ୟ ଜଳସେଚନ ବ୍ୟବସ୍ଥା କରୁଛନ୍ତି। ଏହିପାଇଁ ଦାୟୀ ଯିଏ ବା ହେଉ ଜଳ ସଙ୍କଟ ତ ନିଶ୍ଚିତ ମାଡି ଆସିବ ଏଥିରେ ସନ୍ଦେହ ନାହିଁ। ଗଣତନ୍ତ୍ର ବ୍ୟବସ୍ଥାରେ ନିର୍ବାଚିତ ନେତାଙ୍କ ମହତ ଲକ୍ଷ୍ୟ କ'ଣ ସମାଜ ପ୍ରତି ସଙ୍କଟ। ଏମିତି ଅନେକ ସମସ୍ୟା ଅଛି, ବର୍ଣ୍ଣନାରେ ହୁଏତ ମୂଳ କଥାରୁ ବିଚ୍ୟୁତି ହୋଇଗଲାଣି।

ଗଣତନ୍ତ୍ର ବ୍ୟବସ୍ଥାରେ ସାଧାରଣ ଜନତା ନିଜେ ସଚେତନ ହୋଇପାରିଲେ କିଛି ପରିବର୍ତ୍ତନ ହୋଇପାରିବ ବୋଲି ଆଶା । କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ କିଛି ପରିବର୍ତ୍ତନ ଏକ ପ୍ରଶ୍ନବାଚୀ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଅଧୁନା ଭୋଟ ଓ ନୋଟର ଶାସନ ବ୍ୟବସ୍ଥା ଚାଲିଛି। ଶିକ୍ଷିତ ବ୍ୟକ୍ତିବିଶେଷ ଭୋଟକୁ ବର୍ଜନ କରିବା ସ୍ଥଳେ କିଛି ନୋଟାକୁ ନିଜର ଅସ୍ତ୍ର ବୋଲି ଭାବୁଛନ୍ତି। ଏହା ଦ୍ୱାରା ଗଣତନ୍ତ୍ର ବଞ୍ଚିବ ବା ରାଜତନ୍ତ୍ର ସୃଷ୍ଟି ହେବ, ତାହା କହିବା ବାହୁଲ୍ୟ। ମାଙ୍କଡ ବିଲେଇ ପିଠା ଭାଗ ଚାଲିଛି। ତରାଜୁର ଯେଉଁ ପାଖ ଅଧିକ ହେଉଛି ସେଥିରୁ ମାଙ୍କଡ କିଛି ଖାଇଦେଇ ସମାନ କରୁ କରୁ ତରାଜୁର ଦୁଇ ପାଖ ଖାଲି ହୋଇଯାଉଛି। ବିଚରା ବିଲେଇ ଓଠ ଚାଟୁଛି। ଠିକ୍ ସେମିତି ଅବସ୍ଥା ନେତା ଓ ଜନତାଙ୍କର। ନେତାଙ୍କର ସମ୍ପତ୍ତି ବୃଦ୍ଧି ହୋଇ ଭିଜିଲାନ୍ସ ଦ୍ୱାରା ଧରା ହେବାର ଖବର ସଙ୍ଗେ ଚାଷୀ ଆତ୍ମହତ୍ୟା, ବେକାରି ସମସ୍ୟା ଓ ଅନାହାର ମୃତ୍ୟୁ ପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ମଧ୍ୟ ଗଣମାଧ୍ୟମରେ ପ୍ରକାଶ ପାଉଛି। ନେତା ମଧ୍ୟ କମ୍ ନୁହନ୍ତି। ତରାଜୁ ନ ଧରି ପାରିଲେ ମାଙ୍କଡଚିତ ମାରି ଦଳ ପରିବର୍ତ୍ତନ କରି ଦେଉଛନ୍ତି। ବିଚରା ସାଧାରଣ ଜନତା କିଛି ବୁଝି ନ ପାରି ଖାଲି ଓଠ ଚାଟୁଛି। କ'ଣ କଲେ ଗଣତନ୍ତ୍ରର ପ୍ରକୃତ ସ୍ଥାପନା ହୋଇପାରିବ, ତାହା ବର୍ତ୍ତମାନ ଚିନ୍ତାର ବିଷୟ। ଖାଲି ଜନତା ସଚେତନ ହେଲେ ପରିବର୍ତ୍ତନ ଅସମ୍ଭବ। ନେତା ହେବା ପାଇଁ ମଧ୍ୟ ମାନଦଣ୍ଡ ସ୍ଥିରୀକୃତ ହେବାର ଆବଶ୍ୟକତା ଅଛି, ଠିକ୍ ଯେମିତି ଚାକିରି ପାଇବା ପାଇଁ ପ୍ରବେଶିକା ପରୀକ୍ଷା ସହିତ ସାକ୍ଷାତକାର କରିବାର ଆବଶ୍ୟକତା ରହିଛି। ଏହି ସାକ୍ଷାତକାର ପାଇଁ ଜନତାମାନଙ୍କୁ ପ୍ରଶ୍ନକର୍ତ୍ତା ଭାବେ ନିୟୋଜିତ କଲେ, ହୁଏତ କିଛି ପରିବର୍ତ୍ତନ ହୋଇପାରିବ ବୋଲି ମୁଁ ଭାବୁଛି। ନଚେତ୍ କିଛି ହେବନି। ଗଣତନ୍ତ୍ର ନାଁରେ ରାଜତନ୍ତ୍ର ପରି ସ୍ୱେଚ୍ଛାଚାରୀ ଶାସନ ଚାଲିବ। ଏପରି ଅବସ୍ଥାକୁ ମାଙ୍କଡଚିତ ନେତା, ହତବାକ ଜନତା କହିଲେ ଅତ୍ୟୁକ୍ତି ହେବ ନାହିଁ।

**(ଅଧ୍ୟାପକ) ସରକାରୀ ଉଚ୍ଚ ମାଧ୍ୟମିକ
ବିଦ୍ୟାଳୟ, ଲାଞ୍ଜିଗଡ଼, କଳାହାଣ୍ଡି
ମୋ:୯୦୪୦୧୦୦୨୭୯**

## ପାଠକ ଶ୍ରେଷ୍ଠ ବିଚାରକ

### କେନାଲଗୁଡ଼ିକର ପୁନରୁଦ୍ଧାର କରାଯାଉ

ମହାଶୟ,

ନଦୀବନ୍ଧଗୁଡ଼ିକ ଜରିଆରେ ବନ୍ୟାକୁ ରୋକିବା ସହିତ ନଦୀମାନଙ୍କର ଉଦ୍‌ବୃତ୍ତ ଜଳକୁ ଅଟକାଇ ତାହା କେନାଲ ଜରିଆରେ ଚାଷ ଜମିକୁ ଜଳସେଚନ ପାଇଁ ଯୋଗାଇ ଦିଆଯାଉଥିଲା। ଏହା କେବଳ କୃଷି କ୍ଷେତ୍ରର ଉନ୍ନତି ପାଇଁ ସାହାଯ୍ୟ କରୁ ନଥିଲା ବରଂ ଲୋକମାନଙ୍କର ଦୈନନ୍ଦିନ ଜଳ ଆବଶ୍ୟକତା, ପଶୁପାଳନ ତଥା ବିଭିନ୍ନ ବୁଲା ପଶୁ ଏବଂ ପକ୍ଷୀମାନଙ୍କ ପାଇଁ ବରଦାନ ଭଳି କାମ କରୁଥିଲା। ବର୍ତ୍ତମାନ ସହରାଞ୍ଚଳଗୁଡ଼ିକ ଦେଇ ଯାଇଥିବା କେନାଲଗୁଡ଼ିକ ଅନେକାଂଶରେ ଜବରଦଖଲ କିମ୍ବା ପୋତି ହୋଇ ପଡ଼ିଲାଣି। ଫଳରେ କେନାଲ ତଳମୁଣ୍ଡରେ ବସବାସ କରୁଥିବା ଲୋକମାନେ ଜଳ ଟୋପାଏ ପାଇଁ ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ କେତେକ ସ୍ଥାନରେ କେନାଲଗୁଡ଼ିକୁ ଡ୍ରେନେଜ ଭାବେ ବ୍ୟବହାର କରାଯିବା ହେତୁ ତାହା ଲୋକମାନଙ୍କ ପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ତେଣୁ ସରକାର ସମସ୍ତ କେନାଲ କେମିତି କାର୍ଯ୍ୟକ୍ଷମ ହୋଇ ପୁଣି ଲୋକମାନଙ୍କ ସେବାରେ ଲାଗିପାରିବ ସେ ଦିଗରେ ଉପଯୁକ୍ତ ପଦକ୍ଷେପ ନେବାର ସମୟ ଉପଗତ।

**-ଡ. ସୀତାକାନ୍ତ ତ୍ରିପାଠୀ, ଅର୍ଣ୍ଣପାଳ, ଭଦ୍ରକ**

## ଚିରନ୍ତନୀ

ମୋଚନ କର ବିରହ-ଶାପ
ବନ୍ଧନ ହେ ବନ୍ଧନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ!

-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


ଚନ୍ଦନ ଯାତ୍ରାରେ ନରେନ୍ଦ୍ର ପୁଷ୍କରିଣୀରେ ଚାପଖେଳ ପାଇଁ ନନ୍ଦା ଓ ଭଦ୍ରା ଡଙ୍ଗାକୁ ସଜ୍ଜିତ କରାଯାଉଛି।


ଚାପଡଙ୍ଗାରେ ବସିବା ପାଇଁ ମହାପ୍ରଭୁଙ୍କ ରୁପା ସିଂହାସନକୁ ବୋଝିଆ ସେବକମାନେ ଚନ୍ଦନ ଚକଡ଼ାକୁ ନେଉଛନ୍ତି।

# ଆଜିଠୁ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା

■ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳିବେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା

■ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ହେବ ରଥକାଠ ଅନୁକୂଳ

ପୁରୀ, ୯।୫(ଅଜିତ୍ କୁମାର ମହାନ୍ତି)

ବୈଶାଖ ଶୁକ୍ଳପକ୍ଷ ତୃତୀୟା ବା ଅକ୍ଷୟ ତୃତୀୟା ଶୁକ୍ରବାରଠାରୁ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଆରମ୍ଭ ହେବ। ସେହିପରି ପବିତ୍ର ଅକ୍ଷୟତୃତୀୟାରେ ରଥକାଠ ଅନୁକୂଳ କରାଯିବ। ଏଥିପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ୩ଟି ୧୨ଫୁଟିଆ ଧଉରା କାଠକୁ ପ୍ରଶାସନ ପକ୍ଷରୁ ବ୍ୟାରିକେଡ୍ ପରିସରରେ ରଖାଯାଇଛି। ଶ୍ରୀନଅର ସମ୍ମୁଖରେ ରଥଖଳା ନିର୍ମାଣ ସରିଥିବାବେଳେ ତାହାକୁ ଧଳାକନାରେ ଘେରାଉ କରାଯାଇଛି। ଶ୍ରୀମନ୍ଦିରରେ ଅକ୍ଷୟ ତୃତୀୟା ନୀତି ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଅନ୍ୟପଟେ ନରେନ୍ଦ୍ର ପୁଷ୍କରିଣୀରେ ଚାପଖେଳ ପାଇଁ ନନ୍ଦା, ଭଦ୍ରା ଡଙ୍ଗାର ନିର୍ମାଣ କାର୍ଯ୍ୟ ସରିଛି। ଶ୍ରୀକ୍ଷେତ୍ରର ଘରେ ଘରେ ଘଡ଼ିପଥୁଲି ପୂଜା ହେବ। ତେଣୁ ପୁରୀ ସହର ଉତ୍ସବମୁଖର ହୋଇଉଠିଛି।

ମହାପ୍ରଭୁଙ୍କ ପ୍ରମୁଖ ଦ୍ୱାଦଶ ଯାତ୍ରା ମଧ୍ୟରୁ ଚନ୍ଦନଯାତ୍ରା ଅନ୍ୟତମ। ବାହାର ଚନ୍ଦନଯାତ୍ରା ଓ ଭିତର ଚନ୍ଦନ ପାଳନ କରାଯାଇଥାଏ। ବାହାର ଚନ୍ଦନଯାତ୍ରା ୨୧ଦିନ ବ୍ୟାପୀ ନରେନ୍ଦ୍ର ପୁଷ୍କରିଣୀରେ ଅନୁଷ୍ଠିତ ହୋଇଥାଏ। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ ହୋଇ ନନ୍ଦା ଓ ଭଦ୍ରା ଚାପଡଙ୍ଗାରେ ନୌକାବିହାର କରିଥାନ୍ତି। ଶୁକ୍ରବାର ଅକ୍ଷୟତୃତୀୟା ଥିବାରୁ ଗୁରୁବାର ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶ୍ରୀମନ୍ଦିରରେ ଚନ୍ଦନ ଅଧିବାସ କରାଯାଇଛି। ଚନ୍ଦନ କାଠ, କର୍ପୂର, କେଶର, ଜାଇଫଳ, ଗୁଆ ଆଦି ସୁଗନ୍ଧିତ ଦ୍ରବ୍ୟକୁ ମିଶାଇ ଘଟୁଆରୀ ସେବାୟତମାନେ ଲେପ ପ୍ରସ୍ତୁତ କରି ଚନ୍ଦନ ଘରେ ରଖିଥିଲେ। ମହାପ୍ରଭୁଙ୍କ ସନ୍ଧ୍ୟା ଧୂପ ସମ୍ପନ୍ନ ହୋଇ ଭୋଗମଣ୍ଡପ ପରେ ଧୋ-ପଖାଳ କରାଯାଇ ଉକ୍ତ ଚନ୍ଦନ ଲେପକୁ ରଖାଯାଇଥିଲା। ପରେ ପୂଜାପଣ୍ଡା ସେବକଙ୍କ ଦ୍ୱାରା ଚନ୍ଦନ ଅଧିବାସ ହୋଇଥିଲା।

ଅକ୍ଷୟ ତୃତୀୟାରେ ସକାଳ ଧୂପ ପରେ ତିନିବାଡ଼ରେ ମହାସ୍ନାନ ପରେ ଗୁରୁବାର ରାତିରୁ ଭୋଗମଣ୍ଡପ ଘରେ ଅଧିବାସ ହୋଇ ରହିଥିବା ଚନ୍ଦନ ପିଙ୍ଗଣଙ୍କୁ ମୁଦିରସ୍ତ, ପୂଜାପଣ୍ଡା, ପତିମହାପାତ୍ର ଏବଂ ତିନିଜଣ ପୁଷ୍ପାଳକ ସେବକ ପ୍ରଥମେ ଶ୍ରୀମନ୍ଦିର ଭିତରବେଢ଼ା ଓ ପରେ ରତ୍ନସିଂହାସନରେ ତିନିଘେରା ପରିକ୍ରମା କରାଇବେ। ଭୋଗ ହେବା ପରେ ଅଳକା, ଚଉସରା, ଛଅ ମୂର୍ତ୍ତି ଅଳଙ୍କାରଲାଗି ହୋଇ ବେଶ ଅନୁଷ୍ଠିତ ହେବ। ଅନ୍ୟାନ୍ୟ ନୀତି ପରେ ମୁଦିରସ୍ତ, ପୂଜାପଣ୍ଡା ଏବଂ ପତିମହାପାତ୍ର ଏବଂ ତିନିଜଣ ପାଳିଆ ପୁଷ୍ପାଳକ ସିଂହାସନ ଉପରକୁ ଉଠି ଶ୍ରୀବିଗ୍ରହଙ୍କ ସର୍ବାଙ୍ଗ ନୀତି ସମ୍ପନ୍ନ କରିବେ। ପରେ ମୁଦିରସ୍ତ ପ୍ରସାଦ ଲାଗି ଅନୁଷ୍ଠିତ ହେବ। ମଧ୍ୟାହ୍ନ ଧୂପ ସରି ପାଣି ପଡ଼ି ବନ୍ଦାପନା ହେବ। ତିନିଜଣ ପୂଜାପଣ୍ଡା ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗଲାଗି ଆଜ୍ଞାମାଳ ଆଣି ଶ୍ରୀରାମ କୃଷ୍ଣ, ଶ୍ରୀମଦନମୋହନ, ଶ୍ରୀଦେବୀ ଏବଂ ଭୂଦେବୀଙ୍କୁ ପ୍ରଦାନ କରିବେ। ମହାଜନ ସେବକଙ୍କ ହସ୍ତରେ ଶ୍ରୀରାମକୃଷ୍ଣ ପାଲିଙ୍କିକୁ ବିଜେ କରିଥିବାବେଳେ ଶ୍ରୀମଦନମୋହନ, ଶ୍ରୀଦେବୀ ଏବଂ ଭୂଦେବୀ ମଣିବିମାନକୁ ବିଜେ କରିବେ। ପରେ ଘଣ୍ଟ, ଛତା, କାହାଳୀ ଏବଂ ସେବାୟତଙ୍କ ଗହଣରେ ବିମାନବଡୁ ସେବାୟତମାନେ ଠାକୁରଙ୍କୁ ଚନ୍ଦନଯାତ୍ରା ନିମନ୍ତେ ବିଜେ କରିବେ। ଅପରପକ୍ଷେ ତିନିଜଣ ପୂଜାପଣ୍ଡା ରଥକାର୍ଯ୍ୟ ଅନୁକୂଳ ପାଇଁ ଶ୍ରୀବିଗ୍ରହଙ୍କ ଠାରୁ ୩ଟି ଆଜ୍ଞାମାଳ ଆଣି ଠାକୁରଙ୍କ ଆଗେ ଆଗେ ରଥଖଳା ନିକଟକୁ ଯିବେ। ଏହାପୂର୍ବରୁ ରଥ ନିର୍ମାଣ ନିମନ୍ତେ ଦୁଇଜଣ ଦେଉଳ ପୁରୋହିତ ଓ ସୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ବନଯୋଗ ପଦ୍ଧତିରେ ରଥଖଳା ନିକଟରେ ହୋମ କରାଯିବ। ଶ୍ରୀନହର ସମ୍ମୁଖ ରଥଖଳା ଆଗରେ ୩ଖଣ୍ଡ ଧଉରା କାଠ ରଖାଯିବ। ଶ୍ରୀରାମକୃଷ୍ଣ, ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ରାଜନଅରସ୍ଥିତ ରଥଖଳାରେ ପହଞ୍ଚିବା ପରେ ୩ଟି ରଥକାଠରେ ଆଜ୍ଞାମାଳ ଦିଆଯିବ। ବିଶ୍ୱକର୍ମା ମହାରଣା, ରୂପକାର, ଓଝା ସେବକମାନଙ୍କୁ ଶାଢ଼ି ବନ୍ଧାଯିବା ପରେ ରଥ ନିର୍ମାଣ ଅନୁକୂଳ ନୀତି ହେବ। ଏପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ନରେନ୍ଦ୍ର ପୁଷ୍କରିଣୀକୁ ବିଜେ ହୋଇ ନନ୍ଦା ଓ ଭଦ୍ରା ଡଙ୍ଗାରେ ଚାପ ଖେଳିବେ। ଅପରପକ୍ଷେ ଚାଷୀମାନେ ଏହି ଦିନରେ ଅଖିମୁଠି ଅନୁକୂଳ କରିବେ।

## ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା

ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଓ ନୀତିକାନ୍ତିକୁ ଦୃଷ୍ଟିରେ ରଖି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଯେପରି ଭକ୍ତମାନେ ଶୃଙ୍ଖଳିତ ଭାବେ ଠାକୁରଙ୍କୁ ଦର୍ଶନ କରିପାରିବେ ସେଥିପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ପୋଲିସ ମୁତୟନ କରାଯାଇଛି। ୨ଜଣ ଅତିରିକ୍ତ ଏସ୍‌ପି, ୪ ଜଣ ଡିଏସ୍‌ପି, ୭ଜଣ ଇନ୍ସପେକ୍ଟର, ୧୭ ଜଣ ଏସ୍‌ଆଇ ଏବଂ ଏଏସ୍‌ଆଇ, ୪ଜଣ ହାବିଲଦାର, ୩୭ କନଷ୍ଟେବଲ, ୫୮ ଜଣ ହୋମଗାର୍ଡ ଏବଂ ୪ ପ୍ଲାଟୁନ ଫୋର୍ସ ମୁତୟନ ରହିବେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।


କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଗୁରୁବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଣିପାତ କରୁଛନ୍ତି।


ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ରତ୍ନଭଣ୍ଡାର କମିଟି ଅଧ୍ୟକ୍ଷ ଜଷ୍ଟିସ୍ ଅରିଜିତ ପଶାୟତ ଫେରୁଛନ୍ତି।

# ହାଇକୋର୍ଟରେ ପିଟିଶନ ଦାଖଲକଲେ ପ୍ରଯୋଜକ

## ସରକାରୀ ଭିଡିଓ ଫିଲ୍ମ ନିର୍ମାଣରେ ଦୁର୍ନୀତି

କଟକ,୯।୫ (କାର୍ତ୍ତିକ ସାହୁ)



ସରକାରୀ ଭିଡିଓ ଫିଲ୍ମ ନିର୍ମାଣରେ ବହୁ କୋଟି ଟଙ୍କାର ଦୁର୍ନୀତି ହୋଇଛି। ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଗଠିତ ପ୍ରଯୋଜକ ପ୍ୟାନେଲ ଏହି ଦୁର୍ନୀତି ସାମ୍ନାକୁ ଆଣିଛି। ଚଳଚ୍ଚିତ୍ର ପ୍ରଯୋଜକ ସତ୍ୟବ୍ରତ ଦ୍ୱିବେଦୀ ଏନେଇ ହାଇକୋର୍ଟରେ ପିଟିଶନ୍ ଦାଖଲ କରିଛନ୍ତି। ବିବରଣୀ ଅନୁଯାୟୀ, ପ୍ରଯୋଜକ ମନୋନୟନ ନିମନ୍ତେ ଏଲ୍-୧ ନାମକ ସର୍ତ୍ତ ଆଧାରରେ ଗତ ଅଗଷ୍ଟରେ ରାଜ୍ୟ ସରକାର ଟେଣ୍ଡର ପ୍ରସ୍ତାବ ଆମନ୍ତ୍ରଣ କରିଥିଲେ। ଟେଣ୍ଡର ସର୍ତ୍ତ ଅନୁଯାୟୀ ପ୍ରଯୋଜକମାନେ ୬୦ରୁ ୮୦ ହଜାର ଟଙ୍କାର ପ୍ରସ୍ତାବ ସହିତ ଟେଣ୍ଡର ଆବେଦନ କରିଥିଲେ। ମାତ୍ର କେତେଜଣ ନିର୍ଦ୍ଦିଷ୍ଟ ପ୍ରଯୋଜକଙ୍କ ସ୍ୱାର୍ଥ ସାଧନ ପାଇଁ ଉକ୍ତ ଟେଣ୍ଡରକୁ ବାତିଲ କରାଗଲା। ଏଥିସହ ଏଲ୍-୧ ସର୍ତ୍ତକୁ ପରିବର୍ତ୍ତନ କରି ପ୍ରଯୋଜକ ପ୍ୟାନେଲ ଗଠନ କରାଗଲା। ୮୦,୦୦୦ ଟଙ୍କାର କାର୍ଯ୍ୟକୁ ୪ ଲକ୍ଷ ଟଙ୍କା ମୂଲ୍ୟ ନିର୍ଦ୍ଧାରଣ କରାଗଲା। ଏହାଦ୍ୱାରା କେତେକ ସଂସ୍ଥାର ମାଲିକ ଗତ ଦିନରେ କୋଟି କୋଟି ଟଙ୍କା ଠକି ନେଇଥିବା ଆବେଦନକାରୀ ପିଟିଶନ୍‌ରେ ଦର୍ଶାଇଛନ୍ତି। ଇଡି, ସିଏଜି, ସୂଚନା ଏବଂ ପ୍ରସାରଣ ବିଭାଗକୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଭିଳାଷ ମିଶ୍ର ମାମଲା ପରିଚାଳନା କରୁଛନ୍ତି।

# ରୁବେଲା ଆତଙ୍କ: ଗର୍ଭବତୀଙ୍କୁ ସତର୍କ କରାଇଲେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୯।୫ (ବନ୍ଦନା ସେଠୀ)



ଓଡ଼ିଶାର ୨ ଶିଶୁ ରୁବେଲା ଭାଇରସ୍‌ରେ ଆକ୍ରାନ୍ତ ହେବା ପରେ ସାରା ରାଜ୍ୟରେ ଆତଙ୍କ ଖେଳିଯାଇଛି। ଏପରିସ୍ଥିତିରେ ସ୍ୱାସ୍ଥ୍ୟ ବିଭାଗ ଏହାକୁ ନେଇ ସତର୍କ କରିଛି। ବିଶେଷକରି ଗର୍ଭବତୀମାନେ ଅଧିକ ସତର୍କ ରହିବାକୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର ପରାମର୍ଶ ଦେଇଛନ୍ତି। ଗର୍ଭବତୀ ମହିଳାଙ୍କଠାରେ ରୁବେଲା ହେଲେ ସେମାନଙ୍କ ସନ୍ତାନଙ୍କ କ୍ଷେତ୍ରରେ ଜନ୍ମରୁ ଏହି ଭାଇରସ ଦେଖାଦେଇଥାଏ। ଶରୀର କୁଣ୍ଡେଇ ହୋଇ ନାଲିଦାଗ ଫଳିଲେ କିମ୍ବା ଜ୍ୱର ହେଲେ ଗର୍ଭବତୀ ମହିଳାମାନେ ତୁରନ୍ତ ଟେଷ୍ଟିଂ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ତେବେ ରୋଗକୁ ନେଇ କେହି ଭୟଭୀତ କି ଆତଙ୍କିତ ହେବାର ଆବଶ୍ୟକତା ନ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଆର୍‌ଆର୍‌ଟି ଟିମ୍ ସର୍ଭେଲାନ୍ସ କରୁଛି। ଇମ୍ୟୁନାଇଜେଶନକୁ ଗୁରୁତ୍ୱ ଦିଆଯାଉଛି। ବିଶେଷକରି ୧ବର୍ଷ, ୬ ବର୍ଷ ଓ ୮ ବର୍ଷ ପିଲାଙ୍କ ଭିତରେ ଏହି ଭାଇରସ୍ ବଢୁଥିବା ଦେଖାଯାଉଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ବେଶି ଗୁରୁତ୍ୱ ଦିଆଯାଉଛି। ତେବେ ଆଉ ଅଧିକ ନୂଆ ମାମଲା ଆସିନାହିଁ। ଏଯାଏ ମୋଟ୍ ୧୮ ନମୁନାରୁ ୨ଟି ରୁବେଲା ପଜିଟିଭ ଓ ଜଣେ ମିଳିମିଳା ପଜିଟିଭ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସ୍ପଷ୍ଟ କରିଛନ୍ତି। ଅପରପକ୍ଷେ ନବରଙ୍ଗପୁରର ତେନ୍ତୁଳିଖୁଣ୍ଟି ଓ ନନ୍ଦାହାଣ୍ଡି ବ୍ଲକରେ ୧୮ ରୋଗୀଙ୍କ ଦେହରେ ଜ୍ୱର ଓ ରାସେସ୍ ଲକ୍ଷଣ ଥିଲା। ମାତ୍ର ଏବେ ସମସ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆଶିଷ


@ ସୁଶୀଲ


@ ସଞ୍ଜୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଏସ୍‌ସିବିରୁ ଦଲାଲ ଗିରଫ

କଟକ,୯।୫(ଶିଳ୍ପା ପ୍ରିୟଦର୍ଶିନୀ/ଦିବାକର ସାହୁ)

ଏସ୍‌ସିବି ମେଡିକାଲରୁ ଜଣେ ଦଲାଲଙ୍କୁ ମଙ୍ଗଳାବାଗ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ସୁଚିତ୍ର କୁମାର ପ୍ରଧାନ। ତାଙ୍କଠାରୁ କାର୍ଡିଆର୍ଟ ଜେନେକ୍ସ ଥ୍ରୀ ମଡେଲ ଇସିଜି ମେଶିନ, ମୋବାଇଲ ଫୋନ, ୯ଟି ରକ୍ତ ନମୁନା ସଂଗ୍ରହ ଟ୍ୟୁବ୍, ୩ଟି ସିରିଞ୍ଜ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୩୪/୨୪) ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲରେ ଅଭିଯୁକ୍ତ ଜଣଙ୍କ ରୋଗୀ ସମ୍ପର୍କୀୟଙ୍କଠାରୁ ଇସିଜି ନିମନ୍ତେ ୫୫୦ ଟଙ୍କା ଏବଂ ରକ୍ତ ପରୀକ୍ଷା ରିପୋର୍ଟ ପାଇଁ ଟଙ୍କା ଦାବି କରିଥିଲେ। ସେଠାରେ ମେଡିକାଲ ସ୍କ୍ୱାଡ୍ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲା। ଏନେଇ ମେଡିକାଲ ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ କହିଛନ୍ତି, ମେଡିକାଲରେ ଦଲାଲମାନେ ରୋଗୀ ସମ୍ପର୍କୀୟଙ୍କୁ ପ୍ରଲୋଭିତ କରି କମ୍ ଖର୍ଚ୍ଚରେ ଉତ୍ତମ ଚିକିତ୍ସା ପାଇଁ ଘରୋଇ ନର୍ସିଂହୋମ୍‌କୁ ପଠାଉଛନ୍ତି। ଏଥିସହ ରୋଗୀଙ୍କ ରକ୍ତ ନମୁନା ଯାଞ୍ଚ ପାଇଁ ବାହାର ଡାଇଗ୍ନୋସିସ୍ ସେଣ୍ଟରକୁ ପଠାଉଛନ୍ତି। ଏଭଳି ଦଲାଲମାନଙ୍କୁ ଚିହ୍ନଟ କରିବା ପାଇଁ ମେଡିକାଲ ପକ୍ଷରୁ ସ୍କ୍ୱାଡ୍ ଗଠନ କରାଯାଇଛି।

# 'ରୋଜା- ଲେଟସ୍ ରାଇଜ୍ ଇନ୍ ଲଭ୍' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୯।୫(ଶର୍ମିଷ୍ଠା ପାଣିଗ୍ରାହୀ)




ଡା. ଶୁବ୍ରହ୍ମ୍ ପାଣିଙ୍କ ଦ୍ୱାରା ଲିଖିତ ପୁସ୍ତକ 'ରୋଜା- ଲେଟସ୍ ରାଇଜ୍ ଇନ୍ ଲଭ୍' ଗୁରୁବାର ଆଇଏମ୍ଏ ଭବନଠାରେ ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକରେ ପ୍ରେମର ପରିବର୍ତ୍ତନଶୀଳ ଧାରାକୁ ସ୍ପଷ୍ଟ ଭାବରେ ଲେଖକ ବର୍ଣ୍ଣନା କରିଛନ୍ତି। ମୁଖ୍ୟ ଚରିତ୍ର ରୋଜା ମାଧ୍ୟମରେ ସେ ଚେତନାଧର୍ମୀ ବାର୍ତ୍ତା ଦେଇଛନ୍ତି। ଗାଳ୍ପିକ ପାଣି ଏଥିରେ ପ୍ରେମ ଏବଂ ମାନବିକତାକୁ ସମାନ୍ତରାଳ ଭାବେ ସମ୍ମାନ ଦେଇଛନ୍ତି, ଯାହାକି ଖୁବ୍ ହୃଦୟସ୍ପର୍ଶୀ। ଏହି ପୁସ୍ତକ ବିକ୍ରିରୁ ଲବ୍ଧ ଲାଭାଂଶ କର୍କଟ ରୋଗୀଙ୍କ ପାଇଁ ଖର୍ଚ୍ଚ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ପୁସ୍ତକଟି ଅନ୍‌ଲାଇନ ପ୍ଲାଟ୍‌ଫର୍ମ ଆମାଜନ, ଫ୍ଲିପ୍‌କାର୍ଟରେ ଉପଲବ୍ଧ ହେଉଥିବାବେଳେ ଅଫ୍‌ଲାଇନରେ ଖୁବ୍‌ଶୀଘ୍ର ବଜାରରେ ମିଳିବ ବୋଲି ସୂଚନା ଦିଆଯାଇଛି।

# ମିଛ କହୁଛନ୍ତି ବିରୋଧୀ: ନବୀନ



ଗଞ୍ଜାମ ଜିଲା ଗୋପାଳପୁର ନିର୍ବାଚନମଣ୍ଡଳୀ କନିଷି ପଡ଼ିଆରେ ଆୟୋଜିତ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ, ଏମ୍‌ପି ଓ ବିଧାୟକ ପ୍ରାର୍ଥୀମାନେ।

- ବ୍ରହ୍ମପୁର, ଆସ୍କା, କନ୍ଧମାଳରେ ମୁଖ୍ୟମନ୍ତ୍ରୀଙ୍କ ମାରାଥନ ପ୍ରଚାର
- ୨୪ ବର୍ଷରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ମଧ ଠିକ୍ କରିପାରୁନି ଭାଜପା: ପାଣ୍ଡିଆନ

**ଭୁବନେଶ୍ୱର, ୯।୫(ଅନିଲ ଦାସ)**

ବିରୋଧୀ ଦଳ ମିଛ କହୁଛନ୍ତି। ତାଙ୍କ ନେତାମାନେ ଖାଲି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ନିର୍ବାଚନରେ ଭଲ ପ୍ରାର୍ଥୀଙ୍କୁ ବାଛନ୍ତୁ, ଅପରାଧୀ ପ୍ରାର୍ଥୀଙ୍କୁ ବାଛନ୍ତୁ ନାହିଁ। ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ବ୍ରହ୍ମପୁର, ଆସ୍କା ଓ କନ୍ଧମାଳ ଲୋକ ସଭା ନିର୍ବାଚନମଣ୍ଡଳୀରେ ପ୍ରଚାର ବେଳେ ବିରୋଧୀଙ୍କୁ ଏଭଳି କହି ଆକ୍ରମଣ କରିଛନ୍ତି। ଏଥିସହିତ ସେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମିଶନ ଶକ୍ତି, ଲକ୍ଷ୍ମୀ ବସ୍, କାଳିଆ ଯୋଜନା, ନୂଆ-ଓ ଛାତ୍ରବୃତ୍ତି ଯୋଜନା ଆଦି ସବୁ ଯୋଜନା ବିଷୟରେ ଲୋକଙ୍କ ଠାରୁ ମତାମତ ଲୋଡିଥିଲେ। ଉପସ୍ଥିତ ଲୋକମାନେ ତାଙ୍କ କଥାରେ ସମ୍ମତି ଦେଇଥିବା ଦେଖିବାକୁ ମିଳିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଚାରିଥିଲେ ନବୀନ ପଟ୍ଟନାୟକ ଭଲ ତ। ଉପସ୍ଥିତ ସବୁ ଲୋକ ଠିଆ ହୋଇ କରତାଳି ଦେଇ ବହୁତ ଜୋରରେ 'ହଁ' ମାରି ମୁଖ୍ୟମନ୍ତ୍ରୀଙ୍କୁ ସମର୍ଥନ ଜଣାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ବିଜୁ ଜନତା ଦଳର ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ।

ଉକ୍ତ ସଭାରେ ଯୋଗଦେଇ ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ କହିଥିଲେ ନିର୍ବାଚନ ଇସ୍ତାହାରରେ ସ୍ଥାନ ପାଇଥିବା ସମସ୍ତ ପ୍ରତିଶ୍ରୁତି ଓ ବିକାଶ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଅ। ସମସ୍ତଙ୍କୁ ସଚେତନ କର ଓ ବିରୋଧୀ ଦଳର ମିଛକୁ, ସେମାନଙ୍କ ଅପପ୍ରଚାରକୁ ପ୍ରତିହତ କର। ଆସ୍କା ଲୋକ ସଭା ନିର୍ବାଚନମଣ୍ଡଳୀର ୭ ବିଧାନସଭା ଆସନ ମଧ୍ୟରୁ ଆମର ୫ ଜଣ ପ୍ରାର୍ଥୀ ହେଉଛନ୍ତି ମହିଳା। ଲୋକ ସଭା ପ୍ରାର୍ଥୀ ମଧ ଜଣେ ମହିଳା। ଏଥିରୁ ଜାଣନ୍ତୁ ମହିଳା ସଶକ୍ତୀକରଣ ଉପରେ ମୁଖ୍ୟମନ୍ତ୍ରୀ ଯାହା କହନ୍ତି ତାହା କରନ୍ତି। କଂଗ୍ରେସ, ଭାଜପା କେବଳ ବଡ଼ ବଡ଼ କଥା କହନ୍ତି, କିଛି କରନ୍ତି ନାହିଁ ବୋଲି ପାଣ୍ଡିଆନ କହିଛନ୍ତି। ଭାଜପା ଇସ୍ତାହାର କେବଳ ମିଛର ଗନ୍ତାଘର ବୋଲି ପାଣ୍ଡିଆନ କହିଛନ୍ତି। ୨୦୧୪ ଓ ୨୦୧୯ରେ ମଧ ସେମାନେ ମିଛ କହିଛନ୍ତି। ୨୦୨୪ ଇସ୍ତାହାରରେ ମଧ ସେମାନେ ପ୍ରବଳ ମିଛ ପ୍ରତିଶ୍ରୁତି ଦେଇଛନ୍ତି, ସେମାନଙ୍କୁ ବିଶ୍ୱାସ କରନ୍ତୁ ନାହିଁ। ଭାଜପା ଗତ ୨୪ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ମଧ ଠିକ୍ କରିପାରୁନାହିଁ। କାରଣ ସେମାନେ ଜାଣିଛନ୍ତି ଯେଉଁଦିନ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବେ ସେହିଦିନ ତାଙ୍କର ଆସନ ସଂଖ୍ୟା ୧୦ରୁ ବି କମିଯିବ।

ପ୍ରଥମ ପର୍ଯ୍ୟାୟରେ ୪ଟି ଲୋକ ସଭା ଓ ୨୮ଟି ବିଧାନସଭା ଆସନ ପାଇଁ ନିର୍ବାଚନ ହେବାକୁ ଯାଉଛି। ଏଥିରେ ବିଜେଡିର ୯୦ ପ୍ରତିଶତ ଷ୍ଟ୍ରାଇକ୍ ରେଟ୍ ରହିଛି, ଏହାକୁ ଶତ ପ୍ରତିଶତ କରିବା ପାଇଁ ପାଣ୍ଡିଆନ ଆହ୍ୱାନ ଦେଇଛନ୍ତି। ଗୋପାଳପୁରରେ ସେ କହିଛନ୍ତି କିଛିଦିନ ତଳେ ବିରୋଧୀ ଦଳ ଏଠାରେ କାର୍ଯ୍ୟକ୍ରମ କରିଥିଲେ, ସେ କାର୍ଯ୍ୟକ୍ରମ ଏବଂ ଏହି କାର୍ଯ୍ୟକ୍ରମ ମଧ୍ୟରେ ଫରକ ଅଛି। ମୁଖ୍ୟମନ୍ତ୍ରୀଙ୍କୁ ଏତେ ସଂଖ୍ୟାରେ ଆପଣଙ୍କ ଭଲପାଇବା ଏକ ଭଲ ବାର୍ତ୍ତା ଦେଉଛି।

କନ୍ଧମାଳ ଲୋକ ସଭା ଆସନରେ ଅଭିଭାଷଣ ସମୟରେ ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଆଦିବାସୀ ଭଉଣୀଭାଇମାନଙ୍କୁ ବହୁତ ଭଲ ପାଆନ୍ତି। ଆପଣଙ୍କ ସୁଖଦୁଃଖର ସାଥୀ ହୋଇଛନ୍ତି। ଜନଜାତିଙ୍କ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଜନଜାତି ଉନ୍ନୟନ ପରିଷଦ ଗଠନ କରିଛନ୍ତି। ବିଭିନ୍ନ ଛୋଟ ବଡ଼ ଜଙ୍ଗଲ, ଅବକାରୀ ତଥା ପୋଲିସ କେସ୍‌ରେ ଛନ୍ଦି ହୋଇ ସେମାନେ ବହୁତ ସମସ୍ୟାର ସମ୍ମୁଖୀନ ହେଉଥିଲେ। ମୁଖ୍ୟମନ୍ତ୍ରୀ ତାକୁ ସହୃଦୟତାର ସହିତ ନେଇ ସେମାନଙ୍କ ଉପରୁ ୫୦ ହଜାର ପୋଲିସ କେସ୍ ରଦ୍ଦ କରିଛନ୍ତି।

ଏହି ସଭାଗୁଡ଼ିକରେ ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର, ଆସ୍କା ଲୋକ ସଭା ପ୍ରାର୍ଥିନୀ ରଞ୍ଜିତା ସାହୁ ଓ କନ୍ଧମାଳ ଲୋକ ସଭା ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କ ସହିତ ବିଧାନସଭା ଆସନର ପ୍ରାର୍ଥୀମାନେ ନିଜର ଅଭିଭାଷଣ ରଖିଥିଲେ।

# ବିକାଶର ସ୍ୱପ୍ନ ଦେଖାଇଲେ ଗଡକରୀ

## କୃଷ୍ଣପ୍ରସାଦରେ ବିଜୟ ସେତୁ ସଂକଳ୍ପ ସମାବେଶ

**ପୁରୀ/କୃଷ୍ଣପ୍ରସାଦ, ୯।୫(ଅଜିତ ମହାନ୍ତି/କୈଳାସ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡକରୀ ଗୁରୁବାର ଓଡ଼ିଶା ଗସ୍ତରେ ଆସି ପୁରୀ ଜିଲା କୃଷ୍ଣପ୍ରସାଦଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଭାଜପା ପ୍ରାର୍ଥୀଙ୍କ ନିମନ୍ତେ ନିର୍ବାଚନ ପ୍ରଚାର କରିଛନ୍ତି। ଏଥିସହ ରାଜ୍ୟରେ ଭାଜପା ସରକାର ଆସିଲେ ବିକାଶର ଗତି ବଢ଼ିବା ସହ ସାଧାରଣ ଲୋକ, ଯୁବଗୋଷ୍ଠୀ କିପରି ଉପକୃତ ହୋଇପାରିବେ ସେନେଇ ଅଭିଭାଷଣ ରଖିଥିଲେ। ବିଶେଷକରି ଓଡ଼ିଶା ପାଇଁ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ନେଇ ଘୋଷଣା କରିଥିଲେ। ଚଳିତଥର ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀରୁ ଭାଜପାର ଉପାସନା ମହାପାତ୍ର ପ୍ରାର୍ଥୀ ହୋଇଥିବାବେଳେ ପୁରୀ ଲୋକ ସଭା ଆସନରୁ ସମ୍ବିତ ପାତ୍ର ପ୍ରାର୍ଥୀ ହୋଇଛନ୍ତି। ଏହିଦୁଇ ପ୍ରାର୍ଥୀଙ୍କୁ ନିର୍ବାଚନରେ ବିଜୟ କରିବା ସହ ଦେଶ ଓ ରାଜ୍ୟରେ ଭାଜପା ସରକାର ଗଠନ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଗଡ଼କରୀ ପ୍ରଥମେ ପୁରୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ପରେ ହେଲିକପ୍ଟର ଯୋଗେ କୃଷ୍ଣପ୍ରସାଦ ଚିଙ୍ଗିଣି ହେଲିପ୍ୟାଡରେ ଅବତରଣ କରିଥିଲେ। ସେଠାରେ ତାଙ୍କୁ ଦଳୀୟ ନେତା ଓ କର୍ମୀମାନେ ସ୍ୱାଗତ କରିଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ଆସି ଚାରିଛକ ଉଦୟନାଥ ଷ୍ଟାଡିୟମରେ ଅନୁଷ୍ଠିତ ସଂକଳ୍ପ ସମାବେଶରେ ଯୋଗ ଦେଇଥିଲେ। ମନ୍ତ୍ରୀ ଗଡକରୀ ଜନସାଧାରଣଙ୍କୁ ସମ୍ବୋଧନ କରି ନିର୍ବାଚନ ପରେ ଜହ୍ନିକୁଦାଠାରୁ ସାତପଡ଼ା ଯାଏ ଚିଲିକାରେ ଏକ ସିଗନେଚର ବ୍ରିଜ କରିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ମତ୍ସ୍ୟଜୀବୀଙ୍କ ହିତ ନିମନ୍ତେ ବିଭିନ୍ନ ଯୋଜନା, ସାତପଡ଼ା ଜହ୍ନିକୁଦା ଚିଲିକାରେ ସ୍ୱପ୍ନର ବ୍ରିଜ କରାଯିବ ବୋଲି କହିଥିଲେ। ସେହିପରି ଓଡ଼ିଶା ନିମନ୍ତେ ନୂତନ ପ୍ରୋଜେକ୍ଟ ସମ୍ପର୍କରେ ଜନ ସାଧାରଣଙ୍କୁ ସୂଚନା ଦେଇଥିଲେ। ଓଡିଶାର ବନ୍ଦରକୁ ଯୋଗାଯୋଗ ପାଇଁ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ରତନପୁରଠାରୁ ଦୀଘା ପର୍ଯ୍ୟନ୍ତ ୬ ଲେନ୍ ବିଶିଷ୍ଟ ରୋଡ ୮ହଜାର କୋଟି ବ୍ୟୟରେ ୧୭୧ କିଲୋମିଟର ନିର୍ମାଣ କରାଯିବ। ନିର୍ବାଚନ ପରେ କାର୍ଯ୍ୟ ଆରମ୍ଭ ହେବ। ରାମେଶ୍ୱର, ପୁରୀ, କୋଣାର୍କ, ପାରାଦୀପରୁ ରତନପୁର ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ, ଯାହା ସାଢେ ୮ହଜାର କୋଟି ବ୍ୟୟରେ ନିର୍ମାଣ କରାଯିବ। ଏହା ପାରାଦୀପରୁ ଧାମରା ପର୍ଯ୍ୟନ୍ତ ଯୋଗାଯୋଗ ହୋଇପାରିବ। ଖାମୁଝରିଠାରୁ ଧାମରା ପୋର୍ଟ ଯାଏ ଗ୍ରୀନଫିଲ୍ଡ ୪ ଲେନ ରାସ୍ତା, କଟକରୁ ପାରାଦୀପ ପୋର୍ଟ ଯାଏ ୪ ଲେନ ବିଶିଷ୍ଟ ରାସ୍ତା ନିର୍ମାଣ ହେବ। ଭୁବନେଶ୍ୱରରେ ରିଂରୋଡ ନିର୍ମାଣ ହେବ। ପାରଦୀପ ବନ୍ଦରରେ ଅନେକ ଉନ୍ନତି ହୋଇଛି ଯାହାଫଳରେ ଅନେକ ଯୁବକ ରୋଜଗାରକ୍ଷମ ହୋଇଛନ୍ତି। ୨୦୦ କୋଟି ବ୍ୟୟରେ ପାରାଦୀପ ବନ୍ଦରରେ ଏକ ବିମାନବନ୍ଦର କରିବା ନେଇ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶାରେ ରାସ୍ତାର ଉନ୍ନତି ନିମନ୍ତେ ୩ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଫଳରେ ରାଜ୍ୟର ଉନ୍ନତି ହେବ। କୃଷ୍ଣପ୍ରସାଦବାସୀଙ୍କ ମୁଖ୍ୟ ସମସ୍ୟା ଯୋଗାଯୋଗ ହୋଇଥିବାବେଳେ ଏହାକୁ ରାଜ୍ୟ ସରକାର ସମାଧାନ କରିବାରେ ସଫଳ ହୋଇନାହାନ୍ତି। କିନ୍ତୁ ଭାଜପା ସରକାର କୃଷ୍ଣପ୍ରସାଦବାସୀଙ୍କ ଦୁଃଖ ଦୂର କରିବ। ସାତପଡ଼ାରୁ ମହିଷା ଏବଂ ମହିଷାରୁ ଜହ୍ନିକୁଦାକୁ ଦୁଇଟି ବ୍ରିଜ ନିର୍ମାଣ କରାଯିବ। ଏନେଇ ମଞ୍ଜୁରୀ ମିଳିସାରିଛି। ଚିଲିକାରେ ବ୍ରିଜ ନିର୍ମାଣ ହେବ। ଅଞ୍ଚଳବାସୀଙ୍କ ଦୁଃଖ ନେଇ ଅନେକ ଥର ସମ୍ବିତ ପାତ୍ର ଓ ଉପାସନା ମହାପାତ୍ର ତାଙ୍କ ନିକଟକୁ ଯାଇ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଫଳରେ ସେ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେଇଛନ୍ତି। ତେବେ ଅଞ୍ଚଳବାସୀଙ୍କ ସମସ୍ୟା ସମାଧାନ ନିମନ୍ତେ ଚଳିତ ନିର୍ବାଚନରେ ଭାଜପାର ପୁରୀ ଲୋକ ସଭା ପ୍ରାର୍ଥୀ ସମ୍ବିତ ପାତ୍ର ଓ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଉପାସନା ମହାପାତ୍ରଙ୍କୁ ବିପୁଳ ଭୋଟ ଦେଇ ଜିତାଇବା ପାଇଁ ଜନସାଧାରଣଙ୍କୁ ଗଡକରୀ ଅନୁରୋଧ କରିଥିଲେ। ଏଥିସହ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ। କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ସଭାପତି ଦୀନବନ୍ଧୁ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରଘୁନାଥ ବଡୁ, ସେତୁ ନିର୍ମାଣ କମିଟିର ସଦସ୍ୟ କେଳୁ ଚରଣ ଜେନା, ଭାଜପା ପ୍ରଭାରୀ ଉତ୍ତମ କୁମାର ତରେଇ, ମିଡ଼ିଆ ସେଲ ମୁଖ୍ୟ ସଂଗ୍ରାମ କେଶରୀ ଜେନା, ସଂଯୋଜକ ଅଶୋକ କୁମାର ବିଶ୍ୱାଳ,ସୁରେନ୍ଦ୍ର କୁମାର ବିଶ୍ୱାଳ, ଯୁବନେତା ପ୍ରଦୀପ କୁମାର ଜେନା, ସୁଶାନ୍ତ କୁମାର ବୈରିଗଞ୍ଜନ, ବିରଞ୍ଚି କୁମାର ବିଶ୍ୱାଳ, ସମିତିସଭ୍ୟା ମମତାମୟୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସେତୁ ନିର୍ମାଣ ସମିତି ପକ୍ଷରୁ ମନ୍ତ୍ରୀ ଗଡକରୀଙ୍କୁ ୩୫ ମୌଜା ପରିଚାଳନା କମିଟି ସଭାପତି ଡ. ଅଭିମନ୍ୟୁ ଜେନା, ସମ୍ପାଦକ ମନୋଜ କୁମାର ସାହୁ, ପୂର୍ବତନ ସରପଞ୍ଚ ନବୀନ କୁମାର ଜେନା ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ।



ପୁରୀ ଜିଲା କୃଷ୍ଣପ୍ରସାଦରେ ଭାଜପାର ବିଜୟ ସେତୁ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଓ ଅନ୍ୟ ନେତୃବୃନ୍ଦ।

# ଲୋକଙ୍କୁ ଠକିଲେ ଲୋକମାନେ ହିଁ ଭାଙ୍ଗିଦିଅନ୍ତି: ଧର୍ମେନ୍ଦ୍ର

**ସମ୍ବଲପୁର, ୯।୫(ବି. ଶଙ୍କର)**



ଧର୍ମେନ୍ଦ୍ର ପ୍ରଧାନ

ପ୍ରଜାତନ୍ତ୍ରରେ କେହି କାହାକୁ ଭାଙ୍ଗେ ନାହିଁ। ଲୋକଙ୍କୁ ଠକିଲେ ଲୋକମାନେ ତାକୁ ଭାଙ୍ଗିଦିଅନ୍ତି। ତେଣୁ ଶାସକ ଦଳ ବିଜେଡି ମଧ୍ୟରେ ଡର ପଶି ଗଲାଣି। ଓଡ଼ିଆ ଲୋକମାନେ ଏଥର ବିଜେଡିକୁ ହରାଇ ଦଳକୁ ଭଙ୍ଗେଇ ଦେବେ। ବିଜେଡିକୁ ଭାଜପା ଭାଙ୍ଗିଦେବା ଅଭିଯୋଗ ଉପରେ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟା ଦେଇ ଏହା କହିଛନ୍ତି। ଏଥର ଓଡ଼ିଶାବାସୀ ୨୧ ରୁ ୨୧ ଲୋକ ସଭା ପାଇଁ ଆଶୀର୍ବାଦ କରିବେ। ନରେନ୍ଦ୍ର ମୋଦି ଓଡ଼ିଶାର ଅନେକ ବିକାଶମୂଳକ ଯୋଜନା କରିଥିବାରୁ ଲୋକଙ୍କ ଭରସା ବଢ଼ିଛି। ଗତ ୧୦ ବର୍ଷରେ ଓଡ଼ିଶାକୁ ୧୮ ଲକ୍ଷ କୋଟି ଟଙ୍କାର ଅନୁଦାନ ଆସିଛି। ୩୪ ଲକ୍ଷ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିଛି। ୫୦ ଲକ୍ଷ ଚାଷୀ କୃଷକ ସମ୍ମାନ ନିଧିରେ ଟଙ୍କା ପାଇଛନ୍ତି।

ସମ୍ବଲପୁର ରାଜ୍ୟ ରାଜନୀତିର ଗୋଟିଏ ବଡ଼ ପେଣ୍ଠସ୍ଥଳୀ। ଏଥର ସମ୍ବଲପୁର ଓଡ଼ିଶା ରାଜନୀତିର ନିର୍ଣ୍ଣୟ କରିବ। ସମ୍ବଲପୁର ଏଥର ଯାହା ନିର୍ଣ୍ଣୟ କରିବ, ଓଡ଼ିଶା ହିଁ ସେହି ନିର୍ଣ୍ଣୟକୁ ଦୋହରାଇବ। ସମ୍ବଲପୁର ମୋଦିଙ୍କ ସାଙ୍ଗରେ ଅଛି। ଧର୍ମେନ୍ଦ୍ର ପୁଣି କହିଛନ୍ତି, ସମସ୍ତେ ଜିତିବା ପାଇଁ ଲଢ଼େଇ କରିବା ଦରକାର। ଲୋକମାନେ ଅଧିକ ଭୋଟ ଦେଲେ ଆମ ଦେଶର ପ୍ରଜାତନ୍ତ୍ର ଅଧିକ ମଜଭୁତ ହେବ। ସ୍ଥାନୀୟ ସରକାର ବିରୋଧରେ ଅଧିକରୁ ଅଧିକ ଭୋଟ ଦେବେ ବୋଲି କେନ୍ଦ୍ରମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ରାଜ୍ୟରେ ୨୪ ବର୍ଷ ହେଲା ଗୋଟିଏ ସରକାର ଶାସନରେ ରହି ଓଡ଼ିଶାକୁ ଅବହେଳିତ କରି ରଖିଛନ୍ତି। କଂଗ୍ରେସ ଲମ୍ବା ବର୍ଷ ଧରି ଶାସନରେ ରହିଲା। ବିଜେଡିକୁ ୨୪ ବର୍ଷ ଧରି ଅବସର ମିଳିଲା। ଏଥର ଭାଜପାକୁ ସୁଯୋଗ ଦେବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି। ଓଡ଼ିଶାରେ ସମ୍ଭାବନା ଥିବା ସତ୍ତ୍ୱେ ଗରିବ କାହିଁକି। ଯୁବକ କାମ ଧନ୍ଦା ନ ପାଇ ଦାଦନ କାହିଁକି ଯାଉଛନ୍ତି। ବିଦ୍ୟାଳୟରେ ଶିକ୍ଷକ, ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ହିଞ୍ଜିଳିରେ ଶୀତଳଭଣ୍ଡାର ନାହିଁ। ଆଦିବାସୀ ଜମି ବିକ୍ରି କରିବାର ଷଡ଼ଯନ୍ତ୍ର ସରକାର କରିଥିଲେ। ଭାଜପାକୁ ସୁଯୋଗ ଦିଆଗଲେ ଓଡ଼ିଶାକୁ ଏକ ନମ୍ବର କରାଯିବ ବୋଲି ମୋଦି ଗ୍ୟାରେଣ୍ଟି ଦେଇଛନ୍ତି। ଅଥଚ ଏଠାକାର ନେତା ମୋଦିଙ୍କୁ ଟାହିଟାପରା କରୁଛନ୍ତି। ୨୪ ବର୍ଷ ପ୍ରତାରଣା କରି ବିଜେଡି ମିଛ କହୁଛି ନା ୧୦ ବର୍ଷରେ ବିକାଶ କରି ମୋଦି ମିଛ କହୁଛନ୍ତି। ଯେଉଁମାନେ ଦୀର୍ଘ ୨୪ ବର୍ଷ ଧରି ଶାସନ କଲେ ସେମାନେ ଓଡ଼ିଶାର ମୌଳିକ ସମସ୍ୟା ପ୍ରସଙ୍ଗରେ ଭାଜପା ପ୍ରଶ୍ନର ଉତ୍ତର କାହିଁକି ଦେଉନାହାନ୍ତି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

# ଲେଖାଶ୍ରୀଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଲେ ପ୍ରତାପ

**ବାଲେଶ୍ୱର, ୯।୫(ମାନସ ବିଶ୍ୱାଳ)**

ଓଡ଼ିଶାରେ ଦୀର୍ଘ ୨୫ବର୍ଷ ଧରି ବିଜେଡି ଭ୍ରଷ୍ଟାଚାର ଓ ଦୁର୍ନୀତି କରିଆସୁଥିବା ଅଭିଯୋଗ କରି ବିଜେଡି ସରକାର ଉପରେ ବର୍ଷିଛନ୍ତି ଭାଜପା ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର। ବାଲେଶ୍ୱର ସହର ପାଣିଟାଙ୍କିସ୍ଥିତ ଆତିଥ୍ୟ ଭବନର ସମ୍ମିଳନୀ କକ୍ଷରେ ଭାଜପା ପକ୍ଷରୁ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଯୋଗଦେଇ ବିଜୁ ଜନତା ଦଳର ଅପାରଗତା କାରଣରୁ ଜିଲାରେ ଜଳସେଚନ ସୁବିଧା ନାହିଁ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି, ଅଟଳ ବିହାରୀ ବାଜପାୟୀଙ୍କ ସମୟରେ ମିଶନ ଶକ୍ତି ଆରମ୍ଭ କରାଯାଇଥିଲା, ତାକୁ ନେଇ ବିଜେଡି ରାଜନୀତି କରୁଛି ବୋଲି କହି ଉପରୋକ୍ତ ଆରୋପ କରିଥିଲେ।

ବାଲେଶ୍ୱର ଭାଜପାର ଏମ୍‌ପି ପ୍ରାର୍ଥୀ ପ୍ରତାପ ଷଡ଼ଙ୍ଗୀ ଯୋଗଦେଇ ଭାଜପା ସରକାରକୁ ଆସିଲେ ପ୍ରଥମେ ଦୁର୍ନୀତିକୁ ବନ୍ଦ କରିବା ସହ ଦାଦନ ଶ୍ରମିକ ଚାଲାଣକୁ ବନ୍ଦ ଓ ରାଜ୍ୟରେ ଆୟୁଷ୍ମାନ କାର୍ଡ ଲାଗୁ କରିବା, ସୁଭଦ୍ରା ଯୋଜନା କରି ମହିଳାଙ୍କୁ ସଶକ୍ତିକରଣ, ଶିଳ୍ପ କ୍ଷେତ୍ରର ଉନ୍ନତିକରଣ ଭଳି ଯୋଜନାକୁ ପ୍ରଧାନମନ୍ତ୍ରୀଙ୍କ ଗ୍ୟାରେଣ୍ଟି ବୋଲି କହିଛନ୍ତି। ଅନ୍ୟପକ୍ଷରେ ବିଜେଡି ଏମ୍‌ପି ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ଏମ୍‌ପି ଲାଡ୍ ଫେରିଯିବା ଅଭିଯୋଗ ପ୍ରସଙ୍ଗରେ ଷଡ଼ଙ୍ଗୀ କହିଥିଲେ ଯେ, ଅଭିଯୋଗ ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ। ପ୍ରଥମତଃ ଏମ୍‌ପି ଲାଡ୍ ଫେରିଯାଏ ନାହିଁ। ସେ ତାଙ୍କର ସମସ୍ତ ପାଣ୍ଠିର ବିନିଯୋଗ କରିବା ସହିତ ପୂର୍ବରୁ ଦୁଇ ଏମ୍‌ପିଙ୍କ ବଳକା ଏମ୍‌ପି ଲାଡ୍ ମଧ ବିନିଯୋଗ କରିଥିବା ପ୍ରମାଣପତ୍ର ଦେଖାଇଥିଲେ। ସେ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଆହ୍ୱାନ କରି କହିଥିଲେ, ଯଦି ସାମନ୍ତସିଂହାର ଅଭିଯୋଗ ପ୍ରମାଣ କରିଦେବେ, ତେବେ ସେ ନିର୍ବାଚନରେ ନାମାଙ୍କନ ଦାଖଲ କରିବେ ନାହିଁ ବୋଲି ଷଡ଼ଙ୍ଗୀ କହିଥିଲେ।

# ମହାନଦୀ ପ୍ରସଙ୍ଗରେ କୁମ୍ଭୀର କାନ୍ଦଣା ବନ୍ଦକରୁ ଭାଜପା: ଲେନିନ୍

**ସମ୍ବଲପୁର, ୯।୫(ପ୍ରମୋଦ ବହିଦାର)**



ଡ. ଲେନିନ ମହାନ୍ତି

ମହାନଦୀ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରୁଥିବା ଭାଜପା ନେତାଙ୍କ ମିଛ ଧରାପଡ଼ିଛି। ମହାନଦୀ ଶୁଖିଲା ପଡ଼ିଛି, ଏଥିପାଇଁ ଦାୟୀ କିଏ। ସେ ସମ୍ପର୍କରେ ମୁହଁ ଖୋଲିବା ବଦଳରେ କେବଳ ନିର୍ବାଚନ ସମୟରେ ଓଡ଼ିଶାରେ ଏହାକୁ ମିଛ ପ୍ରସଙ୍ଗ କରି ଫାଇଦା ନେବାକୁ ଚେଷ୍ଟା କରୁଛି ଭାଜପା ବୋଲି କହିଛନ୍ତି ବିଜେଡି ପ୍ରବକ୍ତା ଡ. ଲେନିନ୍ ମହାନ୍ତି। ଏକ ପ୍ରେସ୍ ବିବୃତି ମାଧ୍ୟମରେ ସେ କହିଛନ୍ତି, ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ଏକାଧିକ ବ୍ୟାରେଜ ନିର୍ମାଣ କରି ପାଣିକୁ ରୋକିଛି। ଫଳରେ ଓଡ଼ିଶାରେ ମହାନଦୀ ଧାର ଶୁଖିଲା ପଡ଼ିଛି। ଏହାକୁ ସ୍ୱୀକାର କରିବାକୁ ଭାଜପା ନେତୃମଣ୍ଡଳୀର ସତ୍‌ସାହସ ନାହିଁ।

ଛତିଶଗଡ଼ରେ ଭାଜପା ସରକାର ଗଠନ ହେବାପରେ ସମସ୍ତ ବ୍ୟାରେଜର ଗେଟ୍ ବନ୍ଦ କରି ମହାନଦୀର ପାଣିକୁ ଅଟକାଇ ରଖିଦିଆଯାଇଛି। ମାତ୍ର ଓଡ଼ିଶାର ଭାଜପା ନେତା ଏଥିପାଇଁ ରାଜ୍ୟ ସରକାରଙ୍କୁ ଦୋଷ ଦେଇ ହୀନ ରାଜନୀତି କରିବାରେ ମାତିଛନ୍ତି ବୋଲି ଡ. ମହାନ୍ତି କହିଛନ୍ତି। ମେ ପ୍ରଥମ ସପ୍ତାହରୁ ମହାନଦୀରେ ହୀରାକୁଦ ଜଳଭଣ୍ଡାରକୁ ମାତ୍ର ୩୩୦ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ବର୍ତ୍ତମାନ ଓଡ଼ିଶାର ଚାଷଜମିକୁ ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନ ପାଇଁ ହୀରାକୁଦ ଜଳଭଣ୍ଡାରକୁ ଅନ୍ୟୂନ ୧୦ ହଜାର କ୍ୟୁସେକ୍ ଜଳ ପ୍ରବେଶର ଆବଶ୍ୟକତା ରହିଛି। ପୂର୍ବରୁ ଛତିଶଗଡ଼ରେ ଥିବା କଂଗ୍ରେସ ସରକାରଙ୍କୁ ଭାଜପା ଏଥିପାଇଁ ଦୋଷୀ କରିଥିବା ବେଳେ ବର୍ତ୍ତମାନ ଏହାକୁ ନେଇ ଆଦୌ ମୁହଁ ଖୋଲୁ ନ ଥିବା ଦୁର୍ଭାଗ୍ୟଜନକ। ରାଜନୈତିକ ଫାଇଦା ପାଇଁ ଜନସାଧାରଣଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଛତିଶଗଡ଼ ସରକାର ଓଡ଼ିଶାର ଜୀବନରେଖାକୁ ମାରିବାକୁ ଚେଷ୍ଟା କରୁଛନ୍ତି। ତେବେ ଯଦି ଧର୍ମେନ୍ଦ୍ର ପ୍ରଧାନଙ୍କ ସତ୍‌ସାହସ ଅଛି ତା'ହେଲେ ଛତିଶଗଡ଼ ସରକାରଙ୍କୁ ଏନେଇ ଥରେ ପ୍ରଶ୍ନ କରନ୍ତୁ, ଅନ୍ୟଥା ଓଡ଼ିଶାର ଜନସାଧାରଣ ତାଙ୍କୁ ଆଦୌ କ୍ଷମା କରିବେ ନାହିଁ ବୋଲି କହିଛନ୍ତି ଡ. ଲେନିନ୍ ମହାନ୍ତି।

# ନ୍ୟାୟ ମାଗି ସିଂଦେଓ ପରିବାର ଉପରେ ବର୍ଷିଲେ ଅଦ୍ରିଜା

**ବଲାଙ୍ଗୀର, ୯।୫ (ବୀରେନ୍ଦ୍ର କୁମାର ଝାଙ୍କର)**



ବଲାଙ୍ଗୀରଠାରେ ଅଦ୍ରିଜା ମଞ୍ଜରୀ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ବଲାଙ୍ଗୀର ରାଜ ପରିବାରର ସାନବୋହୂ ଅଦ୍ରିଜା ମଞ୍ଜରୀ ସିଂ ଗୁରୁବାର ସ୍ଥାନୀୟ ଏକ ହୋଟେଲଠାରେ ଏକ ଖବରଦାତା ସମ୍ମିଳନୀ କରି ତାଙ୍କ ପାରିବାରିକ ନିର୍ଯାତନା ପ୍ରସଙ୍ଗ ଉଠାଇ ନ୍ୟାୟ ମାଗିଛନ୍ତି। ପୁଣି ଥରେ ସେ ତାଙ୍କ ସ୍ୱାମୀ ଅର୍କେଶ ନାରାୟଣ ସିଂଦେଓ, ଦେଢ଼ଶୁର କଳିକେଶ ନାରାୟଣ ସିଂଦେଓ ଏବଂ ଶ୍ୱଶୁର ଅନଙ୍ଗ ଉଦୟ ସିଂଦେଓଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ତାଙ୍କ ନିର୍ଯାତନା ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜଣାଇଥିବା କହିଥିଲେ। ଏହାସତ୍ତ୍ୱେ ସେ ଏହି ପରିବାର ସଦସ୍ୟଙ୍କୁ ବିଜେଡି ଟିକେଟ ଦେଇଛନ୍ତି। ମହିଳାମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ବହୁତ କିଛି କରୁଥିବା କୁହାଯାଉଛି। ତେବେ ମୁଖ୍ୟମନ୍ତ୍ରୀ ତାଙ୍କୁ ନ୍ୟାୟ ଦେଇନାହାନ୍ତି ବୋଲି ସେ କହିଥିଲେ। ଯେଭଳି ନିର୍ଯାତନା ତାଙ୍କୁ ଦିଆଯାଇଛି ତାହା ବଲାଙ୍ଗୀରର ଜନସାଧାରଣ ଜାଣନ୍ତୁ ଓ ଏହା ଉପରେ ବିଚାର କରି ଭୋଟ ଦିଅନ୍ତୁ ବୋଲି ସେ ନିବେଦନ କରିଥିଲେ। ଖବରଦାତା ସମ୍ମିଳନୀରେ ଅଦ୍ରିଜାଙ୍କ ସହ ଆଡଭୋକେଟ୍ ଦେବାଶିଷ ବିଶ୍ୱାଳ ଓ ସାମାଜିକ କର୍ମୀ ବିଜୁଳି ପ୍ରଧାନ ମଞ୍ଚାସୀନ ଥିଲେ।

ଅଦ୍ରିଜାଙ୍କ ଖବରଦାତା ସମ୍ମିଳନୀ ଉପରେ ସ୍ୱାମୀ ଅର୍କେଶ ନାରାୟଣ ସିଂଦେଓଙ୍କୁ ପଚାରିବାରେ ସେ କହିଛନ୍ତି କେତେକ ପର ସ୍ତ୍ରୀକୁ ନେଇ ରାଜନୀତି କରୁଛନ୍ତି। ତାଙ୍କ ପାରିବାରିକ ବିବାଦ ମାମଲା ଡେରାଡୁନ୍ କୋର୍ଟରେ ବିଚାରାଧୀନ ରହିଛି। ସେଠାକାର ଜଜ୍ ତାଙ୍କୁ ନ୍ୟାୟ ଦେବେ। ବଲାଙ୍ଗୀର ଆସି ଲୋକଙ୍କୁ ନ୍ୟାୟ ମାଗିଲେ କ'ଣ ହେବ ବୋଲି କହିଥିଲେ। ଅଦ୍ରିଜାଙ୍କ ଖବରଦାତା ସମ୍ମିଳନୀକୁ ନେଇ ସେ ସ୍ଥାନୀୟ କଂଗ୍ରେସ ଦଳ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଓ ବିଧାୟକ ନରସିଂହ ମିଶ୍ରଙ୍କୁ ସମାଲୋଚନା କରିଥିଲେ। ଏହା ସେମାନଙ୍କ ନିର୍ବାଚନ ପରାଜୟ ଲକ୍ଷଣ ବୋଲି କହିଥିଲେ। ଗଣମାଧ୍ୟମରେ ଅର୍କେଶଙ୍କ ଏଭଳି ମନ୍ତବ୍ୟ ପରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର କହିଛନ୍ତି, କାହାରି ପାରିବାରିକ ବିବାଦରେ ତାଙ୍କର କୌଣସି ଭୂମିକା ନାହିଁ। ଜାଣିଶୁଣି ତାଙ୍କୁ ଏହି ବିବାଦକୁ ଟଣାଯାଉଛି ବୋଲି ସେ କହିଥିଲେ। ଅଦ୍ରିଜାଙ୍କ ଖବରଦାତା ସମ୍ମିଳନୀ ଉପରେ ତାଙ୍କ ଦେଢ଼ଶୁର ତଥା ବିଜେଡି ବିଧାୟକ ପ୍ରାର୍ଥୀ କଳିକେଶ କୌଣସି ମନ୍ତବ୍ୟ ଦେବାକୁ ମନା କରି ଦେଇଥିଲେ।

# ଭାଜପା ସରକାର କଲେ ଗାଁର ନାଁ ଦିଆଯିବ: ହିମନ୍ତ

## କାଳିମେଳା, ମାଥିଲିରେ ଆସାମ ମୁଖ୍ୟମନ୍ତ୍ରୀଙ୍କ ସଂକଳ୍ପ ସମାବେଶ

**ମାଲକାନଗିରି/କାଳିମେଳା, ୯।୫ (ଦୁର୍ଯ୍ୟୋଧନ ପାତ୍ର/ଜୀବନ ଦାସ)**

ଓଡ଼ିଶାରେ ଭାଜପା ସରକାର କଲେ ମାଲକାନଗିରିରେ ନମ୍ବର ନୁହେଁ, ଗାଁର ନାଁ ଦିଆଯିବ ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି। ଗୁରୁବାର ସେ ମାଲକାନଗିରି ଜିଲା ଗସ୍ତକରି ପ୍ରଥମେ କାଳିମେଳା ବ୍ଲକ ଏମ୍‌ପିଭି ୮୨ ଗ୍ରାମ ଓ ମାଥିଲିରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇଥିଲେ। ଏଥିରେ ବିଶ୍ୱଶର୍ମା କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସାଢ଼େ ୪ କୋଟି ଲୋକଙ୍କୁ ନୁହେଁ, କେବଳ ପାଣ୍ଡିଆନ୍‌ଙ୍କୁ ହିଁ ସ୍ନେହ ଓ ଭଲପାଇବା ଦେଉଛନ୍ତି। ମାଲକାନଗିରି ଜିଲାରେ ଅନେକ ହଜାର ବଙ୍ଗୀୟ ଭାଷୀ ଲୋକକ ରହୁଥିବା ବେଳେ ଶିକ୍ଷକ ନାହାନ୍ତି। ତେଣୁ ବଙ୍ଗୀୟ ଭାଷାରେ ଶିକ୍ଷାଦାନ ଠିକ୍ ଭାବେ ହେଉନାହିଁ। ବଙ୍ଗୀୟ ଭାଷୀ ଗ୍ରାମକୁ ସଂଖ୍ୟାରେ ନାମିତ କରାଯାଇଛି। ଜେଲରେ ଅଭିଯୁକ୍ତଙ୍କୁ ସଂଖ୍ୟା ଦିଆଯାଇଥାଏ। ଗ୍ରାମର ନାମ ସଂଖ୍ୟାରେ ନାମିତ କରାଯାଏ ନାହିଁ। ତେଣୁ ରାଜ୍ୟରେ ଭାଜପା ସରକାର ଆସିଲେ ବଙ୍ଗୀୟ ଶିକ୍ଷକ ନିଯୁକ୍ତି ସହ ଗ୍ରାମଗଡ଼ିକୁ ନାମିତ କରାଯିବ ବୋଲି ସେ କହିଥିଲେ।



ଏମ୍‌ପିଭି ୮୨ ଗ୍ରାମରେ ଗୁରୁବାର ଭାଜପା ସଂକଳ୍ପ ସମାବେଶରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଓ ଅନ୍ୟ ନେତାମାନେ।

ବିଶ୍ୱଶର୍ମା ଆହୁରି କହିଥିଲେ, ପଡୋଶୀ ଛତିଶଗଡ଼ରେ ବର୍ତ୍ତମାନ ଭାଜପା ସରକାର ଥିବା ବେଳେ ସେଠାରେ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦିଆଯାଉଛି। କିନ୍ତୁ ଓଡ଼ିଶାରେ ମାତ୍ର ୨୧୦୦ ଟଙ୍କା ଦିଆଯାଉଛି। ଭାଜପା ସରକାର ଗଢ଼ିଲେ ଧାନର ମୂଲ୍ୟ ନିଶ୍ଚିତ ଭାବେ ୩୧୦୦ ଟଙ୍କା କରାଯିବା ସହ ମହିଳାଙ୍କୁ ୨ ବର୍ଷରେ ଦୁଇଟି କିସ୍ତିରେ ୫୦ ହଜାର ଟଙ୍କା ଦିଆଯିବ। ଏଥିସହ ବିଧବା ଭତ୍ତା ୩ ହଜାର ଟଙ୍କା, ୩ ଲକ୍ଷରୁ ଉର୍ଦ୍ଧ୍ୱ ଯୁବତୀଯୁବକଙ୍କୁ ନିଯୁକ୍ତି, କୋୟା ଆଦିବାସୀ ଶିକ୍ଷକ ନିଯୁକ୍ତି, ରାଜସ୍ୱ ଆୟ ଅଭିବୃଦ୍ଧି ସହ ଜାତୀୟ ଶିକ୍ଷା ନୀତି, ଆୟୁଷ୍ମାନ ଯୋଜନା ଲାଗୁ, ଯୁବତୀ ଯୁବକଙ୍କୁ ନିଯୁକ୍ତି ସହ ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କାର ଭାଉଚର ଦିଆଯିବ ବୋଲି ସେ କହିଛନ୍ତି। ଏଥିସହ ଆସାମର ଲକ୍ଷେ ଲୋକଙ୍କୁ ସରକାରୀ ଖର୍ଚ୍ଚରେ ରାମ ମନ୍ଦିର ଦେଖାଇବାକୁ ନିଆଯିବାର ବ୍ୟବସ୍ଥା କରାଯାଇଛି। ଓଡ଼ିଶାରେ ଭାଜପା ସରକାର ହେଲେ ୫ ଲକ୍ଷ ଲୋକଙ୍କୁ ରାମ ମନ୍ଦିର ଦର୍ଶନ ପାଇଁ ନିଆଯିବ ବୋଲି ବିଶ୍ୱଶର୍ମା କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଯାହା କୁହନ୍ତି, ତାହା କାର୍ଯ୍ୟରେ କରି ଦେଖାନ୍ତି। ତେଣୁ ଭାଜପାର ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ସେ ଅନୁରୋଧ କରିଥିଲେ। ପରେ ଚିତ୍ରକୋଣ୍ଡା ବିଧାନସଭା କ୍ଷେତ୍ରର ମାଥିଲି ଗ୍ରାମପଞ୍ଚାୟତରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ସେ ଉଦ୍‌ବୋଧନ ଦେଇଥିଲେ। ଏହି ଦୁଇଟି କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ପ୍ରାର୍ଥୀ ବଳଭଦ୍ର ମାଝି, ମାଲକାନଗିରି ବିଧାୟକ ପ୍ରାର୍ଥୀ ନରସିଂହ ମାଡକାମି, ଚିତ୍ରକୋଣ୍ଡା ବିଧାୟକ ପ୍ରାର୍ଥୀ ଡମ୍ବରୁ ଶିଶାଙ୍କ ସମେତ ଜିଲା ଭାଜପା ସଭାପତି ନିମାଇଁ ଚନ୍ଦ୍ର ପାଲ ଓ ଅନ୍ୟାନ୍ୟ ଭାଜପା ନେତା, କର୍ମୀ ଉପସ୍ଥିତ ଥିଲେ।

# ଏମ୍‌ପି ନିଜ ଦାୟିତ୍ୱ ଭୁଲିଗଲେ

- ବେଗୁନିଆ, ଟାଙ୍ଗୀରେ ପାଣ୍ଡିଆନଙ୍କ ପ୍ରଚାର
- ନିର୍ବାଚନୀ ଇସ୍ତାହାର ହସ ଫୁଟାଇବ



ବେଗୁନିଆ ମିନି ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ନିର୍ବାଚନୀ ସଭାରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ଉଦ୍‌ବୋଧନ ଦେଉଛନ୍ତି।

**ଖୋର୍ଦ୍ଧା/ଟାଙ୍ଗୀ/ବେଗୁନିଆ,୯।୫ (ପ୍ରଭାତ ପାଣିଗ୍ରାହୀ/ରଘୁନାଥ ସାହୁ/ ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ଖୋର୍ଦ୍ଧା ଜିଲା ବେଗୁନିଆ ଓ ଟାଙ୍ଗୀରେ ଗୁରୁବାର ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ନିର୍ବାଚନ ପ୍ରଚାର କରିଛନ୍ତି। ବିଜେଡିକୁ ଭୋଟ୍ ଦେଇ ଲୋକ ସଭା ଏବଂ ବିଧାନସଭା ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସେ ନିବେଦନ କରିଛନ୍ତି। ବିଜେଡିର ନିର୍ବାଚନୀ ଇସ୍ତାହାର ସମସ୍ତଙ୍କ ମୁଖରେ ହସ ଫୁଟାଇବ ବୋଲି ସେ କହିଥିଲେ।

ପ୍ରଥମେ ବେଗୁନିଆ ମିନି ଷ୍ଟାଡିୟମରେ ଆୟୋଜିତ ନିର୍ବାଚନୀ ସଭାରେ ପାଣ୍ଡିଆନ୍ ଉପସ୍ଥିତ କର୍ମୀଙ୍କୁ ସମ୍ବୋଧିତ କରି ସିଧାସଳଖ ଭୁବନେଶ୍ୱର ଏମ୍‌ପିଙ୍କ ନାଁ ନ ନେଇ ଅପରାଜିତା ଷଡ଼ଙ୍ଗୀଙ୍କୁ ଟାର୍ଗେଟ କରିଥିଲେ। ସେ ଜଣେ ସର୍ବଭାରତୀୟ ସ୍ତରର ଅଫିସର ଥିଲେ। ସେ ଚାହିଁଥିଲେ ବେଗୁନିଆ ଓ ବୋଲଗଡ଼ ପାଇଁ ବହୁ କେନ୍ଦ୍ରୀୟ ଯୋଜନା ଆଣିପାରିଥାନ୍ତେ। କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଗଢ଼ିଉଠିଥାନ୍ତା। ବେକାର ଯୁବତୀଯୁବକ ନିଯୁକ୍ତି ପାଇଥାନ୍ତେ। କିନ୍ତୁ ସେ ଲୋକଙ୍କ ଭୋଟରେ ନିର୍ବାଚିତ ହେବା ପରେ ନିଜ ଦାୟିତ୍ୱ ଭୁଲିବା ସହ ବେଗୁନିଆ ଓ ବୋଲଗଡ଼କୁ ଆସିଲେ ନାହିଁ। ଗତ ନିର୍ବାଚନରେ ଏଠାରୁ ଅଧିକ ଭୋଟ୍ ପାଇଥିଲେ, ବେଗୁନିଆବାସୀଙ୍କ ସ୍ୱାର୍ଥ ପାଇଁ କ'ଣ କରିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ପାଣ୍ଡିଆନ୍। କୋଭିଡ୍ ସମୟରେ ସବୁ ଲୋକ ନିୟମ ମାନିଲେ, କିନ୍ତୁ ସେ ଅମାନିଆ ହେଲେ। ସେହିପରି ପାଇକ ବୀରଙ୍କ ତ୍ୟାଗ ଓ ବଳିଦାନ ସ୍ୱରୂପ ଖୋର୍ଦ୍ଧା ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବା ଲାଗି ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଚାରିଥର ଚିଠି ଲେଖିଛନ୍ତି। କିନ୍ତୁ ସମ୍ପୃକ୍ତ ଏମ୍‌ପି ଥରଟିଏ ବି ଚିଠି ଲେଖି ନାହାନ୍ତି କିମ୍ବା ସଂସଦରେ ଏହି ପ୍ରସଙ୍ଗ ଉଠାଇ ନାହାନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁ କାମର ହିସାବ ଲୋକଙ୍କୁ ଦେଉଛନ୍ତି। କିନ୍ତୁ କଥିତ ଏମ୍‌ପି ଲୋକଙ୍କୁ ହିସାବ ଦେଇପାରିବେ ନାହିଁ। ମୁଖ୍ୟମନ୍ତ୍ରୀ ଦିନରାତି ଲୋକଙ୍କ ପାଇଁ କାମ କରୁଛନ୍ତି। ବେଗୁନିଆ ଓ ବୋଲଗଡ଼ବାସୀଙ୍କ କଥା ଚିନ୍ତା କରୁଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ଆବଶ୍ୟକତାକୁ ଅନୁଭବକରି ଏନ୍‌ଏସି ମାନ୍ୟତା ସହ ଉପଖଣ୍ଡ ଚିକିତ୍ସାଳୟ ମାନ୍ୟତା, କୋର୍ଟ ସ୍ଥାପନ କରିଛନ୍ତି। ଆଗକୁ ବିକାଶଧାରା ଜାରି ରହିବ। ଶିଳ୍ପର ଅଭିବୃଦ୍ଧି ସହ ଶିଳ୍ପାନୁଷ୍ଠାନ ଗଢ଼ିଉଠିବ। ପାଞ୍ଚ ବର୍ଷରେ ପୁଣି ଥରେ ସୁଯୋଗ ଆସିଛି। ତେଣୁ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବାକୁ ନିବେଦନ କରିଥିଲେ ପାଣ୍ଡିଆନ୍। ଏହି ସଭାରେ ଭୁବନେଶ୍ୱର ଲୋକ ସଭା ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ବେଗୁନିଆ ବିଧାୟକ ପ୍ରାର୍ଥୀ ପ୍ରଦୀପ ସାହୁ ଉପସ୍ଥିତ ଥିଲେ।

ଏହାପରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଟାଙ୍ଗୀ ଚିଲିକା ଷ୍ଟାଡିୟମଠାରେ ଆୟୋଜିତ ସଭାରେ ପାଣ୍ଡିଆନ୍ ଯୋଗଦେଇ କହିଥିଲେ, ଆଜିର ଜନସମୁଦ୍ରକୁ ଦେଖି ବିରୋଧୀଙ୍କ ମନୋବଳ ଭାଙ୍ଗିଯାଇଛି। ଏଠାରେ ମଧ୍ୟ ନାଁ ନ ନେଇ ସେ ଅପରାଜିତାଙ୍କୁ ଟାର୍ଗେଟ କରିଥିଲେ। ଭୁବନେଶ୍ୱର ଏମ୍‌ପି ଭାବେ ଯାହାଙ୍କୁ ନିର୍ବାଚିତ କରିଥିଲେ ସିଏ ଆପଣମାନଙ୍କର ସୁଖଦୁଃଖରେ ସାମିଲ ହୋଇଥିଲେ କି ପ୍ରଶ୍ନ କରିବା ସହ ଟୁରିଷ୍ଟ ଏମ୍‌ପି ନିର୍ବାଚନ ସମୟରେ ଦେଖାଯାଉଛନ୍ତି ବୋଲି କହିଥିଲେ। ସେହିପରି ୫ବର୍ଷ ହେବ କୁଆଡ଼େ ଯାଇଥିଲେ। ସେ ଜଣେ ସର୍ବଭାରତୀୟ ସ୍ତରର ଅଫିସର ଥିଲେ। ତାଙ୍କଠାରୁ ବହୁତ କିଛି ଆଶା ଥିଲା। ସେ ଚାହିଁଥିଲେ ବିଭିନ୍ନ ଯୋଜନା ଏଠାରେ କାର୍ଯ୍ୟକାରୀ କରିପାରିଥାନ୍ତେ। ଏହି ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପରିବର୍ତ୍ତେ ସେ ସରପଞ୍ଚ, ବ୍ଲକ ଅଧ୍ୟକ୍ଷମାନଙ୍କ କାର୍ଯ୍ୟକୁ ବିରୋଧ କରିଥିଲେ। ତେଣୁ ଖୋର୍ଦ୍ଧାର ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର କୁମାର ସାହୁ ଓ ଲୋକ ସଭା ପ୍ରାର୍ଥୀ ମନ୍ମଥ କୁମାର ରାଉତରାୟଙ୍କୁ ବିପୁଳ ସମର୍ଥନ ଦେବା ପାଇଁ ସେ ଆହ୍ୱାନ ଦେଇଥିଲେ। ୩୦ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ଉଭୟ ପ୍ରାର୍ଥୀଙ୍କୁ ଜିତାଇଲେ ପ୍ରଥମେ ଟାଙ୍ଗୀକୁ ଆସିବେ ବୋଲି ପାଣ୍ଡିଆନ ପ୍ରକାଶ କରିଥିଲେ। ଟାଙ୍ଗୀକୁ ଏନ୍‌ଏସି ଘୋଷଣା, ମା'ଉଗ୍ରତାରା ମନ୍ଦିରର ଉନ୍ନତି ପାଇଁ ୩୦ କୋଟି ଟଙ୍କା, ଟାଙ୍ଗୀ ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରେ ପାନୀୟଜଳ ଯୋଗାଣ ପାଇଁ ୧୨୧ କୋଟି ଟଙ୍କା, ୫୦ ହାଇସ୍କୁଲରେ ରୂପାନ୍ତରିତ କାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇପାରିଛି। ଆଗକୁ ଟାଙ୍ଗୀର ବିକାଶ ରାଜେନ୍ଦ୍ର କୁମାର ସାହୁଙ୍କ ଦ୍ୱାରା ଅଧିକ ତ୍ୱରାନ୍ୱିତ ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ। ଏହି ସଭାରେ ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର କୁମାର ସାହୁ ଓ ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଉପସ୍ଥିତ ଥିଲେ।

## ନିର୍ବାଚନ ପ୍ରଚାରର ମାଧ୍ୟମ ପାଲଟିଛି ୟୁଟ୍ୟୁବ୍

### ବ୍ଲଗର୍‌ଙ୍କ ଦ୍ୱାରା କଟକର ଖାଦ୍ୟ, ପ୍ରସିଦ୍ଧ ସ୍ଥାନକୁ ଗୁରୁତ୍ୱ


ୟୁଟ୍ୟୁବ୍ ରୋହିତ ଶ୍ରୀବାସ୍ତବଙ୍କ ସହ ସୋଫିଆ ଫିର୍ଦ୍ଦୋଶ।

**କଟକ,୯।୫(ଶିଳ୍ପା ପ୍ରିୟଦର୍ଶିନୀ)**

ନିର୍ବାଚନକୁ ନେଇ ବାରବାଟୀ-କଟକ ରାଜନୀତି ସରଗରମ ହେବାରେ ଲାଗିଛି। ଏଠାରେ ଉଚ୍ଚ ଶିକ୍ଷିତ ପ୍ରାର୍ଥୀ ଏବେ ନୂଆଢଙ୍ଗରେ ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ପ୍ରାର୍ଥୀଙ୍କ ମଧ୍ୟରେ ବିଜେଡିର ପ୍ରକାଶ ବେହେରା, ଭାଜପାର ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ କଂଗ୍ରେସର ସୋଫିଆ ଫିର୍ଦ୍ଦୋଶ ରହିଛନ୍ତି। ପ୍ରକାଶ ଏମ୍‌ବିଏ ଡିଗ୍ରୀ ପ୍ରାପ୍ତ, ପୂର୍ଣ୍ଣଚନ୍ଦ୍ର ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ଏବଂ ସୋଫିଆ ପେସାରେ ଜଣେ ଇଞ୍ଜିନିୟର। ଏହି ୩ ପ୍ରମୁଖ ଦଳ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଲୋକେ ଆଲୋଚନା କରୁଛନ୍ତି। ତେଣୁ ପ୍ରଚାର ପାଇଁ ପ୍ରାର୍ଥୀ ଭିନ୍ନ ଶୈଳୀ ଆପଣାଇଛନ୍ତି। ଏବେ ସୋସିଆଲ ମିଡିଆ ଖାସ୍ କରି ବ୍ଲଗର୍‌ଙ୍କୁ ନେଇ ଛୋଟ ଭିଡିଓ, ବ୍ଲଗିଙ୍ଗ କରି ପ୍ରାର୍ଥୀ ପ୍ରଚାର ଆରମ୍ଭ କରିଛନ୍ତି। ଜନସାଧାରଣ ଏବେ ୟୁଟ୍ୟୁବ୍ ପ୍ରତି ବେଶ୍ ଆକୃଷ୍ଟ ଥିବାବେଳେ ଏହା ପ୍ରଚାରର ଏକ ପ୍ରକାର ମାଧ୍ୟମ ପାଲଟିଛି। ଏଭଳି ପ୍ରଚାର କରିବାରେ ନଜରକୁ ଆସିଛନ୍ତି କଂଗ୍ରେସ ପ୍ରାର୍ଥୀ ସୋଫିଆ। ବ୍ଲଗରଙ୍କ ସହ ନିର୍ବାଚନ ସମ୍ପର୍କରେ ସେ ଆଲୋଚନା କରିବା ସହ କଟକର ପୁରାତନ ସ୍ଥାନ, ତାରକସି କାର୍ଯ୍ୟ, ପ୍ରସିଦ୍ଧ ଖାଦ୍ୟ ଯଥା- ଦହିବରା, ମିକ୍ସଚରକୁ ଗୁରୁତ୍ୱ ଦେଇ ବ୍ଲଗର୍‌ମାନେ ନିଜ ୟୁଟ୍ୟୁବ୍ ଚ୍ୟାନେଲରେ ଅପ୍‌ଲୋଡ୍ କରୁଛନ୍ତି। ଏହାଦ୍ୱାରା ବିଶ୍ୱବାସୀ କଟକ ବିଷୟରେ ଜାଣିପାରୁଛନ୍ତି। ପୂର୍ବରୁ ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଏପରି ବ୍ଲଗରଙ୍କ ସହ ନଜର ଆସିଥିବାବେଳେ ଏବେ ସୋଫିଆ ବ୍ଲଗର ରୋହିତ ଶ୍ରୀବାସ୍ତବଙ୍କ ସହ ନଜର ଆସିଛନ୍ତି।

## କାର୍ଯ୍ୟାନୁଷ୍ଠାନ ନ ହେଲେ ସିଇଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା: ଗୋଲକ

### ସିଇଓଙ୍କୁ ଭେଟିଲା ଭାଜପା ପ୍ରତିନିଧି ମଣ୍ଡଳୀ

**ଭୁବନେଶ୍ୱର, ୯।୫(ସୁନିତ୍ ମିଶ୍ର)**

ଓଡ଼ିଶାରେ ବିଜେଡି ନିର୍ବାଚନ ହାରିବା ଭୟରେ 'ଔଷଧ ବିକଳରେ ତାଟିଆ କାମୁଡୁଛି'। ବିଜେଡି ୨୫ ବର୍ଷ ଧରି ଯଦି କାମ କରିଛି ତେବେ ଲୋକେ ତାଙ୍କୁ ଭୋଟ ଦେବେ। ଲୋକଙ୍କୁ ଭରି ସଭାରେ କାହିଁକି ଧମକାଉଛନ୍ତି। ବିଜେଡି ନିଜର 'ଏକ୍ସପାଏରି ଡେଟ୍' ଜାଣି ସାରିବା ପରେ ବିଚଳିତ ହେବା ଆରମ୍ଭ କରିଛି। ବିଜେଡିର ନେତା, ମନ୍ତ୍ରୀ, ବିଧାୟକମାନେ ନିର୍ବାଚନ ବୈତରଣୀ ପାରହେବା ପାଇଁ ଜନତାଙ୍କୁ ଧମକାଉଛନ୍ତି। ସରକାରୀ ସୁବିଧା କାଟିଦେବାର ଧମକ ଦେଉଛନ୍ତି। ବିଜେଡିର ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଗୋଟିଏ ସଭାରେ ଲୋକଙ୍କୁ ଧମକ ଦେଉଛନ୍ତି, ତୁମେ ଯାହାକୁ ଭୋଟ ଦେବ ଆମେ ଜାଣିପାରିବୁ। ଯଦି ତୁମେମାନେ ବିଜେଡିକୁ ଭୋଟ ଦେବ ନାହିଁ ତେବେ ଯେଉଁ ସରକାରୀ ସୁବିଧା ମିଳୁଛି ସେଥିରୁ ବଞ୍ଚିତ କରାଯିବ ବୋଲି ବିଜେଡି ଧମକାଉଥିବା ଭାଜପା ଅଭିଯୋଗ କରିଛି। ଏନେଇ ଭାଜପାର ଏକ ପ୍ରତିନିଧି ଦଳ ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟିଛି। ଅଭିଯୋଗ ସମ୍ବଳିତ ଦସ୍ତାବିଜ ସିଇଓଙ୍କୁ ହସ୍ତାନ୍ତର କରିଥିବା ଭାଜପା କହିଛି। ଯଦି ନିର୍ବାଚନ କମିଶନ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ଭାଜପା ପକ୍ଷରୁ ସିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର କହିଛନ୍ତି। ଏହାସହ ଅନେକ ସରକାରୀ ଅଧିକାରୀ ନିର୍ବାଚନୀ ସଭାରେ ଯୋଗଦେଉଥିବା ନେଇ ମଧ୍ୟ ଭାଜପା ପ୍ରତିନିଧି ଦଳ ଅଭିଯୋଗ କରିଛି।

## ଦେଶରେ ମହିଳାଙ୍କ ପ୍ରତି ନିର୍ଯ୍ୟାତନା ବୃଦ୍ଧି ପାଇଛି: କଂଗ୍ରେସ


ପିସିସି କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଅଖିଳ ଭାରତ କଂଗ୍ରେସ କମିଟି ପ୍ରବକ୍ତା ଶ୍ୟାମା ମହମ୍ମଦ ଓ ଅନ୍ୟ ନେତୃବୃନ୍ଦ।

**ଭୁବନେଶ୍ୱର, ୯।୫(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗତ ୧୦ ବର୍ଷର ଶାସନରେ ସମଗ୍ର ଭାରତବର୍ଷରେ ମହିଳାଙ୍କ ପ୍ରତି ବଳାତ୍କାର, ହତ୍ୟା, ଅପହରଣ ଓ ନିର୍ଯ୍ୟାତନା ବହୁ ମାତ୍ରାରେ ବୃଦ୍ଧି ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମୋଦି ସରକାରଙ୍କ ଘନିଷ୍ଠ ରାଜନୈତିକ ସହଯୋଗୀ, ନେତା ଓ ମନ୍ତ୍ରୀମାନେ ଏସବୁ କାର୍ଯ୍ୟରେ ସମ୍ପୃକ୍ତ। ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରିବର୍ତ୍ତେ ସରକାର ସେମାନଙ୍କୁ ଘଣ୍ଟଘୋଡ଼ାଉଛନ୍ତି। ଏପରିକି ବଳାତ୍କାର ଓ ହତ୍ୟା ମାମଲାରେ ସମ୍ପୃକ୍ତ ନେତାଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଦଳୀୟ ଟିକେଟ ମଧ୍ୟ ଦିଆଯାଉଛି। ଫଳରେ ସମଗ୍ର ଦେଶରେ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ମୋଦି ସରକାରଙ୍କ 'ବେଟି ବଚାଓ'ର ନାରା ବର୍ତ୍ତମାନ 'ବଳାତ୍କାରୀ ବଚାଓ'ରେ ପରିଣତ ହୋଇଛି ବୋଲି ଅଖିଳ ଭାରତ କଂଗ୍ରେସ କମିଟି ପ୍ରବକ୍ତା ଶ୍ୟାମା ମହମ୍ମଦ କହିଛନ୍ତି।

ଗୁରୁବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶ୍ୟାମା କହିଛନ୍ତି, ଉନାଓ ବଳାତ୍କାର ଓ ହତ୍ୟା ମାମଲା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା। ଜଣେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା କରାଗଲା। ପରେ ତାଙ୍କ ବାପାଙ୍କୁ ପୋଲିସ କଷ୍ଟୋଡିରେ ହତ୍ୟା କରାଯିବା ସହ ଦାଦାଙ୍କୁ ଟ୍ରକ୍ ଚଢ଼ାଇ ହତ୍ୟା କରାଗଲା। ଘଟଣାରେ ସମ୍ପୃକ୍ତ ପୂର୍ବତନ ଭାଜପା ବିଧାୟକ କୁଲଦୀପ ସିଂହ ସେନଗରଙ୍କୁ ସେତେବେଳେ ଘଣ୍ଟ ଘୋଡ଼ାଇବାକୁ ଉଦ୍ୟମ କରାଯାଇଥିଲା। ସେହିପରି ସ୍ୱାମୀ ଚିନ୍ମୟାନନ୍ଦ, ରାମ ରହିମ ଆଦି ବଳାତ୍କାର ଅଭିଯୁକ୍ତଙ୍କୁ ମୋଦି ସରକାର ସମର୍ଥନ କରିଆସିଛନ୍ତି। ବିଲ୍‌କିସ୍ ବାନୋ ବଳାତ୍କାର ଓ ହତ୍ୟା ମାମଲା ମଧ୍ୟ ଦେଶର ଅନ୍ୟତମ ଚର୍ଚ୍ଚିତ ଅପରାଧ ଥିଲା। ସେହିପରି ଭାଜପା ନେତା ବ୍ରିଜ୍‌ଭୂଷଣ ଶରଣ ସିଂ ଯୌନ ଶୋଷଣ କରିବା ନେଇ ଆସିଥିବା ଅଭିଯୋଗ ଅନ୍ତର୍ଜାତୀୟ ସ୍ତରରେ ଭାରତକୁ ନିନ୍ଦିତ କରିଛି। ମହିଳା କ୍ରୀଡ଼ାବିତ୍‌ମାନେ ବ୍ରିଜ୍‌ଭୂଷଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ଧାରଣା ଦେବାବେଳେ ପୋଲିସ ସେମାନଙ୍କୁ ଆକ୍ରମଣ କଲା। ଆଶ୍ଚର୍ଯ୍ୟର କଥା ଏସବୁ ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୌନବ୍ରତ କରିଥିଲେ। ଭାଜପା ଓ ବିଜେଡି ସରକାର ମହିଳାଙ୍କ ସୁରକ୍ଷା ଓ ସମ୍ମାନ ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ନିର୍ବାଚନୀ ଇସ୍ତାହାରରେ ମଧ୍ୟ କଂଗ୍ରେସ ମହିଳା ସଶକ୍ତୀକରଣ ନିମନ୍ତେ ଧ୍ୟାନ ଦେଇଛି ବୋଲି ସେ କହିଛନ୍ତି।

## ସରକାରକୁ ଆସିଲେ ସଂକଳ୍ପପତ୍ରର ପ୍ରତିଶ୍ରୁତି ପୂରଣ କରିବୁ: ଭାଜପା

**ଭୁବନେଶ୍ୱର, ୯।୫(ସୁନିତ୍ ମିଶ୍ର)**

ଓଡ଼ିଶା ହେଉଛି ଅନନ୍ତ ସମ୍ଭାବନାର ପ୍ରଦେଶ। ପ୍ରାକୃତିକ ଓ ମାନବ ସମ୍ପଦରେ ଓଡ଼ିଶା ଭରପୂର। ଓଡ଼ିଶାରେ ଦୀର୍ଘ ୨୫ ବର୍ଷ ବିଜେଡି ସରକାରରେ ରହିଛି। ମୁଣ୍ଡ ପିଛା ଆୟରେ ଓଡ଼ିଶା ୨୫ ନମ୍ବରରେ ଅଛି। ଅନ୍ତର୍ଜାତୀୟ ଶ୍ରମ ସଂସ୍ଥା ୨୦୨୪ ରିପୋର୍ଟ ଅନୁସାରେ ଦେଶର ୨୨ଟି ରାଜ୍ୟର ଦରିଦ୍ର ହାରକୁ ନିଖୁଣ ଭାବେ ବର୍ଣ୍ଣନା କରିଛି। ଓଡ଼ିଶା ୨୨ ନମ୍ବର ସ୍ଥାନରେ ଅଛି। ୪୩% ଶିକ୍ଷିତ ଯୁବତୀଯୁବକ ବେରୋଜଗାର ଅଛନ୍ତି ଓ ଏମାନେ ଅନ୍ୟ ରାଜ୍ୟ (ସୁରଟ, ହାଇଦ୍ରାବାଦ, ବେଙ୍ଗାଲୁରୁ, କେରଳର ଇଟାଭାଟି)କୁ ଦାଦନ ଖଟିବାକୁ ଯାଉଛନ୍ତି। ଭାଜପା ଓଡ଼ିଶାରେ ସରକାରକୁ ଆସିବା ପରେ 'ସବୁ ହାତକୁ କାମ, ସବୁ କ୍ଷେତକୁ ପାଣି ଓ ସବୁ ମୁଣ୍ଡ ଉପରେ ଛାତ'ର ପ୍ରତିଶ୍ରୁତି ପୂରଣ କରିବ। ୨୦୨୯ ସୁଦ୍ଧା ୧ କୋଟି ଟ୍ରିଲିୟନ ଡଲାରର ଅର୍ଥ ବ୍ୟବସ୍ଥା ହେବ। ସରକାରକୁ ଆସିଲେ ସଂକଳ୍ପପତ୍ରର ସବୁ ପ୍ରତିଶ୍ରୁତି ଭାଜପା ପୂରଣ କରିବ ବୋଲି ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ତଥା ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅପରାଜିତା କହିଛନ୍ତି, ଭାଜପାର ସଂକଳ୍ପ ହେଉଛି, ବିକଶିତ ଓଡ଼ିଶା ଗଠନ। ଜଳ ଜୀବନ ମିଶନ ଅନ୍ତର୍ଗତ ଆଗାମୀ ଦିନରେ ଓଡ଼ିଶାରେ ୨୬ ଲକ୍ଷ ଘର ପର୍ଯ୍ୟନ୍ତ ପାଇପ ଯୋଗେ ପାଣି ଯୋଗାଇ ଦିଆଯିବ। କେନ୍ଦ୍ର ସରକାର ଏହି ଯୋଜନା ଦ୍ୱାରା ଓଡ଼ିଶାକୁ ୧୦ ହଜାର କୋଟି ଟଙ୍କା ଦେଲେ। କିନ୍ତୁ ବର୍ତ୍ତମାନ ବିଶୁଦ୍ଧ ପାନୀୟ ଜଳ ମିଳୁନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୦ ଲକ୍ଷ ଗ୍ରାମାଞ୍ଚଳ ଓ ୫ ଲକ୍ଷ ସହରାଞ୍ଚଳରେ ଘର ତିଆରି କରାଯିବ। କିନ୍ତୁ ପୋର୍ଟାଲରେ ନାମ ଚଢ଼ାଇବା ପାଇଁ ନବୀନବାବୁ ଯୋଗ୍ୟ ହିତାଧିକାରୀଙ୍କ ଲିଷ୍ଟ ଦେଲେ ନାହିଁ। ଏଥିପାଇଁ ଅର୍ଥ ବରାଦ କରିବାରେ ବିଳମ୍ବ ହେଲା। ଲୋକେ ଆବାସ ନ ପାଇ ଚାଳଘରରେ ରହୁଛନ୍ତି। ଭାଜପା ସରକାରକୁ ଆସିଲେ ସଂକଳ୍ପ ପତ୍ରରେ ଥିବା ସମସ୍ତ ପ୍ରତିଶ୍ରୁତିକୁ ଅକ୍ଷରେ ଅକ୍ଷରେ ପାଳନ କରିବ। ରାଷ୍ଟ୍ର ନିର୍ମାଣରେ ଶିକ୍ଷକଙ୍କ ବଡ଼ ଭୂମିକା ରହିଛି। କିନ୍ତୁ ରାଜ୍ୟ ସରକାର ସେମାନଙ୍କୁ ଅଣଦେଖା କରୁଛନ୍ତି। ଏସ୍‌ଏଚ୍‌ଜି ମାଧ୍ୟମରେ ରାଜ୍ୟ ସରକାର ଭୁଆଁ ବୁଲାଉଛନ୍ତି ବୋଲି ଅପରାଜିତା କହିଛନ୍ତି।

## ଦେଶର ବାସ୍ତବ ଅବସ୍ଥା ଜାଣୁନାହାନ୍ତି ଦେଶବାସୀ: ସିପିଆଇ(ଏମ୍)

### ଭୁବନେଶ୍ୱର ଲୋକ ସଭା ଓ ୭ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା



ଖବରଦାତା ସମ୍ମିଳନୀରେ ସିପିଆଇ(ଏମ୍) ନେତୃବୃନ୍ଦ।

**ଭୁବନେଶ୍ୱର,୯।୫(ଅନିଲ ଦାସ)**

ବିଗତ ୧୦ ବର୍ଷ ଧରି ଦେଶବାସୀଙ୍କୁ ଅସତ୍ୟ ଓ ଅର୍ଦ୍ଧସତ୍ୟ କଥା ବାରମ୍ବାର କୁହାଯିବା ସହିତ ଦେଶବାସୀଙ୍କୁ ଧର୍ମ, ଭାଷା ନାଁରେ ଭାଗଭାଗ କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ହୀନ ଉଦ୍ୟମ ଚାଲିଛି। ଦେଶର ପ୍ରମୁଖ ଗଣମାଧ୍ୟମକୁ କେନ୍ଦ୍ର ସରକାର ନିଜ ଅକ୍ତିଆରକୁ ନେବା ପରେ ଦେଶବାସୀ ଦେଶର ବାସ୍ତବ ଅବସ୍ଥା ଜାଣିବାରେ ସକ୍ଷମ ହେଉନାହାନ୍ତି ବୋଲି ସିପିଆଇ(ଏମ୍) ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଜନାର୍ଦ୍ଦନ ପତି ଓ ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ସୁରେଶ ଚନ୍ଦ୍ର ପାଣିଗ୍ରାହୀ କହିଛନ୍ତି। ବୁଧବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉଭୟ କହିଛନ୍ତି ଯେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଦେଶର ଗରିବ, ମଧ୍ୟବିତ୍ତ ଲୋକଙ୍କ ଉପରେ ବେପରୁଆ ଆକ୍ରମଣ ଚଳାଇ କର୍ପୋରେଟମାନଙ୍କ ସ୍ୱାର୍ଥ ରକ୍ଷା କରି ସେମାନଙ୍କ ଅଚଳାଚଳ ସମ୍ପଦ ବଢାଇ ଚାଲିଛନ୍ତି। ଏଭଳି କ୍ଷେତ୍ରରେ ବୃହତ୍ ଧନୀଙ୍କ ସମ୍ପଦ ବୃଦ୍ଧିକୁ ବନ୍ଦ କରିବା ସହ ଦେଶର ଶ୍ରମିକ, କୃଷକ ଓ ବେକାର ଶ୍ରମିକ, ଦଳିତ ଆଦିବାସୀମାନଙ୍କର ମୌଳିକ ସମସ୍ୟାର ସମାଧାନ ପାଇଁ ନୀତି ପ୍ରଣୟନ କରିବା ସକାଶେ ସିପିଆଇ(ଏମ୍) ଲୋକ ସଭା ଏବଂ ବିଧାନସଭାରେ ନିଜର ପ୍ରାର୍ଥୀ ଦେଇଛି। ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀରେ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ପ୍ରାର୍ଥୀ ହୋଇଥିବା ବେଳେ ୭ଟି ବିଧାନସଭା ଆସନ ଯଥା ବଣାଇରେ ଲକ୍ଷ୍ମଣ ମୁଣ୍ଡା, ନୀଳଗିରିରେ ଯୋଗାନନ୍ଦ ଦାସ, ମୋରଡ଼ାରେ ମୃତ୍ୟୁଞ୍ଜୟ ବେହେରା, ସାଲେପୁରରେ ବଦ୍ରିନାରାୟଣ ଦାଶ, ଖୋର୍ଦ୍ଧାରେ ଗିରିଶ ମହାରଣା, ରଣପୁରରେ ସରୋଜ ନାୟକ ଏବଂ ଚିତ୍ରକୋଣ୍ଡାରେ ରଘୁନାଥ ହନ୍ତାଳଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି ଦେଶବାସୀଙ୍କ ମୌଳିକ ଆବଶ୍ୟକତା ଯଥା ଶସ୍ତା ଦରରେ ଖାଦ୍ୟଦ୍ରବ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ସୁନିଶ୍ଚିତ କରିବା, ରହିବା ପାଇଁ ଉପଯୁକ୍ତ ବାସସ୍ଥାନ, ଉତ୍ତମ ସ୍ୱାସ୍ଥ୍ୟ ବ୍ୟବସ୍ଥା, ସମସ୍ତଙ୍କୁ ଶିକ୍ଷା, ଗମନାଗମନ ବ୍ୟବସ୍ଥା ସହିତ ଦେଶର ସାମ୍ବିଧାନିକ ଓ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସିପିଆଇ(ଏମ୍) ନିର୍ବାଚନ ସ୍ଲୋଗାନ ଜାରି କରିଛି।

## ପ୍ରାର୍ଥୀପତ୍ର ଦାଖଲକଲେ ଅରିନ୍ଦମ, ପ୍ରଶାନ୍ତ, କୃଷ୍ଣଚନ୍ଦ୍ର

**କଟକ,୯।୫(ଶିଳ୍ପା ପ୍ରିୟଦର୍ଶିନୀ)**

ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି। ଗୁରୁବାର ଦ୍ୱିତୀୟ ଦିନରେ ପ୍ରାର୍ଥୀପତ୍ର ଦାଖଲ ନିମନ୍ତେ ସାଲେପୁର ଭାଜପା ପ୍ରାର୍ଥୀ ଅରିନ୍ଦମ ରାଏ କଟକ ବେଲ୍‌ଭ୍ୟୁ ଛକଠାରୁ ଦଳୀୟ କର୍ମୀ ଓ ସମର୍ଥକଙ୍କ ସହିତ ପଦଯାତ୍ରା ଆସି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ପରେ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ୍‌ଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏନେଇ ଅରିନ୍ଦମ କହିଛନ୍ତି, ବିକାଶ କ୍ଷେତ୍ରରେ ସାଲେପୁର ବହୁ ପଛରେ ରହିଛି। ଏଠାରେ ଲୋକମାନେ ମୌଳିକ ସୁବିଧା ପାଇନାହାନ୍ତି। ଭାଜପା ସରକାର ଗଢିଲେ ସାଲେପୁରର ଚିତ୍ର ବଦଳିବ ବୋଲି ସେ କହିଛନ୍ତି। ସେହିପରି ସାଲେପୁର ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ବେହେରା ସାଲେପୁରସ୍ଥିତ ସାହେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରି ବିଶାଳ ବାଇକ୍ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ପରେ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ୍‌ଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏନେଇ ପ୍ରଶାନ୍ତ କହିଛନ୍ତି, ଗତ ୫ବର୍ଷରେ ସାଲେପୁର ଅଞ୍ଚଳରେ ବହୁ ବିକାଶମୂଳକ କାର୍ଯ୍ୟ ହୋଇଛି। ଆସନ୍ତା ନିର୍ବାଚନରେ ବିଜୟୀ ହେଲେ ବାକିଥିବା କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ। ଅପରପକ୍ଷରେ ନିଆଳି ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ବେହେରା ଅତିରିକ୍ତ ଉପଜିଲାପାଳ ଦେବାଶିଷ ମହାପାତ୍ରଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

### ବିଜେଡି-ଭାଜପା କର୍ମୀଙ୍କ ନାରାରେ କମ୍ପିଲା ଜିଲାପାଳଙ୍କ କାର୍ଯ୍ୟାଳୟ

ପ୍ରଥମେ ଅରିନ୍ଦମ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏହାପରେ ପ୍ରଶାନ୍ତ ପ୍ରାର୍ଥୀପତ୍ର ଦାଖଲ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଅରିନ୍ଦମ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିବା ସମୟରେ ବିଜେଡି କର୍ମୀମାନେ ନବୀନ ପଟ୍ଟନାୟକ, ଶଙ୍ଖ ଚିହ୍ନ ଓ ପ୍ରଶାନ୍ତ ବେହେରା ଜିନ୍ଦାବାଦ ନାରା ଦେଇଥିଲେ। ଏହି ସମୟରେ ଭାଜପା କର୍ମୀମାନେ ଜୟ ଶ୍ରୀରାମ ନାରା ଦେଇଥିଲେ। ଫଳରେ ଉଭୟ ଦଳର କର୍ମୀଙ୍କ ନାରାରେ ଜିଲାପାଳଙ୍କ କାର୍ଯ୍ୟାଳୟ କମ୍ପି ଉଠିଥିଲା। ପ୍ରଶାନ୍ତ ପ୍ରାର୍ଥୀପତ୍ର ଦାଖଲ କରିବାବେଳେ ସେମାନଙ୍କ ସମର୍ଥକ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ପୋଲିସ କର୍ମଚାରୀ ସେମାନଙ୍କୁ ବାହାକୁ ଆଣିଥିଲେ।



କଟକ ଜିଲାପାଳଙ୍କ କାର୍ଯ୍ୟାଳୟରେ ସାଲେପୁର ବିଧାନସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ଅରିନ୍ଦମ ରାୟ ଏବଂ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ବେହେରା ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

# ଉଦ୍ଧାର ହୋଇପାରୁନି ଶ୍ରୀବଳଦେବଜୀଉଙ୍କ ଭୂସମ୍ପତ୍ତି

- ଦାନବାକ୍ସ ଉପରେ ନିର୍ଭର ଶ୍ରୀଜୀଉଙ୍କ ନୀତିକାନ୍ତି
- ୮୬୬.୯୯ ଏକର ଜମିର ଖଜଣା, ଜଳକର ହେଉଛି ପୈଠ
- ବାର୍ଷିକ ଖର୍ଚ୍ଚ ଲାଗି ଦରକାର ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା

କେନ୍ଦ୍ରାପଡ଼ା, ୯।୫ (ଜଗନ୍ନାଥ ଧଳ)



କେନ୍ଦ୍ରାପଡ଼ା ସହର ଇଚ୍ଛାପୁରସ୍ଥିତ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ମନ୍ଦିର।

ଆସନ୍ତା ଜୁଲାଇ ୭ରେ ରଥଯାତ୍ରା। କେନ୍ଦ୍ରାପଡ଼ା ସହର ଇଚ୍ଛାପୁରସ୍ଥିତ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ପାଇଁ ଅକ୍ଷୟତୃତୀୟା ଅର୍ଥାତ୍ ଶୁକ୍ରବାର କାଠ ଅନୁକୂଳ ହେବ। ଶ୍ରୀଜୀଉଙ୍କ ରଥଯାତ୍ରା ସହ ବାର୍ଷିକ ନୀତିକାନ୍ତି ପାଇଁ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଛି। ତେବେ ଦାନବାକ୍ସ ଓ ଅନ୍ୟ ଆୟ ଉତ୍ସରୁ ପର୍ଯ୍ୟାପ୍ତ ଅର୍ଥ ଆସୁ ନ ଥିବାରୁ ଆଗାମୀଦିନରେ ଏହାର ପ୍ରଭାବ ଶ୍ରୀଜୀଉଙ୍କ ନୀତିକାନ୍ତି ଉପରେ ପଡ଼ିବ ବୋଲି ଶ୍ରଦ୍ଧାଳୁ ଓ ସେବାୟତମାନେ ମତ ଦେଇଛନ୍ତି। ଅପରପକ୍ଷରେ ଶ୍ରୀଜୀଉଙ୍କ ଜମି ଜବରଦଖଲରୁ ମୁକ୍ତ ହୋଇପାରିଲେ ସ୍ଥିତିରେ ସୁଧାର ଆସିପାରନ୍ତା ବୋଲି ସେମାନେ ପ୍ରକାଶ କରିଛନ୍ତି।

ସୂଚନା ଅଧିକାର କର୍ମୀ ପ୍ରତାପ କୁମାର ମହାନ୍ତି କହିଛନ୍ତି, ୧୯୭୪ରେ ଦେବୋତ୍ତର ବିଭାଗ ଆଇନର ଧାରା ୬ ଓ ୭ରେ ୮୬୬.୯୯ ଏକର ଭୂସମ୍ପତ୍ତି ଶ୍ରୀଜୀଉଙ୍କ ନାମରେ ଫଇସଲା ହୋଇଛି। ସେବେଠୁ ଅଦ୍ୟାବଧି ଜମିର ଖଜଣା ଓ ଜଳକର ପୈଠ ହେଉଛି। ମାତ୍ର ଏଥିମଧ୍ୟରୁ ଶତାଧିକ ଏକର ଜମି ଜବରଦଖଲକାରୀଙ୍କ କବଳରେ ଅଛି। ମାର୍ଫତଦାରଙ୍କ ନିକଟରେ ଥିବା ୨୩୨ ଏକର ଓ ସିକିମ ପ୍ରଜାଙ୍କ ନିକଟରେ ଥିବା ୧୧୭.୩୫ ଏକର ଜମିରୁ କୌଣସି ଆୟ ଦେବୋତ୍ତର ଟ୍ରଷ୍ଟ ଫଣ୍ଡକୁ ଆସୁନାହିଁ। ଟ୍ରଷ୍ଟ ବୋର୍ଡ ଅଧୀନ ୧୪୬ ଏକର ଚାଷ ଜମିର ଆୟ ଏହି ମନ୍ଦିର ରୀତିନୀତି ସହ ଡେରାବିଶ ବ୍ଲକ ଅନ୍ତର୍ଗତ କୁଶିଆପାଳସ୍ଥ ଲଛମନଜୀଉଙ୍କ ମନ୍ଦିର ପାଇଁ ପୃଥକ୍ ଭାବେ ବିନିଯୋଗ ହେଉଛି। ୨.୨ ଏକର ଜମିରେ ଶ୍ରୀଜୀଉଙ୍କ ଦେବସ୍ଥଳ, ୧୦ ଏକରରେ ରଥଦାଣ୍ଡ, ୨ ଏକର ଜମିରେ ଗୋରୁହାଟ (ଅବ୍ୟବହୃତ), ୮ ଏକରର ପୁଷ୍କରିଣୀକୁ ବାଦ୍‌ଦେଲେ ୧୬୦ ଏକର ପତିତ ଜମିରୁ ଟଙ୍କାଟିଏ ମଧ୍ୟ ଆୟ ହେଉନାହିଁ। ଶ୍ରୀଜୀଉଙ୍କ ଦଖଲରେ ଥିବା ୧୯୨.୮୬ ଏକର ଚାଷ ଜମିରୁ ମାତ୍ର ୩୫୦ ବସ୍ତା ଧାନ ଆଦାୟ ହେଉଛି। ଏ ବାବଦରେ ମିଳୁଥିବା ଆୟ ତୁଳନାରେ ସମସ୍ତ ସମ୍ପତ୍ତିର ଖଜଣା ଓ ଜଳକର ଢେର ଅଧିକ ବୋଲି ସେ ମତ ଦେଇଛନ୍ତି। ବୁଦ୍ଧିଜୀବୀ ରାଜେଶ କୁମାର ବେହେରା କହିଛନ୍ତି, ଶ୍ରୀଜୀଉଙ୍କ ପତିତ ଜମି ଉଦ୍ଧାର ପାଇଁ ୨୦୦୭ରେ ତତ୍କାଳୀନ ଆଇନମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଜମିକୁ ଜବରଦଖଲରୁ ମୁକ୍ତ କରିବା ପାଇଁ ଜିଲାପାଳଙ୍କୁ ଏକ ନିର୍ଦ୍ଦେଶନାମା ବୈଠକ ପରେ ମିଳିଥିଲା। ଏପରି ପଦକ୍ଷେପ ସତ୍ତ୍ୱେ ଦୀର୍ଘ ୧୬ ବର୍ଷ ହେଲା ଜମିକୁ ଜବରଦଖଲରୁ ମୁକ୍ତ କରାଯାଇପାରୁ ନାହିଁ। ଏଥିପାଇଁ ପ୍ରଶାସନର ଅସହଯୋଗ ଓ ଟ୍ରଷ୍ଟ ବୋର୍ଡର ଉଦାସୀନତା ଦାୟୀ ବୋଲି ବେହେରା କ୍ଷୋଭର ସହ ପ୍ରକାଶ କରିଛନ୍ତି। ସେବାୟତ ଗଗନ ପତ୍ରୀ, ନୃସିଂହ ପ୍ରସାଦ ପତ୍ରୀ, ଶଶିକାନ୍ତ ସୁଆର ପ୍ରମୁଖ କହିଛନ୍ତି, ଦୈନନ୍ଦିନ ନୀତିକାନ୍ତି, ରଥ ଯାତ୍ରା ଓ ଅନ୍ୟାନ୍ୟ ପର୍ବପର୍ବାଣି ପାଇଁ ବାର୍ଷିକ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆବଶ୍ୟକ। ଶ୍ରୀଜୀଉଙ୍କ ରଥଦାଣ୍ଡ, ଭୋଗ ଓ ଦୀପ ଦୋକାନର ନିଲାମ ସହ ଶ୍ରଦ୍ଧାଳୁଙ୍କ ଦାନବାକ୍ସ ଏସବୁ ଖର୍ଚ୍ଚ ପାଇଁ ପର୍ଯ୍ୟାପ୍ତ ନୁହେଁ। ପୁରୀ ଶ୍ରୀକ୍ଷେତ୍ର ପରି ତୁଳସୀକ୍ଷେତ୍ରର ଗୁରୁତ୍ୱ ଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବା ଆବଶ୍ୟକ। ଉପଯୁକ୍ତ ପଦକ୍ଷେପ ନିଆଗଲେ ଶ୍ରୀଜୀଉଙ୍କ ପରିଚାଳନା ସୁରୁଖୁରୁରେ ହୋଇପାରିବ। ଏ ସମ୍ପର୍କରେ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରେ ଜବରଦଖଲ ଜମିର ଉଦ୍ଧାର ପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ସେ କହିଛନ୍ତି।

## ଦୁର୍ଘଟଣାରେ ୬ ଯାତ୍ରା କଳାକାର ଗୁରୁତର

ବୈଶିଙ୍ଗା, ୯।୫ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା–ରୂପ୍‌ସା ରାସ୍ତାର କଦଳିଆ ଛକ ନିକଟରେ 'ଚକଲେଟ ପରିବାର' ଯାତ୍ରା ପାର୍ଟି ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବାରୁ ୬ କଳାକାର ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ପ୍ରଥମେ ବୈଶିଙ୍ଗା ଡାକ୍ତରଖାନା ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଜଲେଶ୍ୱର ଅଞ୍ଚଳର 'ଚକଲେଟ ପରିବାର' ନାମକ ଯାତ୍ରାନୁଷ୍ଠାନର କଳାକାରମାନେ ବୁଧବାର ରାତିରେ ମଛପଦା ବୈଶାଖୀ ମହୋତ୍ସବରେ ଯାତ୍ରା ସାରି ବାଲେଶ୍ୱର ଜିଲା ହଳଦୀପଦା ଅଞ୍ଚଳକୁ ଓଡି ୦୧ଏ ୬୨୧୮ ନମ୍ବର ବିଶିଷ୍ଟ ଏକ ଟାଟା ମ୍ୟାଜିକ ଭ୍ୟାନ୍‌ରେ ଯାଉଥିଲେ। କଦଳିଆ ଛକ ନିକଟରେ କୌଣସି କାରଣରୁ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ପହଞ୍ଚି ଗାଡ଼ିକୁ ରାସ୍ତା ଉପରକୁ ଉଠାଇବା ସହିତ ଗୁରୁତର ୬ କଳାକାରଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଯାତ୍ରାପାର୍ଟିର ଅଭିନେତ୍ରୀ ଜଲେଶ୍ୱର ଅଞ୍ଚଳର ରୀନାରାଣୀ ନାଏକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ବୈଶିଙ୍ଗା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ମନ୍ଦିର ଭିତରେ ଯୁବକଙ୍କ ଆତ୍ମହତ୍ୟା

ବେତନଟୀ, ୯।୫ (ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଉରାଚନ୍ଦାବିଲା ଶିବ ମନ୍ଦିର ଭିତରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ହାତୀକଟା ଗ୍ରାମର ଦୈତାରୀ ପାତ୍ରଙ୍କ ପୁଅ ରାମଚନ୍ଦ୍ର (୨୫)। ସାଇଣ୍ଟିଫିକ ଟିମ୍ ଓ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବେତନଟୀ ତହସିଲର ଆଡିଶନାଲ ତହସିଲଦାର ପ୍ରଦୀପ କୁମାର ଦାସଙ୍କ ଉପସ୍ଥିତିରେ ବେତନଟୀ ପୋଲିସ ମନ୍ଦିର ଭିତରେ ଥିବା ଏକ ଲୁହା ଛଡ଼ରେ ଝୁଲୁଥିବା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୪) ରୁଜୁ ହୋଇଛି। ମୃତ ଯୁବକ ଜଣକ ବାଲେଶ୍ୱର ଜିଲାର ଏକ ଚିଙ୍ଗୁଡ଼ି ଫାର୍ମରେ ଶ୍ରମିକ ଭାବେ କାମ କରୁଥିଲେ। ସେହି ଫାର୍ମରେ କାମ କରୁଥିବା ଜଣେ ଯୁବତୀଙ୍କୁ ଭଲ ପାଇ ଆସୁଥିଲେ। ଉକ୍ତ ଯୁବତୀଙ୍କ ଘର ମୟୂରଭଞ୍ଜ ଜିଲାରେ ହୋଇଥିବା ବେଳେ କୌଣସି କାରଣରୁ ଯୁବକ ଜଣକ ମନ୍ଦିର ଭିତରେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

## ଭୋଟରଙ୍କୁ ସଚେତନ କଲା ସାଇକ୍ଲୋଥନ୍

ଭୁବନେଶ୍ୱର, ୯।୫ (ବନ୍ଦନା ସେଠୀ)



ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ସହରାଞ୍ଚଳର ସମସ୍ତ ଭୋଟର ଯେପରି ମେ ୨୫ରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ ସେଥିପାଇଁ ଜନ ଜାଗରଣ ସୃଷ୍ଟି କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ବିଏମ୍‌ସି ପକ୍ଷରୁ ସାଇକ୍ଲୋଥନ୍ ଆୟୋଜିତ ହୋଇଥିଲା। ସକାଳ ୬ଟାରୁ ସିଆରପିଏଫ୍ ଭେଣ୍ଡିଂଜୋନ୍‌ଠାରୁ ଜୟଦେବ ବିହାର ଛକ, ମେ'ଫେୟାର ଛକ ଦେଇ ଗାନ୍ଧୀ ପାର୍କ ପର୍ଯ୍ୟନ୍ତ ସାଇକ୍ଲୋଥନ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା ଓ ସିଆର୍‌ପିଏଫ୍ ଡିଜି ଭାରତ ଭୂଷଣ ସେଠୀ ଅତିଥି ଭାବେ ଯୋଗଦେଇଥିଲେ। ନିକଟରେ ସାଇକେଲରେ ଭାରତର ବିଭିନ୍ନ ରାଜ୍ୟ ପରିକ୍ରମା କରିଥିବା କଟକ ଖାନ୍ ନଗର ଅଞ୍ଚଳର ଦୀପକ ପ୍ରଧାନ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ '୨୫ ମଇରେ ନିଶ୍ଚିତ ଯିବି; ନିଜ ବୁଥ୍‌ରେ ଭୋଟ ଦେବି' ଶୀର୍ଷକ ସଚେତନତା ବାର୍ତ୍ତା ଉଲ୍ଲେଖ ଥିବା ହିଲିୟମ ବେଲୁନ୍ ଆକାଶ ମାର୍ଗକୁ ଛାଡ଼ିବା ପରେ ପତାକା ହଲାଇ ସାଇକ୍ଲୋଥନର ଶୁଭାରମ୍ଭ କରାଯାଇଥିଲା। ଏଥିରେ ଶହ ଶହ ସାଇକେଲ ଆରୋହୀ, ସିଆର୍‌ପିଏଫ ଯବାନ, ବିଏମ୍‌ସି ଅଧିକାରୀ ଓ ଖୋର୍ଦ୍ଧା ଜିଲା ପ୍ରଶାସନର ଅଧିକାରୀମାନେ ସାମିଲ ହୋଇଥିଲେ।

## ସାଇବର ଠକେଇର ଶିକାର ହେଲେ ମହିଳା

### ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇଗଲେ

ବାରିପଦା, ୯।୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହର ୱାର୍ଡ ନଂ.୧୨ ପ୍ରଫୁଲ୍ଲନଗର ଅଞ୍ଚଳର ଜଣେ ମହିଳା ସାଇବର ଠକେଇର ଶିକାର ହୋଇଛନ୍ତି। ଯୁକେରୁ ଏକ ପାର୍ସଲ କ୍ଲିୟରାନ୍ସ ପାଇଁ ତାଙ୍କଠାରୁ ୧୩ଲକ୍ଷ ୫୫ହଜାର ଟଙ୍କା ଠକି ନିଆ ଯାଇଥିବା ସେ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୭/୨୪) ରୁଜୁ ପରେ ତଦନ୍ତ ଆରମ୍ଭ କରିଛି।

ସୂଚନାଯୋଗ୍ୟ, ଗତ ଏପ୍ରିଲ ୨୯ରେ ପ୍ରଫୁଲ୍ଲନଗର ଅଞ୍ଚଳର ଜ୍ୟୋତ୍ସ୍ନା ଦାସଙ୍କ ମୋବାଇଲକୁ ବିଶ୍ୱ କୋରିୟର ସର୍ଭିସରୁ ଏକ ଫୋନ କଲ୍ ଆସିଥିଲା। କଲ୍ ରିସିଭ୍ କରିବା ପରେ ଯୁକେରୁ ଏକ ପାର୍ସଲ ଆସିଛି। ଏହାକୁ ଗ୍ରହଣ କରିବା ପାଇଁ କ୍ଲିୟରାନ୍ସ ବାବଦରେ ତାଙ୍କୁ ୩୫ହଜାର ଟଙ୍କା ଅଜୟ କୁମାର ଏସ୍‌ଙ୍କ ଆକାଉଣ୍ଟ ନଂ.୯୯୯୨୫୦୫୦୩୨୦୫୭୭୦୧ରେ କର୍ଣ୍ଣାଟକ ବ୍ୟାଙ୍କର ଦିଲ୍ଲୀ ବ୍ରାଞ୍ଚରେ ଡିପୋଜିଟ କରିବାକୁ କୁହାଯାଇଥିଲା। ଜ୍ୟୋତ୍ସ୍ନା ବାରିପଦା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଉକ୍ତ ଟଙ୍କା ଏନ୍‌ଇଏଫଟି ମାଧ୍ୟମରେ ଜମା କରିଥିଲେ। ପରଦିନ ଜ୍ୟୋତ୍ସ୍ନାଙ୍କ ମୋବାଇଲକୁ ପୁଣି ଏକ ମେସେଜରେ ପାର୍ସଲକୁ ନେଇ ପେନାଲଟି ବାବଦରେ ୧ଲକ୍ଷ ୩୦ହଜାର ଟଙ୍କା ଦେବା ପରେ ପାର୍ସଲ ରିଲିଜ କରାଯିବ ବୋଲି କହି ସମାନ ଆକାଉଣ୍ଟରେ ଜମା କରିବାକୁ କୁହାଯାଇଥିଲା। ଏହାକୁ ବିଶ୍ୱାସ କରି ପୁନର୍ବାର ସେ ମେ ୧ତାରିଖରେ ଟଙ୍କା ଜମା କରିଥିଲେ। ପରେ ପୁଣି ଆୟକର ବିଭାଗ ପକ୍ଷରୁ ଉକ୍ତ ପାର୍ସଲ ବାବଦରେ ୩ ଲକ୍ଷ ୨୦ହଜାର, ମେ ୨ତାରିଖରେ ଆଇଏମ୍‌ଏଫ ବାବଦରେ ୫ଲକ୍ଷ ୫୫ହଜାର ଟଙ୍କା, ୩ ତାରିଖରେ ପୁଣି ୩ ଲକ୍ଷ ୧୫ହଜାର ଟଙ୍କା ଡିପୋଜିଟ କରିବାକୁ ମେସେଜ ଆସିଲା। ଏହି ଟଙ୍କା ଡିପୋଜିଟ କରିବା ପରେ ଉକ୍ତ ଆକାଉଣ୍ଟଟି ବେଙ୍ଗାଲୁରୁ ଅଞ୍ଚଳର ବୋଲି ଜ୍ୟୋତ୍ସ୍ନା ଜାଣିବାକୁ ପାଇଥିଲେ। ଏହିପରି ସେ ମୋଟ ୧୩ ଲକ୍ଷ ୫୫ ହଜାର ଟଙ୍କା ଠକେଇର ଶିକାର ହୋଇଥିବା ଜଣାପଡ଼ିଛି।

## ୫ ବର୍ଷରେ ୨ ଲକ୍ଷ...

ପ୍ରଥମ ପୃଷ୍ଠାରୁ...

ବିଧାନସଭାରେ ଉପସ୍ଥାପିତ ହେବ। ଯୁବତୀଯୁବକମାନଙ୍କ ଦ୍ୱାରା ଦିଆଯାଇଥିବା ପରାମର୍ଶକୁ ଆଧାର କରି ପ୍ରତିବର୍ଷ ଏଥିରୁ ହଜାରେ କୋଟି ଟଙ୍କା ଖର୍ଚ୍ଚ ହେବ। ବିଶ୍ୱରେ ଏହା ପ୍ରଥମ ପ୍ରକାର ପ୍ରୟାସ ହେବ, ଯେଉଁଠାରେ ଯୁବକମାନେ ନିଜ ପରିଚୟ ଏବଂ ଓଡ଼ିଶାର ପରିଚୟ ସୃଷ୍ଟି କରିପାରିବେ। ନୂଆ–ଓ ମ୍ୟାଜିକ୍ କାର୍ଡ ଦ୍ୱାରା ଏକାଧିକ ସୁବିଧା ସୁଯୋଗ ସହିତ ପରିସର ବିସ୍ତାର ହେବ। ନୂଆ–ଓ ଛାତ୍ରବୃତ୍ତିରେ ବାଳିକାମାନଙ୍କ ପାଇଁ ବାର୍ଷିକ ୧୪,୦୦୦ ଏବଂ ପୁଅମାନଙ୍କ ଲାଗି ବାର୍ଷିକ ୧୨,୦୦୦ ଟଙ୍କାକୁ ବୃଦ୍ଧି କରାଯିବ। ଆସନ୍ତା ୫ ବର୍ଷରେ ୨ ଲକ୍ଷ ସରକାରୀ ଚାକିରି ଯୋଗାଇ ଦିଆଯିବ। ସ୍ୱୟମ ଉଦ୍ୟୋଗୀ ଋଣକୁ ବ୍ୟାପକ କରିବା ସହିତ ଏକ ଲକ୍ଷରୁ ୨ ଲକ୍ଷକୁ ବୃଦ୍ଧି କରାଯିବ। ଓଡ଼ିଶାରେ ଏକ ନୂତନ କୌଶଳ ଓ ଉଦ୍ୟୋଗୀ ବିଶ୍ୱବିଦ୍ୟାଳୟ, ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଟେକ୍ନୋଲୋଜି ଏବଂ ଏଆଇ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଏହି ସମସ୍ତ ପଦକ୍ଷେପ ଯୁବକମାନଙ୍କୁ ସଶକ୍ତ କରିବ ଏବଂ ଓଡ଼ିଶାକୁ ଏକ ବୃହତ୍ ଅଭିବୃଦ୍ଧି ପଥରେ ଆଗେଇ ନେବାକୁ ସକ୍ଷମ କରିବ।

ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସମଗ୍ର ଇକୋସିଷ୍ଟମକୁ ଶକ୍ତିଶାଳୀ କରାଯିବ, ଯାହା ଓଡ଼ିଶାକୁ ଦେଶର ଶ୍ରେଷ୍ଠ ତିନୋଟି ଅର୍ଥନୈତିକ ବିକଶିତ ରାଜ୍ୟରେ ପରିଣତ କରିବ। ଖଣିଜଭିତ୍ତିକ ଶିଳ୍ପ ବ୍ୟତୀତ ସେମିକଣ୍ଡକ୍ଟର, ଆଇଟି ଶିଳ୍ପ, କୃତ୍ରିମ ବୁଦ୍ଧିମତ୍ତା ଇତ୍ୟାଦି ସହିତ ନୂତନ ଯୁଗ, ବୈଷୟିକ ଏବଂ ନୂତନ ଅର୍ଥନୀତି ଉପରେ ଧ୍ୟାନ ଦେବାକୁ ଇସ୍ତାହାରରେ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶା ପୂର୍ବ ଭାରତର ଆଇଟି ରାଜଧାନୀ ହେବ। ପରିବେଶ ଅନୁକୂଳ ପର୍ଯ୍ୟଟନ ପାଇଁ ୧୦୦ଟି ସ୍ଥାନ ଉପରେ ଧ୍ୟାନ ଦିଆଯିବ। ଖ୍ୟାତିସମ୍ପନ୍ନ ବୈଷୟିକ ଏବଂ ପରିଚାଳନା(ମ୍ୟାନେଜମେଣ୍ଟ) ସଂସ୍ଥାଗୁଡ଼ିକ ଓଡ଼ିଶାରେ କ୍ୟାମ୍ପସ ପ୍ରତିଷ୍ଠା ପାଇଁ ଉତ୍ସାହିତ ହେବେ। ଯୋଜନାବଦ୍ଧ ସହରୀକରଣ ଅଭିବୃଦ୍ଧି, ଉତ୍ପାଦକତା ସୃଜନାତ୍ମକ ଏବଂ ପରିବର୍ତ୍ତନ ବୃଦ୍ଧି କରିବ। ସେହିପରି ୪ ମେଗା ସହରୀ କ୍ଲଷ୍ଟର ଯୋଜନା କରାଯାଇଛି। ସେଗୁଡ଼ିକ ହେଲା ଭୁବନେଶ୍ୱର–କଟକ–ଖୋର୍ଦ୍ଧା–ପୁରୀ କ୍ଲଷ୍ଟର, ସମ୍ବଲପୁର–ଝାରସୁଗୁଡା–ରାଉରକେଲା କ୍ଲଷ୍ଟର , ବାରିପଦା–ବାଲେଶ୍ୱର–ଭଦ୍ରକ କ୍ଲଷ୍ଟର ଏବଂ ବ୍ରହ୍ମପୁର–ଛତ୍ରପୁର–ଗୋପାଳପୁର କ୍ଲଷ୍ଟର। ୨୦ ଟି ପ୍ରମୁଖ ସହର ବଲାଙ୍ଗୀର, କୋରାପୁଟ, ଜୟପୁର, ବରଗଡ, ରାୟଗଡା, ଭବାନୀପାଟଣା, ପାରାଦୀପ, ଢେଙ୍କାନାଳ, ଯୋଡା, ବଡ଼ବିଲ, କେନ୍ଦୁଝର, ଅନୁଗୋଳ, ମାଲକାନଗିରି, ନବରଙ୍ଗପୁର, ପାରଳାଖେମୁଣ୍ଡି, ଫୁଲବାଣୀ, ବୌଦ୍ଧ, ସୋନପୁର, ଦେବଗଡ଼, କେନ୍ଦ୍ରାପଡା ଓ ନୟାଗଡ଼କୁ ବିକଶିତ କରାଯିବ। ଏହି ସହରୀ କ୍ଲଷ୍ଟରଗୁଡ଼ିକ ଅର୍ଥନୈତିକ ଅଭିବୃଦ୍ଧିର କେନ୍ଦ୍ର ପାଲଟିବ। ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ଅନ୍ୟାନ୍ୟ ସୁବିଧା ସହିତ ଏକ ଅନ୍ତର୍ଜାତୀୟ ସହର ଭାବରେ ବିକଶିତ ହେବ। ସମସ୍ତ ୨୦ ପ୍ରମୁଖ ସହର ସହିତ ଲକ୍ଷ୍ମୀ ବସ୍ ସଂଯୋଗ ରହିବ। ମେଟ୍ରୋ ଟ୍ରେନ୍ ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ ଏବଂ କଟକକୁ ସଂଯୋଗ କରିବ ଏବଂ ପର୍ଯ୍ୟାୟକ୍ରମେ ସମ୍ପ୍ରସାରିତ ହେବ। ବିଜୁ ଅର୍ଥନୈତିକ କରିଡର ମାଧ୍ୟମରେ ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ବିକାଶ ଉପରେ ଆମର ବିଶେଷ ଧ୍ୟାନ ରହିବ।

### ଇସ୍ତାହାର ମୁଖ୍ୟାଂଶ

- ୧୦ ବର୍ଷ ନିମନ୍ତେ ଯୁବବର୍ଗଙ୍କ ପାଇଁ ୧ଲକ୍ଷ କୋଟିର ସ୍ୱତନ୍ତ୍ର ବଜେଟ
- ୫ବର୍ଷରେ ଯୁବବର୍ଗଙ୍କୁ ମିଳିବ ୨ଲକ୍ଷ ସରକାରୀ ଚାକିରି
- ନୂଆ-ଓ ଛାତ୍ରବୃତ୍ତି ଯୋଜନାରେ ପ୍ରତିବର୍ଷ ଛାତ୍ରୀଙ୍କୁ ୧୪ ହଜାର, ଛାତ୍ରଙ୍କୁ ୧୨ ହଜାର ଟଙ୍କା ମିଳିବ
- ୧୦୦ ୟୁନିଟ୍ ବିଜୁଳି ମାଗଣା ମିଳିବ
- ମିଶନ ଶକ୍ତି ମହିଳାଙ୍କୁ ମିଳିବ ପେନ୍‌ସନ
- ଗ୍ରାମୀଣ ଗୃହ ଯୋଜନାରେ ୧୦ ଲକ୍ଷ ଘର
- ଏସ୍‌ଏଚ୍‌ଜିଙ୍କୁ ୧.୫ ଲକ୍ଷ କୋଟି ଆର୍ଥିକ ଲିଙ୍କେଜ
- ଐତିହ୍ୟ ପାଇଁ ୧ ହଜାର କୋଟିର କର୍ପସ ପାଣ୍ଠି
- କୃଷକ ପରିବାର ପିଲାଙ୍କୁ ଛାତ୍ରବୃତ୍ତି ଓ ଝିଅ ବାହାଘର ପାଇଁ ୨୫ହଜାର
- ବିଏସ୍‌କେୱାଇ-ନବୀନ କାର୍ଡରେ ସବୁବର୍ଗ ଯୋଡ଼ିହେବେ
- ମତ୍ସ୍ୟଜୀବୀ ପରିବାରକୁ ମିଳିବ ବାର୍ଷିକ ୧୫ହଜାର ଟଙ୍କା
- ଓଡ଼ିଆ ଭାଷାର ବିକାଶ ଓ ପ୍ରୋତ୍ସାହନ ପାଇଁ ୧୦୦ କୋଟି
- ୧୦୦ ବିଦ୍ୟାଳୟକୁ ଐତିହ୍ୟ ବିଦ୍ୟାଳୟ ଘୋଷଣା ହେବ
- ପଦ୍ମଶ୍ରୀ ଓ ପଦ୍ମଭୂଷଣ ଭଳି ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କୁ ମିଳିବ କଳିଙ୍ଗଶ୍ରୀ ଓ କଳିଙ୍ଗଭୂଷଣ ପୁରସ୍କାର
- ସ୍ୱୟମ ଯୋଜନା ରାଶି ୨ ଲକ୍ଷକୁ ବୃଦ୍ଧି ହେବ
- ରାଜ୍ୟରେ ପ୍ରତିଷ୍ଠା ହେବ ଫ୍ୟାଶନ ଟେକ୍ନୋଲୋଜି ଏବଂ ଏଆଇ ବିଶ୍ୱବିଦ୍ୟାଳୟ।
- ପୂର୍ବ ଭାରତର ଆଇଟି ରାଜଧାନୀ ହେବ ଓଡ଼ିଶା
- ପୁରୀ ଅନ୍ତର୍ଜାତୀୟ ସହର ହେବ

ଓଡ଼ିଶାର ୭୫ ପ୍ରତିଶତ ପରିବାର ୧୦୦ ୟୁନିଟରୁ କମ୍ ବ୍ୟବହାର ଏବଂ ଅନ୍ୟ ୧୦ ପ୍ରତିଶତ ୧୦୦ରୁ ୧୫୦ ୟୁନିଟ ବ୍ୟବହାର କରୁଛନ୍ତି। ଶକ୍ତି ସୁରକ୍ଷା ସହିତ ଏହି ୮୫% ଜନସଂଖ୍ୟାକୁ ଶହେ ୟୁନିଟ ପର୍ଯ୍ୟନ୍ତ ଗ୍ରାହକମାନଙ୍କୁ ମାଗଣା ବିଜୁଳି ଦିଆଯିବ। ୧୦୦ରୁ ୧୫୦ ପର୍ଯ୍ୟନ୍ତ ପଚାଶ ୟୁନିଟ ପାଇଁ ରିହାତି ପାଇବେ। ଏହା କେବଳ ରାଜ୍ୟରେ ଶକ୍ତି ସୁରକ୍ଷା ବୃଦ୍ଧି କରିବ ନାହିଁ, ବରଂ ବିଦ୍ୟୁତ୍‌ର ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ମଧ୍ୟ ଉତ୍ସାହିତ କରିବ।

ଓଡ଼ିଶାର ଅଭିବୃଦ୍ଧି କାହାଣୀରେ ମଧ୍ୟବିତ୍ତ ଲୋକଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନଙ୍କୁ ବିଏସ୍‌କେୱାଇରେ ସାମିଲ, ୨୦ ଲକ୍ଷ ପର୍ଯ୍ୟନ୍ତ ଗୃହ ଋଣ ଉପରେ ସୁଧ ସବଭେନ୍ସନ ଏବଂ ପିଲାମାନଙ୍କ ପାଇଁ ଛାତ୍ରବୃତ୍ତି ଓ ଉଚ୍ଚଶିକ୍ଷା ତଥା ସୁଲଭ ପରିବହନ ପାଇଁ ଋଣ ଉପରେ ସୁଧ ସବ୍‌ଭେନ୍ସନ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରାଯିବ। ବିଦ୍ୟୁତ୍ ରିହାତି ମଧ୍ୟବିତ୍ତ ପରିବାର ପାଇଁ ମଧ୍ୟ ଲାଗୁ ହେବ। ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଉପରେ ପକେଟ ଖର୍ଚ୍ଚ ହ୍ରାସ ହେଲେ ସଞ୍ଚୟ ବୃଦ୍ଧି ପାଇବ। ଉଭୟ ଗ୍ରାମୀଣ ଏବଂ ସହରାଞ୍ଚଳରେ ଶିଳ୍ପାୟନ ଏବଂ ନିଯୁକ୍ତି ସୃଷ୍ଟି ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ଭିତରେ ନୂତନ ଆଶା ସଞ୍ଚାର କରିବ।

ଓଡ଼ିଶାର ଅଭିବୃଦ୍ଧି କାହାଣୀରେ ମହିଳାମାନେ ସର୍ବଦା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ବିନା ସୁଧରେ ୧୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦେବାରେ ଏହା ଦେଶରେ ପ୍ରଥମ ରାଜ୍ୟ ହେବ। ଆସନ୍ତା ୫ ବର୍ଷ ମଧ୍ୟରେ ଏସ୍‌ଏଚ୍‌ଜିଗୁଡ଼ିକୁ ୧.୫ ଲକ୍ଷ କୋଟି ଟଙ୍କାର ଆର୍ଥିକ ଲିଙ୍କେଜ ହାସଲ କରି ୨୫୦୦ କୋଟି ଟଙ୍କାର ସୁଧ ସେମାନଙ୍କ ନିକଟକୁ ଫେରାଇ ଦିଆଯିବ। ଏହା ସେମାନଙ୍କର ବ୍ୟବସାୟକୁ ଇନ୍ଧନ ଦେବାରେ ସାହାଯ୍ୟ କରିବ। ଏସ୍‌ଏଚ୍‌ଜିକୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ରୂପାନ୍ତର ତ୍ୱରାନ୍ୱିତ କରିବ। ଏସ୍‌ଏଚଜିଗୁଡିକୁ ଆଗାମୀ ୧୦ ବର୍ଷରେ ୨୦ ହଜାର କୋଟିର ସରକାରୀ ବ୍ୟବସାୟ ଯୋଗାଇ ଦିଆଯିବ। ବ୍ୟକ୍ତିଗତ ମହିଳା ଉଦ୍ୟୋଗୀମାନଙ୍କୁ ସେମାନଙ୍କ ବ୍ୟବସାୟ ଆରମ୍ଭ ଏବଂ ବୃଦ୍ଧି ପାଇଁ ୧୦ ଲକ୍ଷ ପର୍ଯ୍ୟନ୍ତ ସବ୍‌ସିଡିଯୁକ୍ତ ଋଣ ଯୋଗାଇବା ପାଇଁ ଶହେ କୋଟି ଟଙ୍କାର କର୍ପସ ପାଣ୍ଠି ସହିତ ସହାୟତା କରାଯିବ। ମିଶନ ଶକ୍ତି ମହିଳାଙ୍କ ପାଇଁ ପେନସନ ରହିବ। ତୃଣମୂଳ ସ୍ତରର ମହିଳା କର୍ମୀ, ସମ୍ପ୍ରଦାୟର ସହାୟତା କର୍ମଚାରୀ, ଅଙ୍ଗନୱାଡି କର୍ମୀ ଏବଂ ଆଶା କର୍ମୀଙ୍କୁ ବିଏସ୍‌କେୱାଇରେ ସାମିଲ କରାଯିବ। ସେମାନେ ସାମାଜିକ ସୁରକ୍ଷା ପେନସନ ମଧ୍ୟ ପାଇବେ। ବିଏସ୍‌କେୱାଇ ନବୀନ କାର୍ଡରେ ପ୍ରାୟ ସବୁ ବର୍ଗ ସାମିଲ ହେବେ। ଏଥିରେ ମଧ୍ୟବିତ୍ତ, ସରକାରୀ କର୍ମଚାରୀ, ଚୁକ୍ତିଭିତ୍ତିକ ଶ୍ରମିକମାନେ ପର୍ଯ୍ୟାୟ କ୍ରମେ ଅନ୍ତର୍ଭୁକ୍ତ ହେବେ। ଆସନ୍ତା ୧୦ ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ ପାଇଁ ସର୍ବନିମ୍ନ ଖର୍ଚ୍ଚର ରାଜ୍ୟ ହୋଇପାରିବା।

ଆଦିବାସୀ, ଜନଜାତି, ଓବିସି ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ସଶକ୍ତୀକରଣ ସର୍ବାଧିକ ପ୍ରାଥମିକତା। ସ୍ୱୟମ୍ ନିଯୁକ୍ତିରେ ପ୍ରତିବର୍ଷ ୧୦,୦୦୦ ଏସ୍‌ଟି,ଏସ୍‌ସି ଏବଂ ଓବିସି ଯୁବକମାନଙ୍କ ପାଇଁ ୧,୦୦,୦୦୦ ଟଙ୍କାର ଅନୁଦାନ ପ୍ରଦାନ କରିବାକୁ ୧୦ ବର୍ଷ ମଧ୍ୟରେ ୧୦୦୦ କୋଟି ଟଙ୍କାର ପାଣ୍ଠି ପ୍ରଦାନ କରାଯିବ। ସେହିଭଳି, ଏସ୍‌ଟି, ଏସ୍‌ସି ଏବଂ ଓବିସିର ଯୁବକମାନଙ୍କ ମଧ୍ୟରେ ଉଦ୍ୟୋଗିତା ୧୦,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ ସୁଧ ଛାଡ଼ ହେବ। ସ୍ୱୟମ୍ ଋଣ ଅନୁଦାନରେ ପ୍ରାଥମିକତା ରହିବ। ଓବିସି, ସଂଖ୍ୟାଲଘୁ, ଏସ୍‌ସି ଏବଂ ଆଦିବାସୀ ଛାତ୍ରମାନଙ୍କ ପାଇଁ ଅଧିକ ହଷ୍ଟେଲ ବ୍ୟବସ୍ଥା ସହିତ ଶିକ୍ଷା ଏବଂ ଅଧିକ ନିଯୁକ୍ତି ଆଗକୁ ବଢାଇବ। ଲାଭ ଯୋଜନା ଦ୍ୱାରା ଛୋଟ ଜଙ୍ଗଲ ଉତ୍ପାଦନ ସଂଗ୍ରହରୁ ଆୟକୁ ତ୍ୱରାନ୍ୱିତ କରିବ, ମୁଖ୍ୟତଃ ଆଦିବାସୀଙ୍କୁ ଉତ୍ସାହିତ କରିବ। ଗ୍ରାମୀଣ ଗୃହ ଯୋଜନା ଅଧୀନରେ ସମସ୍ତ ଯୋଗ୍ୟ ପରିବାରକୁ ୧୦ ଲକ୍ଷ ଘର ଯୋଗାଇ ଦିଆଯିବ।

ଖାଦ୍ୟ ସୁରକ୍ଷା ସର୍ବଦା ବିଜେଡି ସରକାରଙ୍କ ଏକ ଗ୍ୟାରେଣ୍ଟି ଅଟେ। ସମସ୍ତ ଯୋଗ୍ୟ ପରିବାରକୁ ରାଶନ କାର୍ଡ ଯୋଗ୍ୟତାଭିତ୍ତିରେ ନିଶ୍ଚିତ ଯୋଗାଇ ଦିଆଯିବ, ଯାହା ସମସ୍ତ ପରିବାରଙ୍କୁ ଅନ୍ତର୍ଭୁକ୍ତ ନିଶ୍ଚିତ କରିବ। କୃଷକମାନେ ରାଜ୍ୟର ଖାଦ୍ୟ ନିରାପତ୍ତାର ମେରୁଦଣ୍ଡ ଅଟନ୍ତି। କୃଷିର ସମଗ୍ର ଇକୋସିଷ୍ଟମ ମଜଭୁତ ହେବ। କୃଷି ଉଦ୍ଦେଶ୍ୟରେ ମାଗଣା ବିଦ୍ୟୁତ ପ୍ରଦାନ କରାଯିବ, ଯାହା ସାରା ରାଜ୍ୟରେ କୃଷକମାନଙ୍କୁ ଉପକୃତ କରିବ। ଏହା ଉତ୍ପାଦନ ବୃଦ୍ଧି ଏବଂ ସେମାନଙ୍କର ଭାର ହ୍ରାସ କରିବାରେ ସାହାଯ୍ୟ କରିବ। ପିଲାଙ୍କ ଶିକ୍ଷା ପାଇଁ ଛାତ୍ରବୃତ୍ତି ଏବଂ ନିର୍ଭରଶୀଳ ଝିଅ ବିବାହ ଲାଗି ୨୫,୦୦୦ ସହାୟତା ସହିତ କାଳିଆ ଅନୁଦାନକୁ ବିସ୍ତାର କରାଯିବ। ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ସୁଧମୁକ୍ତ ହେବ। ମୌସୁମୀ ଅନିଶ୍ଚିତତାକୁ ଦୂର କରିବା ପାଇଁ ମତ୍ସ୍ୟଜୀବୀ ସମ୍ପ୍ରଦାୟକୁ ବାର୍ଷିକ ୧୫,୦୦୦ ଟଙ୍କା ପ୍ରଦାନ କରାଯିବ।

ଉପାସନା ସ୍ଥାନ, ଐତିହ୍ୟ ସ୍ଥଳ ଏବଂ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ସହିତ ଜଡିତ ସ୍ଥାନଗୁଡିକ ସଂରକ୍ଷଣ ପାଇଁ ଏକ ହେରିଟେଜ ବିକାଶ ପାଣ୍ଠି ଭାବରେ ୧୦୦୦ କୋଟିର ଏକ କର୍ପସକୁ ପୃଥକ୍ କରାଯିବ। ଶାସ୍ତ୍ରୀୟ ଭାଷା ଭାବରେ ଓଡ଼ିଆର ବିକାଶ ଏବଂ ପ୍ରୋତ୍ସାହନ ପାଇଁ ୧୦୦ କୋଟି ରଖାଯାଇଛି। ଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କଠାରୁ ଶାସ୍ତ୍ରୀୟ ଭାଷା ଭାବରେ ଓଡ଼ିଆର ପ୍ରଚାର, ପ୍ରସାର ଓ ଗବେଷଣା ପାଇଁ କୌଣସି ପାଣ୍ଠି ମିଳିନାହିଁ। ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ସଙ୍ଗୀତ ମାନ୍ୟତା ଏବଂ ହୋ, ମୁଣ୍ଡାରି ଏବଂ ଭୂମିଜଙ୍କୁ ଅଷ୍ଟମ କାର୍ଯ୍ୟସୂଚୀରେ ଅନ୍ତର୍ଭୁକ୍ତ କରିବାକୁ ପୁଣିଥରେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯିବ। ପଶ୍ଚିମ ଓଡ଼ିଶାରେ ଭାଷାର ବିକାଶ ତଥା ଗବେଷଣା, ଅଧ୍ୟୟନ ଏବଂ ଅନୁସନ୍ଧାନ ପାଇଁ ୨୫ କୋଟି ଟଙ୍କାର କର୍ପସ ଫଣ୍ଡ ସହିତ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଏକ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରାଯିବ। ଭଗବତଟୁଙ୍ଗିର ସଂରକ୍ଷଣ ପାଇଁ ଅର୍ଥ ଯୋଗାଇ ଦିଆଯିବ। ଏହା ଯୁବକମାନଙ୍କୁ ସେମାନଙ୍କର ସଂସ୍କୃତି, ଐତିହ୍ୟ ଏବଂ ଭାଷାରେ ଗର୍ବ ଅନୁଭବ କରିବାକୁ ସଶକ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

### ନାବାଳିକାଙ୍କୁ ବଳାତ୍କାର ମାମଲା

ଢେଙ୍କାନାଳ, ୯।୫ (ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଜିଲା ଆଡହକ୍ ଆଡିସିନାଲ ସେସନ ଜଜ୍ ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର ଅଦାଲତ ବିଚାରପତି ଡ. ସୂର୍ଯ୍ୟମଣୀ ମହାପାତ୍ର ଏହି ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ ମନିଆ ଓରଫ୍ ମାନସ ସାମଲଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ, ୨୦ ଏପ୍ରିଲ ୨୦୨୧ରେ ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଞ୍ଚଳର ଜଣେ ୧୪ ବର୍ଷର ନାବାଳିକା କୂଅରୁ ପାଣି ଆଣିବାକୁ ଯାଇଥିବା ସମୟରେ ଅଭିଯୁକ୍ତ ମନିଆ ଓରଫ ମାନସ ତାଙ୍କ ଉପରକୁ ପାଣି ପକାଇବା ସହିତ ଜଙ୍ଗଲ ଭିତରକୁ ଟାଣିନେଇ ବଳାତ୍କାର କରିଥିଲେ। ଏଥିସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଘଟଣା ପରେ ଅଭିଯୁକ୍ତ ନାବାଳିକାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଛାଡି ସେଠାରୁ ଖସି ପଳାଇଥିଲେ। ନାବାଳିକାଙ୍କ ମା' ତାଙ୍କୁ ଉଦ୍ଧାର କରି ସମସ୍ତ ଘଟଣା ଜାଣିବା ପରେ ଏ ସଂକ୍ରାନ୍ତରେ ଗୋବିନ୍ଦପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାକୁ ନେଇ ସେହି ସମୟରେ ସଦର ଥାନାରେ ନଂ–୨୪୯/୨୧, ପୋକ୍‌ସୋ ଆଇନରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ୨୨ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ଅଦାଲତ ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ୫୦ ହଜାର ଟଙ୍କା ଜରିମାନା କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଶିବାନୀ
ପରିବାରବର୍ଗ


ରିଦ୍ଧି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିବେଶକ ହରାଇଲେ ୭ ଲକ୍ଷ କୋଟିରୁ ଅଧିକ

## ୩ଦିନରେ କମିଲା ପ୍ରାୟ ୧୧ଲକ୍ଷ କୋଟି



ନୂଆଦିଲ୍ଲୀ,୯।୫

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟୁଛି। ଫଳରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବା ବିଏସ୍ଇରେ ପଞ୍ଜୀକୃତ ଷ୍ଟକ୍‌ଗୁଡ଼ିକର ଶେୟାର ବଡ ଧରଣର କମିଥିଲାବେଳେ ନିବେଶକମାନେ ଲକ୍ଷାଧିକ ଟଙ୍କାର କ୍ଷତି ସହିଛନ୍ତି। ଏପରିକି ଦିନକରେ ନିବେଶକ ୭(୭,୩୪,୫୧୩.୪୮କୋଟି) ଲକ୍ଷ କୋଟିରୁ ଅଧିକ ଟଙ୍କା ହରାଇଛନ୍ତି। ଉଲ୍ଲେଖଯୋଗ୍ୟ, ଷ୍ଟକ୍ ବଜାରର ସୂଚନା ଅନୁଯାୟୀ, ଗୁରୁବାର ନିବେଶକମାନେ ପ୍ରାୟ ୭.୩୪ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଥିବାବେଳେ ପୁଞ୍ଜିବଜାରର ମୂଲ୍ୟ ୩,୯୩,୩୪,୮୯୬.୧୪ କୋଟିରେ ପହଞ୍ଚିଛି। ପୂର୍ବ ଦିନର ବଜାର କାରବାର ଶେଷ ସୁଦ୍ଧା ବଜାର ମୂଲ୍ୟ ୪,୦୮,୪୯,୭୬୭.୯୦ କୋଟିରେ ଥିଲା। ସେହିଭଳି ଗୁରୁବାର ଦଲାଲ ଷ୍ଟ୍ରିଟ୍‌ର କାରବାର ପ୍ରାରମ୍ଭରୁ ତଳମୁହାଁ (ହ୍ରାସ) ହୋଇଥିଲାବେଳେ କାର୍ଯ୍ୟଦିବସର ଶେଷ ପର୍ଯ୍ୟନ୍ତ ଏହି ଧାରା ଜାରି ରହିଥିଲା। ଏପରିକି ଗୁରୁବାର ବମ୍ବେ ଷ୍ଟକ୍ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୦୬୨.୨୨ ପଏଣ୍ଟ ବା ୧.୪୫% କମି ୭୨,୪୦୪.୧୭ ଅଙ୍କରେ ରହିଥିଲାବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୩୪୫.୦୦ ପଏଣ୍ଟ ବା ୧.୫୫% ହ୍ରାସ ଘଟି ୨୧,୯୫୭.୫୦ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିପରି ନିଫ୍ଟି ମିଡ୍‌କ୍ୟାପ ୯୨୭.୧୫ ପଏଣ୍ଟ ବା ୧.୮୫% କମି ୪୯,୧୦୯.୧୫ ଅଙ୍କରେ ରହିଥିଲାବେଳେ ନିଫ୍ଟି ସ୍ମଲକ୍ୟାପ ୨୨୮.୮୫ ପଏଣ୍ଟ ବା ୩.୦୦% ହ୍ରାସ ଘଟି ୭୩୯୦.୯୦ ଅଙ୍କରେ ପହଞ୍ଚିଛି। ଅପରପକ୍ଷରେ ନିଫ୍ଟି ବ୍ୟାଙ୍କ ୫୩୩.୨୦ ପଏଣ୍ଟ ବା ୧.୧୧% ଖସି ୪୭,୪୮୭.୯୦ ଅଙ୍କରେ ରହିଛି। ସୂଚନାଯୋଗ୍ୟ, ଚଳିତ ସପ୍ତାହର କାରବାର ଅନୁଯାୟୀ ଗତ ୩ ଦିନ ମଧ୍ୟରେ ନିବେଶକ ପ୍ରାୟ ୧୧ଲକ୍ଷ କୋଟି ଟଙ୍କା ହରାଇଥିବା ପୁଞ୍ଜିବଜାର ମୂଲ୍ୟସୂଚୀରୁ ଜଣାପଡ଼ିଛି।

## ଶେୟାର ବଜାର କାରବାରରେ ହ୍ରାସ

**ନୂଆଦିଲ୍ଲୀ:** କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ୪ର୍ଥ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୦୬୨(୧୦୬୨.୨୨) ପଏଣ୍ଟ କମି ୭୨,୪୦୪(୭୨,୪୦୪.୧୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୩୪୫(୩୪୫.୦୦) ପଏଣ୍ଟ ହ୍ରାସ ଘଟି ୨୧,୯୫୭(୨୧,୯୫୭.୫୦) ଅଙ୍କରେ କାରବାର ବନ୍ଦ କରିଥିଲା।

# ଏପ୍ରିଲରେ ହୋଣ୍ଡାର ୧୦,୮୬୭ ୟୁନିଟ୍ ବିକ୍ରି

ନୂଆଦିଲ୍ଲୀ,୯।୫

ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍)ର ମାସିକ ଗାଡ଼ି ବିକ୍ରି ଫଳାଫଳ ନିକଟରେ ଘୋଷଣା କରାଯାଇଛି। ୨୦୨୪ ଏପ୍ରିଲରେ କମ୍ପାନୀ ମୋଟ ୧୦,୮୬୭ ୟୁନିଟ୍ ଗାଡ଼ି ବିକ୍ରି କରିଥିଲାବେଳେ ୨୦୨୩ ଏପ୍ରିଲରେ ଏହି ସଂଖ୍ୟା ୭,୬୭୬ ୟୁନିଟ୍ ହୋଇଥିଲା। ସେହିଭଳି କମ୍ପାନୀ ୨୦୨୪ ଏପ୍ରିଲରେ ମୋଟ ୪୩୫୧ ୟୁନିଟ୍ ଗାଡ଼ି ଘରୋଇ ବଜାରରେ ବିକ୍ରି କରିଥିଲାବେଳେ ୬୫୧୬ ୟୁନିଟ୍ ରପ୍ତାନି କରିଥିଲା। ଏପରିକି ୨୦୨୩ ଏପ୍ରିଲରେ କମ୍ପାନୀ ଘରୋଇ ବଜାରରେ ମୋଟ ୫୩୧୩ ୟୁନିଟ୍ ଗାଡ଼ି ବିକ୍ରି କରିଥିଲାବେଳେ ୨୩୬୩ ୟୁନିଟ୍ ଗାଡ଼ି ରପ୍ତାନି କରିଥିଲା।


## CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

**ଆଡ୍‌ୱାର୍ଲ୍ଡ**
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମେନ୍ଦ୍ର ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ଓ୍ୱେ ବ୍ରିଜ୍ ପାଖ
ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଚିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୬୧ ଶିବପୁରୀ
ୟୁପି-ଏ୬୬, ସେକ୍ଟର ୫, ନୋଏଡ଼ା
9810432170
7606841840

**BINET SCIENCE ACADEMY**
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆଜି ଅକ୍ଷୟତୃତୀୟା

## ଜମିବ କାରବାର

ଭୁବନେଶ୍ୱର,୯।୫

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଘରୋଇ ବଜାରର ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ 'ଅକ୍ଷୟ ତୃତୀୟା ମହୋତ୍ସବ'ର ଆୟୋଜନ କରାଯାଇଛି। ଅକ୍ଷୟ ତୃତୀୟା ଉପଲକ୍ଷେ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ଆକର୍ଷଣୀୟ ଅଫର ଓ ରିହାତି ସାଙ୍ଗକୁ ଉପହାର ଓ ଲକି ଡ୍ର'ର ବ୍ୟବସ୍ଥା ମଧ୍ୟ ହୋଇଛି। ବିଶେଷକରି ଶୁକ୍ରବାର ଚଳିତ ବର୍ଷର ଅକ୍ଷୟ ତୃତୀୟା ସାରା ରାଜ୍ୟରେ ପାଳନ କରାଯାଉଛି। ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକର ସୂଚନା ଅନୁଯାୟୀ ଶୁକ୍ରବାର ଘରୋଇ ବଜାରର ସୁନା ଦର ୨୪ କ୍ୟାରେଟ ପ୍ରତି ୧୦ଗ୍ରାମ ପିଛା ୭୨,୨୭୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୬୬,୨୫୦ ଟଙ୍କାରେ କାରବାର ହେଉଛି। ଘରୋଇ ବଜାରରେ କ୍ରମାଗତ ଭାବେ ଦର ପରିବର୍ତ୍ତନ ହେଉଥିଲାବେଳେ ଗତ କିଛି ସପ୍ତାହ ହେବ ସୁନା ଓ ରୁପା ଦର ହ୍ରାସ ପାଉଛି। ଏପରିକି ହୀରା ଓ ମୂଲ୍ୟବାନ୍ ଅଳଙ୍କାର ଏବଂ ରତ୍ନପଥର ମୂଲ୍ୟରେ ମଧ୍ୟ ସୁଧାର ଆସିଛି। ଫଳରେ ଅକ୍ଷୟ ତୃତୀୟା କାରବାର ପାଇଁ ଉଭୟ ଗ୍ରାହକ ଓ ବ୍ୟବସାୟୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି।


**ପଞ୍ଚମ ଜନ୍ମଦିନ ଶୁଭେଚ୍ଛା**



**ସମାଇରା ସାହୁ (ରିଦ୍ଧି)**
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ବାପା, ମାଆ, ଜେଜେବାପା, ଜେଜେମାଆ, ଦାଦୁ, ଦାଦି, ସା, ନାନା।
ଧ-୨୭୦


# ଡାବର ଇଣ୍ଡିଆର ନୂତନ ଅଭିଯାନ

ଭୁବନେଶ୍ୱର,୯।୫ (ଅଭୟ ଦାଶ)



ଡାବର ଇଣ୍ଡିଆ ଲିମିଟେଡ୍‌ର ନୂତନ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀର ଅଗ୍ରଣୀ ଇନ୍‌ଷ୍ଟାଣ୍ଟ ଏନର୍ଜି ଡ୍ରିଙ୍କ୍ ଡାବର ଗ୍ଲୁକୋଜ ପକ୍ଷରୁ ଦେଶର ଯୁବ କ୍ରୀଡ଼ା ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ଦେଶର ପ୍ରମୁଖ କ୍ରୀଡ଼ା ଅନୁଷ୍ଠାନଗୁଡ଼ିକରେ ଯୁବ କ୍ରୀଡ଼ାବିତ୍‌ମାନଙ୍କ ମଧ୍ୟରେ ଶକ୍ତି ଓ ସାମର୍ଥ୍ୟର ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟିକରିବା ପାଇଁ 'ଏନର୍ଜାଇଜ୍ ଇଣ୍ଡିଆ' ନାମକ ଏକ ବିଶାଳ କ୍ୟାମ୍ପେନର ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଗୁରୁବାର ଭୁବନେଶ୍ୱରର ସୋଆ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଡାବର ଇଣ୍ଡିଆ ଲିମିଟେଡ୍‌ର ମ୍ୟାନେଜର (କର୍ପୋରେଟ କମ୍ୟୁନିକେଶନ୍ସ) ଦିନେଶ କୁମାରଙ୍କ ସମେତ ସୋଆ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ଅଧିକାରୀ ସୁନୀତା ବର୍ମା ପ୍ରମୁଖ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ।

ଏ ସମ୍ପର୍କରେ ଡାବର ଇଣ୍ଡିଆ ଲିମିଟେଡ୍‌ର ମ୍ୟାନେଜର (କର୍ପୋରେଟ କମ୍ୟୁନିକେଶନ୍ସ) ଦିନେଶ କୁମାର କହିଛନ୍ତି, ଆମେ ଆମର 'ଏନର୍ଜାଇଜ୍ ଇଣ୍ଡିଆ'କ୍ୟାମ୍ପେନର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏକ ବ୍ରାଣ୍ଡ ଭାବେ ଡାବର ଗ୍ଲୁକୋଜ କ୍ରୀଡ଼ାବିତ୍, କ୍ରୀଡ଼ା ଉତ୍ସାହୀ ଓ ଏକ ସକ୍ରିୟ ଜୀବନଶୈଳୀକୁ ଅନୁସରଣ କରୁଥିବା ଲୋକମାନଙ୍କ ପାଇଁ ଏକ ଉପଯୁକ୍ତ ପ୍ଲାଟ୍‌ଫର୍ମ ଯୋଗାଉଛି। ଉଲ୍ଲେଖଯୋଗ୍ୟ,ସୋଆ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ଅଧିକାରୀ ସୁନୀତା ବର୍ମାଙ୍କ ଦ୍ୱାରା ପରିଚାଳିତ ଏହି ଏନର୍ଜି ସେସନଗୁଡ଼ିକରେ ଉନ୍ନତ ପ୍ରଦର୍ଶନ ନିଶ୍ଚିତ କରିବା ପାଇଁ ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ଉପଯୁକ୍ତ ପୋଷଣ ଓ ହାଇଡ୍ରେଶନର ମହତ୍ତ୍ୱ ସମ୍ପର୍କରେ ସଚେତନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ଟାଟା ଷ୍ଟିଲ୍‌ର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୯।୫

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଟାଟା ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ଟାଟା ଷ୍ଟିଲ୍ ନିକଟରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି। ଉଲ୍ଲେଖଯୋଗ୍ୟ, ପ୍ରଥମ ଭାରତୀୟ ଇସ୍ପାତ କମ୍ପାନୀ ଭାବେ ଟାଟା ଷ୍ଟିଲ୍ ବି୨୪ ବାୟୋଫୁଏଲ୍ ସହ ଭିଏଲ୍ଏସ୍ଏଫ୍ଓ ମିଶ୍ରଣର ଶକ୍ତିକୁ ବ୍ୟବହାରକରି ଅଷ୍ଟ୍ରେଲିଆର ପୂର୍ବ ଉପକୂଳରୁ ଭାରତକୁ କଞ୍ଚାମାଲ ପରିବହନ କରାଇଛି। ଏପରିକି ଏହି ପରିବହନ ଭାରତର ଦୀର୍ଘସ୍ଥାୟୀ ଜାହାଜ ପରିବହନ କ୍ଷେତ୍ରରେ ନୂତନ ମାନଦଣ୍ଡ ନିର୍ଦ୍ଧାରଣ କରିଛି ଏବଂ ଦେଶର ସାମୁଦ୍ରିକ କ୍ଷେତ୍ରରେ ନୂତନ ମାନଦଣ୍ଡ ଧାର୍ଯ୍ୟ କରିଛି। ସେହିଭଳି ୨୦୨୪ ଏପ୍ରିଲ ୧୭ରେ 'ଏମ୍‌ଭି କେପ୍ ଏକ୍ସଏଲ୍' ବିଶାଳ ଜାହାଜ କୋଇଲା ବୋଝେଇକରି ଗ୍ଲାଡ୍‌ଷ୍ଟୋନ ବନ୍ଦରରୁ ବାହାରିଥିଲାବେଳେ ୨୦୨୪ ମେ' ୮ରେ ଏହା ସଫଳତାର ସହ କଳିଙ୍ଗ ଇଣ୍ଟରନ୍ୟାଶନାଲ କୋଲ୍ ଟର୍ମିନାଲ୍ ପାରାଦୀପ ପ୍ରାଇଭେଟ୍ ଲିମିଟେଡ୍ (କେଆଇସିଟିପିପିଏଲ୍) ବନ୍ଦରଠାରେ ପହଞ୍ଚିଥିଲା ଏବଂ ସେଥିରୁ ୧,୪୮,୫୦୦ ଟନ୍ କୋଇଲା ନିଷ୍କାସନ କରାଯାଇଥିଲା।

## ଏପିଏସ୍ଇଜେଡ୍‌ର ଆର୍ଥିକ ଫଳାଫଳ

ଭୁବନେଶ୍ୱର,୯।୫

ଆଦାନୀ ପୋର୍ଟସ ଆଣ୍ଡ ସ୍ପେଶିଆଲ ଇକୋନୋମିକ୍ ଜୋନ୍ (ଏପିଏସ୍ଇଜେଡ୍)ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ୨୦୨୩-୨୪ ଆର୍ଥିକ ବର୍ଷ (୨୦୨୪ ମାର୍ଚ୍ଚ ୩୧ସୁଦ୍ଧା ଶେଷ ଆର୍ଥିକ ବର୍ଷ) ଓ ୪ର୍ଥ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଥିଲା। ଏହି ସମୟ ମଧ୍ୟରେ କମ୍ପାନୀର ପଣ୍ୟ ପରିବହନ ୩ ଗୁଣା ବୃଦ୍ଧି ପାଇଥିବା ବେଳେ ବାର୍ଷିକ ଅଭିବୃଦ୍ଧି ୨୪% ସହ ୪୨୦ ନିୟୁତ ଟନ ପଣ୍ୟ ପରିବହନ କରିଛି। କମ୍ପାନୀର ରାଜସ୍ୱ ୨୮% ବୃଦ୍ଧି ପାଇ ୨୬,୭୧୧ କୋଟି ଟଙ୍କା ହୋଇଥିବା ବେଳେ ଇବିଆଇଟିଡିଏ ୪୪% ବୃଦ୍ଧି ପାଇ ୧୫,୭୫୧ କୋଟି ଟଙ୍କା ହୋଇଛି। ସେହିଭଳି କମ୍ପାନୀର ଟିକସ ପୂର୍ବବର୍ତ୍ତୀ ଲାଭ ୫୦%ବୃଦ୍ଧି ପାଇ ୮୧୦୪ କୋଟି ଟଙ୍କା ହୋଇଥିବାବେଳେ ଇବିଆଇଟିଡିଏକୁ ନିଟ୍ ଋଣ ୨.୩ ଗୁଣା ରହିଛି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକରେ କମ୍ପାନୀ ୧୦୮.୭ ନିୟୁତ ଟନ୍ ପଣ୍ୟ ପରିବହନ କରିଥିବା ବେଳେ ଏହାର ରାଜସ୍ୱ ପରିମାଣ ୬୮୯୭ କୋଟି ଟଙ୍କା, ଇବିଆଇଟିଡିଏ ୪୦୨୯ କୋଟିଟଙ୍କା ଏବଂ ଟିକସ ପରବର୍ତ୍ତୀ ଲାଭ ୨୦୧୫ କୋଟି ଟଙ୍କା ହୋଇଛି।


# Classified Everyday
0674-2580101, 2549949


REAL ESTATE
SALE

ଭୁବନେଶ୍ୱର ଗ୍ୟାରେଜ ଛକରେ ଏଲୋଜନ ଘରବାଡ଼ି ପାଚେରୀ ପ୍ଲଟ୍ ପଚାରୁ ବିକ୍ରିହେବ। 9827119799. D-272

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar, NH-16 ଏବଂ Sum-2 Hospital ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ - 8249422604. D-75955

**Ready to move 2BHK flat for sale @ 20 lakh near Gudiapokhari, Bhubaneswar. Call- 9437631769.** D-093

**Duplex sale at Bhubaneswar @ 57 Lakhs only. Contact: 9777433701.** D-75954

2/3 BHK premium completed flat sale Patia Mainroad side - 9776866520. D-75953

Duplex project at Retang Medical, Station C.V Raman, Tamando, Bhubaneswar. 7008459987. D-75947

ଭୁବନେଶ୍ୱର ନଖରା ତ୍ରିନାଥବଜାର ନିକଟବର୍ତ୍ତୀ **30ft.** ରୋଡ୍, ଘରବାଡ଼ି **boundary** ଇଲେକ୍ଟ୍ରିସିଟି ସୁବିଧା ଥାଇ **Govt. Road**କୁ ଲାଗି **SC** ପ୍ଲଟ୍ ବିକ୍ରିହେବ। **9777617151, 9090142564.** D-75951

G+3 sale at Balianta, Bhubaneswar @ 1.4 Crores negotiable. Contact: 9937460565. D-249




Shoproom (10'x10'), 2 Nos. near Biju Pattnaik College Mainroad, Jayadevvihar and 2 BHK, 3 BHK near Hi-tech Hospital, Koradkanta, Bhubaneswar. Contact: 7008296802. D-257




Newly open full body massage all types massage available. 7749034655. D-76121

Newly open health benefits Spa special offer @999, Bapujinagar. 8018429809. D-76120

Kerala body Massage best Therapist, Bhubaneswar. 9337672475. D-210

Newly opened central SPA full-body massage. Trend Therapist. 8456885600. D-75738

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75737

Relax, refresh your body, mind by expert therapist. Contact- 9938843929. D-76118

**LOST**

ମୁଁ ସ୍ୱାତୀ ବିଶ୍ୱାଳ, ଏତଦ୍ୱାରା ଜଣାଇ ଦେଉଅଛି ଯେ ଗତ ତା୦୨।୦୫।୨୦୨୪ରିଖ ଦିନ ୮ଘଣ୍ଟା ସମୟରେ କିଟ୍ ସ୍କୋୟାର ନିକଟରେ ମୋର ରେ. ଦଲିଲ ନଂ.- ୧୦୨୦୭ ତା୨୬।୦୯।୨୦୦୫ ସହ କିଛି କାଗଜପତ୍ର ହଜିଯାଇଅଛି। ବହୁ ଖୋଜାଖୋଜି ପରେ ମଧ୍ୟ ନ ମିଳିବାରୁ ଏ ନେଇ Infocity ଥାନାରେ ତା।୦୨।୦୫।୨୦୨୪ରିଖରେ ଏକ ଲିଖିତ ରିପୋର୍ଟ ଦାଖଲ କରାଯାଇଅଛି, ଯାହାର G.D. No.-1042/24. D-266

**AFFIDAVIT**

By virtue of an affidavit sworn before the Executive Magistrate, Sohela on dated 09.05.2024 I, Rita Chhatar, W/o- Nilam Chhatar, Village- Jharmunda, P.O.- Petupali, P.S.- Sohela, Dist.- Bargarh, Odisha, PIN- 768034 declare that I have changed my name from Rina Chhatar to Rita Chhatar. Henceforth, I shall be known as Rita Chhatar for all purposes. D-264

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଦଶମ ଶ୍ରାଦ୍ଧବାର୍ଷିକୀ**

**ସ୍ୱର୍ଗତ କୃଷ୍ଣମୋହନ ମହାନ୍ତି**
ଢ଼ାଉରଙ୍ଗ ସାହି, ସାକ୍ଷୀଗୋପାଳ, ପୁରୀ
ତିରୋଧାନ: ପବିତ୍ର ଅକ୍ଷୟତୃତୀୟା
ଆପଣଙ୍କ ଅମର ଆତ୍ମା ଶାନ୍ତିରେ ରହିଥାଉ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ: ପକ୍କୁ, ଦୁଇ ଝିଅ, ଦୁଇ ଜ୍ୱାଇଁ, ପୁଅ, ବୋହୂ, ନାତୁଣୀ, ନାତି ଏବଂ ଆତ୍ମୀୟସ୍ୱଜନମାନେ।
ଧ-୨୭୩

**SHRADHANJALI**

**Smt. Pragyan Mohanty (Jini)**
Dhenkanal
Dob- 20.06.1987
Dod-10. 05.2021
3 years passed, but we all are still there where u left us. Life has become so difficult without you. Each and every moment we wished you to be with us.But you are not there, only ur memories are there and will always be with us .. Praying for your soul's eternal peace ........... you are deeply missed. Son Jiu, family and friends.
ଧ-୨୬୬

**୧୩ତମ ଶ୍ରାଦ୍ଧବାର୍ଷିକୀ**

**୰ଗଗନ ବିହାରୀ ନାୟକ**
ଆୟଶରମୁଣ୍ଡା, ଠାକୁରଗଡ଼, ଅନୁଗୋଳ
ଆବିର୍ଭାବ: ୦୫।୦୭।୧୯୭୯
ତିରୋଧାନ: ୦୪।୦୫।୨୦୧୧
(ବୈଶାଖ ପ୍ରତିପଦ)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ଶୋକସନ୍ତପ୍ତ: ସ୍ତ୍ରୀ: ସୁଷମା, ଝିଅ: ସିଭମ୍, ପୁଅ: ରିଷଭ, ମାଆ, ବାପା, ପରିବାରବର୍ଗ।
ଧ-୨୬୫

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**

**୰ସିତାଂଶୁ ଭୂଷଣ ମିଶ୍ର**
ରେମୁଆଁ, ହାଟତୋଟା, ତାଳଚେର
ଆବିର୍ଭାବ: ୦୯।୧୧।୧୯୪୭
ତିରୋଧାନ: ୨୩।୦୪।୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ଡିମ୍ପୁ, ରିଙ୍କୁ, ପାୟଲ, ସୁବାସ, ଜିତୁ, ପଙ୍କଜ, ବର୍ଣ୍ଣି, ସୋନି, ଇଭାନ, ନୀର୍।
ଧ-୭୬୦୦୮

**ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

**୰ବ୍ରହ୍ମାନନ୍ଦ ମିଶ୍ର**
ଆବିର୍ଭାବ ୨୮/୦୭/୧୯୩୨ ଶ୍ରାବଣ ଦଶମୀ
ତିରୋଧାନ ୨୮/୦୪/୨୦୧୭ ଅକ୍ଷୟ ତୃତୀୟା
ଆପଣଙ୍କ ଅବର୍ତ୍ତମାନକୁ ସହଜରେ ବିଶ୍ୱାସ କରିହୁଏନା। ଚାହୁଁ ଚାହୁଁ ସାତ ବର୍ଷ ବିତିଗଲା ହେ କର୍ମଯୋଗୀ ଆପଣଙ୍କ ପ୍ରଦର୍ଶୀତ ସ୍ୱାଭୀମାନ, ସରଳ ଜୀବନ ଯାପନ, ନିଷ୍ପାପର କର୍ତ୍ତବ୍ୟ କର୍ମ ଓ ଆଦର୍ଶ ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ।
ଶୋକସନ୍ତପ୍ତ
ଆତ୍ମୀୟ ସ୍ୱଜନ, ବନ୍ଧୁ ଅଗଣିତ ଓ ପରିବାରବର୍ଗ
ଧ-୭୫୫୩୬

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ପଞ୍ଜାବକୁ ବିଦା କଲା ଆରସିବି

**ଧର୍ମଶାଳା,୯।୫**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ରେ ପଞ୍ଜାବ କିଙ୍ଗ୍ସକୁ ୬୦ ରନ୍‌ରେ ହରାଇବା ସହ ପ୍ଲେ ଅଫ୍ ଆଶା ଜୀବିତ ରଖିଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)। ବିରାଟ କୋହଲି ଚଳିତ ସିଜନର ପଞ୍ଚମ ଅର୍ଦ୍ଧଶତକ ସହ ୯୨ ରନ୍ କରିଥିବା ବେଳେ ଆରସିବି ୨୦ ଓଭରରେ ୭ ଉଇକେଟ ହରାଇ ୨୪୧ ରନ୍ କରିଥିଲା। ଜବାବରେ ପଞ୍ଜାବ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୧୮୧ ରନ୍ କରିଥିଲା। ପରାଜୟ ସହ ପଞ୍ଜାବ କିଙ୍ଗ୍ସ ଦ୍ୱିତୀୟ ଟିମ୍ ଭାବରେ ଆଇପିଏଲ୍ ୨୦୨୪ରୁ ବିଦା ହୋଇଛି।

ଧର୍ମଶାଳାରେ ପଞ୍ଜାବ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ପଞ୍ଜାବ ପକ୍ଷରୁ ପଦାର୍ପଣକାରୀ କାଭେରପ୍ପା ଘାତକ ବୋଲିଂ କରିଥିଲେ। ସେ ଫାଫ୍ ଡୁପ୍ଲେସି(୯) ଓ ୱିଲ ଜ୍ୟାକ୍ସ(୧୨)ଙ୍କୁ ଆଉଟ କରିବା ସହ ପଞ୍ଜାବକୁ ଭଲ ଆରମ୍ଭ ଦେଇଥିଲେ। ଏପରିକି କାଭେରାପ୍ପାଙ୍କ ବଲ୍‌ରେ କୋହଲିଙ୍କ ଦୁଇଟି କ୍ୟାଚ୍ ହାତଛଡା କରିଥିଲା ପଞ୍ଜାବ। ଖାତା ଖୋଲିବା ପୂର୍ବରୁ ଆଶୁତୋଷ ଶର୍ମା ଓ ୨୬ ରନ୍‌ରେ ବ୍ୟାଟିଂ କରୁଥିବା ବେଳେ ରାଇଲି ରୋଷୋ ଏକ କ୍ୟାଚ୍ ଛାଡିଥିଲେ। ବିରାଟ କୋହଲି ଧୀମା ଆରମ୍ଭ କରିଥିଲେ ମଧ୍ୟ ପରେ ରନ୍ ଗତି ବଢାଇଥିଲେ। ୪୩ ରନ୍‌ରେ ୨ ଉଇକେଟ ପଡିଥିବା ବେଳେ ରଜତ ପଟିଦାର (୫୫) ଓ ବିରାଟ କୋହଲିଙ୍କ ମଧ୍ୟରେ ୭୬ ରନ୍‌ର ଭାଗୀଦାରି ହୋଇଥିଲା। ପଟିଦାର ୨୩ ବଲ୍ ଖେଳି ୩ ଚୌକା ଓ ୬ ଛକା ମାରିଥିଲେ। କୁଆ ପଥର ବର୍ଷା କାରଣରୁ ମ୍ୟାଚ୍ ପ୍ରାୟ ୨୦ ମିନିଟ ବନ୍ଦ ରହିଥିଲା। ମ୍ୟାଚ୍ ଆରମ୍ଭ ହେବା ପରେ କାମେରନ୍ ଗ୍ରୀନ୍ ୪୬ ରନ୍ କରିଥିଲେ। କୋହଲି ଓ ଗ୍ରୀନ୍ ପଞ୍ଚମ ଉଇକେଟରେ ୯୨ ରନ୍ ଯୋଡିବା ସହ ଆରସିବିକୁ ୨୦୦ ରନ୍ ପାର କରାଇଥିଲେ। ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିବା କୋହଲି ୯୨ ରନ୍ କରି ଅର୍ଶଦୀପ ସିଂଙ୍କ ବଲରେ ଆଉଟ ହୋଇଥିଲେ। ୪୭ ବଲ୍ ଖେଳିଥିବା କୋହଲି ୭ ଚୌକା ଓ ୬ ଛକା ମାରିଥିଲେ। ଗ୍ରୀନ୍ ୨୭ ବଲ୍ ଖେଳି ୫ ଚୌକା ଓ ୧ ଛକା ମାରିଥିଲେ। ଶେଷ ଭାଗରେ ଦୀନେଶ କାର୍ତ୍ତିକ ଦ୍ରୁତ ୧୮ ରନ୍ କରିଥିଲେ। ପଞ୍ଜାବ କିଙ୍ଗ୍ସ ପକ୍ଷରୁ ହର୍ଷଲ ପଟେଲ ସର୍ବାଧିକ ୩, ବିଦ୍ୱଥ୍ କାଭେରପ୍ପା ୨, ସାମ୍ କୁରାନ ଓ ଅର୍ଶଦୀପ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୪୨ ରନ୍ ଜବାବରେ ପଞ୍ଜାବର ଆରମ୍ଭ ଭଲ ରହି ନ ଥିଲା। ନିର୍ଭରଯୋଗ୍ୟ ପ୍ରଭସିମରନ୍ ସିଂ ମାତ୍ର ୬ ରନ୍ କରି ଆଉଟ ହୋଇଥିଲେ। ତେବେ ରାଇଲି ରୋଷୋ ୬୧ ଓ ଜନି ବେୟାରଷ୍ଟୋ ୨୭ ରନ୍ କରିବା ସହ ୬୫ ରନ୍ ଯୋଡିଥିଲେ। ବେୟାରଷ୍ଟୋଙ୍କୁ ଆଉଟ କରି ଲୋକି ଫର୍ଗୁସନ୍ ଏହି ଯୋଡି ଭାଙ୍ଗିଥିଲେ। ରୋଷୋ ୨୭ ବଲ୍‌ରୁ ୯ ଚୌକା ଓ ୩ ଛକା ସହ ୬୧ ରନ୍ କରିଥିଲେ। ଅନ୍ୟ ଖେଳାଳିଙ୍କ ମଧ୍ୟରେ ଶଶାଙ୍କ ସିଂ ୩୭ ରନ୍ କରିଥିଲେ। ଆରସିବି ପକ୍ଷରୁ ମହମ୍ମଦ ସିରାଜ ୩, ଲୋକି ଫର୍ଗୁସନ, କର୍ନ ଶର୍ମା ଓ ସ୍ୱପ୍ନିଲ ସିଂ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୦ ଓଭରରେ ୨୪୧/୭ (ବିରାଟ କୋହଲି-୯୨, ରଜତ ପଟିଦାର-୫୫, କାମେରନ୍ ଗ୍ରୀନ୍-୪୬, ହର୍ଷଲ ପଟେଲ-୩/୩୮, ବିଦ୍ୱଥ କାଭେରପ୍ପା-୨/୩୬, ସାମ୍ କୁରାନ-୧/୫୦, ଅର୍ଶଦୀପ ସିଂ-୧/୪୧)। ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୮୧/୧୦( ରାଇଲି ରୋଷୋ-୬୧, ଶଶାଙ୍କ ସିଂ-୩୭, ଜନି ବେୟାରଷ୍ଟୋ-୨୭, ମହମ୍ମଦ ସିରାଜ-୩/୪୩, ସ୍ୱପ୍ନିଲ ସିଂ-୨/୨୮, କର୍ନ ଶର୍ମା-୨/୩୬, ଲୋକି ଫର୍ଗୁସନ୍-୧/୧୯)।



ଶଟ୍ ଖେଳିବା ଅବସରରେ ବିରାଟ କୋହଲି।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ଗୁଜରାଟ ବନାମ ଚେନ୍ନାଇ
ସ୍ଥାନ: ଅହମଦାବାଦ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୧୧ | ୮ | ୩ | ୧୬ | +୧.୪୫୩ |
| ରାଜସ୍ଥାନ ରୟାଲ୍ସ | ୧୧ | ୮ | ୩ | ୧୬ | +୦.୪୭୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୭ | ୫ | ୧୪ | +୦.୪୦୬ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୬ | ୫ | ୧୨ | +୦.୭୦୦ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୬ | ୬ | ୧୨ | -୦.୩୧୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୨ | ୬ | ୬ | ୧୨ | -୦.୭୬୯ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୨ | ୫ | ୭ | ୧୦ | +୦.୨୧୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୪ | ୮ | ୮ | -୦.୨୧୨ |
| ପଞ୍ଜାବ କିଙ୍ଗ୍ସ | ୧୨ | ୪ | ୮ | ୮ | -୦.୪୨୩ |
| ଗୁଜରାଟ ଟାଇଟନ୍ସ | ୧୧ | ୪ | ୭ | ୮ | -୧.୩୨୦ |

## ଟି୨୦ ବିଶ୍ୱକପ୍: ହସରଙ୍ଗା ଶ୍ରୀଲଙ୍କା ଅଧିନାୟକ

**କଲମ୍ବୋ, ୯।୫ (ପି.ଟି.):** ଆସନ୍ତା ମାସରେ ହେବାକୁଥିବା ଟି୨୦ ବିଶ୍ୱକପ୍ ପାଇଁ ୱାନିନ୍ଦୁ ହସରଙ୍ଗା ଶ୍ରୀଲଙ୍କା କ୍ରିକେଟ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ନିକଟରେ ସେ ଇଞ୍ଜୁରିରୁ ଫେରିଛନ୍ତି। ହାମଷ୍ଟ୍ରିଙ୍ଗ ଇଞ୍ଜୁରୀରୁ ମୁକ୍ତି ପାଇଥିବା ପେସ୍ ବୋଲର ମଥିଶା ପଥିରାନାଙ୍କୁ ମଧ୍ୟ ଦଳରେ ସ୍ଥାନ ମିଳିଛି। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଦଳରୁ ଖେଳୁଥିବା ପଥିରାନା ଆଘାତପାପ୍ତ ହେବାପରେ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଥିଲେ। ପେସ୍ ବୋଲର ଜଣକ କଲମ୍ବୋ ପ୍ରତ୍ୟାବର୍ତ୍ତନ କରି ରିହାବିଲିଟେଶନରେ ଥିଲେ। ପଥିରାନା ଆଇପିଏଲ୍ ୨୦୨୪ରେ ସିଏସ୍‌କେ ତରଫରୁ ମାତ୍ର ୬ଟି ମ୍ୟାଚ ଖେଳିଛନ୍ତି। ସେ ୭.୬୮ ଇକୋନୋମି ରେଟ୍‌ରେ ୧୩ ଉଇକେଟ ଅକ୍ତିଆର କରିଛନ୍ତି। ଏହି ୨୧ବର୍ଷୀୟ କ୍ରିକେଟର ପ୍ରଥମେ ମାର୍ଚ୍ଚ ମାସରେ ବାଂଲାଦେଶ ବିପକ୍ଷ ଟି୨୦ ସିରିଜରେ ଖେଳୁଥିବା ସମୟରେ ଆଘାତପ୍ରାପ୍ତ ହୋଇଥିଲେ। ସେହିପରି ହାମଷ୍ଟ୍ରିଙ୍ଗ ଇଞ୍ଜୁରୀଯୋଗୁ ଆଇପିଏଲ୍ ଖେଳିପାରି ନ ଥିବା ଦିଲସାନ ମଦୁସାନକାଙ୍କୁ ସୁସ୍ଥ ହେବାପରେ ଦଳରେ ସ୍ଥାନ ମିଳିଛି। ମଦୁସାନକାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ଅନୁବନ୍ଧିତ କରିଥିଲା। ତାଙ୍କ ସ୍ଥାନରେ ଦଳ ବର୍ତ୍ତମାନ ଦକ୍ଷିଣ ଆଫ୍ରିକା ପେସ୍ ବୋଲର କ୍ୱେନା ମାଫାକାଙ୍କୁ ସାମିଲ କରିଛି। ସେହିପରି ଅଧିନାୟକ ହସରଙ୍ଗା ପୁରାତନ ଗୋଇଠି ଯନ୍ତ୍ରଣା ପାଇଁ ଆଇପିଏଲ୍‌ରେ ଖେଳିବାରୁ ବଞ୍ଚିତ ହୋଇଥିଲେ। ୨୦୨୩ ଆଇପିଏଲ୍ ପରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁର ତାଙ୍କୁ ରିଲିଜ କରିବା ପରେ ଏହି ଲେଗ୍ ସ୍ପିନରଙ୍କୁ ସନରାଇଜର୍ସ ହାଇଦ୍ରାବାଦ ୧.୫ କୋଟି ଟଙ୍କାରେ କ୍ରୟ କରିଥିଲା।

**ଶ୍ରୀଲଙ୍କା ଦଳ :** ୱାନିନ୍ଦୁ ହସରଙ୍ଗା (ଅଧିନାୟକ), ଚାରିଥ ଆସାଲଙ୍କା (ଉପଅଧିନାୟକ), କୁସାଲ ମେଣ୍ଡିସ, ପାଥୁମ ନିସାଙ୍କା, କାମିନ୍ଦୁ ମେଣ୍ଡିସ, ସଦିରା ସମରବିକ୍ରମା, ଆଞ୍ଜେଲୋ ମାଥ୍ୟୁସ, ଦାସୁନ ଶାନକା, ଧନଞ୍ଜୟ ଡି' ସିଲ୍‌ଭା, ମାଥିସ ଥିକ୍‌ସାନା, ଦୁନିଥ ୱେଲାଲେଗ୍, ଦୁଷ୍ମନ୍ତ ଚାମିରା, ନୁୱାନ ଥୁସାରା, ମାଥିସା ପଥିରାନା ଓ ଦିଲସାନା ମଧୁଶାନକା।

# ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସର ଚୟନ ଟ୍ରାଏଲ୍ସ



ଅଭ୍ୟାସ ପାଇଁ ପ୍ରସ୍ତୁତ ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସର କ୍ରିକେଟ ଏକାଡେମୀର ନେଟ୍ସ।

**ଭୁବନେଶ୍ୱର, ୯।୫ (ତପନ ସ୍ୱାଇଁ)**

କଟକ ଜିଲା ଗୁରୁଡ଼ିଝାଟିଆର କପୁରସିଂଠାରେ ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସର କ୍ରିକେଟ ଏକାଡେମୀ ପ୍ରତିଷ୍ଠା ହୋଇଛି। ଏହି ଏକାଡେମୀରେ ଉଚ୍ଚ ମାନର କୋଚିଂ ପାଇଁ ଗତ ମାର୍ଚ୍ଚ ୧୯ରେ 'କୋଚିଂ ବିୟଣ୍ଡ' ଓ ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। କୋଚିଂ ବିୟଣ୍ଡ ହେଉଛି ପୂର୍ବତନ ଟିମ୍ ଇଣ୍ଡିଆ କୋଚ୍ ରବି ଶାସ୍ତ୍ରୀ, ବି. ଅରୁଣ ଓ ଆର. ଶ୍ରୀଧରଙ୍କଦ୍ୱାରା ପ୍ରତିଷ୍ଠିତ ଭାରତର ଅନ୍ୟତମ ପ୍ରିମିୟର କ୍ରିକେଟ କୋଚିଂ ଅନୁଷ୍ଠାନ। ଏହି ଅନୁଷ୍ଠାନ ବିଶେଷ କରି ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସର ବୌଦ୍ଧିକ ଓ ବୈଷୟିକ ପାର୍ଟନରଭାବେ କାର୍ଯ୍ୟ କରିବ। ଏଠାରେ ଉଚ୍ଚ ମାନର କୋଚିଂ ପ୍ରୋଗ୍ରାମର ଲକ୍ଷ୍ୟ ରଖାଯାଇଛି। କୋଚିଂ ବିୟଣ୍ଡର ପ୍ରତିଷ୍ଠିତ କୋଚ୍‌ଙ୍କ ବ୍ୟତୀତ ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ ପୂର୍ବତନ ଭାରତୀୟ ଟେଷ୍ଟ କ୍ରିକେଟର ଭେଙ୍କଟପତି ରାଜୁଙ୍କୁ ଜଣେ ପରାମର୍ଶଦାତା କୋଚ୍‌ଭାବେ ଅନୁବନ୍ଧିତ କରିଛି।

ଏକାଡେମୀର ଆବାସିକ କୋଚିଂ ପ୍ରୋଗ୍ରାମ ପାଇଁ ଚୟନ ପ୍ରକ୍ରିୟା ଚାଲୁ ରହିଛି। ଆଉ ଏକ ଚୟନ ପ୍ରକ୍ରିୟା ଚଳିତ ମାସ ୧୮ ଓ ୧୯ ତାରିଖରେ ଅନୁଷ୍ଠିତ ହେବ। ଜୁନ୍ ୨ରୁ ଆବାସିକ କୋଚିଂ ପ୍ରଦାନର ଲକ୍ଷ୍ୟ ରଖାଯାଇଛି। ଆବାସିକ କୋଚିଂ ପ୍ରୋଗ୍ରାମରେ ମନୋନୀତ ଖେଳାଳିମାନଙ୍କୁ ସମ୍ପୂର୍ଣ୍ଣ ଲଜିଂ ଓ ବୋର୍ଡିଂ ସୁବିଧା ପ୍ରଦାନ କରାଯିବ। ଡେ'ବୋର୍ଡିଂ (ଅଣଆବାସିକ) ଖେଳାଳିଙ୍କ ପାଇଁ ପଞ୍ଜୀକରଣ ପ୍ରକ୍ରିୟା ମେ' ୧୬ରୁ ଆରମ୍ଭ ହେବ ଏବଂ ସେହି ଦିନରୁ କୋଚିଂ ଆରମ୍ଭ ହେବ। ଅତ୍ୟାଧୁନିକ ଭିତ୍ତିଭୂମୀସହ ଉଚ୍ଚ ମାନର ପ୍ରଦର୍ଶନ ପାଇଁ ଏକାଡେମୀ ପରିସରରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ। କୋଚିଂ ବ୍ୟତୀତ ଖେଳାଳିମାନଙ୍କୁ ବିଭିନ୍ନ ଉଚ୍ଚସ୍ତରୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣର ମଧ୍ୟ ସୁଯୋଗ ମିଳିବ। ଏହାଦ୍ୱାରା ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ଆସିପାରିବ। ଆଡ୍‌ମିଶନ ପାଇଁ ଏକାଡେମୀର କର୍ମକର୍ତ୍ତା କ୍ଷୀରୋଦ ଏବଂ ବିଶ୍ୱପ୍ରକାଶ ମହାପାତ୍ରଙ୍କ ସହ ଯୋଗାଯୋଗ କରାଯାଇପାରିବ ବୋଲି ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସର ଚେୟାରମ୍ୟାନ ପଙ୍କଜ ଲୋଚନ ମହାନ୍ତି ପ୍ରକାଶ କରିଛନ୍ତି।

**ଅରବିନ୍ଦ ସ୍ମାରକୀ ଜୁନିୟର କ୍ରିକେଟ**

# ପ୍ରଗତି ସ୍ପୋର୍ଟିଂ ବିଜୟୀ

**ଭୁବନେଶ୍ୱର, ୯।୫ (ବିଜୟ ରଣା):** ସ୍ଥାନୀୟ ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଏହାର ପଡ଼ିଆରେ ଚାଲିଥିବା ୬ଷ୍ଠ ଅରବିନ୍ଦ ସ୍ମାରକୀ ୧୬ ବର୍ଷରୁ କମ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ମ୍ୟାଚରେ ପ୍ରଗତି ସ୍ପୋର୍ଟିଂ ୭ ଉଇକେଟରେ ଟାଉନ କ୍ଲବକୁ ପରାସ୍ତ କରିଛି। ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଟାଉନ କ୍ଲବ ୩୦ ଓଭରରେ ୯୧ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ତରଫରୁ ଟପ୍ ସ୍କୋରର ଆୟୁଷ ଅମ୍ଲାନ ୨୭ ରନ କରିଥିଲେ। ବିପକ୍ଷ ଦଳ ତରଫରୁଶ୍ରେଷ୍ଠ ବୋଲିଂ କରିଥିବା ଆଦିତ୍ୟ ଷଡ଼ଙ୍ଗୀ ୪ ଉଇକେଟ ଅକ୍ତିଆର କରିଥିବା ବେଳେ ଅନମୋଲ ପଟ୍ଟନାୟକ ଓ ନୀଳେଶ ବେବର୍ତ୍ତା ଦୁଇଟି ଲେଖାଏଁ ଉଇକେଟ ନେଇଥିଲେ। ପ୍ରଗତି ସ୍ପୋର୍ଟିଂ ୯୨ରନର ବିଜୟ ଲକ୍ଷ୍ୟକୁ ୧୬.୩ ଓଭରରେ ମାତ୍ର ୩ ଉଇକେଟ ବିନିମୟରେ ହାସଲ କରିନେଇଥିଲା। ଦଳ ତରଫରୁ ପ୍ରତ୍ୟୁଷ ସର୍ବାଧିକ ୨୮ ରନ କରିଥିଲେ। ଆଦିତ୍ୟ ଷଡ଼ଙ୍ଗୀ ଓ ଅସୀମ ବରଦ ଯଥାକ୍ରମେ ୧୫ ଓ ୨୧ ରନ କରିଥିଲେ। ଟାଉନ୍ କ୍ଲବର ଓମକାର ତ୍ରିପାଠୀ ୨ଟି ଏବଂ ଆୟୁଷ ସାହୁ ଗୋଟିଏ ଉଇକେଟ ନେଇଥିଲେ। ଆଦିତ୍ୟ ଷଡ଼ଙ୍ଗୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଗୁରୁବାର ମ୍ୟାଚରେ ପାରାମାଉଣ୍ଟ କ୍ଲବର ପ୍ରତିଷ୍ଠାତା ସଦସ୍ୟ ବିବେକାନନ୍ଦ ଦାଶ ଅତିଥିଭାବେ ଯୋଗ ଦେଇଥିଲେ।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଆଦିତ୍ୟ ଷଡ଼ଙ୍ଗୀ।

## ଓଡ଼ିଶାର ପ୍ରଥମ ପରାଜୟ

**ଭୁବନେଶ୍ୱର, ୯।୫ (ତପନ ସ୍ୱାଇଁ)**

କୋଲକାତାର ଏଆଇଏଫ୍‌ଏଫ୍ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସି ପରିସରରେ ଚାଲିଥିବା ରାଜାମାତା ଜିଜାବାଇ ଟ୍ରଫି ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ପ୍ରଥମ ପରାଜୟ ବରଣ କରିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ଶକ୍ତିଶାଳୀ ମଣିପୁରଠାରୁ ୧-୩ ଗୋଲରେ ହାରିଯାଇଛି। ୪ ମ୍ୟାଚରୁ ଓଡ଼ିଶାର ଏହାଥିଲା ପ୍ରଥମ ପରାଜୟ। ଆରମ୍ଭରୁ ଆଧିପତ୍ୟ ବିସ୍ତାର କରି ଖେଳିଥିଲା ମଣିପୁର। ୧୭ଶ ମିନିଟରେ ଅଧିନାୟିକା ନାଙ୍ଗୋମ ବାଲା ଦେବୀ ପ୍ରଥମ ଗୋଲଟି ଦେଇ ମଣିପୁରକୁ ଅଗ୍ରଣୀ କରିଥିଲେ। ୨୬ତମ ମିନିଟରେ ଏହାକୁ ୨-୦ରେ ପରିଣତ କରିଥିଲେ ଡାଙ୍ଗମେଇ ଗ୍ରେସ୍। ୬୬ତମ ମିନିଟରେ ବାଲା ଦେବୀ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ତୃତୀୟ ଗୋଲଟି ଦେଇଥିଲେ। ଓଡ଼ିଶା ପକ୍ଷରୁ ବଦଳ ଖେଳାଳି ମନୀଷା ନାୟକ ୮୭ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ। ଓଡ଼ିଶା ଏହାର ପ୍ରଥମ ମ୍ୟାଚକୁ ହରିୟାଣା ବିପକ୍ଷରେ ୧-୧ ଗୋଲରେ ଡ୍ର ରଖିଥିବାବେଳେ ଦ୍ୱିତୀୟ ମ୍ୟାଚରେ ମହାରାଷ୍ଟ୍ରକୁ ୪-୧ ଓ ତୃତୀୟ ମ୍ୟାଚରେ ଝାଡ଼ଖଣ୍ଡକୁ ୨-୦ ଗୋଲରେ ପରାସ୍ତ କରିଥିଲା।









4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ 50 Years
ପୃଷ୍ଠା–୧୨+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ମେ ୧୦/୨୦୨୪ (୧୨+୮=୨୦ ପୃଷ୍ଠା) Bhubaneswar, Friday, May 10/2024 Page 20 ₹ 7.00




# ସ୍ତ୍ରୀ, ଝିଅଙ୍କୁ ଗୁଳିକରି ଆତ୍ମହତ୍ୟା

## ଅନ୍‌ଲାଇନ୍ ବେଟିଂ ହେଲା କାଳ

ବ୍ରଜରାଜନଗର,୯।୫ (ବିଜୟ ବରାଡ଼)

ଅନ୍‌ଲାଇନ୍ ବେଟିଂ କରି ଅଧିକ ରୋଜଗାର କରିବାକୁ ଭାବିଥିଲେ। ହେଲେ ଫଳ ହେଲା ଓଲଟା। ନିଜ ସମ୍ପର୍କୀୟ ଏବଂ ସ୍ଥାନୀୟ ଲୋକଙ୍କଠାରୁ ଋଣ ଆଣି ଆଉ ଶୁଝିପାରିଲେନି। ଶେଷରେ ଜୀବନ ହାରିବାକୁ ମନସ୍ଥ କରି ସ୍ତ୍ରୀ ଏବଂ ଝିଅଙ୍କୁ ଗୁଳିକରି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ କାଳିନଗର କଲୋନୀରେ। ବୁଧବାର ରାତିରେ ବ୍ରଜରାଜନଗର ଥାନା ଅନ୍ତର୍ଗତ କାଳିନଗର କଲୋନୀ ବାସିନ୍ଦା ସୁଜିତ ରାୟ (୩୭) ସ୍ତ୍ରୀ ଖୁସ୍‌ବୁ ରାୟ(୨୮) ଓ ଝିଅ ଅର୍ପିତା ରାୟ (୧୨)ଙ୍କୁ ଗୁଳି କରି ହତ୍ୟା କରିବାପରେ ନିଜେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।


ମୃତକ ସୁଜିତ ରାୟଙ୍କ ସହ ସ୍ତ୍ରୀ ଖୁସ୍‌ବୁ ଓ ଝିଅ ଅର୍ପିତା। **(ଫାଇଲ ଫଟୋ)**

ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ସ୍ମିତ ପାରମରଙ୍କ ସୂଚନା ଅନୁଯାୟୀ ମୃତକ ସୁଜିତ ଅନ୍‌ଲାଇନରେ ବେଟିଂ କରି ଋଣଭାରରେ ବୁଡ଼ି ଯାଇଥିଲେ। ସମ୍ପର୍କୀୟ, ସାଙ୍ଗସାଥୀ ଓ ବନ୍ଧୁବାନ୍ଧବଙ୍କଠାରୁ ହାତଉଧାର ଆଣି ଶୁଝି ନ ପାରିବାରୁ ମାନସିକ ଦୁଶ୍ଚିନ୍ତାରେ ଥିଲେ। ବୁଧବାର ଅପରାହ୍ନରେ ଯୋଜନା କରି ସ୍ତ୍ରୀ ଓ ଝିଅଙ୍କୁ ସାଙ୍ଗରେ ଧରି ନିଜ କାର (ନଂ.ଓଡି୧୫-ୱାଇ-୮୨୨୩)ରେ ଘରୁ ବାହାରିଥିଲେ। ରାତ୍ରିରେ ଘରକୁ ନ ଫେରିବାରୁ ପରିବାର ଲୋକେ ଓରିଏଣ୍ଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତୁରନ୍ତ ମୋବାଇଲ ଟ୍ରାକିଂ କରିବାରୁ ସେମାନେ ଲଖନପୁର ଥାନା ଅନ୍ତର୍ଗତ ବାଣପାହାଡ଼ ଘେରା ଜଙ୍ଗଲରେ ଥିବା ଜଣାପଡ଼ିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର୍ ଷ୍ଟାର୍ଟ ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲା। କାର ଡ୍ରାଇଭର ସିଟରେ ସୁଜିତ ଏବଂ ପଛ ସିଟ୍‌ରେ ମା' ଓ ଝିଅ ମୃତ ଅବସ୍ଥାରେ ଦେଖିବାକୁ ପାଇଥିଲା। ଗୁରୁବାର ସକାଳେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଖୁସ୍‌ବୁ ଓ ଅର୍ପିତାଙ୍କ ମୁହଁରେ କପଡ଼ା ବନ୍ଧାଯାଇଛି ଓ ତାଙ୍କ ମୁଣ୍ଡରେ ଗୁଳି ବାଜିଥିଲା। ସୁଜିତଙ୍କ ମୁଣ୍ଡରେ ମଧ୍ୟ ଗୁଳି ବାଜିଥିଲା। ମା' ଓ ଝିଅଙ୍କୁ ହତ୍ୟା କରିବା ପରେ ସୁଜିତ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ କାର, ବନ୍ଧୁକ, ୩ଟି ଖୋକା ଓ ଗୁଳି ଜବତ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ମୋବାଇଲ ଜବତ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ମୋବାଇଲ କଲ୍ ରେକର୍ଡରୁ ସ୍ଥାନୀୟ ଲୋକଙ୍କ ସହ ଋଣଭାର ସମ୍ପର୍କରେ ବାର୍ତ୍ତାଳପ ହୋଇଥିବା ଜଣାପଡ଼ିଛି। ତେବେ ସୁଜିତ୍ ବନ୍ଧୁକ କେଉଁଠୁ ଆଣିଲେ, ତା'କୁ ନେଇ ପୋଲିସ ଅଧିକ ତନାଘନା କରୁଛି। ମିଳିଥିବା ସୂଚନା ଅନୁସାରେ ସୁଜିତ୍ ସ୍ଥାନୀୟ ଅଞ୍ଚଳରେ ଥିବା ଏକ କମ୍ପାନୀରେ କାମ କରୁଥିଲେ।

# ଭୋଟ ପାଇଁ ଜନସଂଖ୍ୟା ରିପୋର୍ଟ: ବିରୋଧୀ

**ଗତ ୬୫ ବର୍ଷରେ ଭାରତରେ ହିନ୍ଦୁଙ୍କ ସଂଖ୍ୟା ପ୍ରାୟ ୮% ହ୍ରାସ ପାଇ ମୁସ୍‌ଲିମ ଜନସଂଖ୍ୟା ୪୩.୧୫% ବଢ଼ିଥିବା ନେଇ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାର୍ଶଦାତା ପରିଷଦ (ଇଏସି-ପିଏମ୍) ପକ୍ଷରୁ ଏକ ରିପୋର୍ଟ ପ୍ରକାଶ କରାଯାଇଛି। ଦେଶରେ ତୃତୀୟ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହୋଇସାରିଥିବାବେଳେ ଆସନ୍ତା ୧୩ରେ ଚତୁର୍ଥ ପର୍ଯ୍ୟାୟ ଭୋଟ ଗ୍ରହଣ କରାଯିବ। ଏଭଳି ସମୟରେ ଭାରତବର୍ଷରେ ହିନ୍ଦୁମାନେ ସଂଖ୍ୟାଲଘୁ ପାଲଟିଯିବା ଭଳି ଆଶଙ୍କା ସୃଷ୍ଟିକାରୀ ଏକ ଅଧ୍ୟୟନ ରିପୋର୍ଟର ପ୍ରକାଶନ ଉପରେ ବିରୋଧୀ ଦଳ ଏବଂ ବିଭିନ୍ନ ସଙ୍ଗଠନ ପ୍ରଶ୍ନ ଉଠାଇଛନ୍ତି। କେନ୍ଦ୍ରରେ କ୍ଷମତାସୀନ ଭାଜପା ସାମ୍ପ୍ରଦାୟିକ ବିଭେଦ ସୃଷ୍ଟି କରି ଭୋଟ ହାତେଇବା ପାଇଁ ଉଦ୍ୟମ ଚଳାଇଥିବା ବିରୋଧୀ ସମାଲୋଚନା କରିଛନ୍ତି।**

ନୂଆଦିଲ୍ଲୀ,୯।୫

ଭାରତରେ ୧୯୫୦ରୁ ୨୦୧୫ ମଧ୍ୟରେ ହିନ୍ଦୁମାନଙ୍କ ସଂଖ୍ୟା ୭.୮୨ ପ୍ରତିଶତ ହ୍ରାସ ପାଇଥିବାବେଳେ ମୁସଲମାନ ଜନସଂଖ୍ୟା ୪୩.୧୫ ପ୍ରତିଶତ ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ଉପଦେଷ୍ଟା ପରିଷଦ (ଇଏସି-ପିଏମ୍) ପକ୍ଷରୁ ଏଭଳି ରିପୋର୍ଟ ପ୍ରକାଶ ପାଇଛି। 'ଶେୟାର ଅଫ୍ ରିଲିଜିଅସ୍ ମାଇନୋରିଟିଜ୍: ଏ କ୍ରସ୍-କଣ୍ଟ୍ରି ଆନାଲିସିସ୍(୧୯୫୦-୨୦୧୫) ନାମରେ ପ୍ରକାଶିତ ରିପୋର୍ଟରେ ଆହୁରି କୁହାଯାଇଛି, ଦେଶର ଜନସଂଖ୍ୟାରେ ଜୈନମାନଙ୍କ ଭାଗ ୧୯୫୦ରେ ୦.୪୫ ପ୍ରତିଶତ ଥିବାବେଳେ ୨୦୧୫ରେ ତାହା ୦.୩୬ ପ୍ରତିଶତକୁ ହ୍ରାସ ପାଇଛି।

ରିପୋର୍ଟ ଅନୁଯାୟୀ, ୧୯୫୦ରେ ଭାରତରେ ହିନ୍ଦୁମାନଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୮୪.୬୮ ପ୍ରତିଶତ ରହିଥିଲା। ୨୦୧୫ରେ ତାହା ୭୮.୦୬ ପ୍ରତିଶତକୁ ହ୍ରାସ ପାଇଛି। ଅନ୍ୟପକ୍ଷରେ ୧୯୫୦ରେ ମୁସଲମାନଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୯.୮୪ ପ୍ରତିଶତ ଥିବାବେଳେ ୨୦୧୫ରେ ତାହା ୧୪.୦୯ ପ୍ରତିଶତକୁ ବୃଦ୍ଧି ପାଇଛି। ଅର୍ଥାତ୍ ସେମାନଙ୍କ ଭାଗ ୪୩.୧୫ ପ୍ରତିଶତ ବଢ଼ିଥିବା ଇଏସି-ପିଏମ୍ ସଦସ୍ୟ ଶାମିକା ରବିଙ୍କ ନେତୃତ୍ୱରେ ଗଠିତ ଟିମ୍ ପକ୍ଷରୁ ପ୍ରସ୍ତୁତ ରିପୋର୍ଟରେ କୁହାଯାଇଛି। ଦେଶରେ ଖ୍ରୀଷ୍ଟିଆନ ☞ପୃଷ୍ଠା-୨

# ଆଜି ଭୁବନେଶ୍ୱରରେ ମୋଦିଙ୍କ ରୋଡ୍ ଶୋ

ଭୁବନେଶ୍ୱର, ୯।୫(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାରଠାରୁ ୨ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ଶୁକ୍ରବାର ରାତି ୮ଟା ୩୦ରେ ଏକ ରୋଡ୍ ଶୋ' କରିବା କାର୍ଯ୍ୟକ୍ରମ ରହିଛି। ରାତି ସାଢେ ୮ ଟାରୁ ଭାଜପା ରାଜ୍ୟ କାର୍ଯ୍ୟାଳୟରୁ ଏହି ରୋଡ୍ ଶୋ' ବାହାରିବା କାର୍ଯ୍ୟକ୍ରମ ରହିଛି। ରୋଡ୍ ଶୋ'ରେ ମୋଦି ବାଣୀବିହାର ପର୍ଯ୍ୟନ୍ତ ଯିବା କାର୍ଯ୍ୟକ୍ରମ ରହିଛି। ସେଥିପାଇଁ ଜନପଥ(ମାଷ୍ଟରକ୍ୟାଣ୍ଟିନରୁ ବାଣୀବିହାର ପର୍ଯ୍ୟନ୍ତ)ରେ ଟ୍ରାଫିକ କଟକଣା କମିଶନରେଟ୍ ପୋଲିସ ଜାରି ରଖିଛି। ଶୁକ୍ରବାର


ନରେନ୍ଦ୍ର ମୋଦି

ଅପରାହ୍ନ ୨ଟାରୁ ରୋଡ୍ ଶୋ' ସରିବା ପର୍ଯ୍ୟନ୍ତ ମାଷ୍ଟରକ୍ୟାଣ୍ଟିନ୍ ଠାରୁ ବାଣୀବିହାର ପର୍ଯ୍ୟନ୍ତ ରାସ୍ତା ବନ୍ଦ ରହିବ। ସେହିପରି ଅପରାହ୍ନ ୪ଟାରୁ ରୋଡ୍ ଶୋ' ଶେଷ ହେବା ପର୍ଯ୍ୟନ୍ତ ବାଣୀବିହାରରୁ ମାଷ୍ଟରକ୍ୟାଣ୍ଟିନ୍ ରାସ୍ତା ବନ୍ଦ ରହିବ। ଏହା ସହ ଜନପଥକୁ ସଂଯୋଗ କରୁଥିବା କୌଣସି ଗଳିରୁ ଗାଡ଼ିଗୁଡ଼ିକୁ ରାସ୍ତାକୁ ଛଡ଼ାଯିବନାହିଁ।

ସୂଚନାଯୋଗ୍ୟ, ରାତି ୮ଟା ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନପଥ ସ୍ଥିତ ଭାଜପା ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟଠାରେ ପହଞ୍ଚିବେ। ସାଢେ ୮ଟାରୁ ସେ ରୋଡ୍ ଶୋ' ଆରମ୍ଭ କରିବେ। ଏହା ରାତି ପ୍ରାୟ ସାଢେ ୯ଟା ପର୍ଯ୍ୟନ୍ତ ଚାଲିବ ଓ ବାଣୀବିହାର ଛକରେ ଶେଷ ହେବ। ଏଥିଲାଗି ବିଭିନ୍ନ ସ୍କ୍ୱାଡ୍ ଟିମ୍ ମଧ୍ୟ ଭୁବନେଶ୍ୱରଠାରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ଠିକ୍ ଅଛି ନା ନାହିଁ ତା'ର ଯାଞ୍ଚ ଆରମ୍ଭ କରିଦେଇଛନ୍ତି। ରାସ୍ତାକଡ଼ରେ ବ୍ୟାରିକେଡ୍ ମଧ୍ୟ ଲଗାଇ ଦିଆଯିବା ସାଙ୍ଗକୁ ଚାରିଆଡେ ଭାଜପା ପତାକା ଏବଂ ହୋର୍ଡିଂ ଛାଉଣି ହୋଇଗଲାଣି। ମୋଦିଙ୍କ ରୋଡ୍ ଶୋ' ସମୟରେ ଓଡ଼ିଆ କଳା ଓ ସଂସ୍କୃତିର ଝଲକ୍ ଦେଖିବାକୁ ମିଳିବ। ଭାଜପା କାର୍ଯ୍ୟାଳୟରୁ ବାଣୀବିହାର ମଧ୍ୟରେ ୧୦ଟି ସ୍ଥାନରେ ଓଡ଼ିଶା କଳା ଓ ପରମ୍ପରାର ୧୦ଟି ଆଇକନ୍ ରହିବ। ଭାଜପା କାର୍ଯ୍ୟାଳୟରେ କୋଣାର୍କ ଚକ୍ର ଓ ବାଣୀବିହାର ଛକରେ ଖଣ୍ଡଗିରି ଐତିହ୍ୟ ସ୍ଥାନିତ ହେବ। ଝାଞ୍ଜ ମୃଦୁଙ୍ଗରେ ମୋଦିଙ୍କୁ ସ୍ୱାଗତ କରାଯିବା ସହ ସମ୍ବଲପୁରୀ ଭଳି ଏକାଧିକ ☞ପୃଷ୍ଠା-୨




# ଆଉ ୬ ଦିନ ଝଡ଼ବର୍ଷା

ଭୁବନେଶ୍ୱର,୯।୫ (ଅନୁରାଧା ମହାରଣା)

ରାଜ୍ୟର ଅଧାରୁ ଅଧିକ ଜିଲାରେ କାଳବୈଶାଖୀ ଓ ବର୍ଷା ପ୍ରଭାବରେ ତାତିରୁ ଆଶ୍ୱସ୍ତି ମିଳିଛି। ଫଳରେ ଗୁରୁବାର ୩ଟି ସହରକୁ ବାଦ୍‌ଦେଲେ ସମଗ୍ର ଓଡ଼ିଶାରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ତଳକୁ ରହିଥିଲା। ସେହିଭଳି କାଳବୈଶାଖୀ ଯୋଗୁ କୋରାପୁଟରେ ୨୬.୨ ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ ତାଳଚେର ୧୩.୦ ମି.ମି., ଝାରସୁଗୁଡ଼ା ୧୧.୪ ଓ ଖୋର୍ଦ୍ଧା ଜିଲାରେ ୧୧.୦ ମି.ମି. ବର୍ଷା ହୋଇଛି। ଏହା ବ୍ୟତୀତ ଆଭ୍ୟନ୍ତରୀଣ ଓଡ଼ିଶାର ଏକାଧିକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇଛି। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଏପରି ଝଡ଼ବର୍ଷା ଲାଗି ରହିବ। ଏହି ୬ଦିନ ମଧ୍ୟରେ ତାପମାତ୍ରା ୨୪ ଡିଗ୍ରୀରୁ ୩୬ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଜାରି କରାଯାଇଛି। ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁସାରେ, ଶୁକ୍ରବାର ☞ପୃଷ୍ଠା-୨



# ପଦ୍ମଶ୍ରୀ ଗ୍ରହଣ କଲେ ବିନୋଦ, ଭାଗବତ



ଶିଳ୍ପୀ ଭାଗବତ ପ୍ରଧାନ ଓ ବିନୋଦ ମହାରଣା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଗୁରୁବାର ପଦ୍ମଶ୍ରୀ ଗ୍ରହଣ କରୁଛନ୍ତି ।

ଭୁବନେଶ୍ୱର,୯।୫(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାର ଆଉ ୨ ବ୍ୟକ୍ତିତ୍ୱଙ୍କୁ ମର୍ଯ୍ୟାଦାଜନକ ପଦ୍ମଶ୍ରୀ ପୁରସ୍କାର ମିଳିଛି। ସେମାନେ ହେଲେ ବିଶିଷ୍ଟ ପଟ୍ଟଚିତ୍ର ଶିଳ୍ପୀ ବିନୋଦ ମହାରଣା ଓ ଶବ୍ଦ ନୃତ୍ୟ ଶିଳ୍ପୀ ଗୁରୁ ଭାଗବତ ପ୍ରଧାନ। ଗୁରୁବାର ରାଷ୍ଟ୍ରପତି ଭବନରେ ଆୟୋଜିତ ଦ୍ୱିତୀୟ ପର୍ଯ୍ୟାୟ ନାଗରିକ ସମ୍ବର୍ଦ୍ଧନା ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେମାନଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ଦୁଇ ଶିଳ୍ପୀ କୃଷ୍ଣ ଲୀଳାର ସଙ୍ଗୀତକାର ଗୁରୁ ଗୋପୀନାଥ ସ୍ୱାଇଁ ଓ ଗୀତିକାର ବିନୋଦ ପଶାୟତଙ୍କୁ ପଦ୍ମଶ୍ରୀ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ଚଳିତ ବର୍ଷ ଦେଶର ୫ଜଣଙ୍କୁ ପଦ୍ମବିଭୂଷଣ, ୧୭ଜଣଙ୍କୁ ପଦ୍ମ ଭୂଷଣ ଓ ୧୧୦ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିଛି। ବିଶିଷ୍ଟ ପଟ୍ଟଚିତ୍ର ଶିଳ୍ପୀ ବିନୋଦ ମହାରଣା ପୁରୀ ଜିଲା ଚିତ୍ରକର ସାହିରେ ଜନ୍ମଗ୍ରହଣ କରିଥିଲେ। ୧୯୭୫ ମସିହାରେ ସେ ଓଡ଼ିଶା ହସ୍ତଶିଳ୍ପ ନିର୍ଦ୍ଦେଶାଳୟରେ କନିଷ୍ଠ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ଓଡ଼ିଶା ଲଳିତ କଳା ଏକାଡେମୀର ସଭ୍ୟ ରହିବା ସହ ଭାରତର ବିଭିନ୍ନ ସ୍ଥାନରେ ଆୟୋଜିତ ଚିତ୍ରକଳାରେ ସେ ଅଂଶଗ୍ରହଣ କରିଛନ୍ତି। ୨୦୧୯ରେ ଧର୍ମପଦ ପୁରସ୍କାର, ୨୦୧୮ରେ ସାରଳା ପୁରସ୍କାର, ୧୯୮୩ରେ ଓଡ଼ିଶା ଲଳିତା କଳା ଏକାଡେମୀ ସମ୍ମାନ, ଅଲ୍ ଇଣ୍ଡିଆ ହ୍ୟାଣ୍ଡିକ୍ରାଫ୍ଟ ବୋର୍ଡରୁ ଜାତୀୟ ପୁରସ୍କାର ଭଳି ସେ ଅନେକ ପୁରସ୍କାର ଓ ସମ୍ମାନ ପାଇଛନ୍ତି। ପଦ୍ମଶ୍ରୀ ସମ୍ମାନ ପାଇବା ପରେ ସେ କହିଛନ୍ତି, ମୁଁ ବହୁତ ଖୁସି ଅଛି। ମୋ କାମକୁ ସ୍ୱୀକୃତି ମିଳୁଛି। ସମସ୍ତଙ୍କ ଶୁଭେଚ୍ଛା ମୋ ପାଇଁ ସବୁବେଳେ ଥାଉ। ଜଗନ୍ନାଥ ଯାହା ଚାହୁଁଛନ୍ତି ତାହା ହେଉଛି। ମୁଁ ମୋର କାମ କରି ଚାଲିଛି। ସେହିପରି ବରଗଡ଼ ଜିଲାର ବରପାଲିରେ ଜନ୍ମିତ ଭାଗବତ ପ୍ରଧାନ ୮୫ବର୍ଷ ବୟସରେ ବି ଶବ୍ଦ ନୃତ୍ୟରେ ଶ୍ରେଷ୍ଠତ୍ୱ ପତିପାଦନ ଜାରି ରଖିଛନ୍ତି। ୫ଦଶନ୍ଧି ଧରି ସେ ଏହି ଲୋକନୃତ୍ୟରେ ସକ୍ରିୟ ଅଛନ୍ତି। ଏହାକୁ ମଧ୍ୟ ମହାଦେବଙ୍କ ନୃତ୍ୟ ବୋଲି କୁହାଯାଏ। ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ କଳାକାରଙ୍କୁ ସେ ଶିକ୍ଷା ପ୍ରଦାନ କରିଛନ୍ତି। ୧୯୬୦ରେ ସେ ପ୍ରାଇମେରୀ ସ୍କୁଲରେ ଶିକ୍ଷକତା କରୁଥିଲେ। ଆର୍ଥିକ ଅନଟନ ଭିତରେ ଥାଇ ବି ସେ କେବେ ଏହି ଲୋକକଳାର ପ୍ରଚାର ଓ ପ୍ରସାରଠାରୁ ଦୂରେଇ ଯାଇନାହାନ୍ତି।

## ନକଲି ଦସ୍ତାବିଜ୍‌ରେ ୨.୬୩ କୋଟି ଠକେଇ କମ୍ପାନୀର ପୂର୍ବତନ ଆକାଉଣ୍ଟାଣ୍ଟ ଗିରଫ

ଭୁବନେଶ୍ୱର,୯।୫(ସତ୍ୟଜିତ୍ ରାଉତ)

ଯେଉଁ କମ୍ପାନୀରେ କାମ କରୁଥିଲେ, ସେହି କମ୍ପାନୀକୁ ଲଗାଇଥିଲେ ଚୂନ। ନକଲି ଦସ୍ତଖତ, କାଗଜପତ୍ର ଆଦି ଜରିଆରେ କମ୍ପାନୀର ୨.୬୩ କୋଟି ଟଙ୍କା ଠକେଇ କରିବା ଅଭିଯୋଗରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ସମ୍ପୃକ୍ତ ପୂର୍ବତନ ଆକାଉଣ୍ଟାଣ୍ଟଙ୍କୁ ଗିରଫ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ସଦର ଥାନା ଅନ୍ତର୍ଗତ କାଳିଆବୋରା ଅଞ୍ଚଳର ସରୋଜ କୁମାର ମହାନ୍ତି। ତାଙ୍କଠାରୁ ଠକେଇ ସମ୍ବନ୍ଧୀୟ ବହୁ କାଗଜପତ୍ର ଜବତ ହୋଇଛି। ସରୋଜଙ୍କୁ ଗୁରୁବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ସରୋଜଙ୍କୁ ରିମାଣ୍ଡରେ ଆଣି ଏହି ମାମଲାରେ ଅଧିକ ତଦନ୍ତ କରିବାକୁ ଇଓଡବ୍ଲ୍ୟୁ ଯୋଜନା କରୁଛି। ସିଲ୍‌କୋଟ୍ ଷ୍ଟ୍ରକ୍‌ଚରାଲ ପ୍ରାଇଭେଟ୍ ଲିଃର ପରିଚାଳନା ନିର୍ଦ୍ଦେଶକ ବିଶ୍ୱଜିତ ଭୂୟାଁଙ୍କ ଏତଲାକ୍ରମେ ଇଓଡବ୍ଲ୍ୟୁ ୨୦୨୦ ଜୁଲାଇ ୩ରେ ଏକ ମାମଲା (ନଂ.୪/୨୦୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସରୋଜ ଏହି କମ୍ପାନୀରେ ୨୦୦୬ରୁ ୨୦୧୮ ପର୍ଯ୍ୟନ୍ତ ଆକାଉଣ୍ଟାଣ୍ଟ ଭାବେ କାମ କରୁଥିଲେ। କମ୍ପାନୀର ସମସ୍ତ ଫାଇନାନ୍ସିଆଲ କାରବାର ସରୋଜ ବୁଝୁଥିଲେ। କମ୍ପାନୀ ସହ ଲିଙ୍କ୍‌ରେ ଥିବା ବ୍ୟାଙ୍କଗୁଡ଼ିକ ସହ ଆର୍ଥିକ କାରବାର ସହ ଟ୍ୟାକ୍ସ କାମ, ବାଲାନ୍ସ ସିଟ୍, ଲାଭ, କ୍ଷତି ଆଦି ହିଁ ତାଙ୍କ ଜରିଆରେ ହେଉଥିଲା। ଏହି କ୍ଷମତାର ଲାଭ ଉଠାଇ ଟଙ୍କା ହଡ଼ପ ଲାଗି ସରୋଜ ଆପରାଧିକ ଷଡ଼ଯନ୍ତ୍ର କରିଥିଲେ। ନକଲି କାଗଜପତ୍ର ବ୍ୟବହାର କରି ୨୦୧୫-୧୬ରୁ ୨୦୧୭-୧୮ ମଧ୍ୟରେ ମୋଟ ୨.୬୩ କୋଟି ଟଙ୍କା ଠକେଇ କରିଥିଲେ। ଏଥିପାଇଁ ସେ କମ୍ପାନୀ ଚେକ୍‌ରେ ପରିଚାଳନା ନିର୍ଦ୍ଦେଶକ ବିଶ୍ୱଜିତାଙ୍କ ନକଲି ଦସ୍ତଖତ କରିଥିଲେ। କମ୍ପାନୀ ଅଡିଟ୍ ସମୟରେ ଠକେଇ ଧରାପଡ଼ିବା ପରେ ବିଶ୍ୱଜିତ ଇଓଡବ୍ଲ୍ୟୁର ଦ୍ୱାରସ୍ଥ ହୋଇଥିଲେ।

# କୃଷି ଅନୁକୂଳ ପର୍ବ: ଅକ୍ଷୟତୃତୀୟା



ଆମ ରାଜ୍ୟରେ ଜଗନ୍ନାଥ ସଂସ୍କୃତିକୁ ଆଧାରକରି ବାର ମାସରେ ତେର ପର୍ବ ପାଳନ କରାଯାଇଥାଏ। ତନ୍ମଧ୍ୟରେ ମହାନ୍ ପବିତ୍ର କୃଷିଭିତ୍ତିକ ପର୍ବ ଅକ୍ଷୟତୃତୀୟା ଅନ୍ୟତମ। ପ୍ରତିବର୍ଷ ବୈଶାଖ ଶୁକ୍ଳପକ୍ଷ ତୃତୀୟା ତିଥିରେ ସମର୍ପଣ ଓ ଭକ୍ତିଭାବପୂର୍ବକ ପାରମ୍ପରିକ ରୀତିରେ କୃଷକ ତଥା ଲୋକମାନଙ୍କ ଦ୍ୱାରା ପାଳିତ ହୋଇଆସୁଅଛି ଏହି ମହାନ୍ କୃଷିଭିତ୍ତିକ ପର୍ବ। ଏହି ଦିବସର ଗୁରୁତ୍ୱକୁ ଉପଲବ୍ଧିକରି ସରକାର ଏହି ଦିନକୁ 'କୃଷକ ଦିବସ' ଭାବରେ ପାଳନ କରୁଛନ୍ତି । ପ୍ରତିବର୍ଷ ପରି ଚଳିତବର୍ଷ ମେ ୧୦ ତାରିଖ ଶୁକ୍ରବାର ଆମ ରାଜ୍ୟ ତଥା ଦେଶରେ ଏହି ମହାନ୍ କୃଷିଭିତ୍ତିକ ପର୍ବ 'ଅକ୍ଷୟତୃତୀୟା' ଉତ୍ସବ ପାରମ୍ପରିକ ରୀତିରେ ପାଳନ କରାଯାଉଛି। ଏହି ଉପଲକ୍ଷେ ସକାଳେ ଭୂମିପୂଜା, ଅଖିମୁଠି ଅନୁକୂଳ, ଭଜନ କୀର୍ତ୍ତନ ସଭା ଓ କୃଷକମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଆଦି କାର୍ଯ୍ୟକ୍ରମ ଗ୍ରହଣ କରାଯାଉଅଛି।

ଏହି ପବିତ୍ର ଅକ୍ଷୟତୃତୀୟା ଦିନ କୃଷକମାନଙ୍କର ଧାନକ୍ଷେତରେ ଅଖିମୁଠି ଅନୁକୂଳ ହୁଏ । କୃଷକ ଗୃହିଣୀ ଏକ ବେତ ଟୋକେଇ ଓ ଗଉଣୀକୁ ଗୋବରରେ ଲେପନ କରି ଶୁଦ୍ଧ କରିଥାଏ। ତା'ପରେ ଏହାର ବାହାର ପଟକୁ ଚାଉଳ ବଟା ଆଣ ଓ ଢାଉରେ ଚିତ୍ର ଆଙ୍କେ। ସକାଳୁ କୃଷକ ସ୍ନାନ କରି ନୂଆ ହଳଦିଆ ବସ୍ତ୍ର ପରିଧାନ କରେ। ଏହି ଦିନ କୃଷକ ବିଷ୍ଣୁଙ୍କ ସହସ୍ର ନାମ ସହିତ ବିଷ୍ଣୁ ଚାଳିଶା ଉଚ୍ଚାରଣ କରି ପ୍ରଭୁ ଭଗବାନ୍‌ଙ୍କୁ ସ୍ମରଣ କରେ। ତା'ପରେ ଘରେ ରହିଥିବା ଏକ ଓଳିଆରୁ ଶୁକ୍ଳଧାନ ବାହାର କରି ଟୋକେଇ ଓ ଗଉଣୀରେ ଭର୍ତ୍ତି କରେ। ଟୋକେଇ ଧାନ ଉପରେ ଗଉଣୀକୁ ରଖେ। ନୂଆ ବା ସଫା କପଡ଼ା ଆଣି ଏହି ଟୋକେଇ-ଗଉଣୀ ଉପରେ ଘୋଡ଼େଇ ଦିଏ। ଏଥି ସହିତ ଗୋଟିଏ ଫାଳ (ଲଙ୍ଗଳ ଲୁହା) ଓ ଏକ ସ୍ୱର୍ଣ୍ଣ ଅଳଙ୍କାର ଏହି ଟୋକେଇ ମଧ୍ୟରେ ରଖେ। ଧାନ କ୍ଷେତରେ ପୂଜା ପାଇଁ ପାଣି ଢାଳ, ଫୁଲ, ଚନ୍ଦନ, ଗୋଟା ଗୁଆ, ନଡ଼ିଆ, ଭୋଗ, ଦୀପ, କ୍ଷୀର ଇତ୍ୟାଦି ଏକାଠି କରେ। ତା'ପରେ କୃଷକ ଟୋକେଇ ଓ ଗଉଣୀକୁ ମୁଣ୍ଡାଇ କାନ୍ଧରେ କୋଡ଼ି ରଖି କ୍ଷେତକୁ ଶୁଭଯାତ୍ରା କରେ। କୃଷକ ଗୃହିଣୀ ଓ ତା'ର ପିଲାମାନେ ଭୋଗ ଓ ପୂଜା ସାମଗ୍ରୀ ଧରି ପଛରେ ଚାଲନ୍ତି। ଘରୁ ବାହାରିବା ବେଳେ ଶଙ୍ଖ ବାଜେ ଓ ହୁଳହୁଳି ପଡ଼େ। ଗୋଟିଏ କିଆରିରେ ପୁରୁଷାନୁକ୍ରମିକ ଭାବେ ସବୁ ବର୍ଷ ଅଖିମୁଠି ପଡ଼େ। ଏହାକୁ ଅଖିମୁଠି କିଆରି କୁହାଯାଏ। କୃଷକ କିଆରିରେ ପହଞ୍ଚି ପୂର୍ବକୋଣରେ ବିହନ, ଟୋକେଇ, ଗୌଣୀ, ପୂଜା ଓ ଭୋଗ ସାମଗ୍ରୀ ରଖି ପାଣି ଛିଞ୍ଚେ। ମନରେ ମା' ଧରିତ୍ରୀଙ୍କୁ ସୁମରଣା କରେ। ପୂର୍ବକୁ ମୁହଁ କରି କୋଡ଼ିରେ ମାଟିହାଣି ଗୁଣ୍ଡ କରେ। ବଳଦେବଙ୍କ ଆୟୁଧ ଲଙ୍ଗଳ ଲୁହା, ସ୍ୱର୍ଣ୍ଣ ଅଳଙ୍କାର ଓ ଗୁଆକୁ ମାଟି ଉପରେ ରଖି ଚନ୍ଦନ ସିନ୍ଦୂର ଓ ଫୁଲ ଦିଏ। ନଡ଼ିଆ ଭାଙ୍ଗି ତା' ପାଣି ଓ କ୍ଷୀର ଢାଳି ମା' ଧରିତ୍ରୀଙ୍କୁ ଶାନ୍ତ କରାଏ। ତା'ପରେ ବସୁମାତାଙ୍କ ଉଦ୍ଦେଶ୍ୟରେ ଭୋଗ ଦିଏ ଓ ଦୀପ ଜାଳେ। ପରିବାରର ଉପସ୍ଥିତ ଥିବା ସମସ୍ତେ ବସୁମାତାଙ୍କୁ ମୁଣ୍ଡିଆ ମାରନ୍ତି। ଏହାପରେ କୃଷକ ଟୋକେଇରୁ ତିନିମୁଠା ବିହନ ଥର ଥର କରି ଆଣି ସେହି ପୂର୍ବ କୋଣରେ ମାଟି ଗୁଣ୍ଡ ହୋଇଥିବା ସ୍ଥାନରେ ବୁଣେ। ତା'ପରେ ହାତମାରି ଉପର ମାଟିରେ ବିହନକୁ ଘୋଡାଇ ଦିଏ। ସେଠାରେ ପାଣି ଢାଳି ପୁଣି ବସୁମାତାଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆ ମାରି ଘରକୁ ଫେରେ। ସେଦିନ କୃଷକ ପରିବାରରେ ଖିରି, ଖେଚୁଡି ରନ୍ଧାଯାଇ ସମସ୍ତେ ଆନନ୍ଦରେ ଖାଆନ୍ତି। ଏହିଦିନ କୃଷକ ଗୃହିଣୀ ବାଡ଼ି, ବଗିଚା ଓ ଅଗଣାରେ ନାନାପ୍ରକାରର ଫଳଗଛ ସହିତ ପନିପରିବା ମଞ୍ଜି ଲଗାଇ ସେଗୁଡିକରୁ ଫଳ ପାଇବା ଆଶାରେ ବସୁମାତାଙ୍କୁ ପ୍ରଣାମ କରେ।

ଏହି ଅକ୍ଷୟତୃତୀୟା ପାଳନର ତାତ୍ପର୍ଯ୍ୟ ସମ୍ବନ୍ଧରେ କମ୍ବଦନ୍ତୀ ତଥ୍ୟ ସହିତ ବୈଜ୍ଞାନିକ କାରଣ ମଧ୍ୟ ରହିଛି। ଏହିଦିନ ସ୍ତ୍ରୀଲୋକମାନେ ନିଜ ନିଜର ସନ୍ତାନମାନଙ୍କର ମଙ୍ଗଳ ଓ ପରମାୟୁ ବୃଦ୍ଧି ପାଇଁ ଷଷ୍ଠୀ ଦେବୀଙ୍କୁ ଆବାହନ କରିଥାଆନ୍ତି। ଏହି ପବିତ୍ର ଅକ୍ଷୟତୃତୀୟା ଶୁଭଦିନ ହୋଇଥିବାରୁ ବିବାହ, ବ୍ରତୋତ୍ସବ, ଗୃହପ୍ରତିଷ୍ଠା, ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ ଆମ ଲୋକମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥାଏ । ଏହି ଦିନ ଯାହା କରାଯାଏ, ତାହା କ୍ଷୟ ନ ହୋଇ ଅକ୍ଷୟପ୍ରାପ୍ତ ହୋଇଥାଏ ବୋଲି ଆମର ବିଶ୍ୱାସ ଅଦ୍ୟାବଧି ରହିଆସିଅଛି। ତେଣୁ ଏହି ପବିତ୍ର ଅକ୍ଷୟତୃତୀୟା ଦିବସ ପାଳନ ଅବସରରେ ମୁଁ ମୋର ଅଗଣିତ କୃଷକ ତଥା ଚାଷୀ ଭାଇ ଓ ଭଉଣୀ, ପ୍ରାଣୀପାଳକ ଏବଂ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଉତ୍ତରୋତ୍ତର ଉନ୍ନତି କାମନା କରୁଅଛି।

**-ଡା. ବୀରକିଶୋର ପରିଡ଼ା,** ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିଭାଗ) କଟକ
ମୋ: ୯୪୩୭୬୦୭୩୧୨

## ଭୋଟ ପାଇଁ ... ପ୍ରଥମ ପୃଷ୍ଠାରୁ...

ଜନସଂଖ୍ୟା ଉପରୋକ୍ତ ସମୟ ମଧ୍ୟରେ ୨.୨୪ ପ୍ରତିଶତରୁ ୨.୩୬ ପ୍ରତିଶତକୁ ବଢ଼ିଛି। ଅର୍ଥାତ୍ ସେମାନଙ୍କ ଭାଗରେ ୫.୩୮ ପ୍ରତିଶତ ବୃଦ୍ଧି ହୋଇଛି। ସେହିପରି ଶିଖ୍ ଜନସଂଖ୍ୟା ୧.୨୪ ପ୍ରତିଶତରୁ ବଢ଼ି ୧.୮୫ ପ୍ରତିଶତ ହୋଇଛି। ଏହାର ଅର୍ଥ ଶିଖ୍‌ମାନଙ୍କ ଭାଗ ୬.୫୮ ପ୍ରତିଶତ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ପାର୍ସି ଜନସଂଖ୍ୟା ଏହି ସମୟ ମଧ୍ୟରେ ୮୫ ପ୍ରତିଶତ ହ୍ରାସ ପାଇଛି। ୧୯୫୦ରେ ସେମାନଙ୍କ ହାର ମୋଟ ଜନସଂଖ୍ୟାର ୦.୦୩ ପ୍ରତିଶତ ଥିବାବେଳେ ୨୦୧୫ରେ ତାହା ୦.୦୦୪ ପ୍ରତିଶତରେ ପହଞ୍ଚିଛି। ସମାଜରେ ବିବିଧତା ସୃଷ୍ଟି ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି ହୋଇଥିବା ଉପରୋକ୍ତ ତଥ୍ୟରୁ ସ୍ପଷ୍ଟ ହେଉଥିବା ରିପୋର୍ଟରେ କୁହାଯାଇଛି। ସମାଜର ଅନୁନ୍ନତ ବର୍ଗଙ୍କୁ ଏକ ପୋଷଣ ପରିବେଶ ଏବଂ ସାମାଜିକ ସହାୟତା ବିନା ଉନ୍ନତ ଜୀବନଶୈଳୀ ମଧ୍ୟକୁ ଆଣିବା ସମ୍ଭବ ନୁହେଁ। ସଂଖ୍ୟାଗରିଷ୍ଠ ଜନସଂଖ୍ୟା ଭାଗରେ ହ୍ରାସ ସାଙ୍ଗକୁ ମୁସଲମାନଙ୍କ ସଂଖ୍ୟା ବଢ଼ିଥିବାରୁ ସରକାରଙ୍କ ସମସ୍ତ ନୀତିଗତ କାର୍ଯ୍ୟର ଫଳାଫଳ, ରାଜନୈତିକ ନିଷ୍ପତ୍ତି ଏବଂ ସାମାଜିକ ଅଗ୍ରଗତି ସାମାଜରେ ବିବିଧତା ବଢ଼ାଇବାରେ ଏକ ଉପଯୁକ୍ତ ପରିବେଶ ସୃଷ୍ଟି କରିଥିବା ସ୍ପଷ୍ଟ ହୋଇଛି। ଦକ୍ଷିଣ ଏସିଆରେ ଆମ ପଡ଼ୋଶୀ ରାଷ୍ଟ୍ର ବାଂଲାଦେଶ, ପାକିସ୍ତାନ, ଶ୍ରୀଲଙ୍କା, ଭୁଟାନ ଏବଂ ଆଫଗାନିସ୍ତାନରେ ସଂଖ୍ୟାଗରିଷ୍ଠ ସମ୍ପ୍ରଦାୟଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ସଂଖ୍ୟାଲଘୁ ଜନସଂଖ୍ୟା ବିପଜ୍ଜନକ ଭାବେ ଖସିଚାଲିଥିବାବେଳେ ଭାରତରେ ଏହାର ବିପରୀତ ସ୍ଥିତି ଉଲ୍ଲେଖନୀୟ। କେବଳ ମାଳଦ୍ୱୀପକୁ ବାଦ୍‌ଦେଲେ ସମସ୍ତ ମୁସଲମାନ ବହୁଳ ଦେଶରେ ସେମାନଙ୍କ ଭାଗ ବୃଦ୍ଧି ପାଇଛି। ମାଳଦ୍ୱୀପରେ ଶାଫି ସୁନ୍ନିମାନଙ୍କ ସଂଖ୍ୟା ୧.୪୭ ପ୍ରତିଶତ କମିଛି। ବାଂଲାଦେଶରେ ମୁସଲମାନଙ୍କ ଭାଗ ସର୍ବାଧିକ ୧୮ ପ୍ରତିଶତ ବଢ଼ିଥିବାବେଳେ ପାକିସ୍ତାନରେ ସଂଖ୍ୟାଗରିଷ୍ଠ ହନାଫି ମୁସଲମାନଙ୍କ ଶେୟାର ୩.୭୫ ପ୍ରତିଶତ ଏବଂ ମୋଟ ମୁସଲମାନଙ୍କ ଭାଗ ୧୦ ପ୍ରତିଶତ ବଢ଼ିଛି। ରିପୋର୍ଟ ଅନୁଯାୟୀ ମ୍ୟାନ୍‌ମାର, ଭାରତ ଏବଂ ନେପାଳରେ ସଂଖ୍ୟାଗରିଷ୍ଠ ସମ୍ପ୍ରଦାୟଙ୍କ ସଂଖ୍ୟା ହ୍ରାସ ପାଇଛି। ଏହି ଅଧ୍ୟୟନକୁ ନେଇ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। କଂଗ୍ରେସର ତୁଷ୍ଟୀକରଣ ରାଜନୀତି ଯୋଗୁ ଦେଶରେ ମୁସଲମାନଙ୍କ ସଂଖ୍ୟା ବଢ଼ିଥିବା ଶାସକ ଭାଜପା ଅଭିଯୋଗ ଆଣିଛି। ଅନ୍ୟପକ୍ଷରେ ରିପୋର୍ଟକୁ ନେଇ ଭାଜପା ସାମ୍ପ୍ରଦାୟିକ ବିଭାଜନ ସୃଷ୍ଟି ପାଇଁ ଉଦ୍ୟମ କରୁଛି ବୋଲି ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି। ଜନଗଣନା ହୋଇ ନ ଥିବାବେଳେ ଇଏସି-ପିଏମ୍ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ବିବାଦ ସୃଷ୍ଟି କରି ଭୋଟ ହାତେଇବାର ଉଦ୍ୟମ ବୋଲି ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ଏବଂ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି। ୨୦୨୦-୨୧ରେ ଜନଗଣନା ହେବାକୁ ଥିବାବେଳେ ଏପର୍ଯ୍ୟନ୍ତ ତାହା ହୋଇନାହିଁ। ଜନଗଣନା ନ କରି କେନ୍ଦ୍ର ସରକାର ହିନ୍ଦୁ ଏବଂ ମୁସଲମାନ ସଂଖ୍ୟା ଜାଣିଲେ କେମିତି ବୋଲି ସେ ପ୍ରଶ୍ନ କରିଛନ୍ତି। ପ୍ରକୃତ ପ୍ରସଙ୍ଗରୁ ଲୋକଙ୍କ ଦୃଷ୍ଟି ହଟାଇବା ପାଇଁ କେନ୍ଦ୍ରରେ ଶାସନରେ ଥିବା ଲୋକେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରୁଥିବା ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାର ୧୦ ବର୍ଷ ହେଲା ଲୋକଙ୍କୁ ବୋକା ବନାଇ ଚାଲିଥିବାବେଳେ ପୁଣିଥରେ ତାହା କରିବାକୁ ଉଦ୍ୟମ କରୁଥିବା ଆର୍‌ଜେଡି ନେତା କହିଛନ୍ତି। ଦେଶବାସୀଙ୍କୁ ବିଭ୍ରାନ୍ତ କରି ଘୃଣାର ପ୍ରସାର କରାଇବା ଭାଜପାର ଲକ୍ଷ୍ୟ ବୋଲି ତେଜସ୍ୱୀ କହିଥିବାବେଳେ ରିପୋର୍ଟର ସମୟକୁ ନେଇ ରାଜା ପ୍ରଶ୍ନ ଉଠାଇଛନ୍ତି। ନିର୍ବାଚନ ଚାଲିଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ଉପଦେଷ୍ଟା କମିଟି ରିପୋର୍ଟ କାହିଁକି ଆଣିଲେ ବୋଲି ରାଜା କହିଛନ୍ତି। ଲୋକଙ୍କ ମଧ୍ୟରେ ଧ୍ରୁବୀକରଣ ପାଇଁ ଏଭଳି ତଥ୍ୟ ଅଣାଯାଇଛି। ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ଗିରିରାଜ ସିଂ କହିଛନ୍ତି, କେତେଜଣ ଲୋକ ଦେଶକୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରୁଛନ୍ତି। ତେବେ ସତ କେବେ ଲୁଚି ରହିବ ନାହିଁ। ୧୯୪୭ରେ ହିନ୍ଦୁ ୮୮ ପ୍ରତିଶତ ଥିବାବେଳେ ଏବେ ୭୦ ପ୍ରତିଶତରେ ପହଞ୍ଚିଲେଣି। ମୁସଲମାନ ୮ ପ୍ରତିଶତରୁ ବଢ଼ି ୧୫ରୁ ୧୬ ପ୍ରତିଶତ ହେଲେଣି। ସେମାନଙ୍କ ସଂଖ୍ୟା ୨୦ ପ୍ରତିଶତ ହେବ ବୋଲି ଗିରିରାଜ କହିଛନ୍ତି।

## ମୁସଲମାନଙ୍କ ପ୍ରଜନନ ହାର ସର୍ବାଧିକ କମିଛି: ପିଏଫ୍‌ଆଇ

ନୂଆଦିଲ୍ଲୀ,୯।୫ : ସବୁ ଧର୍ମୀୟ ବର୍ଗଙ୍କ ମୋଟ ପ୍ରଜନନ ହାର (ଟିଏଫ୍‌ଆର୍) ହ୍ରାସ ପାଇଥିବାବେଳେ ମୁସଲମାନଙ୍କ ମଧ୍ୟରେ ଏହି ହାର ସର୍ବାଧିକ ହ୍ରାସ ପାଇଥିବା ଦେଖାଯାଇଛି। ଭାରତରେ ସଂଖ୍ୟାଲଘୁଙ୍କ ସଂଖ୍ୟା ବୃଦ୍ଧିକୁ ନେଇ ବିତର୍କ ଦେଖାଦେଇଥିବାବେଳେ ଧର୍ମ ଏବଂ ଟିଏଫ୍‌ଆର୍ ସହ ଜନସଂଖ୍ୟା ବୃଦ୍ଧି ହାରର ସମ୍ପର୍କ ନ ଥିବା ପପୁଲେଶନ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ନାମକ ଏନ୍‌ଜିଓ ପକ୍ଷରୁ କୁହାଯାଇଛି। ୧୯୫୦ରୁ ୨୦୧୫ ମଧ୍ୟରେ ହିନ୍ଦୁମାନଙ୍କ ସଂଖ୍ୟା ୭.୮୨ ପ୍ରତିଶତ କମିଥିବାବେଳେ ମୁସଲମାନଙ୍କ ସଂଖ୍ୟା ୪୩.୧୫ ପ୍ରତିଶତ ବଢ଼ିଥିବା ଇଏସି-ପିଏମ୍ ପକ୍ଷରୁ ନିକଟରେ ଜାରି ରିପୋର୍ଟରେ ପ୍ରକାଶ ପାଇଥିଲା। ମୁସଲମାନଙ୍କ ସଂଖ୍ୟା ଅତ୍ୟଧିକ ବଢୁଥିବା ରିପୋର୍ଟକୁ ନେଇ ପିଏଫ୍‌ଆଇ ଉଦ୍‌ବେଗ ପ୍ରକାଶ କରିବା ସହ ଅଧ୍ୟୟନ ସମ୍ପର୍କରେ ଭୁଲ୍ ଖବର ପ୍ରସାର କରାଯାଉଥିବା କହିଛି। ୬୫ ବର୍ଷ ମଧ୍ୟରେ ବିଭିନ୍ନ ଦେଶରେ ସଂଖ୍ୟାଲଘୁ ଓ ସଂଖ୍ୟାଗରିଷ୍ଠ ସମ୍ପ୍ରଦାୟର ଭାଗରେ ପରିବର୍ତ୍ତନକୁ ଅଧ୍ୟୟନରେ ଫୋକସ୍ କରାଯାଇଛି। ଏହାକୁ ନେଇ କୌଣସି ସମ୍ପ୍ରଦାୟ ମଧ୍ୟରେ ଭୟ କିମ୍ବା ବିଭେଦ ସୃଷ୍ଟି କରାଯିବା ଉଚିତ ନୁହେଁ ବୋଲି ପିଏଫ୍‌ଆଇ କହିଛି।

## ଆଉ ୬ଦିନ ...

ଉପକୂଳ ଓ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ସ୍ଥାନ ସମେତ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାରେ ଘଡ଼ଘଡ଼ି ବିଜୁଳି ସହ ବର୍ଷା ହୋଇପାରେ। ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଆଦି ଜିଲାରେ ପ୍ରବଳ ବର୍ଷା ସହ ଘଣ୍ଟାପ୍ରତି ୪୦ରୁ ୫୦ କି.ମି. ବେଗରେ ପବନ ବହିପାରେ। ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାର କିଛି ସ୍ଥାନରେ ତୀବ୍ର ବେଗରେ ପବନ ବହିବା ସହ ଘଡ଼ଘଡ଼ି ବିଜୁଳିର ଆଶଙ୍କା ରହିଛି। କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଢେଙ୍କାନାଳ, ଅନୁଗୋଳ, ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ବୌଦ୍ଧ ଆଦି ଜିଲାରେ ମଧ୍ୟ ଘଣ୍ଟାପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବା ସହ ଘଡ଼ଘଡ଼ି ବିଜୁଳି ଭୟ ରହିଛି। ତେଣୁ ଏହି ସମସ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୧୫ ଯାଏଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଝଡ଼ବର୍ଷା ଲାଗିରହିବ।

## ଆଜି ଭୁବନେଶ୍ୱରରେ ...

ଲୋକନୃତ୍ୟ ପ୍ରଦର୍ଶନ କରାଯିବ ବୋଲି ଜଣାପଡିଛି। ଏହା ପରେ ରାଜଭବନରେ ପ୍ରଧାନମନ୍ତ୍ରୀ ରାତ୍ରିଯାପନ କରିବେ। ଶନିବାର ସେ ୩ଟି କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରଥମେ ସକାଳ ସାଢେ ୯ଟାରେ କନ୍ଧମାଳ ଷ୍ଟାଡ଼ିୟମ ପଡ଼ିଆରେ ଏକ ସମାବେଶରେ ଯୋଗଦେବେ। ସେଠାରୁ ଯାଇ ସାଢେ ୧୧ଟାରେ ବଲାଙ୍ଗୀରରେ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ଶେଷରେ ଦିନ ଗୋଟାଏ ବେଳେ ବରଗଡ଼ ଟୋଲ୍‌ଗେଟ୍ ପଡ଼ିଆରେ ମୋଦି ବିଜୟ ସଂକଳ୍ପ ସମାବେଶକୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ୨୦୧୯ରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରଠାରେ ରୋଡ୍ ଶୋ କାର୍ଯ୍ୟକ୍ରମ କରିଥିଲେ। ଏହା ତାଙ୍କର ଭୁବନେଶ୍ୱରରେ ଦ୍ୱିତୀୟ ରୋଡ୍ ଶୋ କାର୍ଯ୍ୟକ୍ରମ ହେବ। ତେବେ ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ଭାଜପାର କେନ୍ଦ୍ରୀୟ ନେତାମାନେ ଘନ ଘନ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଜଣଙ୍କ ପରେ ଜଣେ କେନ୍ଦ୍ରମନ୍ତ୍ରୀ ଏବଂ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଆସି ଭାଜପା ଓଡ଼ିଶାରେ ସରକାର କରିବାର ଦମ୍ଭୋକ୍ତି ଦେଖାଉଛନ୍ତି। ତେବେ ମୋଦିଙ୍କ ନିର୍ବାଚନୀ ପ୍ରଚାରର ଏହା ଦ୍ୱିତୀୟ ଗସ୍ତ ହେବ। ନିକଟରେ ମୋଦି ଓଡ଼ିଶାରେ ଗୋଟିଏ ରାତି ରହିବା ପରେ ବ୍ରହ୍ମପୁର ଏବଂ ନବରଙ୍ଗପୁରଠାରେ ନିର୍ବାଚନୀ ସଭାରେ ପ୍ରଚାରକରି ଯାଇଥିଲେ।
















See Career Appointment on every Wednesday & Saturday

# କେଜ୍‌ରିୱାଲଙ୍କୁ ଆଜି ଜାମିନ ମିଳିପାରେ, ଇଡିର ବିରୋଧ



**ନୂଆଦିଲ୍ଲୀ,୯।୫(ପି.ଟି.)**

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଗିରଫ ହୋଇଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଶୁକ୍ରବାର ଅନ୍ତରୀଣ ଜାମିନ ମିଳିପାରେ। ଆମ୍ ଆଦମୀ ପାର୍ଟି ରାଷ୍ଟ୍ରୀୟ ଆବାହକ କେଜ୍‌ରିୱାଲଙ୍କ ଜାମିନ ଆବେଦନ ରାୟକୁ ମଙ୍ଗଳବାର ୨ ଜଣିଆ ଖଣ୍ଡପୀଠ ସଂରକ୍ଷିତ ରଖି ଆଶ୍ୱସ୍ତି ପ୍ରଦାନର ସଙ୍କେତ ଦେଇଥିଲେ। ରାୟ ପ୍ରକାଶର ପୂର୍ବଦିନ ଅର୍ଥାତ୍ ଗୁରୁବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରି ଜାମିନକୁ ବିରୋଧ କରିଛି। ନିର୍ବାଚନରେ ପ୍ରଚାର କରିବା ମୌଳିକ କିମ୍ବା ସାମ୍ବିଧାନିକ ଅଧିକାର ନୁହେଁ। ଏପରିକି ଏହା ଆଇନଗତ ଅଧିକାର ନୁହେଁ ବୋଲି ଇଡି ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଛି। ନିର୍ବାଚନ ଲଢୁ ନ ଥିବା କୌଣସି ରାଜନେତାଙ୍କୁ ଏପର୍ଯ୍ୟନ୍ତ ପ୍ରଚାର ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରାଯାଇ ନାହିଁ। ଏପରିକି ପ୍ରାର୍ଥୀ ଜେଲରେ ଥିଲେ ତାଙ୍କୁ ନିଜ ପାଇଁ ପ୍ରଚାର କରିବାକୁ ମଧ୍ୟ ଅନ୍ତରୀଣ ଜାମିନ ଦିଆଯାଇ ନ ଥାଏ। ଶୁକ୍ରବାର କେଜ୍‌ରିୱାଲଙ୍କ ଜାମିନ ଆବେଦନର ରାୟ ପ୍ରକାଶ ପାଇବାକୁ ଥିବାବେଳେ ଏହାର ଦିନକ ପୂର୍ବରୁ ଇଡି ସତ୍ୟପାଠ ଜରିଆରେ ଏହାର ବିରୋଧ କରିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଗିରଫଦାରିକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନ୍‌ର ମଧ୍ୟ ଶୁକ୍ରବାର ଶୁଣାଣି ହେବ। କେଜ୍‌ରିୱାଲ ମାର୍ଚ୍ଚ ୨୧ରୁ ଗିରଫ ହୋଇ ତିହାର ଜେଲରେ ଅଛନ୍ତି। ଗତ ୭ ତାରିଖରେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଓ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ ଜାମିନ ଆବେଦନର ରାୟ ସଂରକ୍ଷିତ ରଖିଥିଲେ।


ଓଃ କି ଶାନ୍ତି ! ପ୍ରଚଣ୍ଡ ଗ୍ରୀଷ୍ମରୁ ତ୍ରାହି ପାଇଁ ଅମୃତସରରେ ପିଲାମାନେ ଏକ ଜଳାଶୟରେ ଗାଧୋଉଛନ୍ତି।

# ପ୍ରୋଟିନ୍ ପାଉଡରଠାରୁ ଦୂରେଇ ରୁହ

## ସତର୍କ କରାଇଲା ଆଇସିଏମ୍‌ଆର୍



**ନୂଆଦିଲ୍ଲୀ,୯।୫(ପି.ଟି.)**

ପ୍ରୋଟିନ୍ ପାଉଡର ଓ ଅନ୍ୟାନ୍ୟ ପ୍ରୋଟିନ୍ ସପ୍ଲିମେଣ୍ଟଗୁଡ଼ିକଠାରୁ ଦୂରେଇ ରହିବାକୁ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ପରାମର୍ଶ ଦେଇଛି। ଲୁଣ ଖାଇବାରେ କଟକଣା ସମେତ ଚିନି ଏବଂ ପ୍ରକ୍ରିୟାକୃତ ଖାଦ୍ୟ କମ୍ ଖାଇବାକୁ ଆଇସିଏମ୍‌ଆର୍ ସୁପାରିସ୍ କରିଛି। ସୁସ୍ଥ ଖାଦ୍ୟ ଚୟନ ଲାଗି ପ୍ୟାକେଟ୍‌ଗୁଡ଼ିକରେ ଲାଗିଥିବା ଲେବଲ୍‌ର ସୂଚନାକୁ ପଢ଼ିବା ପାଇଁ ପରାମର୍ଶ ଦିଆଯାଇଛି। ଅଧିକ ପରିମାଣରେ ପ୍ରୋଟିନ୍ ପାଉଡର କିମ୍ବା ପ୍ରୋଟିନ୍ ସପ୍ଲିମେଣ୍ଟ ଦୀର୍ଘଦିନ ଯାଏ ସେବନ କରିବା ବିପଜ୍ଜନକ ହୋଇପାରେ। ଏହାଦ୍ୱାରା ବୋନ୍ ମିନେରାଲ କ୍ଷୟ ହେବା ସହ କିଡ୍‌ନୀ ନଷ୍ଟ ହେବା ସମ୍ଭାବନା ରହିଛି। ସେହିପରି ଆମେ ଯେତିକି ଶକ୍ତି ଗ୍ରହଣ କରୁଛେ, ତା'ର ୫ ପ୍ରତିଶତରୁ କମ୍ ଚିନି ରହିବା ଆବଶ୍ୟକ। ଏକ ସନ୍ତୁଳିତ ଆହାରରେ ଖାଦ୍ୟଶସ୍ୟ ୪୫ କ୍ୟାଲୋରିରୁ ଅଧିକ ପ୍ରଦାନ କରିବା ଉଚିତ ନୁହେଁ। ସେହିପରି ଡାଲି ଓ ମଞ୍ଜିଜାତୀୟ ଖାଦ୍ୟ ଏବଂ ମାଂସରୁ ୧୫ ପ୍ରତିଶତ ପର୍ଯ୍ୟନ୍ତ କ୍ୟାଲୋରି ମିଳିବା ଆବଶ୍ୟକ। ଅବଶିଷ୍ଟ କ୍ୟାଲୋରି ଛୁଇଁ, ପନିପରିବା, ଫଳ ଓ କ୍ଷୀରରୁ ଆସିବା ଦରକାର। ମୋଟ ଚର୍ବିଜାତୀୟ ଖାଦ୍ୟରୁ ୩୦ ପ୍ରତିଶତ ବା ତା'ଠାରୁ କମ୍ ଶକ୍ତି ମିଳିବା ଆବଶ୍ୟକ ବୋଲି ଗାଇଡ୍‌ଲାଇନରେ କୁହାଯାଇଛି।

ଆଇସିଏମ୍‌ଆର୍ ଅଧୀନରେ ଥିବା ହାଇଦ୍ରାବାଦର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁଟ୍ରିଶନ (ଏନ୍‌ଆଇଏନ୍) ପକ୍ଷରୁ ଭାରତୀୟଙ୍କ ପାଇଁ ବୁଧବାର ଏକ ସଂଶୋଧିତ ଆହାର ଗାଇଡ୍‌ଲାଇନ ଜାରି ହୋଇଛି। ଜରୁରୀ ପୋଷଣ ଆବଶ୍ୟକତା ପୂରଣ କରିବା ଏବଂ ଅଣସଂକ୍ରାମକ ରୋଗ (ଏନ୍‌ସିଡି)ରୁ ରକ୍ଷା ପାଇଁ ଏହି ଦିଶାନିର୍ଦ୍ଦେଶ ଜାରି କରାଯାଇଛି। ଆଇସିଏମ୍‌ଆର୍-ଏନ୍‌ଆଇଏନ୍‌ର ନିର୍ଦ୍ଦେଶକ ଡ. ହେମଲତା ଆର୍.ଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର ବିଶେଷଜ୍ଞମାନଙ୍କ ଏକ କମିଟି ଉକ୍ତ ଗାଇଡ୍‌ଲାଇନ ପ୍ରସ୍ତୁତ କରିଥିବାବେଳେ ଏହାର ଏକାଧିକ ବୈଜ୍ଞାନିକ ସମୀକ୍ଷା ହୋଇଛି।

# ପୋଲିସ-ହିନ୍ଦୁ ଗୋଷ୍ଠୀ ମଧ୍ୟରେ ସଂଘର୍ଷ

**ବେଙ୍ଗାଲୁରୁ,୯।୫**

କର୍ନାଟକର ବାଗଲକୋଟ୍ ଜିଲାରେ ଗୁରୁବାର ପୋଲିସ ଓ ଏକ ହିନ୍ଦୁ ସପକ୍ଷବାଦୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏହି ଗୋଷ୍ଠୀର ଲୋକମାନେ ଟେକାମାଡ଼ କରିବାରୁ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା। ଖବର ଅନୁଯାୟୀ ନିକଟରେ ଜଣେ ହିନ୍ଦୁ ଯୁବକ ଜଣେ ମୁସଲମାନ ମହିଳାଙ୍କୁ ବିବାହ କରିଥିଲେ। ସେମାନେ ସୁରକ୍ଷା ପାଇଁ ବାଗଲକୋଟ୍ ଥାନାର ଦ୍ୱାରସ୍ଥ ହୋଇଥିବାବେଳେ ହିନ୍ଦୁ ପକ୍ଷର ଲୋକମାନେ ସେଠାରେ ପହଞ୍ଚି ସେମାନଙ୍କୁ ସାଙ୍ଗରେ ନେଇଯିବା ପାଇଁ ଜିଦ୍ ଧରିଥିଲେ। ପୋଲିସ ଉକ୍ତ ଦମ୍ପତିଙ୍କୁ ସେମାନଙ୍କୁ ହସ୍ତାନ୍ତର କରିବାକୁ ମନା କରିଦେବାରୁ ଉତ୍ତେଜନା ଦେଖାଦେଇଥିଲା। ହିନ୍ଦୁ ଗୋଷ୍ଠୀର ସଦସ୍ୟମାନେ ଉତ୍ତେଜିତ ହୋଇ ପୋଲିସ ଉପରକୁ ଟେକାମାଡ଼ କରିବାରୁ ସଂଘର୍ଷର ସୂତ୍ରପାତ ହୋଇଥିଲା।




# ମାଳଦ୍ୱୀପକୁ ପର୍ଯ୍ୟଟକ ପଠାଅ

## ଜୟଶଙ୍କରଙ୍କୁ ଜମିରଙ୍କ ନିବେଦନ


ମୁସା ଜମିର୍

**ନୂଆଦିଲ୍ଲୀ, ୯।୫**

ଭାରତ ଗସ୍ତରେ ଥିବା ମାଳଦ୍ୱୀପ ବହିର୍ବ୍ୟାପାର ମନ୍ତ୍ରୀ ମୁସା ଜମିର୍ ଗୁରୁବାର ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଭେଟିଛନ୍ତି। ମାଳଦ୍ୱୀପ ଭାରତର ନିକଟତମ ପଡ଼ୋଶୀ ହୋଇଥିବାରୁ ପାରସ୍ପରିକ ଆଗ୍ରହ ଓ ସମ୍ବେଦନଶୀଳତାକୁ ଭିତ୍ତି କରି ୨ ଦେଶ ମଧ୍ୟରେ ସମ୍ପର୍କର ଅଗ୍ରଗତି କରାଯାଇପାରିବ ବୋଲି ଏହି ଅବସରରେ ଜୟଶଙ୍କର କହିଛନ୍ତି। ମାଳଦ୍ୱୀପକୁ ବିକାଶ ସହାୟତା ଯୋଗାଉଥିବା ଦେଶଗୁଡ଼ିକ ମଧ୍ୟରେ ଭାରତ ଆଗରେ ରହିଥିବା ସେ କହିଛନ୍ତି। ଭାରତର ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ଦ୍ୱାରା ମାଳଦ୍ୱୀପର ଜନସାଧାରଣ ଉପକୃତ ହୋଇଛନ୍ତି ଓ ସେମାନଙ୍କ ଜୀବନ ଧାରଣ ମାନରେ ବୃଦ୍ଧି ଘଟିଥିବା ଜୟଶଙ୍କର କହିଛନ୍ତି। ଅନ୍ୟପକ୍ଷରେ, ମାଳଦ୍ୱୀପ ପକ୍ଷରୁ ପୂର୍ବରୁ ଦିଆଯାଇଥିବା ଭାରତ ବିରୋଧୀ ମନ୍ତବ୍ୟର ପୁନରାବୃତ୍ତି ହେବ ନାହିଁ ବୋଲି ଜମିର୍ କହିଛନ୍ତି। ପର୍ଯ୍ୟଟନ କ୍ଷେତ୍ରରେ ମାଳଦ୍ୱୀପ କ୍ଷତି ସହୁଥିବା ଏହି ଅବସରରେ ଜମିର୍ ସ୍ୱୀକାର କରିବା ସହ ଭାରତୀୟ ପର୍ଯ୍ୟଟକଙ୍କୁ ସେ ମାଳଦ୍ୱୀପ ଆସିବା ପାଇଁ ନିମନ୍ତ୍ରଣ କରିଛନ୍ତି।

# ସବୁ କୋଭିଡ୍ ଟିକାର ସମୀକ୍ଷା ହେଉ

## ସରକାରଙ୍କୁ ଡାକ୍ତର ସଂଘର ଆହ୍ୱାନ




**ନୂଆଦିଲ୍ଲୀ,୯।୫**

କୋଭିଶିଲ୍ଡ ଟିକାର ପାର୍ଶ୍ୱ ପ୍ରତିକ୍ରିୟା ସମ୍ପର୍କରେ ଏହାର ପ୍ରସ୍ତୁତକର୍ତ୍ତା ଆଷ୍ଟ୍ରାଜେନିକା ବ୍ରିଟେନର ଏକ କୋର୍ଟରେ ସ୍ୱୀକାର କରିବା ପରେ ଡାକ୍ତରମାନଙ୍କ ସଂଗଠନ ଏହା ଉପରେ ଗଭୀର ଚିନ୍ତାବ୍ୟକ୍ତ କରିଛି। କୋଭିଡ୍ ମହାମାରୀ ବେଳେ ଭାରତୀୟମାନେ ବହୁଳ ପରିମାଣରେ କୋଭିଶିଲ୍ଡ ଟିକା ନେଇଥିଲେ। ଏହାର ପାର୍ଶ୍ୱ ପ୍ରତିକ୍ରିୟା ସ୍ୱରୂପ ରକ୍ତ ଜମାଟ ବାନ୍ଧିବା ଏବଂ ରକ୍ତରେ ପ୍ଲେଟ୍‌ଲେଟ୍ କମିବା ଦେଖାଦେଉଥିବା କମ୍ପାନୀ ପକ୍ଷରୁ କୁହାଯାଇଥିଲା। ଏହାକୁ ନେଇ ଡାକ୍ତର ସଂଘ ଉଦ୍‌ବେଗ ପ୍ରକାଶ କରିବା ସହ ଭାରତରେ ଉପଲବ୍ଧ ସମସ୍ତ କୋଭିଡ୍ ଟିକାର ସମୀକ୍ଷା କରିବାକୁ ସରକାରଙ୍କୁ ନିବେଦନ କରିଛି। ସବୁ କୋଭିଡ୍ ଭାକ୍ସିନ ପଛର ବିଜ୍ଞାନର ସମୀକ୍ଷା ହେଉ। ଟିକା ବ୍ୟବସାୟୀକରଣର ଅଡିଟ କରାଯିବା ସହ ଏହାର ପ୍ରତିକୂଳ ପ୍ରଭାବ ଉପରେ ସକ୍ରିୟ ତଦାରଖ କରାଯିବାକୁ ଆୱେକେନ୍ ଇଣ୍ଡିଆ ମୁଭ୍‌ମେଣ୍ଟ (ଏଆଇଏମ୍) ନାମକ ଡାକ୍ତର ସଂଗଠନ ଏକ ଖବରଦାତା ସମ୍ମିଳନୀରେ ଦାବି କରିଛି।









## ରୋଡ୍ ଶୋ’ ରିହର୍ସାଲ





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ରାତିରେ ଭୁବନେଶ୍ୱର ଜନପଥରେ ନିର୍ବାଚନୀ ରୋଡ୍ ଶୋ’ କରିବେ। ଏହାକୁ ସଫଳ କରିବା ପାଇଁ ଭାଜପା ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ରିହର୍ସାଲ କରାଯାଇଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦର ଯାଦବ, ଭୁବନେଶ୍ୱର ଏମ୍‌ପି ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ସମେତ ଭାଜପା ନେତା ଓ କର୍ମୀମାନେ ଯୋଗଦେଇଥିଲେ। ଏହି ଅବସରରେ କମିଶନରେଟ ପୋଲିସ ପକ୍ଷରୁ କାର୍‌କେଡ୍ ରିହର୍ସାଲ ମଧ୍ୟ କରାଯାଇଥିଲା।

## ରଘୁନାଥପୁରରେ ବିଜେଡି କର୍ମୀ ସମ୍ମିଳନୀ

ବାରଙ୍ଗ,୯।୫(ଲିଙ୍ଗରାଜ ରାଉତ)

ରଘୁନାଥପୁର ଗ୍ରାମରେ ବିଜେଡିର ଏକ କର୍ମୀ ସମ୍ମିଳନୀ ବୁଧବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ସମିତିସଭ୍ୟ ନୀହାରକାନ୍ତି ପଢ଼ିହାରୀ ସଭାପତିତ୍ୱ କରିଥିଲେ। ସମ୍ମିଳନୀରେ ବରିଷ୍ଠ ଗାନ୍ଧୀବାଦୀ ନେତା ପ୍ରତାପ ଚନ୍ଦ୍ର ରାଉତ, ବୟୋଜ୍ୟେଷ୍ଠ ମୁରବି ଅନ୍ତର୍ଯ୍ୟାମୀ କୁଅଁର, ଗ୍ରାମ୍ୟ କମିଟି ସଭାପତି ନବଘନ ପାତ୍ର, ଲିଙ୍ଗରାଜ ରାଉତ, ସରପଞ୍ଚ ଖୋଲଣା ମାଝୀ, ସୁବାସ ଚନ୍ଦ୍ର ପାତ୍ର, କୃଷ୍ଣଚନ୍ଦ୍ର ମାଝୀଙ୍କ ସମେତ ଗ୍ରାମର ବହୁ ମୁରବି, ମହିଳା, ଯୁବକ, ଲୋକପ୍ରତିନିଧିଙ୍କ ସମେତ ୨ ହଜାରରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ଯୋଗ ଦେଇଥିଲେ। ଏଥିରେ ବିଜେଡି ବିଧାୟକ ପ୍ରାର୍ଥୀ ସୁଶାନ୍ତ ରାଉତ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନ ଓ ଜନହିତକାରୀ ଯୋଜନାରେ ରଘୁନାଥପୁରର ଯେଉଁଭଳି ବିକାଶ ଚାଲିଛି ଏହାକୁ ଅଧିକ କ୍ରିୟାଶୀଳ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ବିପୁଳ ସଂଖ୍ୟାରେ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଅନ୍ୟପଟେ ପଦ୍ମକେଶରୀପୁର ଗାଁମୁଣ୍ଡରେ ଥିବା ଭାଜପାର ଭୁବନେଶ୍ୱର ମଣ୍ଡଳ କୃଷକ ସଭାପତିଙ୍କ କାର୍ଯ୍ୟାଳୟରେ ବିଜେଡିର ଏକ ମିଶ୍ରଣ ପର୍ବ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ବିଧାୟକ ରାଉତଙ୍କ ଉପସ୍ଥିତିରେ ଭାଜପାର ଭୁବନେଶ୍ୱର ମଣ୍ଡଳ କୃଷକ ସଭାପତି ତାଙ୍କର ୭୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କୁ ନେଇ ବିଜେଡିରେ ବିଧିବଦ୍ଧ ଭାବେ ଯୋଗ ଦେଇଥିଲେ।

## ୱାର୍ଡ ନଂ. ୩୭ରେ ଘରେ ଘରେ ଶଙ୍ଖ ପରିବାର ସମ୍ପର୍କ ଅଭିଯାନ




ଭୁବନେଶ୍ୱର, ୯।୫ (ବନ୍ଦନା ସେଠୀ)

ଭୁବନେଶ୍ୱର ମଧ୍ୟ ବିଜେଡି ପକ୍ଷରୁ ୱାର୍ଡ଼ ନଂ. ୩୭ରେ ଘରେ ଘରେ ଶଙ୍ଖ ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ଥାନୀୟ କର୍ପୋରେଟର ବନ୍ଦିତା ପାଲ୍‌ଙ୍କ ସଂଯୋଜନାରେ କଳିଙ୍ଗ ଷ୍ଟାଡିୟମ୍ ଛକ ନିକଟରୁ ଅଭିଯାନ ବାହାରି ଥିଲା। ଏଥିରେ ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା ଯୋଗଦେଇ ଜନସାଧାରଣଙ୍କଠାରୁ ଆଶୀର୍ବାଦ ନେଇ ୱାର୍ଡ଼ ପରିକ୍ରମା କରି ଜନସାଧାରଣଙ୍କ ସମର୍ଥନ ଲୋଡିଥିଲେ। ହଜାର ହଜାର ସମର୍ଥକଙ୍କ ଗହଣରେ ପଦଯାତ୍ରାରେ ଯିବାବେଳେ ୱାର୍ଡ଼ବାସୀ ବିଭିନ୍ନ ସ୍ଥାନରେ ବିଧାୟକ ପ୍ରାର୍ଥୀ ଜେନାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଚଳିତ ନିର୍ବାଚନରେ ଉଭୟ ବିଧାୟକ ପ୍ରାର୍ଥୀ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଅନନ୍ତ ନିବେଦନ କରିଥିଲେ। ବାଲୁଙ୍କେଶ୍ୱର ମନ୍ଦିର ନିକଟରେ ପଦଯାତ୍ରା ଶେଷ ହୋଇଥିଲା। ଏଥିରେ ଶହଶହ ଜନସାଧାରଣ ଯୋଗଦେଇ ବିଜେଡ଼ି ବିଧାୟକ ପ୍ରାର୍ଥୀ ଅନନ୍ତଙ୍କ ପ୍ରତି ଥିବା ସ୍ନେହ ଶ୍ରଦ୍ଧା ଆଶୀର୍ବାଦ ଓ ଭଲପାଇବା ପ୍ରଦର୍ଶନ କରିଥିଲେ। ମଧ୍ୟ ନିର୍ବାଚନମଣ୍ଡଳୀର ବିଜେଡି ସାଧାରଣ ସମ୍ପାଦକ ଅର୍ଜୁନ ବେହେରା, ପୂର୍ବତନ କର୍ପୋରେଟର ନବକିଶୋର ବେହେରାଙ୍କ ସମେତ ସମସ୍ତ କର୍ପୋରେଟର, ପୂର୍ବତନ କର୍ପୋରେଟର, ବରିଷ୍ଠ ନେତା, ଯୁବ ଛାତ୍ର ଓ ମହିଳା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ସୁଶାନ୍ତ ରାଉତ ପ୍ରଚାର କରୁଛନ୍ତି।

## ୫ନଂ. ୱାର୍ଡରେ ଭାଜପାର ରୋଡ଼ ଶୋ’



ବାଲିଅନ୍ତା,୯।୫(ନୀଳମାଧବ ସାହୁ)

ନିର୍ବାଚନ ଯେତିକି ପାଖେଉଛି ପ୍ରଚାରର ଉଷ୍ମତା ସେତିକି ବଢ଼ି ବଢ଼ି ଚାଲିଛି। ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅଧୀନ ବିଏମ୍‌ସିର ୫ନଂ. ୱାର୍ଡରେ ଭାଜପାର ରୋଡ଼ ଶୋ’ ଅନୁଷ୍ଠିତ ହୋଇଯାଇଛି। ବାଣୀବିହାର ମଣ୍ଡଳ ଭାଜପା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇଥିଲେ। ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱ ମଞ୍ଚେଶ୍ୱର ଗଡାଠାରୁ ଏହି ରୋଡ ଶୋ’ ବାହାରିଥିଲା। ରୋଡ଼ ଶୋ’ରେ କର୍ମୀମାନେ ବାଇକ୍ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପ୍ରାର୍ଥୀ ପ୍ରିୟଦର୍ଶୀ ମଞ୍ଚେଶ୍ୱର ଗ୍ରାମ ଆରାଧ୍ୟ ଠାକୁର ଶ୍ରୀ ମଞ୍ଚନାଥ ଦେବଙ୍କ ମନ୍ଦିରକୁ ଯାଇ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ ଶୋଭାଯାତ୍ରାରେ ମଞ୍ଚେଶ୍ୱର ଗ୍ରାମ, ସମେଇ ଗାଡ଼ିଆ, ଚକେଇସିଆଣି ଆଦି ଗ୍ରାମର ଛକ, ବଜାର ଓ ସାହି ପରିକ୍ରମା କରି ଆଶୀର୍ବାଦ ଭିକ୍ଷା ସହ ୨ଟି ପଦ୍ମ ଫୁଲ ଚିହ୍ନରେ ଭୋଟ ଦେଇ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରାଇବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଭାଜପାର ବିଜୟ ରାଉତ, ନିରଞ୍ଜନ ରାଉତ ରାୟ, ଶ୍ରୀଧର ସାହୁ, କୁନୀ ସାମଲ, ଶେଷଦେବ ଦାସ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## ଭାଜପାରେ ମିଶିଲେ ବହୁ ବିଜେଡି ନେତା, କର୍ମୀ

ଭୁବନେଶ୍ୱର, ୯।୫(ସୁନିତ୍ ମିଶ୍ର)

ଖଣ୍ଡପଡ଼ା, ପାରାଦୀପ, କଟକ, ସାଲେପୁର ନିର୍ବାଚନମଣ୍ଡଳୀରୁ ବିଜେଡିର ଶତାଧିକ ନେତା ଓ କର୍ମୀ ଶୁକ୍ରବାର ଭାଜପାରେ ଯୋଗଦେଇଛନ୍ତି। ନୟାଗଡ଼ ଜିଲା ବିଜେଡି ଉପସଭାପତି ଗୟାଧର ପରିଡ଼ା ନିଜ ସମର୍ଥକଙ୍କ ସହ ଭାଜପାରେ ଯୋଗଦେଇଛନ୍ତି। ଗୟାଧରଙ୍କ ସମେତ ଭାପୁର ବ୍ଲକ ପୂର୍ବତନ ସଭାପତି ଜିତେନ୍ଦ୍ର କୁମାର ରଣସିଂହ, କେନ୍ଦୁପଲ୍ଲୀ ଗ୍ରାମପଞ୍ଚାୟତ ସରପଞ୍ଚ ତାରେଶ୍ୱର ମାଝି, ସମିତି ସଭ୍ୟ ଦୀପକ କୁମାର ଜେନା, ସରପଞ୍ଚ ସନ୍ତୋଷ କୁମାର ପଣ୍ଡା, ନିରୁପମା ମହାରଣା, ମଞ୍ଜୁଲତା ସେଠୀ ପ୍ରମୁଖ ଆନୁଷ୍ଠାନିକଭାବେ ଭାଜପାରେ ଯୋଗଦେଇଛନ୍ତି। ସେହିପରି ପାରାଦୀପ ନିର୍ବାଚନମଣ୍ଡଳୀର କୁଜଙ୍ଗ ବ୍ଲକ ସରପଞ୍ଚ ରୋହିତ କୁମାର ଜେନା ନିଜ ସମର୍ଥକଙ୍କ ସହ ଭାଜପାରେ ଯୋଗଦେଇଛନ୍ତି। କଟକ ନିର୍ବାଚନମଣ୍ଡଳୀର ଓଡ଼ିଶା ସୁରକ୍ଷା ସେନା ସଭାପତି ଅଭିଷେକ ଜୋଷୀ, ରାଜ୍ୟ ସାଧାରଣ ସମ୍ପାଦକ ସବ୍ୟସାଚୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ସାଲେପୁର ନିର୍ବାଚନମଣ୍ଡଳୀର ଲୋକସେବା ଫାଉଣ୍ଡେଶନ ସଭାପତି ହିମାଂଶୁ କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ଧ୍ରୁବଚରଣ ମହାନ୍ତି, ପ୍ରତାପ ବିଶ୍ୱାଳ ଓ ତାପସ କୁମାର ସାହୁପ୍ରମୁଖ ଭାଜପାରେ ଯୋଗଦେଇଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଭାଜପା କହିଛି , ୨୫ ବର୍ଷରେ ନବୀନ ସରକାର ଯାହା କରିନାହାନ୍ତି ଭାଜପା ସରକାର ଆସିଲେ ୫ ବର୍ଷରେ ତାହା କରିଦେଖାଇବ।



ଭୁବନେଶ୍ୱର ପୋଖରୀପୁଟ ଡିଏଭି ସ୍କୁଲର ସମର କ୍ୟାମ୍ପରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ଚିତ୍ରକଳା ପ୍ରଶିକ୍ଷଣ ଦିଆଯାଉଛି।

## ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ

ନିମାପଡ଼ା,୯।୫(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

### ନିମାପଡ଼ାରେ ବିଜେଡି ପର୍ଯ୍ୟବେକ୍ଷକ ରଣେନ୍ଦ୍ରଙ୍କ ଚେତାବନୀ

ଆଗାମୀ ନିର୍ବାଚନରେ ପୁରୀ ଜିଲାରେ ନିମାପଡ଼ା ସମେତ ୬ ବିଧାନସଭା ଆସନରେ ବିଜେଡି ବାଜିମାତ କରିବା ସହ ବିଜୟୀ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁନଶ୍ଚ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ବୋଲି ରାଜ୍ୟବାସୀ ସ୍ଥିର କରିସାରିଲେଣି। ନିମାପଡ଼ାଠାରେ ବିଜେଡି ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଗୁରୁବାର ପୁରୀ ଜିଲା ପର୍ଯ୍ୟବେକ୍ଷକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ମତବ୍ୟକ୍ତ କରିଛନ୍ତି। ଦଳରେ ବିଶୃଙ୍ଖଳା ସୃଷ୍ଟି କରୁଥିବା, ଦଳ ବିରୋଧୀ, କାର୍ଯ୍ୟ କରୁଥିବା ନେତା, ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାଇଁ କହିଛନ୍ତି। ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ଦିଲୀପ ନାୟକ ଯୋଗଦେଇ ନିର୍ବାଚନୀରେ ବିଜେଡି କେବଳ ଲଗାତର ଭାବେ ଛକା, ଚଉକା ମାରି ବିଜୟୀ ହେବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ନିମାପଡ଼ା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଭୂପେଶ ଚନ୍ଦ୍ର ପ୍ରଧାନ, ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ, ବରିଷ୍ଠ ନାରୀନେତ୍ରୀ କୁଞ୍ଜଲତା ସାମଲ, ବରିଷ୍ଠ ନେତା ଧନୁର୍ଦ୍ଧର ଦାସ, ଦିଲୀପ ପାତ୍ର, ମାନସ ପ୍ରଧାନ, ଅକ୍ଷୟ ନାୟକ, ଅଜୟ ଭୋଇ ପ୍ରମୁଖ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ବିଜୟ ପାଇଁ ଦଳର ସମସ୍ତ ନେତୃବୃନ୍ଦ, କାର୍ଯ୍ୟକର୍ତ୍ତାମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ନିମାପଡ଼ାରେ ପୁନଶ୍ଚ ଯୋଡ଼ି ଶଙ୍ଖ ବଜାଇବାକୁ ଏମ୍‌ପି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରାର୍ଥୀ ନାୟକଙ୍କୁ ଜିତାଇବାକୁ କାର୍ଯ୍ୟକର୍ତ୍ତାମାନେ ଶପଥ ନେଇଥିଲେ। ସମ୍ମିଳନୀରେ ବହୁ ମହିଳାଙ୍କ ସମେତ ୫ଶହରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ ଗୋପ ବ୍ଲକ ନାଗପୁର ପଞ୍ଚାୟତ ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଦଳ ଛାଡ଼ି ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଥିଲେ। ନୂତନ କର୍ମୀଙ୍କୁ ପର୍ଯ୍ୟବେକ୍ଷକ ସ୍ୱାଇଁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ନଗରସଭାପତି ଦିଲୀପ ପାତ୍ର, ଯୁବନେତା ରଘୁନାଥ ଗିରି, ଦଳୀୟ ସଂଯୋଜକ ପ୍ରଦୀପ୍ତ ନାୟକ, ସୁଭାଶିଷ ରାଉତରାୟ, ବିଶ୍ୱଜିତ୍ ବାରିକ୍ ପ୍ରମୁଖ ଯୋଗଦେଇଥିଲେ।

## ବ୍ଲକ ମହିଳା ମହାସଂଘ ସଭାନେତ୍ରୀଙ୍କୁ ହତ୍ୟା ଧମକ

ଗୋପ,୯।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୃଷ୍ଟିଙ୍କୁ ଟେଲିଫୋନରେ ହତ୍ୟା ଧମକ ଦିଆଯାଇଥିବା ଗୋପ ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ଏ ସମ୍ପର୍କରେ ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସ୍‌ପି ପିନାକ ମିଶ୍ରଙ୍କୁ ଅଭିଯୋଗ ଦେଇଥିବା ଜଣାପଡ଼ିଛି। ଗୁରୁବାର ଅପରାହ୍ନରେ ହଠାତ୍ ଏକ ନମ୍ବରରୁ ମିନାକ୍ଷୀଙ୍କୁ କଲ୍ ଆସିଥିଲା। ମିନାକ୍ଷୀ ଫୋନ ଉଠାଇବା ମାତ୍ରେ ଜନୈକ ବ୍ୟକ୍ତି ଜଣଙ୍କ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତୁମ ଦୁଆର ଦେଇ ଶୋଭାଯାତ୍ରା ଯାଉଛି। ସନ୍ଧ୍ୟା ସୁଦ୍ଧା ୬ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ନଚେତ୍ ତାଙ୍କ ପରିବାର ଉପରେ ବମ୍ ପକାଇବେ ବୋଲି ବାରମ୍ବାର ଧମକ ଦେଇଥିଲେ। ଏପରି ଏକ ଧମକପୂର୍ଣ୍ଣ ଟେଲିଫୋନ ପରେ ମିନାକ୍ଷୀ ଗୋପ ଥାନାରେ ଅଭିଯୋଗ ଦେବା ସହ ପୁରୀ ଜିଲା ପ୍ରଶାସନର ଅଧିକାରୀଙ୍କୁ ଅଭିଯୋଗ ଦେଇଛନ୍ତି।



ଭୁବନେଶ୍ୱର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ବାଣୀବିହାର ଛକରୁ ଆଚାର୍ଯ୍ୟବିହାର ଛକ ପର୍ଯ୍ୟନ୍ତ ଓଭରବ୍ରିଜ୍ ପାର୍ଶ୍ୱ ରାସ୍ତାରେ ଟ୍ରାଫିକ ଜାମ୍।

## ଫିଲିପାଇନ୍ସ ପ୍ରତିନିଧିମଣ୍ଡଳୀଙ୍କ ମଳ ଉପଚାର କେନ୍ଦ୍ର ପରିଦର୍ଶନ

ଜଟଣୀ,୯।୫(ରବୀନ୍ଦ୍ରନାଥ ମହାକୁଡ଼)

ଇୟୁଡବ୍ଲ୍ୟୁଓପି କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ୱାଟ୍ ଇଟାଲୀ ଏବଂ ୱାଟରଲିଙ୍କସ ଫିଲିପାଇନ୍ସର ପ୍ରତିନିଧି ମଣ୍ଡଳୀ ଗୁରୁବାର ଜଟଣୀ ପୌରାଞ୍ଚଳର ମଳ ଉପଚାର କେନ୍ଦ୍ର ପରିଦର୍ଶନ କରିଛନ୍ତି। ମାର୍କୋ ସ୍କିବେଭା, ନିକୋଲେଟା ମେସିଆନୋ, ଆର୍. ଟିଟା, ଡାନିଏଲ ନୋଭାରିନୋ, ୟୋଲଣ୍ଡା ଗୋମେଜଙ୍କ ସହ ଅନ୍ୟମାନେ ମଳ ଉପଚାର କେନ୍ଦ୍ର ଦୁଇଦିନଧରି ପରିଦର୍ଶନ କରିଥିଲେ। ଉକ୍ତ କେନ୍ଦ୍ରର ବିଭିନ୍ନ ସ୍ଥାନରୁ ନମୁନା ସଂଗ୍ରହ କରି ଏହାର କାର୍ଯ୍ୟକାରିତା ଉପରେ ପରୀକ୍ଷା କରିଥିଲେ। ଗସ୍ତ ସମୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧୀନ ଓଡ଼ିଶା ଜଳଯୋଗାଣ ଓ ଜଳ ନିଷ୍କାସନ ବୋର୍ଡର ଇଆଇସି ପ୍ରଶାନ୍ତ ମହାପାତ୍ର, ପୌର ପରିଷଦ ପକ୍ଷରୁ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ, ପୌର ଯନ୍ତ୍ରୀ ଅନୁରାଧା ପ୍ରଧାନଙ୍କ ସମେତ ଜଟଣୀ ପୌରାଞ୍ଚଳ ଏବଂ ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ମଳ ଉପଚାର କେନ୍ଦ୍ରରେ ନିୟୋଜିତ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଉପସ୍ଥିତ ଥିଲେ। ପ୍ରଥମାର୍ଦ୍ଧରେ ମଳ ଉପଚାର କେନ୍ଦ୍ର ଠାରେ ବିଭିନ୍ନ ନମୁନାର ପରୀକ୍ଷା କରାଯାଇଥିବା ବେଳେ ଦିତୀୟାର୍ଦ୍ଧରେ ସ୍ଥାନୀୟ ନାଇଜର ପରିସର ମଧ୍ୟରେ ମଳ ଉପଚାର କେନ୍ଦ୍ରକୁ କିପରି ସହଜରେ ପରିଚାଳନା କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ମଳ ଉପଚାର କେନ୍ଦ୍ରରେ ମଳ ପରିଚାଳନା ପରେ ବାହାରୁ ଶୁଖିଲା ମଳ ଏବଂ ପୌର ପରିଷଦର ଜୈବିକ ଖତକୁ ନେଇ କିପରି କୋ-କମ୍ପୋଷ୍ଟ ପ୍ରସ୍ତୁତ ହୋଇପାରିବ, ଜୈବିକ ଖତ ଭାବେ ବ୍ୟବହାର ହୋଇପାରିବ ତାହାର ପଦ୍ଧତି ଏବଂ ବିଭିନ୍ନ ପ୍ରକ୍ରିୟା ଉପରେ ଆଲୋଚନା ହୋଇଥିଲା।



ମଳ ଉପଚାର କେନ୍ଦ୍ରରେ ଫିଲିପାଇନ୍ସର ପ୍ରତିନିଧି ମଣ୍ଡଳୀ ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ଉତ୍ସବ ପାଇଁ ସମନ୍ୱୟ ବୈଠକ

ପୁରୀ,୯।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀମଦ୍ ଭଗବଦ୍‌ପାଦ ଆଦିଶଙ୍କରାଚାର୍ଯ୍ୟଙ୍କ ୨୫୩୧ତମ ଜୟନ୍ତୀ ଉତ୍ସବ ପାଇଁ ଗୁରୁବାର ପୁରୀ ଜିଲା ପ୍ରଶାସନ ଓ ଗୋବର୍ଦ୍ଧନ ପୀଠର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପଜିଲାପାଳ ଗୋପୀନାଥ କୁଅଁର ଅଧ୍ୟକ୍ଷତା କରିଥିଲେ। ଉତ୍ସବ କିଭଳି ଶାନ୍ତିଶୃଙ୍ଖଳାର ସହିତ ପାଳନ ହେବ ଓ ନଗର ପରିକ୍ରମା ଶୋଭାଯାତ୍ରାରେ ଯେପରି କୌଣସି ବାଧାବିଘ୍ନ ନ ଉପୁଜିବ ସେଥିପାଇଁ ବିଶେଷ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ପୌର ଅଧିକାରୀ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲା ସଂସ୍କୃତି ଅଧିକାରୀ, ଟାଟା ପାୱାର, ୱାଟ୍‌କୋ, ଅଗ୍ନିଶମ ବାହିନୀ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ରାଜ୍ୟ ଶଙ୍କର ଜୟନ୍ତୀ ସମାରୋହ ସମିତିର ସମ୍ପାଦକ ବିଶ୍ୱଶାନ୍ତି ତ୍ରିପାଠୀ ଏବଂ ଗୋବର୍ଦ୍ଧନ ପୀଠ ତରଫରୁ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଦେବାଶିଷ ମିଶ୍ର, ସ୍ୱୟଂଶ କୁମାର, ତନ୍ମୟ ଚାଟାର୍ଜୀ, କୁମାର ଭୀମସେନ ପ୍ରମୁଖ ଉପସ୍ଥିତ ଥିଲେ।

### ଗ୍ରୀଲ ତାଡ଼ି ଘରୁ ଟଙ୍କା, ସୁନାଗହଣା ନେଇଗଲେ

ଟାଙ୍ଗୀ,୯।୫(ରଘୁନାଥ ସାହୁ)

ଟାଙ୍ଗୀ ବଳରାମପୁର ସାହିର ସଞ୍ଜୟ ସାହୁଙ୍କ ଘରର ଗ୍ରୀଲ, କବାଟ ଓ ଆଲମିରା ତାଡ଼ି ଦୁର୍ବୃତ୍ତମାନେ ଟଙ୍କା ସହ ସୁନାଅଳଙ୍କାର ନେଇଯାଇଥିବା ଅଭିଯୋଗ ହୋଇଛି। ଟାଙ୍ଗୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଗତ ୭ତାରିଖରେ ସଞ୍ଜୟ ତାଙ୍କ ସ୍ତ୍ରୀଙ୍କ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲ ଯାଇଥିଲେ। ଗୁରୁବାର ସକାଳେ ଘରକୁ ଫେରିବା ପରେ ତାଙ୍କ କବାଟ ଓ ଆଲମିରା ଖୋଲାଥିବା ବେଳେ ୧ଲକ୍ଷ ଟଙ୍କା, ଗୋଟିଏ ହାର, ୩ଟି ସୁନଚେନ, ୨ହଳ କାନଫୁଲ, ୭ଟି ସୁନାମୁଦି, ସୁନା ଚୁଡ଼ି, ୩ଟି ମଙ୍ଗଳସୂତ୍ର ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ନିକଟରେ ଥିବା ସିସିଟିଭି ଫୁଟେଜ ଓ ଅନୁସନ୍ଧାନକାରୀ କୁକୁର ମାଧ୍ୟମରେ ତଦନ୍ତ କରାଗଲେ ଚୋରି ଘଟଣାର ପର୍ଦ୍ଦାଫାଶ ହୋଇପାରିବ ବୋଲି ସାଧାରଣରେ ଦାବି ହେଉଛି।

### ଜେଲ ଗଲେ ୯ ଜୁଆଡ଼ି

ଭୁବନେଶ୍ୱର,୯।୫ (ସୂର୍ଯ୍ୟକାନ୍ତ ବେହେରା)

ମଞ୍ଚେଶ୍ୱର ଥାନା ପୋଲିସ ଅଟକ ରଖିଥିବା ୯ଜଣ ଜୁଆଡିଙ୍କୁ ଗିରଫ ପରେ ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ରହୁଥିବା ରଞ୍ଜନ ବେହେରା, ଅକ୍ଷୟ କୁମାର ଗୋଛାୀ, ମନୋଜ କୁମାର ପରିଡା,ଏ ଜୟଦେବ ରାଓ, ଗଣେଶ ନାୟକ, ନିରଞ୍ଜନ ପାତ୍ର, ଦିଲ୍ଲୁ ନାହାକ, ଅଶ୍ରୟ ରେଡ୍ଡି ଓ ରିତେଶ ସାହୁ । ସେମାନଙ୍କଠାରୁ ୪ଟି ମୋଟରସାଇକେଲ,୧୧ ମୋବାଇଲ, ତାସ ପତା ଓ ୨୯ ହଜାରରୁ ଅଧିକ ଟଙ୍କା ଜବତ ହୋଇଛି। ଜାମିନ ନ ମିଳିବାରୁ ସମସ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୁକ୍ତମାନେ ଏକତ୍ରିତ ହୋଇ ପାଣ୍ଡରା ଶିବ ମନ୍ଦିର ପଛ ପାର୍ଶ୍ୱରେ ଥିବା ଏକ ଘରେ ବୁଧବାର ରାତିରେ ଜୁଆ ଖେଳୁଥିଲେ। ସ୍ପେଶାଲ ସ୍କ୍ୱାଡ୍ ଓ ଥାନା ଟିମ୍ ଚଢ଼ାଉ କରି ୯ଜଣଙ୍କୁ କାବୁ କରିଥିଲା।

# ଆଜିଠୁ ଚନ୍ଦନ ପୋଖରୀରେ ସାକ୍ଷୀଗୋପାଳଙ୍କ ଚାପଖେଳ

ସାକ୍ଷୀଗୋପାଳ,୯।୫ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର):

ପବିତ୍ର ଅକ୍ଷୟତୃତୀୟା ଅବସରରେ ଶୁକ୍ରବାର ସାକ୍ଷୀଗୋପାଳସ୍ଥିତ ଚନ୍ଦନ ପୁଷ୍କରିଣୀରେ ସାକ୍ଷୀଗୋପାଳ ଠାକୁରଙ୍କ ୨୧ ଦିନ ବ୍ୟାପୀ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ। ଏଥିନିମନ୍ତେ ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ପକ୍ଷରୁ ଚନ୍ଦନ ପୁଷ୍କରିଣୀରେ ଚାପ ନିମନ୍ତେ ନନ୍ଦା ଓ ଭଦ୍ରାଙ୍କ ମରାମତି ଓ ସାଜସଜ୍ଜା ଚାଲିଛି। ଠାକୁର ବିଜେ କରିବା ରାସ୍ତାରେ ଚାଙ୍କରେ ଛାମୁଣ୍ଡିଆ କରାଯାଇଛି। ଠାକୁରଙ୍କ ବୀର କେଶରୀ ବଲ୍ଲଭ ଅର୍ଥାତ୍ ଭଣ୍ଡ ଧୂପ ପରେ ଚାପ ପ୍ରତିଷ୍ଠା କରାଯିବ। ଚନ୍ଦନ ମଣ୍ଡପ ଓ ଠାକୁର ବିରାଜମାନ କରିବା ସ୍ଥାନରେ ହୋମ ଅନୁଷ୍ଠିତ ହେବ।



ଚନ୍ଦନ ପୋଖରୀରେ ସାକ୍ଷୀଗୋପାଳ ଠାକୁରଙ୍କ ଚାପଖେଳ ପାଇଁ ଚାପ ପ୍ରସ୍ତୁତି ଚାଲିଛି।

ଅପରାହ୍ନରେ ଠାକୁରଙ୍କ ବିଜେ ପ୍ରତିମା ଏକ ସୁସଜ୍ଜିତ ବିମାନରେ ବିଜେ କରି ଚନ୍ଦନ ମଣ୍ଡପ ନିକଟରେ ବିରାଜମାନ କରିବେ। ପରେ ଚନ୍ଦନ ପୁଷ୍କରିଣୀରେ ପ୍ରସ୍ତୁତ ଥିବା ଚାପରେ ଠାକୁରଙ୍କ ଦିନ ଚାପ ଓ ରାତି ଚାପ ଅନୁଷ୍ଠିତ ହେବ।



ବିଜେଡିର ନିର୍ବାଚନୀ ଇସ୍ତାହାର ପ୍ରକାଶ ପରେ ପୁରୀଠାରେ ବିଜେଡି କର୍ମୀମାନେ ତାହାକୁ ସ୍ୱାଗତ କରିବା ସହ ଖୁସି ମନାଉଛନ୍ତି ।

# ଯାଞ୍ଚବେଳେ ପୋଲିସକୁ ଧକ୍କାଦେଲା କାର୍

ଭୁବନେଶ୍ୱର,୯।୫ (ସୂର୍ଯ୍ୟକାନ୍ତ ବେହେରା)

ମଦ୍ୟପାନ କରି କାର୍ ଚଳାଇବା ମହଙ୍ଗା ପଡ଼ିଛି। ପୋଲିସ ଚେକିଂ ବେଳେ ଚାଳକ କାର୍‌ଟିକୁ ଷ୍ଟପ୍‌ବୋର୍ଡକୁ ଧକ୍କା ଦେବାରୁ ଏଥିରେ କେତେଜଣ ପୋଲିସ ଆହତ ହୋଇଛନ୍ତି। ତେବେ ଦୁର୍ଘଟଣା ଘଟାଇବା ପରେ ଚାଳକଜଣକ ଗାଡି ସହ ଖସି ପଳାଉଥିବାବେଳେ ଅନ୍ୟ ପୋଲିସମାନେ ଗୋଡାଇ ଧରିଛନ୍ତି। ଗିରଫ ପରେ ତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଭୁବନେଶ୍ୱରରେ ରହୁଥିବା ଯାଜପୁରର ଅମିତ କୁମାର ବେହୁରିଆ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ତାଙ୍କ କାର୍‌ଟିକୁ ମଧ୍ୟ ଜବତ କରାଯାଇଥିବା ସୂଚନା ଦିଆଯାଇଛି। ସୂଚନାନୁସାରେ, ବୁଧବାର ମଧ୍ୟ ରାତ୍ରିରେ ଲକ୍ଷ୍ମୀସାଗର ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଥାନାର ପୋଲିସ ଟିମ ଲକ୍ଷ୍ମୀସାଗର ଛକରେ ରାତ୍ରିକାଳୀନ ଯାଞ୍ଚ ପ୍ରକ୍ରିୟା ଜାରି ରଖିଥିଲେ। ରାତି ପ୍ରାୟ ୧ଟା ୧୦ରେ ଅଭିଯୁକ୍ତ ଅମିତ ଦ୍ରୁତ ଗତିରେ ବେପରୁଆ ଭାବରେ କାର ଚଳାଇ ଆସୁଥିବା ଦେଖି ଉପସ୍ଥିତ ପୋଲିସ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ସେ କାର୍ ନ ଅଟକାଇ ସିଧା ପୋଲିସ ଷ୍ଟପ୍ ବୋର୍ଡକୁ ଧକ୍କା ଦେଇ ଫେରାର ହୋଇଯାଉଥିଲେ। ଫଳରେ ସେଠାରେ ଉପସ୍ଥିତ ଥିବା ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଏହାପରେ ଅନ୍ୟ କର୍ମଚାରୀମାନେ ଅଭିଯୁକ୍ତଙ୍କ ପିଛା କରି କାବୁ କରିବାରେ ସକ୍ଷମ ହୋଇଥିଲେ। ଅଭିଯୁକ୍ତଙ୍କୁ ଯାଞ୍ଚ ବେଳେ ସେ ନିଶା ସେବନ କରି ଗାଡି ଚାଳନା କରୁଥିବା ଜଣାପଡିବା ପରେ ଅଭିଯୁକ୍ତଙ୍କ କାର ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଥିଲା।




ଅସ୍ତରଙ୍ଗ ବ୍ଲକ ମା' ଡାଳଖାଇ କରାଟେ ସ୍କୁଲ ଦ୍ୱାରା ଆୟୋଜିତ ଆତ୍ମରକ୍ଷା କୌଶଳ ତାଲିମ ଶିବିରରେ ଅତିଥିଙ୍କ ସହ ପ୍ରଶିକ୍ଷାର୍ଥୀମାନେ ।

### ଡ. ଦିନନାଥ ପାଠୀଙ୍କ ୮୨ତମ ଜୟନ୍ତୀ

ଭୁବନେଶ୍ୱର,୯।୫(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ବିଭୂତି କାନୁନ୍‌ଗୋ ଚାରୁ ଚାରୁକଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଦିନନାଥ ପାଠୀଙ୍କ ୮୨ତମ ଜୟନ୍ତୀ ସଂସ୍କୃତି ବିଭାଗ ପକ୍ଷରୁ ମହାବିଦ୍ୟାଳୟସ୍ଥିତ ପ୍ରତିମୂର୍ତ୍ତିଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପାଠୀଙ୍କ ଗୁଣାବଳୀର ସ୍ମୃତିଚାରଣ କରିବା ସହ ତାଙ୍କ ଉଦ୍ୟମରେ ରାଜ୍ୟର ଚିତ୍ରକଳା ବିକଶିତ ହୋଇଥିଲା ବୋଲି ଉପସ୍ଥିତ ବ୍ୟକ୍ତିବିଶେଷ ମତ ରଖିଥିଲେ। ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ପ୍ରଥମେ ଏକ ଶୋଭାଯାତ୍ରାରେ ଛାତ୍ରୀଛାତ୍ର ଓ ଅଧ୍ୟାପକ ମଣ୍ଡଳୀ ମହାବିଦ୍ୟାଳୟ ପରିକ୍ରମା କରିଥିଲେ। ପରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଗଜେନ୍ଦ୍ର କୁମାର ପାଢ଼ୀ, ପୂର୍ବତନ ଅଧ୍ୟକ୍ଷ ଜୟନ୍ତ କୁମାର ଦାସ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଅଧ୍ୟାପକ ଚନ୍ଦ୍ରଶେଖର ସେଠୀ, ଚୌଧୁରୀ ଆଶିଷ ଶରଣ, ପ୍ରଦୀପ କୁମାର ପାତ୍ରୋ, ଛତ୍ରପତି ବିଶ୍ୱାଳ, ମୀନକେତନ ପଟ୍ଟନାୟକ, ଉମେଶ ନାୟକ, ରାଜକୁମାର ସୁବୁଦ୍ଧି, ଅନ୍ତର୍ଯାମୀ ଦାସ, ଅମିତ୍ ପାତାଳସିଂହଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

### ଆତ୍ମରକ୍ଷା କୌଶଳ ତାଲିମ ଶିବିର

ଅସ୍ତରଙ୍ଗ,୯।୫(ପ୍ରଦୀପ୍ତ କୁମାର ଦୀକ୍ଷିତ):

ଅସ୍ତରଙ୍ଗ ବ୍ଲକ ମା' ଡାଳଖାଇ କରାଟେ ସ୍କୁଲ ଦ୍ୱାରା ଆୟୋଜିତ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ଶିକ୍ଷାବିତ୍ ଅକ୍ଷୟ ଲେଙ୍କା, ସାମାଜିକ କର୍ମୀ ଝରେନ୍ଦ୍ର ବିଶ୍ୱାଳ, ଜ୍ୟୋତିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ କୁନି କୁନି ପିଲାଙ୍କୁ କରାଟେ ଶିକ୍ଷା ପ୍ରଦାନ କରୁଥିବା ପ୍ରଶିକ୍ଷକ ନାରାୟଣ ଦାସ ଉପସ୍ଥିତ ଥିଲେ। ଶରୀରକୁ କିଭଳି ରୋଗମୁକ୍ତ ରଖାଯାଇପାରିବ ସେ ନେଇ ବହୁମୂଲ୍ୟ ପରାମର୍ଶ ଦେଇଥିଲେ। କୃତିତ୍ୱ ଅର୍ଜନ କରିଥିବା ପିଲାଙ୍କ ମଧ୍ୟରୁ ସୋମ୍ୟଜିତ ଲେଙ୍କା ଓ ଏସ୍. କେ. ଫରଦାଉଦିନଙ୍କୁ ବ୍ଲାକ ବେଲ୍ଟ ସହ ୧୨ଜଣଙ୍କୁ ହଳଦିଆ ବେଲ୍ଟ, ୫ଜଣଙ୍କୁ ସବୁଜ ବେଲ୍ଟ, ୭ଜଣଙ୍କୁ ବାଇଗଣୀ ବେଲ୍ଟ ଓ ୮ଜଣଙ୍କୁ ବାଦାମୀ ରଙ୍ଗର ବେଲ୍ଟ ପ୍ରଦାନ କରାଯିବା ସହ ମାନପତ୍ର ପ୍ରଦାନ କରାଯାଇଥିଲା।

# ୨୧କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୩ ଗିରଫ

ବାଣପୁର,୯।୫(ଦିଲୀପ ସ୍ୱାଇଁ)

ବାଲୁଗାଁ ଅବକାରୀ ବିଭାଗ ଗୁରୁବାର ୨୧ କେଜି ୧୫୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶର ଫଇଜାଲ(୨୬), ମୁସାରଫ(୨୩) ଏବଂ ଜିସାନ(୨୨)। ସୂଚନା ମୁତାବକ, ୧୬ ନମ୍ବର ଜାତୀୟ ରାଜପଥର ସୁନାଖେଳା ଓଭରବ୍ରିଜ ନିକଟରେ ୩ଜଣ ଯୁବକ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିଲେ। ଖବରପାଇ ବାଲୁଗାଁ ଅବକାରୀ ଅଧିକାରିଣୀ ସ୍ମିତା ପଣ୍ଡା ଓ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଧରିବା ସହ ଗଞ୍ଜେଇ ଜବତ କରିଥିଲେ। ତେବେ ଅଭିଯୁକ୍ତମାନେ ଗଞ୍ଜେଇ କେଉଁଠୁ ଆଣିଲେ ଏବଂ କେଉଁଆଡେ ନେଉଥିଲେ ସେ ନେଇ ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।



# ଗୋରୁ ବୋଝେଇ ଗାଡ଼ି ଜବତ

ବାଣପୁର,୯।୫(ଦିଲୀପ ସ୍ୱାଇଁ)

ନାଚୁଣୀ ଥାନା ପୋଲିସ ଗୁରୁବାର ଏକ ଗୋରୁ ବୋଝେଇ ଗାଡ଼ିକୁ ଜବତ କରିଛି। ୬୫ଟି ଗୋରୁଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଗାଡ଼ି ଚାଳକ ଓ ହେଲ୍ପର ଫେରାର ହୋଇଯାଇଥିଲେ। ସୂଚନା ମୁତାବକ, ଟାଙ୍ଗୀ ଥାନା ଅନ୍ତର୍ଗତ ଦୀକ୍ଷିତପଡ଼ା ଅଞ୍ଚଳରୁ ଏକ ଗୋରୁ ବୋଝେଇ ଗାଡି (ଟିଏସ୍ ୦୮ ୟୁକେ ୨୯୫୭)ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିବା ନେଇ ବଜରଙ୍ଗ ଦଳର କର୍ମକର୍ତ୍ତା ଖବରପାଇ ପିଛା କରିଥିଲେ। ନାଚୁଣୀ ଥାନା ନିକଟରେ ଗାଡି ଅଟକାଇବା ବେଳେ ଘଟଣାସ୍ଥଳରୁ ଗାଡି ଚାଳକ ଓ ହେଲ୍ପର ଫେରାର ହୋଇଯାଇଥିଲେ। ଖବରପାଇ ନାଚୁଣୀ ପୋଲିସ ପହଞ୍ଚିବା ପରେ ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ଗୋରୁଙ୍କୁ ଉଦ୍ଧାର କରି ପୋଲିସ ଜିମା ଦେଇଥିଲେ। ଉଦ୍ଧାର ଗୋରୁଙ୍କୁ ସ୍ଥାନୀୟ ଏକ ଗୋଶାଳାରେ ଛଡ଼ାଯାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୬୮/୨୪)ରୁଜୁକରି ଅଧିକ ତଦନ୍ତ ଚଳାଇଛି।




# ଚାଷଜମିରେ ପହଞ୍ଚୁନି ପାଣି, ଚାଷୀ ନିରାଶ

ନିରାକାରପୁର,୯।୫ (ମାନସ ଚନ୍ଦ୍ର ପଟ୍ଟନାୟକ)

ଚାଷ ଓ ଚାଷୀଙ୍କ ଉନ୍ନତି ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ତଳସ୍ତରରେ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତ ଦେଇ ଯାଇଥିବା କେନାଲ କ୍ଷେତ୍ରରେ ଦେଖିବାକୁ ମିଳିଛି। ଏହି କେନାଲଟି ପୋତିହୋଇଯିବାରୁ ଏବେ ଚାଷୀଙ୍କ କାମରେ ଲାଗି ପାରୁନାହିଁ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ସୂଚନାଥାଉ କି, ରାମେଶ୍ୱର ବ୍ୟାରେଜଠାରୁ ଲେଣ୍ଡୋ ପଞ୍ଚାୟତ ଅନ୍ତର୍ଗତ ଭୂଷଣ୍ଡପୋଖରୀ ଓ ଫୁଲଦୋଳ ପଡିଆ ଦେଇ କଣାସ ବ୍ଲକର ମୈତ୍ରତ୍ରିଲୋଚନପୁର ପର୍ଯ୍ୟନ୍ତ କେନାଲ ଖୋଳାଯାଇଥିଲା। ଏହି କେନାଲ ଯୋଗୁ ସ୍ଥାନୀୟ ଲେଣ୍ଡୋ ପଞ୍ଚାୟତ ଅନ୍ତର୍ଗତ ଗୋପୀନାଥପୁର, ପାଟପୁର, ଆସେଲି, ଆରେଡ଼ି, ଅରାଞ୍ଚଳ ଏପରିକି କଣାସ ବ୍ଲକର ମୈତ୍ର-ତ୍ରିଲୋଚନପୁର ଆଦି ଅଞ୍ଚଳର ଚାଷୀମାନେ ଉପକୃତ ହେଉଥିଲେ। ଧାନ ଫସଲ ପରେ ଏହି କେନାଲ କୂଳବର୍ତ୍ତୀ ଅଞ୍ଚଳରେ ବିଭିନ୍ନ ପନିପରିବା ଚାଷ କରି ଚାଷୀ ଉପକୃତ ହେଉଥିଲେ। ହେଲେ ଗତ 'ଫନୀ' ବାତ୍ୟା ପରଠାରୁ ବିଭାଗୀୟ ଅଧିକାରୀମାନଙ୍କ ଦୂରଦୃଷ୍ଟି ଅଭାବରୁ ଏବେ ଏହି କେନାଲ ପୋତି ହୋଇ ଅସ୍ତିତ୍ୱ ହରାଇ ବସିଛି। ଫଳରେ ଦୀର୍ଘ ୫ବର୍ଷ ହେବ ଏହି କେନାଲଟି ଲୋକଙ୍କ କାମରେ ଲାଗୁନାହିଁ। ତେବେ କେନାଲ ପୋତି ହୋଇଯିବାରୁ ଏବେ ବର୍ଷା ଜଳ କେନାଲକୁ ଯିବା ପରିବର୍ତ୍ତେ ବିଭିନ୍ନ ସ୍ଥାନରେ ଜମି ରହୁଛି। ଅନ୍ୟପଟେ ଆବଶ୍ୟକ ଅନୁସାରେ ଜମିକୁ ପାଣି ଯାଇ ନ ପାରିବାରୁ ଧାନଚାଷ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଛି ବୋଲି ଅଶୋକ କୁମାର ରାଉତରାୟ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସଦାଶିବ ପ୍ରଧାନ ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି। କେନାଲ ପୋତି ହୋଇଯାଇଥିବା ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏପରିକି ଉକ୍ତ କେନାଲର ପୁନଉଦ୍ଧାର ନ ହେବାରୁ ଲେଣ୍ଡୋ ଛକସ୍ଥିତ ନୂଆ ଜଗନ୍ନାଥ ସଡ଼କ ଠାରୁ ଫୁଲଦୋଳ ପଡିଆ ପର୍ଯ୍ୟନ୍ତ ଆସିଥିବା ଏହି କେନାଲର ଉଭୟ ପାର୍ଶ୍ୱ ଏବେ ଜବର ଦଖଲକାରୀଙ୍କ କବ୍‌ଜାରେ ରହିଛି। ସମୟକ୍ରମେ ଏହି କେନାଲ ଅଧିକାଂଶ ସ୍ଥାନରେ ପୋତି ହୋଇଯିବାରୁ ଆଉ ଚାଷୀଙ୍କ କାର୍ଯ୍ୟରେ ଲାଗିପାରୁନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।ତୁରନ୍ତ ଉକ୍ତ କେନାଲର ପୁନଉଦ୍ଧାର ସହ ଜବରଦଖଲ ମୁକ୍ତ କରିବା ନିମନ୍ତେ ଚାଷୀ ସୁଶାନ୍ତ ବିଶ୍ୱାଳ, ମହେନ୍ଦ୍ର ବିଶ୍ୱାଳ, କେଦାର ଛୋଟରାୟ, ସଚ୍ଚି ବିଶ୍ୱାଳ, ଡମ୍ବରୁ ନାୟକ ପ୍ରମୁଖ ନିବେଦନ କରିଛନ୍ତି । ଏ ସମ୍ପର୍କରେ ଏସ୍‌ଡିଓ କୃଷ୍ଣ ଚନ୍ଦ୍ର ସେଠୀ କହିଛନ୍ତି, ନିର୍ବାଚନ କାର୍ଯ୍ୟ ସରିଲେ କେନାଲର ପୁନଉଦ୍ଧାର ପାଇଁ ପଦକ୍ଷେପ ନିଆଯିବ।

# ନଡ଼ିଆ ଗଛରେ ଅଜଣା ରୋଗ

କଣାସ,୯।୫(ବିଭୂତି ଭୂଷଣ ତ୍ରିପାଠୀ)

ଅର୍ଥକରୀ ଫସଲ ନଡ଼ିଆ ଗଛରେ ଅଜଣା ରୋଗ ଲାଗି ରହିଥିବାରୁ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ବିଶେଷକରି ଚିଲିକା ଉପକୂଳ ଦୋଛିଆଁ, ଅଡାଲ, ବଡାଲ, ଗୋପୀନାଥପୁର, କାଦୁଆ, ଗଡିଶାଗୋଦା, ଯାମଳଗୋଦା, ଅଳିବାଡ଼, ଖଣ୍ଡହତା, ସାହୁପଡ଼ା, ଗଡ଼ଖାରଦ, ଦେଇପୁର, ବକୁ, ଚୁପୁରିଙ୍ଗି ପ୍ରଭୃତି ଗ୍ରାମପଞ୍ଚାୟତର



ରୋଗଗ୍ରସ୍ତ ନଡ଼ିଆ ଗଛ।

### ପ୍ରତିକାର କରିପାରୁ ନ ଥିବାରୁ ଚିନ୍ତାରେ ଚାଷୀ

ପ୍ରତ୍ୟେକ ଗ୍ରାମରେ ଥିବା ହଜାର ହଜାର ନଡ଼ିଆ ଗଛରେ ଏପରି ଅଜଣା ରୋଗ ହୋଇଛି, ଯେଉଁଥିରେ ପତ୍ରଗୁଡ଼ିକ ଶୁଖିଯାଉଛି। ଅନେକ ଗଛ ଏହି ରୋଗରେ ମରିଯାଉଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଉଦ୍ୟାନ ବିଭାଗ କଣାସ ବ୍ଲକ ଅଧିକାରୀ ଲକ୍ଷ୍ମୀଧର ପ୍ରହରାଜଙ୍କୁ ପଚାରିବାରେ, ଏହା ଏକ ଜଉଜନିତ ରୋଗ। ଏହାର ପ୍ରତିକାର ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏହାର ନିରାକାରଣ ପାଇଁ ନଡ଼ିଆ ଗଛ ଅଗିଲାର ପତ୍ରରେ ଔଷଧ ସ୍ପ୍ରେ କରାଗଲେ ଗଛଟି ରୋଗମୁକ୍ତ ହୋଇପାରିବ। ଉଦ୍ୟାନ ବିଭାଗର କାର୍ଯ୍ୟାଳୟ କଣାସ ବ୍ଲକରେ ନାହିଁ। ଉଦ୍ୟାନ ବିଭାଗ ଅଧିକାରୀମାନେ ବିଭିନ୍ନ ସ୍ଥାନକୁ ଯାଉଥିବାରୁ ଚାଷୀମାନେ ଅଧିକାରୀଙ୍କୁ ପାଉ ନ ଥିବା ଅଭିଯୋଗ କରିଛନ୍ତି।

# କଳିକତି ଦଳରେ ପରିପୂର୍ଣ୍ଣ ଖରଖରା ନାଳ

କଣାସ,୯।୫(ବିଭୂତି ଭୂଷଣ ତ୍ରିପାଠୀ)

କେନ୍ଦ୍ର ଓ ରାଜ୍ୟ ସରକାର ନଦୀନାଳର ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ କଣାସ ବ୍ଲକର ଦୟା ଓ ଲୁଣାନଦୀର ମଧ୍ୟବର୍ତ୍ତୀ ୧୧ଟି ପଞ୍ଚାୟତର ବର୍ଷା ଓ ବନ୍ୟାଜଳ ନିଷ୍କାସନ ପାଇଁ ଥିବା ଖରଖରା ନାଳଟି କଳିକତି ଦଳରେ ପରିପୂର୍ଣ୍ଣ ହୋଇଯାଇଛି। ଫଳରେ ଚଳିତବର୍ଷର ବର୍ଷା ଓ ବନ୍ୟାଜଳ ନିଷ୍କାସନରେ ବାଧକ ସାଜୁଛି। ତ୍ରିଲୋଚନପୁର, କଣାସ, ସିରେଇ, ବିଜିପୁର, ଅଣ୍ଡରସିଂହ, ଗଡ଼ସାହି, ଖଣ୍ଡହତା, ଆଳିବାଡ଼, ଯାମଳଗୋଦା, ଗଡ଼ିଶାଗୋଦା ଗ୍ରାମ ପଞ୍ଚାୟତର ୭୯ଟି ଗ୍ରାମର ଧାନଜମିରେ ଆଗାମୀ ବର୍ଷାଋତୁରେ ବର୍ଷା ଓ ବନ୍ୟାଜଳ ଲହଡ଼ି ମାରିବାର ସମ୍ଭାବନା ରହିଛି। ଦୟା ଓ ଲୁଣାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଏହି ୧୧ଟି ଗ୍ରାମପଞ୍ଚାୟତର ବର୍ଷା ଓ ବନ୍ୟାଜଳ



ନାଳରେ ଜମି ରହିଥିବା କଳିକତି ଦଳ।

ନିଷ୍କାସନ ପାଇଁ କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ ଗୋଟିଏ ନାଳ ବଣାଗାଁ ଜଗନ୍ନାଥ ସଡ଼କ, ଦାମୋଦରପୁର, ଦୁପୁର ଏବଂ ବ୍ରହ୍ମପଡ଼ା ଦେଇ ଚିଲିକା ମଧ୍ୟକୁ ଜଳ ନିଷ୍କାସନ ପାଇଁ ୧୪କି.ମି. ଧରି ରହିଛି। ପ୍ରତିବର୍ଷ ଉକ୍ତ ନାଳରେ କଳିକତି ଦଳ ଜମା ହୋଇ ପଚି ପୋତି ହୋଇପଡୁଥିବାବେଳେ ଚଳିତବର୍ଷ

### ବର୍ଷା ଜଳ ନିଷ୍କାସନରେ ବାଧକ

କଳିକତି ଦଳ ପୂର୍ଣ୍ଣହୋଇ ଯିବାରୁ ବର୍ଷା ଓ ବନ୍ୟାଜଳ ନିଷ୍କାସନରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବାର ସମ୍ଭାବନା ରହିଛି। ପ୍ରତ୍ୟେକ ବର୍ଷ ଏହି ଅଞ୍ଚଳର ଚାଷୀ ବର୍ଷା ଓ ବନ୍ୟାଜଳ ଜମି ରହୁଥିବାରୁ ଶାରଦ ଫସଲ ହରାଇ ଚାଷୀ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଏହି ନାଳଟି ଡ୍ରେନେଜ୍ ବିଭାଗର ହୋଇଥିବାରୁ, ଡ୍ରେନେଜ୍ ବିଭାଗର ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ଜେନାଙ୍କୁ ପଚାରିବାରୁ, ଦଳ ସଫା କରିବାକୁ ଆମର କୌଣସି ଆର୍ଥିକ ବ୍ୟବସ୍ଥା ନାହିଁ। କିନ୍ତୁ ନାଳଗୁଡ଼ିକ ପ୍ରତି ୫ ବର୍ଷରେ ଥରେ ଲେଖାଏଁ ଖୋଳା ହେବାର ବ୍ୟବସ୍ଥା ରହିଛି। ୪ ବର୍ଷ ହେଲା ଖୋଳା ହୋଇ ନ ଥିବାରୁ ନାଳଗୁଡ଼ିକ ପୋତି ହୋଇଯାଇଛି।

# ପ୍ରକାଶ ପାଇଲା ଚୂଡ଼ାନ୍ତ ପ୍ରାର୍ଥୀ ତାଳିକା

**କଟକ,୯।୫ (କାର୍ତ୍ତିକ ସାହୁ)**

କଟକ ଲୋକ ସଭା ନିର୍ବାଚନମଣ୍ଡଳୀ ସମେତ ବଡ଼ମ୍ବା, ବାଙ୍କୀ, ଆଠଗଡ଼, ବାରବାଟୀ-କଟକ, ଚୌଦ୍ୱାର-କଟକ ଓ କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଗୁରୁବାର ପ୍ରକାଶ ପାଇଛି। ଏପ୍ରିଲ ୨୯ରେ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇ ମେ' ୬ ତାରିଖରେ ଶେଷ ହୋଇଛି। ଏଥିସହ ୭ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ କରାଯାଇଛି। ଗୁରୁବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଏହିସବୁ ଆସନଗୁଡ଼ିକରେ ଆସନ୍ତା ୨୫ ତାରିଖରେ ଭୋଟ ଗ୍ରହଣ କରାଯିବ ଏବଂ ଜୁନ୍ ୪ ତାରିଖରେ ଫଳ ପ୍ରକାଶ ପାଇବ।

ସୂଚନା ଅନୁସାରେ, କଟକ ଲୋକ ସଭା ଆସନ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ସ୍ୱାଧୀନ ପ୍ରାର୍ଥୀ ବିରଞ୍ଚି ନାରାୟଣ ମହାରଣା ଗୁରୁବାର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ଫଳରେ କଟକ ସଂସଦୀୟ କ୍ଷେତ୍ର ପାଇଁ ମୋଟ ୧୦ ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀରୁ କେହି ପ୍ରାର୍ଥୀ ନାମାଙ୍କନପତ୍ର ପ୍ରତ୍ୟାହାର କରିନାହାନ୍ତି। ଫଳରେ ଏହି ଆସନ ପାଇଁ ୪ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ଦୀପକ କୁମାର ବାରିକ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ମାତ୍ର ବାରବାଟୀ-କଟକ ନିର୍ବାଚନମଣ୍ଡଳୀରୁ କେହି ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନାହାନ୍ତି। ତେଣୁ ବାରବାଟୀ-କଟକରୁ ୧୩ ଓ ଚୌଦ୍ୱାର-କଟକରୁ ୧୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବା ନିମନ୍ତେ ତାଲିକା ପ୍ରକାଶ ପାଇଛି। ବାଙ୍କୀ ନିର୍ବାଚନମଣ୍ଡଳୀରୁ କେହି ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନାହାନ୍ତି। ଫଳରେ ଏଠାରେ ୮ ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିବା ସ୍ପଷ୍ଟ ହୋଇଛି। ଆଠଗଡ଼ ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ନମିତା ଖୁଣ୍ଟିଆ ଓ ଶଙ୍କର୍ଷଣ ମହାନ୍ତି ଏବଂ ବଡ଼ମ୍ବା ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଦୁର୍ଗାପ୍ରିୟା ଦଳବେହେରା ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ଫଳରେ ଆଠଗଡ଼ରେ ୧୨ ଓ ବଡ଼ମ୍ବାରେ ୧୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ।

**ଚୂଡ଼ାନ୍ତ ତାଲିକାରେ ପ୍ରାର୍ଥୀ**

କଟକ ଲୋକ ସଭା ସଂସଦୀୟ କ୍ଷେତ୍ର ପାଇଁ ଭାଜପାର ଭର୍ତ୍ତୃହରି ମହତାବ, କଂଗ୍ରେସର ସୁରେଶ ମହାପାତ୍ର, ବିଜେଡିର ସଂତୃପ୍ତ ମିଶ୍ର, ବହୁଜନ ସମାଜବାଦୀ ପାର୍ଟିର ପ୍ରମୋଦ କୁମାର ମଲ୍ଲିକ୍, କୃପା ପାର୍ଟିର ପ୍ରକାଶ ଚନ୍ଦ୍ର ସାହୁ, ସମୃଦ୍ଧ ଓଡ଼ିଶାର ମିନତି ପଟ୍ଟନାୟକ, ସୋସିଆଲିଷ୍ଟ ୟୁନିଟ୍ ସେଣ୍ଟର ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟ)ର ରାଜକିଶୋର ମଲ୍ଲିକ, ସ୍ୱାଧୀନ ପ୍ରାର୍ଥୀ ଗୋକୁଳାନନ୍ଦ ମିଶ୍ର, ନିରଞ୍ଜନ ପତି ଓ ଶୋଭା ପାଣ୍ଡେ ପ୍ରତିଦ୍ୱନ୍ଦ୍ୱିତା କରିବେ।

**କଟକ: ଶେଷ ହେଲା ପ୍ରାର୍ଥିପତ୍ର ପ୍ରତ୍ୟାହାର**

ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କଂଗ୍ରେସର ସୋଫିଆ ଫିର୍ଦ୍ଦୋଶ, ବିଜେଡିର ପ୍ରକାଶ ଚନ୍ଦ୍ର ବେହେରା, ଆମ୍ ଆଦ୍‌ମୀ ପାର୍ଟିର ଅଶୋକ କୁମାର ଷଡ଼ଙ୍ଗୀ, ସମୃଦ୍ଧ ଓଡ଼ିଶାର ଆରିଫ୍ ଖାନ୍, ସୋସାଲିଷ୍ଟ ୟୁନିଟ୍ ସେଣ୍ଟର ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟ)ର ଅକ୍ଷୟ କୁମାର ରାଉତ, ସ୍ୱାଧୀନ ପ୍ରାର୍ଥୀ ନରସିଂହ ପତି, ନୀଳମାଧବ ଦାଶ, ପ୍ରଶାନ୍ତ କୁମାର ରାଉତ, ରାଜେଶ କୁମାର ପାତ୍ର, ପ୍ରକାଶ ଚନ୍ଦ୍ର ବେହେରା, ସଞ୍ଜିତ୍ କୁମାର ସାମଲ ଓ ଶୋଭା ପାଣ୍ଡେ ନିର୍ବାଚନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ।

ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାର ନୟନ କିଶୋର ମହାନ୍ତି, କଂଗ୍ରେସର ମୀରା ମଲ୍ଲିକ, ବିଜେଡିର ସୌଭିକ୍ ବିଶ୍ୱାଳ, ଆମ୍ ଆଦ୍‌ମୀ ପାର୍ଟିର ବିଜୟଲକ୍ଷ୍ମୀ ମହାପାତ୍ର, ବହୁଜନ ସମାଜବାଦୀ ପାର୍ଟିରେ ମନୋରଞ୍ଜନ ଦଳାଇ, ସୋସାଲିଷ୍ଟ ୟୁନିଟ୍ ସେଣ୍ଟର ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟ)ର ଖଗେଶ୍ୱର ସେଠୀ, ସମୃଦ୍ଧ ଓଡ଼ିଶାର ଲୁଲୁ ବିଶ୍ୱାଳ, ସ୍ୱାଧୀନ ପ୍ରାର୍ଥୀ ବିପ୍ଲବ ନନ୍ଦ, ରଞ୍ଜିତ ମଲ୍ଲିକ, ରୂପାଲି ଲେଙ୍କା, ଶୋଭା ପାଣ୍ଡେ, ସୁକାନ୍ତ ଚନ୍ଦ୍ର ସାହାଣୀ ନିର୍ବାଚନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ।

କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିର ଚନ୍ଦ୍ରସାରଥି ବେହେରା, କଂଗ୍ରେସର ରାମଚନ୍ଦ୍ର ଗୋଛାୟତ, ଭାଜପାର ପ୍ରକାଶ ଚନ୍ଦ୍ର ସେଠୀ, ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟ)ର ପରମାନନ୍ଦ ସେଠୀ ନିର୍ବାଚନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ।

ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପାର ତୁଷାରକାନ୍ତ ଚକ୍ରବର୍ତ୍ତୀ, କଂଗ୍ରେସର ଦେବାଶିଷ ପଟ୍ଟନାୟକ, ବିଜେଡିର ଦେବୀରଞ୍ଜନ ତ୍ରିପାଠୀ, କୃପା ପାର୍ଟିର ପ୍ରକାଶ ଚନ୍ଦ୍ର ସାହୁ, ମାନସ ଲୋକଶକ୍ତି ଦଳର ମମତା ଜେନା, ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟ)ର ମାଳବିକା ସାମଲ, ନ୍ୟାଶନାଲ ଆପ୍‌ନୀ ପାର୍ଟିର ସୁବାସ ଚନ୍ଦ୍ର ରାଉତ, ସ୍ୱାଧୀନ ପ୍ରାର୍ଥୀ ଭିକାରି ଦେବତା ନିର୍ବାଚନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ।

ଆଠଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିର ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଭାଜପାର ଅଭୟ କୁମାର ବାରିକ, କଂଗ୍ରେସର ସୁଦର୍ଶନ ସାହୁ, ସମୃଦ୍ଧ ଓଡ଼ିଶାର ଦିବ୍ୟସିଂହ ମିଶ୍ର, ଆମ୍ ଆଦ୍‌ମୀ ପାର୍ଟିର ଦେବୀ ପ୍ରସାଦ ମହାପାତ୍ର, କଳିଙ୍ଗ ନ୍ୟାଶନାଲ ପାର୍ଟିର ଗଗନ ବିହାରୀ ରାଉତ, ନ୍ୟାଶନାଲ ଆପ୍‌ନୀ ପାର୍ଟିର ସନ୍ତୋଷ କୁମାର କର, ବହୁଜନ ସମାଜବାଦୀ ପାର୍ଟିର ଗଣେଶ୍ୱର ସାହୁ, ସୁପ୍ରିମ ଜିରୋ ପାର୍ଟିର ପ୍ରଚେତା ପରମାଣିକ, ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର କୁମାର ମହାନ୍ତି, ବିଜୟ କୁମାର ପରିଡ଼ା, ହରିହର ସାହୁ ନିର୍ବାଚନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ।

ବଡ଼ମ୍ବା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିର ଦେବୀ ପ୍ରସାଦ ମିଶ୍ର, ଭାଜପାର ସମ୍ବିତ୍ ତ୍ରିପାଠୀ, କଂଗ୍ରେସର ସଞ୍ଜୟ କୁମାର ସାହୁ, କଳିଙ୍ଗ ନ୍ୟାଶନାଲ ଫ୍ରଣ୍ଟର ସରୋଜ କୁମାର କରନ୍, ସମୃଦ୍ଧ ଓଡ଼ିଶାର କୈଳାଶ ଚନ୍ଦ୍ର ନାୟକ, ସ୍ୱାଧୀନ ପ୍ରାର୍ଥୀ ପ୍ରସାଦ କୁମାର ନାୟକ, ମନୋରଞ୍ଜନ ବେହେରା, ବିଜୟ କୁମାର ଦଳବେହେରା, ଯୁଗଳ କିଶୋର ରାଉତ, ମନୋଜ କୁମାର ନନ୍ଦ ନିର୍ବାଚନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ।

## ରାଧାଗୋବିନ୍ଦ ରାୟ ଗ୍ରାଣ୍ଡସନ୍‌ରେ ରିହାତି ଅଫର



**ଭୁବନେଶ୍ୱର,୯।୫(ଅନୁରାଧା ମହାରଣା)**

ଅକ୍ଷୟ ତୃତୀୟା ଅବସରରେ ଗହଣା ପ୍ରତିଷ୍ଠାନ ରାଧାଗୋବିନ୍ଦ ରାୟ ଗ୍ରାଣ୍ଡସନ୍ ପକ୍ଷରୁ ସ୍ୱତନ୍ତ୍ର ଅଫର ଘୋଷଣା କରାଯାଇଛି। ଅକ୍ଷୟ ତୃତୀୟା ପରି ଏକ ଶୁଭଦିନରେ ଗ୍ରାହକ ସୁନା କିଣିବାକୁ ଆଗ୍ରହ ପ୍ରକାଶ କରୁଥିବାବେଳେ ଶୋ'ରୁମ୍ ପକ୍ଷରୁ ରିହାତି ଯୋଜନା କରାଯାଇଛି। ସୁନାଗହଣାର ଗ୍ରାମ୍ ପ୍ରତି ୭୪୯ ଟଙ୍କା ଓ ହୀରା ଗହଣାର ଗଢ଼ା ମଜୁରି ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଉପଲବ୍ଧ ରହିଛି। ଏହା ସହ ଗ୍ରାହକମାନଙ୍କୁ ନୂଆ ସୁନାଗହଣା କିଣିବା ପରେ କମ୍ପ୍ଲିମେଣ୍ଟାରି ଇନ୍‌ସ୍ୟୁରାନ୍ସ ଓ ପୁରୁଣା ଗହଣା ବଦଳାଇଲେ ଗ୍ୟାରେଣ୍ଟେଡ୍ ବାଏ ବ୍ୟାକ୍ ଯୋଜନା ପ୍ରଚଳିତ ଅଛି। ହୀରା ଗହଣାରେ ୧୦୦ ପ୍ରତିଶତ ଏଚ୍‌ୟୁଆଇଡି ମାର୍କର ଗହଣା ସହ ସାର୍ଟିଫାଏଡ୍ ଡାଇମଣ୍ଡ ଇତ୍ୟାଦି ପାଇପାରିବେ। ଏହି ଅବସରରେ ନିମଚୌଡ଼ିସ୍ଥିତ ସୁନା ଓ ହୀରାର ଏହି ଶୋ'ରୁମ୍‌ର ସ୍ୱତ୍ୱାଧିକାରୀ ସୌରଭ ରାୟ କହନ୍ତି, ଗ୍ରାହକମାନଙ୍କୁ ଆକର୍ଷଣୀୟ ଡିଜାଇନ ଓ ଚାହିଦା ମୁତାବକ ଗହଣା ଯୋଗାଇଦେବାରେ ଆମ ପ୍ରତିଷ୍ଠାନ ବେଶ୍ ଲୋକପ୍ରିୟ ହୋଇପାରିଛି। ସଂସ୍ଥାର ଅନ୍ୟତମ ଯୁବ ଉଦ୍ୟୋଗୀ ଶୁଭାଶିଷ ରାୟ କହିଛନ୍ତି, ଅକ୍ଷୟ ତୃତୀୟା ପାଇଁ କେତେକ ନୂଆ ଡିଜାଇନର ଗହଣା ଯଥା କ୍ୟୁବନ ଚେନ୍, ଚୋକୋ, ଇଣ୍ଡୋଚୋକୋ, ଭୋଲେକ୍ସ ନୱାଇ, ଲୋଟୋସ୍ ତଥା ହାତିଆରି ଚେନ୍ ଆଦି ଉପଲବ୍ଧ ଅଛି। ସବୁ ବର୍ଗର ଗ୍ରାହକମାନଙ୍କୁ ମନଲୋଭା ଗହଣା ଯୋଗାଇଦେବା ପାଇଁ ଆମ ପ୍ରତିଷ୍ଠାନ ଭରସାଯୋଗ୍ୟ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଟ୍ରେନ୍‌ରେ ଛାଡ଼ିଯାଇଥିବା ବ୍ୟାଗ୍ ଫେରିପାଇଲେ ଯୁବକ

**କଟକ,୯।୫ (ଦିବାକର ସାହୁ)**

ଟ୍ରେନ୍‌ରୁ ଜବତ କରାଯାଇଥିବା ଏକ ବ୍ୟାଗକୁ କଟକ ରେଳ ସୁରକ୍ଷା ବଳ(ଆର୍‌ପିଏଫ୍) ସମ୍ପୃକ୍ତ ଯୁବକଙ୍କୁ ଫେରାଇଛି। ଝାଡ଼ଖଣ୍ଡ ବୋକାରୋର ବଣ୍ଟି କୁମାର ନାମକ ଯୁବକ ପୁରୁଷୋତ୍ତମ ଏକ୍ସପ୍ରେସ୍‌ରେ ଯାତ୍ରା କରୁଥିବାବେଳେ ବ୍ୟାଗ୍ ଛାଡି ଚାଲି ଯାଇଥିଲେ। ଫଳରେ ଆର୍‌ପିଏଫ୍ ପକ୍ଷରୁ ଟ୍ରେନ୍ ଚେକିଂ କରାଯାଉଥିବାବେଳେ ଉକ୍ତ ବ୍ୟାଗ୍ ମିଳିଥିଲା। ସେଥିରେ ୪୨୦୦ ଟଙ୍କା ଓ କିଛି କାଗଜପତ୍ର ରହିଥିଲା। ପରେ ପୋଲିସ ଯୋଗାଯୋଗ କରି ଉକ୍ତ ବ୍ୟାଗ୍‌କୁ ବଣ୍ଟିଙ୍କୁ ଫେରାଇଥିଲା।

### ବିଜେଡିର ଯୁବ, ଛାତ୍ର ସମ୍ମିଳନୀ

**ଚୌଦ୍ୱାର,୯।୫(ଆଶୁତୋଷ ଦାସ)**

ଆସନ୍ତା ନିର୍ବାଚନ ପାଇଁ ଚୌଦ୍ୱାର ପୌରପାଳିକାର ୧୩ ନମ୍ବର ୱାର୍ଡ ପାଇକେରାପୁର ଖେଳପଡିଆରେ ବିଜେଡି ପକ୍ଷରୁ ଯୁବ ଓ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ କାଉନସିଲର ରମେଶ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ଯୁବ ସଭାପତି ସାରଦା ରଞ୍ଜନ ପରିଜା, ଭରତ ଚନ୍ଦ୍ର ସାହୁ, କାଉନ୍‌ସିଲର ଆଶୁତୋଷ ଦାସ, ପୂର୍ବତନ କାଉନସିଲର ସରୋଜ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଉମାଶଙ୍କର ସାସମଲ, ୱାର୍ଡ ପର୍ଯ୍ୟବେକ୍ଷକ ଦେବଦତ୍ତ ଦଳେଇ, ଚନ୍ଦନ ବିନାୟକ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ



ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଧାରଣା।

**କଟକ,୯।୫(ଶିଳ୍ପା ପ୍ରିୟଦର୍ଶିନୀ)**

**ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଧାରଣା**

ବିଭିନ୍ନ ପ୍ରସଙ୍ଗ ନେଇ ଭାଜପା କଟକ ଯୁବମୋର୍ଚ୍ଚା ପକ୍ଷରୁ ଗୁରୁବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ଦୁର୍ନୀତି ହୋଇଛି। ରାଜ୍ୟ ସରକାର ବିଦ୍ୟାଳୟ, ମହାବିଦ୍ୟାଳୟରେ ସବୁଜ ରଙ୍ଗ ବୋଳି ନିଜର ପ୍ରଚାରପ୍ରସାର କରୁଛନ୍ତି। ବିଦ୍ୟାଳୟରେ ଶିକ୍ଷକ ଓ ମହାବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି କରାଯାଉନାହିଁ। ଓଡ଼ିଶାର ଅଧିକାଂଶ ଯୁବକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। କେନ୍ଦ୍ର ସରକାରଙ୍କ ଅନୁଦାନକୁ ଖର୍ଚ୍ଚ ନ କରି ପାରି ଓଡ଼ିଶାର ଉନ୍ନତିରେ ରାଜ୍ୟ ସରକାର ବାଧକ ସାଜୁଛନ୍ତି। କେନ୍ଦ୍ର ସରକାରଙ୍କ ଯୋଜନାକୁ ପ୍ରକୃତ ହିତାଧିକାରୀଙ୍କ ନିକଟରେ ନ ପହଞ୍ଚାଇ ଷ୍ଟିକର ମାରି ନିଜ ନାଁରେ ନାମିତ କରୁଥିବା ପ୍ରସଙ୍ଗକୁ ନେଇ ଏହି ଧାରଣା ଦିଆଯାଇଥିବା ଭାଜପା କଟକ ଜିଲା ଯୁବମୋର୍ଚ୍ଚା ସଭାପତି ନଳିନୀ କୁମାର ରାୟ କହିଛନ୍ତି। ସେହିପରି ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଗଗନ ଓଝା କହିଛନ୍ତି, ଶାସକ ଦଳ ଦୁର୍ନୀତିକୁ ପ୍ରଶ୍ରୟ ଦେଇ ଚାଲିଛି। ଶିକ୍ଷାକୁ ଗୁରୁତ୍ୱ ଦେବା ସହ ଶିକ୍ଷାନୁଷ୍ଠାନରେ ଅଧ୍ୟାପିକା ଓ ଅଧ୍ୟାପକ ପଦବୀ ପୂରଣ ପାଇଁ ଦାବି କରୁଛୁ। ଯଦି ଦାବି ପୂରଣ ନ ହୁଏ ତେବେ ଆଗାମୀ ଦିନରେ ଭାଜପା ଆନ୍ଦୋଳନକୁ ଓହ୍ଲାଇବ ବୋଲି ବେହେରା ଚେତାବନୀ ଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ନାରାୟଣ ନାୟକ, ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ ଶୁଭ୍ରାଂଶୁ ପାତ୍ର, ସଞ୍ଜୟ ଦାସ, ବିଜୟାନନ୍ଦ ବାରିକ, କେଶବ କୁଣ୍ଡୁ, ନବ ଦାସ, ରାମ ଛାପୋଲିଆ, ଅବିନାଶ ଓଝା, ମାନସ ମହାରଣା, ବିକାଶ ନାୟକଙ୍କ ସମେତ ଅନ୍ୟମାନେ ଧାରଣାରେ ସାମିଲ ହୋଇଥିଲେ।

## ଦେୱାନୀ ମାମଲାର ତ୍ୱରିତ ଫଇସଲା ପାଇଁ ପଦକ୍ଷେପ

**କଟକ ସଦର, ୯।୫(ସୁଶାନ୍ତ କୁମାର ଜେନା)**

କଟକ ସଦର ଉପଜିଲାପାଳଙ୍କ ଅଦାଲତରେ ବିଚାରାଧୀନ ପୁରୁଣା ଦେୱାନୀ ମାମଲାର ତ୍ୱରିତ ବିଚାର ପାଇଁ ନୂଆ ନିର୍ଦ୍ଦେଶନାମା ଜାରି ହୋଇଛି। ବିଶେଷକରି ଚାଷଜମିକୁ ଘରବାଡ଼ି କିସମ କରିବା, ତଫସିଲଭୁକ୍ତ ଜାତି ଓ ଜନଜାତିର ଲୋକଙ୍କ ଜମି କିଣାବିକା ପାଇଁ ଅନୁମତି, ଉତ୍ତରାଧିକାରୀ ପ୍ରମାଣପତ୍ରକୁ ବିରୋଧ କରି ରୁଜୁ ହୋଇଥିବା ମାମଲାଗୁଡ଼ିକ ବହୁବର୍ଷ ଧରି ବିଚାର ନ ହୋଇ ପଡ଼ିରହିଥିଲା।ଏଭଳି ମାମଲାର ତ୍ୱରିତ ବିଚାର କରିବା ପାଇଁ ପଦକ୍ଷେପ ନେବାକୁ ଉପଜିଲାପାଳ ଜ୍ୟୋତିଶଙ୍କର ରାୟ ଅଧସ୍ତନ ରାଜସ୍ୱ ସହାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଓଡ଼ିଶା ଭୂସଂସ୍କାର ଆଇନ ଅନୁଯାୟୀ ରୁଜୁ ହୋଇଥିବା ନିର୍ବିବାଦୀୟ ମାମଲାର ଶୀଘ୍ର ଫଇସଲା କରାଯିବ ବୋଲି ଜଣାପଡିଛି। ଏହାଛଡ଼ା ବହୁବର୍ଷ ଧରି ଗୋଟିଏ ସିଟ୍‌ରେ କାର୍ଯ୍ୟ କରି ଆସୁଥିବା ୨ ଜଣ ବରିଷ୍ଠ ରାଜସ୍ୱ ସହାୟକଙ୍କୁ ମଧ୍ୟ ଅନ୍ୟତ୍ର ବଦଳି କରାଯାଇଛି। ନିର୍ବାଚନ ପାଇଁ ଲାଗୁ ହୋଇଥିବା ଆଦର୍ଶ ଆଚରଣ ବିଧି ଅନୁଯାୟୀ ଗୋଟିଏ କାର୍ଯ୍ୟାଳୟରେ ୩ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରିଥିବା ସହାୟକମାନଙ୍କୁ ଅନ୍ୟତ୍ର ବଦଳି କରାଯିବା କଥା। ମାତ୍ର ଏହି ନିୟମ ୨ କିରାଣିଙ୍କ ପାଇଁ ଲାଗୁ କରାଯାଇ ନ ଥିବାରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଭିତ୍ତିରେ ନୂଆ ଉପଜିଲାପାଳ ରାୟ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଏବେ ସୁଦ୍ଧା କଟକ ସଦର ଓ କିଶନ ନଗର ତହସିଲ ଅଞ୍ଚଳର ବହୁ ମାମଲାର ଶୁଣାଣି ହୋଇ ପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା।

## ଧରିତ୍ରୀ ଜୁଏଲର୍ସର ଅକ୍ଷୟ ତୃତୀୟା ଅଫର

**ଭୁବନେଶ୍ୱର,୯।୫**

DHARITRI JEWELLERS
Hata Sahi, Salchar | Buxi Bazar, Cuttack

ଅକ୍ଷୟ ତୃତୀୟା ଅବସରରେ କଟକର ବକ୍ସିବଜାରସ୍ଥିତ ଧରିତ୍ରୀ ଜୁଏଲର୍ସ ପକ୍ଷରୁ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ସୁନାଗହଣାର ଗଢ଼ା ମଜୁରି ଉପରେ ୩୦% ରିହାତି ଏବଂ ରୁପା ଗହଣା ଗଢ଼ା ମଜୁରି ଉପରେ ଶତ ପ୍ରତିଶତ ରିହାତି ପ୍ରଦାନ କରାଯାଉଛି। ସ୍ୱତନ୍ତ୍ର ଡିଜାଇନର ତଥା ସବୁ ବର୍ଗର ଗ୍ରାହକଙ୍କ ପାଇଁ ଏଠାରେ ଗହଣା ଉପଲବ୍ଧ ହେଉଛି। ଏହି ଜୁଏଲର୍ସରେ କେବଳ ଏଚ୍‌ୟୁଆଇଡି ଯୁକ୍ତ ଅଳଙ୍କାର ବିକ୍ରି ହୋଇଥାଏ ବୋଲି ଷ୍ଟୋର ପକ୍ଷରୁ ସୂଚନା ଦିଆଯାଇଛି। ଅକ୍ଷୟ ତୃତୀୟାର ସ୍ୱତନ୍ତ୍ର ଅଫରର ଲାଭ ଉଠାଇବା ପାଇଁ ଧରିତ୍ରୀ ଜୁଏଲର୍ସର ସ୍ୱତ୍ୱାଧିକାରୀ ପ୍ରଦୀପ କୁମାର ପୃଷ୍ଟି ଗ୍ରାହକଙ୍କୁ ଅନୁରୋଧ କରିଛନ୍ତି।

## ଆଇନଜୀବୀଙ୍କ ସହ ଆଲୋଚନା କଲେ ପ୍ରକାଶ



କଟକ କ୍ରିମିନାଲ କୋର୍ଟସ ବାର୍ ଆସୋସିଏଶନ ପରିସରରେ ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା ଆଇନଜୀବୀଙ୍କ ସହ ଆଲୋଚନା କରୁଛନ୍ତି।

**କଟକ,୯।୫(ଶିଳ୍ପା ପ୍ରିୟଦର୍ଶିନୀ)**

ବିଜେଡି ବାରବାଟୀ-କଟକ ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା ଗୁରୁବାର ବିଭିନ୍ନ ବାର୍ ଆସୋସିଏଶନ ପରିଦର୍ଶନ କରି ଆଇନଜୀବୀଙ୍କ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିସହ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ପ୍ରକାଶ କହିଛନ୍ତି, କଟକରେ ଜୁଡିସିଆଲ ଏକାଡେମୀ ଭଳି ଆଇନଜୀବୀଙ୍କ ପାଇଁ ଆଡ୍‌ଭୋକେଟ୍ ଏକାଡେମୀ ହେବାର ଆବଶ୍ୟକତା ରହିଛି। ଏହି ଏକାଡେମୀ ଦ୍ୱାରା ନୂଆ ଆଇନଜୀବୀମାନେ ସ୍ୱତନ୍ତ୍ର ଭାବେ ଟ୍ରେନିଂ ନେବାର ସୁବିଧା ପାଇବେ। ଏଥିସହ ଆଇନ କ୍ଷେତ୍ରରେ ହେଉଥିବା ସମସ୍ତ ବିବରଣୀ ବିଷୟରେ ସେମାନେ ସହଜରେ ଅବଗତ ହୋଇପାରିବେ ବୋଲି ବେହେରା କହିଛନ୍ତି। ପରେ ପ୍ରକାଶ କଟକ ସିଡିଏ ସେକ୍ଟର-୧୧ସ୍ଥିତ ବୀରେନ୍ ମିତ୍ର ପାର୍କରେ ପହଞ୍ଚି ଅଞ୍ଚଳବାସୀଙ୍କ ଆଲୋଚନା କରିଥିଲେ। ଏହାପରେ ପ୍ରକାଶ, ତାଙ୍କ ସ୍ତ୍ରୀ ଜୟଶ୍ରୀ ବେହେରା ଏବଂ ସିଏମ୍‌ସି ମେୟର ସୁବାସ ସିଂ ସିଏମ୍‌ସି ଅଧୀନ ୪ ନମ୍ବର ୱାର୍ଡର ବିଭିନ୍ନ ଅଞ୍ଚଳରେ ଘର ଘର ବୁଲି ପ୍ରଚାର କରିବା ସହ ସହରର ଉନ୍ନତି ବିଷୟରେ ଆଲୋଚନା କରିଛନ୍ତି।

## ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ବାର୍ଷିକ ଉତ୍ସବ

**କଟକ,୯।୫(କାର୍ତ୍ତିକ ସାହୁ)**




ବାର୍ଷିକ ଉତ୍ସବରେ ଅତିଥି ଓ ଅନ୍ୟମାନେ।

ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ବାର୍ଷିକ ଉତ୍ସବ ବେଲଗଛିଆସ୍ଥିତ ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ବିଚାରପତି ଚିତ୍ତରଞ୍ଜନ ଦାସ ଯୋଗଦେଇ ଛାତ୍ରୀଛାତ୍ରମାନେ ଭଲ ପାଠ ପଢ଼ିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ହାଇକୋର୍ଟ ଆଇନଜୀବୀ ସୁଶାନ୍ତ କୁମାର ଦାସ ଯୋଗଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ. ଦେବଦତ୍ତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭିନେତା ପପୁ ପମ୍‌ପମ୍, କଣ୍ଠଶିଳ୍ପୀ ଶଶାଙ୍କ ଶେଖର ଓ ସହଯୋଗୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ନିର୍ବାଚନ ପ୍ରଚାର କଲେ ସୋଫିଆ, ନୟନ

**କଟକ/ଚୌଦ୍ୱାର,୯।୫**
**(ଶିଳ୍ପା ପ୍ରିୟଦର୍ଶିନୀ/ଆଶୁତୋଷ ଦାସ)**

ବାରବାଟୀ-କଟକ କଂଗ୍ରେସ ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋଶ ଗୁରୁବାର ପୂର୍ବାହ୍ନରେ କଟକ ମହାନଗର ନିଗମ(ସିଏମ୍‌ସି)ର ୧୩ ନମ୍ବର ୱାର୍ଡ ମେହେନ୍ଦିପୁର ଅଞ୍ଚଳରୁ ପଦଯାତ୍ରା ଆରମ୍ଭ କରି ବିଭିନ୍ନ ଅଞ୍ଚଳରେ ପ୍ରଚାର କରିଛନ୍ତି। ସେହିପରି ସନ୍ଧ୍ୟାବେଳେ ୯ ନମ୍ବର ୱାର୍ଡରେ ପଦଯାତ୍ରା କରି ଭୋଟ ପାଇଁ ବିଭିନ୍ନ ପୂଜା କମିଟି ସଦସ୍ୟ, ସାହି ମୁରବି ଓ ଅଞ୍ଚଳବାସୀଙ୍କୁ ଅନୁରୋଧ କରିଥିଲେ। ପରେ ୨୬ ଓ ୨୭ ନମ୍ବର ୱାର୍ଡରେ ଆୟୋଜିତ କର୍ମୀ ସମ୍ମିଳନୀରେ ସୋଫିଆ ଯୋଗଦେଇଥିଲେ। ପୂର୍ବତନ କର୍ପୋରେଟର କେଦାର ପୃଷ୍ଟିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଂଗ୍ରେସର ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମ, ଚାରୁଲତା ସାହୁ, ବିକି ଚକ୍ରବର୍ତ୍ତୀ, ସୟଦ୍ ରମଜାନ ଅଲ୍ଲୀ, ସୁମିତା ରାୟ, ସୁଧାଂଶୁ ଆଚାର୍ଯ୍ୟ, ସଞ୍ଜୟ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।




ସିଏମ୍‌ସି ୱାର୍ଡ ନଂ. ୨୭ରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ସୋଫିଆ ଫିର୍ଦ୍ଦୋଶ ବକ୍ତବ୍ୟ ଦେଉଛନ୍ତି।

ଭାଜପାର ଚୌଦ୍ୱାର-କଟକ ବିଧାୟକ ପ୍ରାର୍ଥୀ ନୟନ କିଶୋର ମହାନ୍ତି ଗୁରୁବାର ଚୌଦ୍ୱାର ଓଟିଏମ୍ କଲୋନୀରେ ପଦଯାତ୍ରା କରି ପ୍ରଚାର କରିଛନ୍ତି। ସେ ଶତାଧିକ ସମର୍ଥକଙ୍କ ସହିତ ୧୧ନଂ. ୱାର୍ଡ ରାଧାମୋହନ ଛକଠାରୁ ପ୍ରଚାର ଆରମ୍ଭ କରି କଲୋନୀରେ ଥିବା ଲୋକମାନଙ୍କ ଘରକୁ ଘର ଯାଇ ନିଜ ସପକ୍ଷରେ ଭୋଟ ଭିକ୍ଷା କରିବା ସହିତ ଏମ୍‌ପି ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କୁ ମଧ୍ୟ ଜନସମର୍ଥନ ଦେବା ପାଇଁ ନିବେଦନ କରିଥିଲେ। ଏଥିସହ ୧୨ ନମ୍ବର ୱାର୍ଡର ବୁଢାଲିଙ୍ଗଠାରେ ପଦଯାତ୍ରା ସରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଉପସଭାପତି ପ୍ରଶାନ୍ତ ହୋତା, ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ମଣ୍ଡଳ ସଭାପତି ସନ୍ତୋଷ କୁମାର ସାହୁ, ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ବେହେରା, ପ୍ରକାଶ ଚନ୍ଦ୍ର ବଡ଼ଜେନା, ଭାସ୍କର ଚନ୍ଦ୍ର ରାଉତରାୟଙ୍କ ସମେତ ବହୁସଂଖ୍ୟକ ଦଳୀୟ ନେତା, କର୍ମୀ, ମହିଳା, ଛାତ୍ର ଉପସ୍ଥିତ ଥିଲେ।

## ରକ୍ଷକ ପାଇଲେ ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ

**କଟକ,୯।୫(କାର୍ତ୍ତିକ ସାହୁ)**



ସାରଳା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ରକ୍ଷକ ନାୟକଙ୍କୁ ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।

**ସାରଳା ସାହିତ୍ୟ ସଂସଦ ପକ୍ଷରୁ ସ୍ମୃତିସନ୍ଧ୍ୟା**

ସାରଳା ସାହିତ୍ୟ ସଂସଦ ପକ୍ଷରୁ ପ୍ରଖ୍ୟାତ କବି ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ସ୍ମୃତିରେ ସାରସ୍ୱତ ସମାରୋହ କଟକ ସାରଳା ଭବନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ପ୍ରଜ୍ଞାରତ୍ନ ସହଦେବ ସାହୁ ଉଦ୍‌ଘାଟନ କରି ଓଡ଼ିଆ କବିତାରେ ଆଧୁନିକତାର ପ୍ରବର୍ତ୍ତକ ସଚ୍ଚି ରାଉତରାୟ ବୋଲି କହିଥିଲେ। ମୁଖ୍ୟବକ୍ତା ମାଡ୍ରାସ ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ମୁଖ୍ୟ ତଥା ପ୍ରସିଦ୍ଧ ସାହିତ୍ୟିକ ପ୍ରଫେସର ଡ. ଏସ୍. ଆର୍ମଷ୍ଟ୍ରଙ୍ଗ୍ କହିଥିଲେ, ବିଶ୍ୱସାହିତ୍ୟ ସହିତ ସମାନ୍ତରାଳ ଧାରା ସୃଷ୍ଟି କରି ସଚ୍ଚି ରାଉତରାୟ ଓଡ଼ିଆ ଭାଷାରେ କବିତା ରଚନା କରିଯାଇଛନ୍ତି। ମୁଖ୍ୟ ଅତିଥି କଥାଶିଳ୍ପୀ ସଂଗ୍ରାମ କେଶରୀ ମହାପାତ୍ର କହିଥିଲେ, ସଚ୍ଚିବାବୁ ଜଣେ ସମ୍ଭ୍ରାନ୍ତ କଥାକାର। ତାଙ୍କ ରଚିତ ମଶାଣିର ଫୁଲ, ମାଟିର ତାଜ୍, ମାଙ୍କଡ଼ ଓ ଅନ୍ୟାନ୍ୟ ଗଳ୍ପ ଆଦି ଗଳ୍ପ ସଂକଳନ ଏବଂ ଚିତ୍ରଗ୍ରୀବ ଉପନ୍ୟାସ ଯୁଗାନ୍ତକାରୀ ସୃଷ୍ଟି। ସଭାପତି ଡ. ସ୍ୱାଇଁ କହିଥିଲେ, ସଚ୍ଚି ରାଉତରାୟ ଥିଲେ ସାମ୍ୟବାଦୀ ଚେତନାର ଭଗୀରଥ। ତାଙ୍କ କାବ୍ୟିକ ପ୍ରତିଭା ତାଙ୍କୁ ବିଂଶ ଶତକର ମହାକବି ରୂପେ ପରିଚିତ କରାଇଛି। ଏହି ଅବସରରେ କବି ରକ୍ଷକ ନାୟକଙ୍କୁ ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ବାସୁଦେବ ସୁନାନୀ ସ୍ୱାଗତ ଭାଷଣ ଦେଇଥିଲେ। ସଚ୍ଚି ରାଉତରାୟଙ୍କ ପୁତ୍ର ଶ୍ରୀହର୍ଷ ରାଉତରାୟ ପିତାଙ୍କ ଜୀବନଚର୍ଯ୍ୟା ଉପରେ ଆଲୋକପାତ କରିଥିଲେ। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ମାନପତ୍ର ପାଠ ଓ ପ୍ରଫେସର ଡ. ନିମାଇଁ ଚରଣ ପରିଜା ଧନ୍ୟବାଦ ଦେଇଥିଲେ।

# ରାସ୍ତା ସମ୍ପ୍ରସାରଣ ପାଇଁ ଘର ଭାଙ୍ଗିବାକୁ ମସୁଧା

**ଭୁବନେଶ୍ୱର, ୯।୫ (ବନ୍ଦନା ସେଠୀ)**

ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳ ବିଏମ୍‌ସିର ୱାର୍ଡ ନଂ. ୩୦ ଅନ୍ତର୍ଗତ ଶହୀଦ ନଗରର ମୁଖ୍ୟ ରାସ୍ତା (ମହର୍ଷି କଲେଜ ରୋଡ୍)ର ସମ୍ପ୍ରସାରଣ ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ତେବେ ରାସ୍ତା ସମ୍ପ୍ରସାରଣ ନାମରେ ସ୍ଥାନୀୟ ବାସିନ୍ଦାଙ୍କ ଉପରେ ଜୁଲମ୍ କରିବାକୁ ଯୋଜନା କରାଯାଉଥିବା ଅଭିଯୋଗ ହୋଇଛି। ଏପରିକି ରାସ୍ତାର ଗୋଟିଏ ପଟରେ ସମ୍ପୂର୍ଣ୍ଣ ଭାବରେ ସରକାରୀ ଜମି ରହିଥିବାବେଳେ ପ୍ରଶାସନ ସମ୍ପୃକ୍ତ ରାସ୍ତାର ଅପରପାର୍ଶ୍ୱରେ ଘରୋଇ ଜମିରେ ବସବାସ କରୁଥିବା ଲୋକଙ୍କ ଘର ଭାଙ୍ଗି ରାସ୍ତା ବାହାର କରିବାକୁ ମସୁଧା କରୁଥିବା ମହର୍ଷି କଲେଜ ରୋଡ୍ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଗୁରୁବାର ଟ୍ରଷ୍ଟ ପକ୍ଷରୁ ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି ଯେ, ବିଡିଏର ସିଡିପି ମ୍ୟାପ୍ ଅନୁଯାୟୀ, ମହର୍ଷି କଲେଜ ରୋଡ୍ (ବମିଖାଲ ରେଲୱେ ଓଭରବ୍ରିଜଠାରୁ ଜନପଥ ପର୍ଯ୍ୟନ୍ତ)ର ସମ୍ପ୍ରସାରଣ କରାଗଲେ ଏହାଏକ ସୁନ୍ଦର ତଥା ଓସାରିଆ ରୋଡ୍ ହୋଇପାରିବ। ମାତ୍ର କେତେଜଣ ଅସାଧୁ ଅଧିକାରୀ ଓ ମୁଷ୍ଟିମେୟ ବ୍ୟବସାୟୀଙ୍କ ପାଇଁ ଉକ୍ତ ସିଡିପି ମ୍ୟାପ୍‌କୁ ପରିବର୍ତ୍ତନ ସହିତ ସ୍ଥାନୀୟ ବାସିନ୍ଦା ଘର ଭାଙ୍ଗି ରାସ୍ତା ସମ୍ପ୍ରସାରଣ କରିବାକୁ ପ୍ରଶାସନ ଅଡିବସିଛି। ନୂଆକରି ଘର ନିର୍ମାଣ ପାଇଁ ପ୍ଲାନ୍ ଆପ୍ରୁଭାଲ କରିବା ସମୟରେ ସେମାନଙ୍କୁ ୮ଫୁଟ ଛାଡିବାକୁ କୁହାଯାଉଛି। ରାସ୍ତା ସମ୍ପ୍ରସାରଣ ପାଇଁ ସରକାରୀ ଜାଗାର ଅଂଶ ନ ନେଇ ଘରୋଇ ଜମି ମାଲିକଙ୍କୁ କିଛି ଅଂଶ ଛାଡିବାକୁ ବାଧ୍ୟ କରାଯାଉଛି। ରାଜସ୍ୱ ଓ ସାଧାରଣ ପ୍ରଶାସନ ବିଭାଗ ଅନୁଯାୟୀ, ରାସ୍ତା ଉତ୍ତର ପାର୍ଶ୍ୱ ସରଳରେଖାରେ ରହିବା କଥା। ମାତ୍ର ଏହାର କିଛି ଭାଗ ୬୦ଫୁଟ, କିଛି ୪୦ଫୁଟ, ୩୦ ଫୁଟ ଏବଂ କିଛି ଭାଗ ୫୨ଫୁଟ ରହିଛି। ଯେଉଁ ସ୍ଥାନରେ ଫ୍ଲାଏ ଓଭର ରାସ୍ତାକୁ ସଂଯୋଗ ହୋଇଛି, ସେହି ସ୍ଥାନରେ ରାସ୍ତା ୬୦ ଫୁଟରୁ ୪୦ ଫୁଟକୁ ସଂକୀର୍ଣ୍ଣ ହୋଇଯାଇଛି। ଫଳରେ ଏହି ସ୍ଥାନ ଏକ ଦୁର୍ଘଟଣାପ୍ରବଣ ସ୍ଥାନରେ ପରିଣତ ହୋଇଗଲାଣି। ସମ୍ପୃକ୍ତ ସ୍ଥାନରେ ନିର୍ମାଣାଧୀନ ବହୁତଳ ଅଟ୍ଟାଳିକା ଉକ୍ତ ରାସ୍ତାକୁ ଅବରୋଧ କରୁଛି। ଅତ୍ୟଧିକ ଗଭୀର ଖନନ ଯୋଗୁ ଶହୀଦନଗରରେ ଭୂ-ତଳ ଜଳ ମଧ୍ୟ ହ୍ରାସ ପାଉଛି। ତେବେ ଏନେଇ ଟ୍ରଷ୍ଟ ପକ୍ଷରୁ ମୁଖ୍ୟମନ୍ତ୍ରୀ, ବିଡିଏ, ବିଏମ୍‌ସି, ଜିଏ, ଗୃହ ଓ ନଗର ଉନ୍ନୟନ ବିଭାଗ, ଖୋର୍ଦ୍ଧା ଜିଲାପାଳ ପ୍ରମୁଖଙ୍କୁ ବାରମ୍ବାର ପତ୍ର ଲେଖାଯିବା ସତ୍ତ୍ୱେ ସେମାନଙ୍କ ପକ୍ଷରୁ କୌଣସି ଉତ୍ତର ମିଳୁ ନ ଥିବା ଟ୍ରଷ୍ଟ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ପ୍ରତିବାଦ ଜଣାଇଲା ମହର୍ଷି କଲେଜ ରୋଡ୍ ୱେଲଫେୟାର ଟ୍ରଷ୍ଟ**

## ସଂକ୍ଷେପରେ

### ଚୋରି ଅଭିଯୋଗରେ ୩ ଧରାପଡ଼ିଲେ

**ନିଶ୍ଚିନ୍ତକୋଇଲି, ୯।୫ (ଅଶୋକ କୁମାର ମହାପାତ୍ର)**

ନିଶ୍ଚିନ୍ତକୋଇଲି ଥାନା ପୋଲିସ ଚୋରି ଅଭିଯୋଗରେ ୩ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସମ୍ପୃକ୍ତ ଦୁର୍ବୃତ୍ତଙ୍କ ନିକଟରୁ ପୋଲିସ ବହୁ ଚୋରି ସାମଗ୍ରୀ ଜବତ କରିଛି। ଥାନା ଅଞ୍ଚଳରେ ବାରମ୍ବାର ଚୋରି ଓ ରାହାଜାନି ହୋଇ ଆସୁଥିଲା। ଦୁର୍ବୃତ୍ତମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଗୋଟିଏ ପରେ ଗୋଟିଏ ଲୁଟ କରି ଚାଲିଥିଲା। ଏହି ଦୁର୍ବୃତ୍ତମାନଙ୍କୁ ଧରିବା ଲାଗି ପୋଲିସ ବିଭିନ୍ନସ୍ଥାନରେ ଚଢାଉ କରୁଥିଲା। ପୋଲିସ ସାଲେପୁର ଥାନା ଗଙ୍ଗେଶ୍ୱର ଗ୍ରାମର ମୋହସିନ ଖାଁ(୨୮)। ସେ ଥାନାର ମାଣିତ୍ରି ଗ୍ରାମର ସ୍ୱର୍ଗତ ଉପେନ୍ଦ୍ର ସାହୁଙ୍କ ପୁତ୍ର ଅଜୟ କୁମାର ସାହୁଙ୍କୁ ସେହିପରି ଭାବେ ଟାଙ୍ଗି ଥାନା ଏବଂ ଭଟିମୁଣ୍ଡା ଗ୍ରାମର ମଳୟ ପୃଷ୍ଟି (୪୫)ମଧ ଗିରଫ କରାଯାଇଛି। ସେମାନଙ୍କଠାରୁ ପୋଲିସ ଗୋଟିଏ ବାଇକ୍ ନଂ. ଓଡି ୦୫ ବିପି ୭୯୨୬, ମୋବାଇଲ ସମେତ ବହୁ ବାସନକୁସନ ଜବତ କରିଛି। ଏହି ସମ୍ପତ୍ତିର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଥାନାରେ ନଂ. ୧୧୧/୨୪ରେ ମାମଲା ରୁଜୁ ହୋଇଛି। ଦୁର୍ବୃତ୍ତମାନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ଆଇଆଇସି ଯୁଗଳ କିଶୋର ଦାସ କହିଛନ୍ତି।

### ଅପହୃତା ନାବାଳିକା ଉଦ୍ଧାର

**ମାହାଙ୍ଗା ୯।୫ (ଯଯାତି ସିଂହ)**

ମାହାଙ୍ଗା ଥାନା ଅଞ୍ଚଳର ଜୈନିକା ନାବାଳିକା ୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ନିଖୋଜ ଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ତଦନ୍ତରୁ ଜଣାପଡିଲା ଯେ, ନାବାଳିକାଙ୍କୁ ବୈରୀ ଥାନା ଅଞ୍ଚଳ ସାନ ବନ୍ଦାଳ ଗ୍ରାମର ବିକାଶ ଖଟୁଆ ଅପହରଣ କରି ନେଇ ରଖିଛନ୍ତି। ବିକାଶ ପ୍ରଥମେ ନାବାଳିକାଙ୍କୁ ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ରଖିବା ପରେ କେନ୍ଦ୍ରପଡ଼ା ଅଞ୍ଚଳରେ ରଖିଥିଲେ। ପୋଲିସ କୌଣସି ସୂତ୍ରରୁ ଖବରପାଇ ଏକ ଟିମ୍ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀଙ୍କୁ ଗିରଫ କରିଥିବା ଥାନା ସୂତ୍ରରୁ ପ୍ରକାଶ।

### ଅବଧି ଶେଷ ୧୦୪ ବିୟର ପେଟି ଜବତ: ଜଣେ ଅଟକ

**ମାହାଙ୍ଗା ୯।୫ (ଯଯାତି ସିଂହ)**

ସାଲେପୁର, ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢାଉ କରାଯାଇ ଅବଧି ଶେଷ(ଏକ୍ସପାଏରି) ୧୦୪ ପେଟି ବିୟର ଜବତ୍ କରିବା ସହ ଜଣକୁ ଅଟକ ରଖିଛି। ସାଲେପୁର ଅବକାରୀ ରେଞ୍ଜ ସବ୍‌ଇନ୍ସପେକ୍ଟର ବିଜୟ ଭୂଷଣ ନାୟକଙ୍କ ନେତୃତ୍ୱରେ ଏକ ମିଳିତ ଟିମ୍ କୌଣସି ସୂତ୍ରରୁ ଖବର ପାଇ ଏରକଣା ବଜାରଠାରେ ଥିବା ବିଦେଶୀ ଠିପି ବନ୍ଦ ମଦ ଦୋକାନରେ ଉପର ତାଲାରୁ ଅବଧି ଶେଷ ବିୟର ଜବତ୍ କରିଛି। ଏଥିସହ ଦୋକାନର ଜଣେ ସେଲ୍ସମ୍ୟାନ୍‌ଙ୍କୁ ଅଟକ ରଖି ଅଧିକ ତଦନ୍ତ କରିଥିବା ଜଣାପଡିଛି। ଏଠାରେ ଦୀର୍ଘଦିନ ହେବ ଚୋରା ମଦ କାରବାର ଚାଲିବା ସହ ପୂର୍ବରୁ ଅବକାରୀ ବିଭାଗ ଦ୍ୱାରା ନକଲି ମଦ ଜବତ ହୋଇଥିବା ନଜିର ରହିଛି।

# ବ୍ଲକ ମହିଳା ମହାସଂଘ ସଭାନେତ୍ରୀଙ୍କୁ ହତ୍ୟା ଧମକ

**ଥାନାରେ ଅଭିଯୋଗ**

**ଗୋପ, ୯।୫ (ଭାରତୀ ଭୂଷଣ ଉପାଧ୍ୟାୟ):**



ଗୋପ ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୃଷ୍ଟିଙ୍କୁ ଟେଲିଫୋନରେ ହତ୍ୟା ଧମକ ଦିଆଯାଇଥିବା ଗୋପ ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ଏ ସମ୍ପର୍କରେ ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସ୍‌ପି ପିନାକ ମିଶ୍ରଙ୍କୁ ଅଭିଯୋଗ ଦେଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ମିନାକ୍ଷୀ ପୃଷ୍ଟି ଦୀର୍ଘ ଦିନ ଧରି ଗୋପ ବ୍ଲକ ଓ ପୁରୀ ଜିଲାର ମହିଳା ମହାସଂଘ ସଭାନେତ୍ରୀ ଭାବେ ଦାୟିତ୍ୱ ଚଳାଉଥିବାବେଳେ ବିଭିନ୍ନ ସମୟରେ ମହିଳାଙ୍କ ସ୍ୱାବଲମ୍ବୀ କ୍ଷେତ୍ରରେ ନିଜକୁ ସମର୍ପିତ କରିଥାନ୍ତି। ମାତ୍ର କୌଣସି କାରଣ ନ ଥିବାବେଳେ ଗୁରୁବାର ଅପରାହ୍ନରେ ହଠାତ୍ ଏକ ନମ୍ବରରୁ ମିନାକ୍ଷୀଙ୍କୁ କଲ୍ ଆସିଥିଲା। ମିନାକ୍ଷୀ ଫୋନ ଉଠାଇବା ମାତ୍ରେ ଜନୈକ ବ୍ୟକ୍ତି ଜଣଙ୍କ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତୁମ ଦୁଆର ଦେଇ ଶୋଭାଯାତ୍ରା ଯାଉଛି। ସନ୍ଧ୍ୟା ସୁଦ୍ଧା ୬ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ନଚେତ୍ ତାଙ୍କ ପରିବାର ଉପରେ ବମ୍ ପକାଇବେ ବୋଲି ବାରମ୍ବାର ଧମକ ଦେଇଥିଲେ। ଏପରି ଏକ ଧମକପୂର୍ଣ୍ଣ ଟେଲିଫୋନ ପରେ ମିନାକ୍ଷୀ ଗୋପ ଥାନାରେ ଅଭିଯୋଗ ଦେବା ସହ ପୁରୀ ଜିଲା ପ୍ରଶାସନର ଅଧିକାରୀଙ୍କୁ ଅଭିଯୋଗ ଦେଇଛନ୍ତି। ଏପରି ଏକ ହତ୍ୟା ଓ ଦାଦାବଟି ମାଗିବା ଖବର ଜଣା ପଡିବା ପରେ ଜିଲା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯିବା ସହିତ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବି କରାଯାଇଛି। ଏହି ଅଭିଯୋଗ ସମ୍ପର୍କରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ ପଢିହାରୀଙ୍କୁ ପଚାରିବାରେ, ଅଭିଯୋଗରେ ଥିବା ଫୋନ ନମ୍ବରକୁ ନେଇ ଯାଞ୍ଚ କରାଯାଉଛି। ଖୁବ୍‌ଶୀଘ୍ର ଏ ସମ୍ପର୍କରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ଆଜିଠୁ ଚନ୍ଦନ ପୋଖରୀରେ ସାକ୍ଷୀଗୋପାଳଙ୍କ ଚାପଖେଳ


ଚନ୍ଦନ ପୋଖରୀରେ ସାକ୍ଷୀଗୋପାଳଙ୍କ ଚାପଖେଳ ପାଇଁ ଚାପ ପ୍ରସ୍ତୁତି ଚାଲିଛି।

**ସାକ୍ଷୀଗୋପାଳ, ୯।୫ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର):**

ପବିତ୍ର ଅକ୍ଷୟତୃତୀୟା ଅବସରରେ ଶୁକ୍ରବାର ସାକ୍ଷୀଗୋପାଳସ୍ଥିତ ଚନ୍ଦନ ପୁଷ୍କରିଣୀରେ ସାକ୍ଷୀଗୋପାଳ ଠାକୁରଙ୍କ ୨୧ ଦିନ ବ୍ୟାପୀ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ। ଏଥିନିମନ୍ତେ ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ପକ୍ଷରୁ ଚନ୍ଦନ ପୁଷ୍କରିଣୀରେ ଚାପ ନିମନ୍ତେ ନନ୍ଦା ଓ ଭଦ୍ରାଙ୍କ ମରାମତି ଓ ସାଜସଜ୍ଜା ଚାଲିଛି। ଠାକୁର ବିଜେ କରିବା ରାସ୍ତାରେ ଚାଅଁରେ ଛାମୁଣ୍ଡିଆ କରାଯାଇଛି। ଠାକୁରଙ୍କ ବୀର କେଶରୀ ବଲ୍ଲଭ ଅର୍ଥାତ୍ ଭଣ୍ଡ ଧୂପ ପରେ ଚାପ ପ୍ରତିଷ୍ଠା କରାଯିବ। ଚନ୍ଦନ ମଣ୍ଡପ ଓ ଠାକୁର ବିରାଜମାନ କରିବା ସ୍ଥାନରେ ହୋମ ଅନୁଷ୍ଠିତ ହେବ। ଅପରାହ୍ନରେ ଠାକୁରଙ୍କ ବିଜେ ପ୍ରତିମା ଏକ ସୁସଜ୍ଜିତ ବିମାନରେ ବିଜେ କରି ଚନ୍ଦନ ମଣ୍ଡପ ନିକଟରେ ବିରାଜମାନ କରିବେ। ପରେ ଚନ୍ଦନ ପୁଷ୍କରିଣୀରେ ପ୍ରସ୍ତୁତ ଥିବା ଚାପରେ ଠାକୁରଙ୍କ ଦିନ ଚାପ ଓ ରାତି ଚାପ ଅନୁଷ୍ଠିତ ହେବ।

# ବୁଲେଟ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ସାଲେପୁର, ୯।୫ (ଅରବିନ୍ଦ ଭୂୟାଁ)**

କେନ୍ଦ୍ରାପଡ଼ା କେନାଲ ବନ୍ଧ ରାସ୍ତାରେ ଗୁରୁବାର ଏକ ବୁଲେଟ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସନ୍ଧ୍ୟାରେ ବଟେଶ୍ୱର ଗ୍ରାମର ବୁଟୁନା ଭୋଇଙ୍କ ପୁତ୍ର ପ୍ରଶାନ୍ତ ନିକଟସ୍ଥ ବ୍ରହ୍ମା ଗୋସାଇଁ ପୀଠକୁ କୀର୍ତ୍ତନ ଦେଖିବାକୁ କେନ୍ଦ୍ରାପଡ଼ା କେନାଲ ବନ୍ଧରେ ଚାଲି ଚାଲି ଯାଉଥିଲେ। ଏହି ସମୟରେ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଏକ ବୁଲେଟ୍ ନଂ. ଓଡି ୦୫ ଏପି ୬୫୬୭ ଦ୍ରୁତଗତିରେ ଆସି ତାଙ୍କୁ ପଛପଟୁ ଧକ୍କା ଦେବାରୁ ପ୍ରଶାନ୍ତ ଗୁରୁତର ଆହତ ହୋଇ ରାସ୍ତା ଉପରେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାପା ଉତ୍ତେଜନା ଲାଗି ରହିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।


ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ଉପଲକ୍ଷେ ବିନ୍ଦୁ ସାଗରରେ ଚାପଡଙ୍ଗା ପ୍ରସ୍ତୁତ କରାଯାଉଛି।

# କାଳିକାବାଡ଼ି ଗହୀରରେ ହେଟାବାଘ ମୃତଦେହ

**ବ୍ରହ୍ମଗିରି, ୯।୫ (ସ୍ୱାଧୀନ ଚମ୍ପତିରାୟ)**

ବ୍ରହ୍ମଗିରି ରେଞ୍ଜ ଅଧୀନ କାଳିକାବାଡ଼ି ଗ୍ରାମ ନିକଟରେ ଗୁରୁବାର ଏକ ବିଲରେ ଏକ ହେଟାବାଘର ମୃତଦେହ ମିଳିଛି। ପ୍ରଥମେ ଗ୍ରାମର ମହିଳା ଉକ୍ତ ହେଟାବାଘକୁ ଦେଖିଥିଲେ। ଏନେଇ ଗ୍ରାମବାସୀ ଜାଣିବାରୁ ଲୋକଙ୍କ ଭିଡ଼ ଲାଗିଥିଲା। ପରେ ସ୍ଥାନୀୟ ଲୋକେ ବ୍ରହ୍ମଗିରି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ହେଟାବାଘର ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇଛି। ଇନ୍‌ଫେକଶନ ପାଇଁ ତା'ର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।

# କଳିକତି ଦଳରେ ପରିପୂର୍ଣ୍ଣ ଖରଖରା ନାଳ

**ବର୍ଷା ଜଳ ନିଷ୍କାସନରେ ବାଧକ**

**କଣାସ, ୯।୫ (ବିଭୂତି ଭୂଷଣ ତ୍ରିପାଠୀ)**

କେନ୍ଦ୍ର ଓ ରାଜ୍ୟ ସରକାର ନଦୀନାଳର ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ କଣାସ ବ୍ଲକର ଦୟା ଓ ଲୁଣାନଦୀର ମଧ୍ୟବର୍ତ୍ତୀ ୧୧ଟି ପଞ୍ଚାୟତର ବର୍ଷା ଓ ବନ୍ୟାଜଳ ନିଷ୍କାସନ ପାଇଁ ଥିବା ଖରଖରା ନାଳଟି କଳିକତି ଦଳରେ ପରିପୂର୍ଣ୍ଣ ହୋଇଯାଇଛି। ଫଳରେ ଚଳିତବର୍ଷର ବର୍ଷା ଓ ବନ୍ୟାଜଳ ନିଷ୍କାସନରେ ବାଧକ ସାଜୁଛି। ତ୍ରିଲୋଚନପୁର, କଣାସ, ସିରେଇ, ବିଜିପୁର, ଅଣ୍ଡରସିଂହ, ଗଡ଼ସାହି, ଖଣ୍ଡହତା, ଆଳିବାଡ଼, ଯାମଳଗୋଦା, ଗଡ଼ିଶାଗୋଦା ଗ୍ରାମ ପଞ୍ଚାୟତର ୭୯ଟି ଗ୍ରାମର ଧାନଜମିରେ ଆଗାମୀ ବର୍ଷାଋତୁରେ ବର୍ଷା ଓ ବନ୍ୟାଜଳ ଲହଡ଼ି ମାରିବାର ସମ୍ଭାବନା ରହିଛି। ଦୟା ଓ ଲୁଣାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଏହି ୧୧ଟି ଗ୍ରାମପଞ୍ଚାୟତର ବର୍ଷା ଓ ବନ୍ୟାଜଳ ନିଷ୍କାସନ ପାଇଁ କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ ଗୋଟିଏ ନାଳ ବଣାଗାଁ ଜଗନ୍ନାଥ ସଡ଼କ, ଦାମୋଦରପୁର, ଦୁପୁର ଏବଂ ବ୍ରହ୍ମପଡ଼ା ଦେଇ ଚିଲିକା ମଧ୍ୟକୁ ଜଳ ନିଷ୍କାସନ ପାଇଁ ୧୪କି.ମି. ଧରି ରହିଛି। ପ୍ରତିବର୍ଷ ଉକ୍ତ ନାଳରେ କଳିକତି ଦଳ ଜମା ହୋଇ ପଚି ପୋତି ହୋଇପଡୁଥିବାବେଳେ ଚଳିତବର୍ଷ କଳିକତି ଦଳ ପୂର୍ଣ୍ଣହୋଇ ଯିବାରୁ ବର୍ଷା ଓ ବନ୍ୟାଜଳ ନିଷ୍କାସନରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବାର ସମ୍ଭାବନା ରହିଛି। ପ୍ରତ୍ୟେକ ବର୍ଷ ଏହି ଅଞ୍ଚଳର ଚାଷୀ ବର୍ଷା ଓ ବନ୍ୟାଜଳ ଜମି ରହୁଥିବାରୁ ଶାରଦ ଫସଲ ହରାଇ ଚାଷୀ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଏହି ନାଳଟି ଡ୍ରେନେଜ୍ ବିଭାଗର ହୋଇଥିବାରୁ, ଡ୍ରେନେଜ୍ ବିଭାଗର ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ଜେନାଙ୍କୁ ପଚାରିବାରୁ, ଦଳ ସଫା କରିବାକୁ ଆମର କୌଣସି ଆର୍ଥିକ ବ୍ୟବସ୍ଥା ନାହିଁ। କିନ୍ତୁ ନାଳଗୁଡିକ ପ୍ରତି ୫ ବର୍ଷରେ ଥରେ ଲେଖାଏଁ ଖୋଳା ହେବାର ବ୍ୟବସ୍ଥା ରହିଛି। ୪ ବର୍ଷ ହେଲା ଖୋଳା ହୋଇ ନ ଥିବାରୁ ନାଳଗୁଡ଼ିକ ପୋତି ହୋଇଯାଇଛି।


ନାଳରେ ଜମି ରହିଥିବା କଳିକତି ଦଳ।

# ଜିଲାପାଳଙ୍କ କାର୍ଯ୍ୟାଳୟ ସଂଲଗ୍ନ ଛାତରୁ ଖସିଲା କଂକ୍ରିଟ୍

**ପୁରୀ, ୯।୫ (ଅଜିତ୍ କୁମାର ମହାନ୍ତି)**



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ଏକ ଅଘଟଣ ଦେଖିବାକୁ ମିଳିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ଥିବା ସଂଲଗ୍ନ ବିଲ୍ଡିଂରୁ ଏକ ବଡ଼ ସିମେଣ୍ଟ କଂକ୍ରିଟ ଖଣ୍ଡ ଖସି ତଳେ ପଡ଼ିଥିଲା। ତେବେ ଏଥିରେ କୌଣସି କ୍ଷୟକ୍ଷତି ହୋଇ ନ ଥିବାବେଳେ ଦୂରରେ ଥିବା ଲୋକେ ଏହା ଦେଖି ଭୟଭୀତ ହୋଇପଡ଼ିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟକୁ ଜନସାଧାରଣ ବିଭିନ୍ନ କାର୍ଯ୍ୟ ପାଇଁ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଉକ୍ତ କଂକ୍ରିଟ ଖଣ୍ଡଟି ପଡ଼ିଥାନ୍ତା ତେବେ ବଡ଼ ଅଘଟଣ ଘଟିଥାନ୍ତା। ଭାଗ୍ୟବଶତଃ କଂକ୍ରିଟ ପଥରଟି ଖସିବା ବେଳେ ସେହି ସ୍ଥାନରେ କୌଣସି ବ୍ୟକ୍ତି ଉପସ୍ଥିତ ନ ଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ହତା ପରିସର ଥିବା ବିଲ୍ଡିଂ ମରାମତି ଅଭାବରୁ ବିଭିନ୍ନ ଜାଗାରେ ଫାଟ ସୃଷ୍ଟି ହୋଇଛି।

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡ

**ନାବାଳିକା ବଳାତ୍କାର ମାମଲାର ରାୟ**

**ଭୁବନେଶ୍ୱର, ୯।୫ (ସୂର୍ଯ୍ୟକାନ୍ତ ବେହେରା)**

ଭୁବନେଶ୍ୱର ମହିଳା ଥାନାରେ ରୁଜୁ ହୋଇଥିବା ଏକ ବଳାତ୍କାର ମାମଲାର ଗୁରୁବାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ହେମନ୍ତ ବେହେରାଙ୍କୁ ଭୁବନେଶ୍ୱର ଆଡହକ୍ ଅତିରିକ୍ତ ସେସନ୍ସ ଜଜ୍, ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ (ପୋକ୍‌ସୋ)ର ବିଚାରପତି ସରୋଜ କୁମାର ଦୋଷୀ ସାବ୍ୟସ୍ତ କରିଛନ୍ତି। ହେମନ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ସହ ୫ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ସେ ଅଧିକ ୩ ମାସର ଜେଲରେ ରହିବେ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ପୀଡିତାଙ୍କୁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୪ ଡିସେମ୍ବର ୨୦ରେ ଅଭିଯୋଗକାରୀଙ୍କ ପୁତୁରା ରାଜା (ଛଦ୍ମନାମ) ଓ ନାବାଳିକା ଝିଅ ସ୍ଥାନୀୟ ଏକ ବସ୍ତିର ଜଣଙ୍କ ଘରକୁ ଯାଇଥିଲେ। ସେଠାରେ ଅଭିଯୁକ୍ତ ହେମନ୍ତ ବେହେରା ମଧ୍ୟ ଥିଲେ। ସେମାନେ ସମସ୍ତେ ଟିଭି ଦେଖୁଥିବା ସମୟରେ ରାଜା କିଛି ସମୟ ପରେ ଶୌଚ ହେବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ହେମନ୍ତ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ରାଜା ଶୌଚ ସାରି ଫେରିବା ପରେ ଏହି ଘଟଣା ଦେଖିଥିଲେ। ତେବେ ଏ ବିଷୟରେ ପ୍ରଘଟ ନ କରିବାକୁ ରାଜାଙ୍କୁ ହେମନ୍ତ ତାଗିଦ୍ କରିଥିଲେ। ଫଳରେ ରାଜା ଓ ତାଙ୍କ ପୀଡ଼ିତା ଭଉଣୀ ନିଜ ଘରକୁ ଫେରିଆସିଥିଲେ। ତେବେ ପୀଡିତା ବାପା ଖଣ୍ଡଗିରି ଥାନାର ଏକ ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ବେଳେ ଡିସେମ୍ବର ୨୬ରେ ଘରକୁ ଫେରିଥିଲେ। ସେ ପୁତୁରା ରାଜାଙ୍କଠାରୁ ଘଟଣା ବିଷୟରେ ଜାଣିବା ପରେ ମହିଳା ଥାନାରେ ଏତଲା ଦେଇଥିଲେ। ଏହି ଆଧାରରେ ପୋଲିସ ୨୦୧୫ ଜାନୁଆରୀ ୩ରେ ମାମଲା (ନଂ.୩/୨୦୧୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ହେମନ୍ତଙ୍କୁ ପୋଲିସ ଗିରଫ କରିଥିଲା। ୨୦୧୬ ଅକ୍ଟୋବର ୧ରେ ଏହି ମାମଲାରେ ଚାର୍ଜଶିଟ ଦାଖଲ ହେବା ପରେ ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ସାସମଲ ଏବଂ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ବଳରାମ ଦେଓ ପରିଚାଳନା କରିଥିଲେ।

# ରକ୍ଷକ ପାଇଲେ ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ

**ସାରଳା ସାହିତ୍ୟ ସଂସଦ ପକ୍ଷରୁ ସ୍ମୃତି ସନ୍ଧ୍ୟା**

**କଟକ, ୯।୫ (କାର୍ତ୍ତିକ ସାହୁ)**

ସାରଳା ସାହିତ୍ୟ ସଂସଦ ପକ୍ଷରୁ ପ୍ରଖ୍ୟାତ କବି ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ସ୍ମୃତିରେ ସାରସ୍ୱତ ସମାରୋହ କଟକ ସାରଳା ଭବନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ପ୍ରଜ୍ଞାରତ୍ନ ସହଦେବ ସାହୁ ଉଦ୍‌ଘାଟନ କରି ଓଡ଼ିଆ କବିତାରେ ଆଧୁନିକତାର ପ୍ରବର୍ତ୍ତକ ସଚ୍ଚି ରାଉତରାୟ ବୋଲି କହିଥିଲେ। ମୁଖ୍ୟବକ୍ତା ମାଡ୍ରାସ ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ମୁଖ୍ୟ ତଥା ପ୍ରସିଦ୍ଧ ସାହିତ୍ୟିକ ପ୍ରଫେସର ଡ. ଏସ୍. ଆର୍ମଷ୍ଟ୍ରଙ୍ଗ୍ କହିଥିଲେ, ବିଶ୍ୱସାହିତ୍ୟ ସହିତ ସମାନ୍ତରାଳ ଧାରା ସୃଷ୍ଟି କରି ସଚ୍ଚି ରାଉତରାୟ ଓଡ଼ିଆ ଭାଷାରେ କବିତା ରଚନା କରିଯାଇଛନ୍ତି। ମୁଖ୍ୟ ଅତିଥି କଥାଶିଳ୍ପୀ ସଂଗ୍ରାମ କେଶରୀ ମହାପାତ୍ର କହିଥିଲେ, ସଚ୍ଚିବାବୁ ଜଣେ ସମ୍ଭ୍ରାନ୍ତ କଥାକାର। ତାଙ୍କ ରଚିତ ମଶାଣିର ଫୁଲ, ମାଟିର ତାଜ୍, ମାଙ୍କଡ଼ ଓ ଅନ୍ୟାନ୍ୟ ଗଳ୍ପ ଆଦି ଗଳ୍ପ ସଂକଳନ ଓ ଚିତ୍ରଗ୍ରୀବ ଉପନ୍ୟାସ ଯୁଗାନ୍ତକାରୀ ସୃଷ୍ଟି। ସଭାପତି ଡ. ସ୍ୱାଇଁ କହିଥିଲେ, ସଚ୍ଚି ରାଉତରାୟ ଥିଲେ ସାମ୍ୟବାଦୀ ଚେତନାର ଭଗୀରଥ। ତାଙ୍କ କାବ୍ୟିକ ପ୍ରତିଭା ତାଙ୍କୁ ବିଂଶ ଶତକର ମହାକବି ରୂପେ ପରିଚିତ କରାଇଛି। ଏହି ଅବସରରେ କବି ରକ୍ଷକ ନାୟକଙ୍କୁ ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ବାସୁଦେବ ସୁନାନୀ ସ୍ୱାଗତ ଭାଷଣ ଦେଇଥିଲେ। ସଚ୍ଚି ରାଉତରାୟଙ୍କ ପୁତ୍ର ଶ୍ରୀହର୍ଷ ରାଉତରାୟ ପିତାଙ୍କ ଜୀବନଚର୍ଯ୍ୟା ଉପରେ ଆଲୋକପାତ କରିଥିଲେ। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ମାନପତ୍ର ପାଠ ଓ ପ୍ରଫେସର ଡ. ନିମାଇଁ ଚରଣ ପରିଜା ଧନ୍ୟବାଦ ଦେଇଥିଲେ।


କବି ରକ୍ଷକ ନାୟକଙ୍କୁ ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ବୁଲେଟ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ସାଲେପୁର,୯।୫(ଅରବିନ୍ଦ ଭୂୟାଁ)

କେନ୍ଦ୍ରାପଡ଼ା କେନାଲ ବନ୍ଧ ରାସ୍ତାରେ ଗୁରୁବାର ଏକ ବୁଲେଟ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସନ୍ଧ୍ୟାରେ ବଟେଶ୍ୱର ଗ୍ରାମର ବୁରୁନା ଭୋଇଙ୍କ ପୁତ୍ର ପ୍ରଶାନ୍ତ ନିକଟସ୍ଥ ବ୍ରହ୍ମା ଗୋସାଇଁ ପୀଠକୁ କୀର୍ତ୍ତନ ଦେଖିବାକୁ କେନ୍ଦ୍ରାପଡ଼ା କେନାଲ ବନ୍ଧରେ ଚାଲି ଚାଲି ଯାଉଥିଲେ। ଏହି ସମୟରେ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଏକ ବୁଲେଟ୍ ନଂ. ଓଡି ୦୫ ଏପି ୬୫୬୭ ଦ୍ରୁତଗତିରେ ଆସି ତାଙ୍କୁ ପଛପଟୁ ଧକ୍କା ଦେବାରୁ ପ୍ରଶାନ୍ତ ଗୁରୁତର ଆହତ ହୋଇ ରାସ୍ତା ଉପରେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାପା ଉତ୍ତେଜନା ଲାଗି ରହିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଅପହୃତା ନାବାଳିକା ଉଦ୍ଧାର

ମାହାଙ୍ଗା ୯।୫ (ଯଯାତି ସିଂହ)

ମାହାଙ୍ଗା ଥାନା ଅଞ୍ଚଳର ଜୈନିକା ନାବାଳିକା ୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ନିଖୋଜ ଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ତଦନ୍ତରୁ ଜଣାପଡିଲା ଯେ, ନାବାଳିକାଙ୍କୁ ବୈରୀ ଥାନା ଅଞ୍ଚଳ ସାନ ବନ୍ଧାଲ ଗ୍ରାମର ବିକାଶ ଖଟୁଆ ଅପହରଣ କରି ନେଇ ରଖିଛନ୍ତି। ବିକାଶ ପ୍ରଥମେ ନାବାଳିକାଙ୍କୁ ରାଜ୍ୟ ବାହାରେ ରଖିବା ପରେ କେନ୍ଦ୍ରାପଡ଼ା ଅଞ୍ଚଳରେ ରଖିଥିଲେ। ପୋଲିସ କୌଣସି ସୂତ୍ରରୁ ଖବରପାଇ ଏକ ଟିମ୍ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀକୁ ଗିରଫ କରିଥିବା ଥାନା ସୂତ୍ରରୁ ପ୍ରକାଶ।

### ଅବଧି ଶେଷ ୧୦୪ ବିୟର ପେଟି ଜବତ: ଜଣେ ଅଟକ

ମାହାଙ୍ଗା ୯।୫ (ଯଯାତି ସିଂହ)

ସାଲେପୁର, ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢାଉ କରାଯାଇ ଅବଧି ଶେଷ(ଏକ୍ସପାଏରି) ୧୦୪ ପେଟି ବିୟର ଜବତ୍ କରିବା ସହ ଜଣକୁ ଅଟକ ରଖିଛି। ସାଲେପୁର ଅବକାରୀ ରେଞ୍ଜ ସବ୍‌ଇନ୍ସପେକ୍ଟର ବିଜୟ ଭୂଷଣ ନାୟକଙ୍କ ନେତୃତ୍ୱରେ ଏକ ମିଳିତ ଟିମ୍ କୌଣସି ସୂତ୍ରରୁ ଖବର ପାଇ ଏରକଣା ବଜାରଠାରେ ଥିବା ବିଦେଶୀ ଠିପି ବନ୍ଦ ମଦ ଦୋକାନରେ ଉପର ତାଲାରୁ ଅବଧି ଶେଷ ବିୟର ଜବତ୍ କରିଛି। ଏଥିସହ ଦୋକାନର ଜଣେ ସେଲ୍ସମ୍ୟାନ୍‌ଙ୍କୁ ଅଟକ ରଖି ଅଧିକ ତଦନ୍ତ କରିଥିବା ଜଣାପଡିଛି। ଏଠାରେ ଦୀର୍ଘଦିନ ହେବ ଚୋରା ମଦ କାରବାର ଚାଲିବା ସହ ପୂର୍ବରୁ ଅବକାରୀ ବିଭାଗ ଦ୍ୱାରା ନକଲି ମଦ ଜବତ ହୋଇଥିବା ନଜିର ରହିଛି।

### କଂଗ୍ରେସ,ବିଜେଡି କର୍ମୀଙ୍କ ଭାଜପାରେ ଯୋଗଦାନ

ବଡ଼ମ୍ବା/ ବାଙ୍କୀ, ୯।୫(ମାୟାଧର ମଲ୍ଲିକ/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବଡ଼ମ୍ବାସ୍ଥିତ ଭାଜପା କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରାର୍ଥୀ ସମ୍ବିତ ତ୍ରିପାଠୀଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ଏମ୍‌ପି ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଉପସ୍ଥିତ ଥିଲେ । ଏହି ଅବସରରେ ବଡ଼ମ୍ବା ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ବହୁବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଚିତ୍ତରଞ୍ଜନ ମିଶ୍ରଙ୍କ ସଂଯୋଜନା ଓ ସରୋଜ ରଣାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିରଞ୍ଜନ ଶତପଥୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ବାଙ୍କୀ ଭାଜପା ପକ୍ଷରୁ ଡମପଡ଼ା ବ୍ଲକ ଅନ୍ତର୍ଗତ ହରିରାଜପୁର ଗ୍ରାମ ପଞ୍ଚାୟତରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ନିର୍ବାଚନ ମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହରିରାଜପୁର ପଞ୍ଚାୟତର ଜିତେନ୍ଦ୍ର ନାଏକ, ଆଶିଷ ନାଏକ, ରାଜୁ ଲେଙ୍କା ଭଳି ୨୦ଜଣ ଭାଜପାରେ ସାମିଲ ହୋଇଥିଲେ। ବିଧାୟକ ପ୍ରାର୍ଥୀ ଚକ୍ରବର୍ତ୍ତୀ ସମସ୍ତଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।

# ଆଚରଣ ବିଧି କଡ଼ାକଡି ଭାବେ ପାଳନ କର

## ବାଙ୍କୀରେ ସାଧାରଣ ପର୍ଯ୍ୟବେକ୍ଷଙ୍କ ସମୀକ୍ଷା ବୈଠକ

ବାଙ୍କୀ, ୯।୫(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ସତ୍ୟରଞ୍ଜନ ସାହୁ )


ସମୀକ୍ଷା ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ ।

ବାଙ୍କୀ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ନିର୍ବାଚନ ସମ୍ବନ୍ଧୀୟ ସାଧାରଣ ପର୍ଯ୍ୟବେକ୍ଷକ ତଥା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଉମାଶଙ୍କର ସିଂହଙ୍କ ଅଧ୍ୟକ୍ଷତାରେ ଏହି ନିର୍ବାଚନ ମଣ୍ଡଳୀ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସେ ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀ, ସେମାନଙ୍କ ଦ୍ୱାରା ମନୋନୀତ ପ୍ରତିନିଧି ଏବଂ ନିର୍ବାଚନରେ ନିୟୋଜିତ ସେକ୍ଟର ଅଫିସରଙ୍କ ସହ ଆଲୋଚନା କରିଥିଲେ। ପ୍ରଥମେ ସେ ନିର୍ବାଚନ ମଣ୍ଡଳୀରେ ଆଚରଣ ବିଧିର କଡ଼ାକଡି ଭାବେ ପାଳନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ନିର୍ବାଚନମଣ୍ଡଳୀ ଅଧୀନ ବିଭିନ୍ନ ସମ୍ବେଦନଶୀଳ ବୁଥ୍‌ରେ କିପରି ଶାନ୍ତି ଶୃଙ୍ଖଳାର ସହ ଅବାଧ, ନିର୍ଭୁଲ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ହୋଇପାରିବ ସେସମ୍ପର୍କରେ ଉମାଶଙ୍କର ଗୁରୁତ୍ୱାରୋପ କରିଥିଲେ।

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପୋଲିସ ଓ ଅବକାରୀ ବିଭାଗକୁ ସେନ୍‌ସିଟିଭ ଜୋନ୍‌ଗୁଡ଼ିକରେ ସର୍ଭେଲାନ୍ସ କରିବା ପାଇଁ କହିଥିଲେ। ଏହି ଅବସରରେ ସେ ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଦେବୀପ୍ରସାଦ ମହାନ୍ତିଙ୍କ ସହ ଭୋଟିଂ ପ୍ରକ୍ରିୟା ସମ୍ବନ୍ଧରେ ଆଲୋଚନା କରିଥିଲେ। ପ୍ରାର୍ଥୀ ଓ ନିର୍ବାଚନରେ ନିୟୋଜିତ ସେକ୍ଟର ଅଫସରମାନଙ୍କ ଗୁରୁଦାୟିତ୍ୱକୁ ନଜର ରଖି ସେମାନଙ୍କ ସହ ପୋଷ୍ଟାଲ ବାଲଟ ପ୍ରକ୍ରିୟା, ଇଭିଏମ୍, ଭିଭିପିଏଟି ମେଶିନର ପରିଚାଳନା, ମଡେଲ ପୋଲିଂ ଷ୍ଟେଶନ, ସଖୀ ବୁଥ, ୟୁଥ ଏବଂ ୟୁକୋ ଫ୍ରେଣ୍ଡଲି ବୁଥ ଆଜି ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରାଯାଇଥିଲା। ।ଏଥିସହ ସହ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଷ୍ଟ୍ରଙ୍ଗ ରୁମରେ ସମସ୍ତ ମେଶିନକୁ ସୁରକ୍ଷାର ସହ ରଖାଯିବାର ବ୍ୟବସ୍ଥା ସମ୍ବନ୍ଧରେ ଆଲୋଚନା କରିଥିଲେ। ନିର୍ବାଚନକୁ ଠିକ୍ ରୂପେ ପରିଚାଳନା କରିବା ନିମନ୍ତେ ନିୟୋଜିତ ସମସ୍ତ ଅଧିକାରୀ ଓ ପ୍ରାର୍ଥୀମାନଙ୍କ ସହଯୋଗ କାମନା ଉମାଶଙ୍କର କାମନା କରିଥିଲେ ।

ମେ’୨୫ରେ କଟକ ନିର୍ବାଚନମଣ୍ଡଳୀରେ ନିର୍ବାଚନ ହେବାକୁ ଥିବାବେଳେ ଜୁନ ମାସ ୪ରେ ଭୋଟ ଗଣତି ପ୍ରକ୍ରିୟା ଅନୁଷ୍ଠିତ ହେବ । ଏହି ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଜୟ କୃଷ୍ଣ ମହାପାତ୍ର, ଡେପୁଟି କଲେକ୍ଟର ହୃଷିକେଶ ତ୍ରିପାଠୀ, ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ, ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ଅମ୍ଳାନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଚୋରି ଅଭିଯୋଗରେ ୩ ଦୁର୍ବୃତ୍ତ ଗିରଫ

ନିଶ୍ଚିନ୍ତକୋଇଲି,୯।୫ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ଥାନା ପୋଲିସ ଚୋରି ଅଭିଯୋଗରେ ୩ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସମ୍ପୃକ୍ତ ଦୁର୍ବୃତ୍ତଙ୍କ ନିକଟରୁ ପୋଲିସ ବହୁ ଚୋରି ସାମଗ୍ରୀ ଜବତ କରିଛି। ଥାନା ଅଞ୍ଚଳରେ ବାରମ୍ବାର ଚୋରି ଓ ରାହାଜାନି ହୋଇ ଆସୁଥିଲା। ଦୁର୍ବୃତ୍ତମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଗୋଟିଏ ପରେ ଗୋଟିଏ ଲୁଟ କରି ଚାଲିଥିଲା। ଏହି ଦୁର୍ବୃତ୍ତମାନଙ୍କୁ ଧରିବା ଲାଗି ପୋଲିସ ବିଭିନ୍ନସ୍ଥାନରେ ଚଢାଉ କରୁଥିଲା। ପୋଲିସ ସାଲେପୁର ଥାନା ଗଙ୍ଗେଶ୍ୱର ଗ୍ରାମର ମୋହସିନ ଖାଁ(୨୮)। ସେ ଥାନାର ମାଣିତ୍ରି ଗ୍ରାମର ସ୍ୱର୍ଗତ ଉପେନ୍ଦ୍ର ସାହୁଙ୍କ ପୁତ୍ର ଅଜୟ କୁମାର ସାହୁଙ୍କୁ ସେହିପରି ଭାବେ ଟାଙ୍ଗି ଥାନା ଏବଂ ଭଟିମୁଣ୍ଡା ଗ୍ରାମର ମଳୟ ପୃଷ୍ଟି (୪୫)ମଧ୍ୟ ଗିରଫ କରାଯାଇଛି। ସେମାନଙ୍କଠାରୁ ପୋଲିସ ଗୋଟିଏ ବାଇକ୍ ନଂ. ଓଡି ୦୫ ବିପି ୭୯୨୬, ମୋବାଇଲ ସମେତ ବହୁ ବାସନକୁସନ ଜବତ କରିଛି। ଏହି ସମ୍ପତ୍ତିର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଥାନାରେ ନଂ. ୧୧୧/୨୪ରେ ମାମଲା ରୁଜୁ ହୋଇଛି। ଦୁର୍ବୃତ୍ତମାନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ଆଇଆଇସି ଯୁଗଳ କିଶୋର ଦାସ କହିଛନ୍ତି।


ଗିରଫ ୩ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

# ‘ଅର୍ଥନୈତିକ ଅଭିବୃଦ୍ଧିରେ ଭାରତର ସ୍ଥାନ ବିଶ୍ୱରେ ପଞ୍ଚମ’


ସମ୍ମିଳନୀରେ କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଏବଂ ସାଲେପୁର ବିଧାନସଭା ପ୍ରାର୍ଥୀ ଅରିନ୍ଦମ ରାୟ ଓ ଅନ୍ୟମାନେ ।

ସାଲେପୁର,୯।୫(ଅରବିନ୍ଦ ଭୂୟାଁ)

ସାଲେପୁର ବି.କେ. ମଣ୍ଡପରେ ଭାଜପା ନିର୍ବାଚନମଣ୍ଡଳୀସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଓ ଆଇନ୍‌ଜୀବୀ ବିକ୍ରମ କେଶରୀ ବଳଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଅର୍ଥନୈତିକ ଅଭିବୃଦ୍ଧିରେ ଭାରତର ସ୍ଥାନ ବିଶ୍ୱରେ ପଞ୍ଚମ । ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଯୋଗୁ ସମ୍ଭବ ହୋଇପାରିଛି। କେନ୍ଦ୍ର ସରକାର ମାଗଣା ଚାଉଳ ଠାରୁ ଆରମ୍ଭ କରି ପକ୍କା ଘର ସମେତ ବିଭିନ୍ନ ପ୍ରକାର ଯୋଜନା ଲୋକମାନଙ୍କ ପାଇଁ କାର୍ଯ୍ୟକାରୀ କରିଥିବାବେଳେ ରାଜ୍ୟ ସରକାର ଏହାକୁ ନିଜର କହି ଲୋକମାନଙ୍କୁ ଭୂଆଁ ବୁଲାଉଛନ୍ତି। ଓଡ଼ିଶାର ଜନସାଧାରଣ ଏ ସମ୍ପର୍କରେ ଜାଣିସାରିଲେଣି, ଆଗାମୀ ନିର୍ବାଚନରେ ଏହାର କଡ଼ା ଜବାବ ଦିଆଯିବ ବୋଲି ବୈଜୟନ୍ତ କହିଥିଲେ। ବିଶିଷ୍ଟ ଅତିଥି ଭାବେ ସାଲେପୁର ନିର୍ବାଚନ ମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ ଯୋଗଦେଇ ସାଲେପୁର ବିକାଶ ପାଇଁ ମୁଁ ସବୁବେଳେ ଗୁରୁତ୍ୱ ଦେବି ବୋଲି କହି ନିର୍ବାଚନରେ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଯୁବନେତା ରଶ୍ମିରଞ୍ଜନ ଲେଙ୍କା, ବରିଷ୍ଠ ନେତା କୁଞ୍ଜମୋହନ ସେଠୀ, କଟକ ଜିଲା ଭାଜପା ସଭାପତି ରାମନାରାୟଣ ମହାନ୍ତି, ଟାଙ୍ଗୀ ଅଞ୍ଚଳର ଯୁବନେତା ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ମିଶ୍ରଣ ପର୍ବ ଆୟୋଜନ କରାଯାଇଥିଲା। ଏଥିରେ ବିଜେଡି ସଙ୍ଗଠକ ହିମାଂଶୁ ମହାନ୍ତି, ପ୍ରସନ୍ନ ମିଶ୍ର ,ପୂର୍ବତନ ସରପଞ୍ଚ ଧ୍ରୁବଚରଣ ମହାନ୍ତି, ବିଶ୍ୱଜିତ ଷଡ଼ଙ୍ଗୀ ପ୍ରମୁଖ ଭାଜପାରେ ସାମିଲ ହୋଇଥିଲେ। ନୂତନ ଭାବେ ଦଳରେ ସାମିଲ ହୋଇଥିବା ଏହି କର୍ମୀ ଓ ନେତାମାନଙ୍କ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି କର୍ମକର୍ତ୍ତା ସମ୍ମିଳନୀରେ ନିର୍ବାଚନମଣ୍ଡଳୀର ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

# ବିଧାୟକ,ଏମ୍‌ପି ପ୍ରାର୍ଥୀଙ୍କ ମାରାଥନ ପ୍ରଚାର

ବାଙ୍କୀ, ୯।୫(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ଆଜି ଡମପଡ଼ା ବ୍ଲକ ଅନ୍ତର୍ଗତ କେନ୍ଦ୍ରୀୟ ଜୋନ ନରଗାଙ୍ଗ ପଞ୍ଚାୟତରେ ବାଙ୍କୀ ବିଜେଡି ପକ୍ଷରୁ ବିଜେଡି ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ଏବଂ କଟକ ଏମ୍‌ପି ପ୍ରାର୍ଥୀ ଡ.ସଂତୃପ୍ତ ମିଶ୍ରଙ୍କ ମାରାଥାନ ପ୍ରଚାର କରାଯାଇଛି । ଏହି କାର୍ଯ୍ୟକ୍ରମରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଘରକୁ ଘର ବୁଲି ଲୋକମାନଙ୍କ ସାକ୍ଷାତ କରି ସେମାନଙ୍କ ଠାରୁ ଭୋଟ ଆଶୀର୍ବାଦ ଭିକ୍ଷା କରିବା ସହ ସେମାନଙ୍କର ସମସ୍ୟା ପଚାରି ବୁଝିଥିଲେ। ସେ ପଳାଶୁଣି, ଚିରାମାରୁ, ଫାଶୀବସ୍ତ ଏବଂ ନରଗାଙ୍ଗ ଆଦି ଗ୍ରାମ ବୁଲିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଜୋନ ଜିଲା ପରିଷଦ ସଦସ୍ୟା ମିନତୀ ମହାପାତ୍ର, ଡମପ ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ସରପଞ୍ଚ ରେବତୀ ଜେନା, ସମିତି ସଭ୍ୟ ପ୍ରଶାନ୍ତ ମତଗଜ ସିଂହ, ପଞ୍ଚାୟତ ବିଜେଡି ସଭାପତି ନାରାୟଣ ଜେନା, ସମବାୟବିତ୍ ସମରେନ୍ଦ୍ର ମହାପାତ୍ର, ବିରଞ୍ଚି ସ୍ୱାଇଁ, ପ୍ରଭୃତି ବହୁ କର୍ମୀ ଯୋଗଦେଇ ଥିଲେ। ସେହିପରି ବିଜେଡି ପକ୍ଷରୁ ତୁଳସୀପୁର ପଞ୍ଚାୟତରେ ମଧ୍ୟ ପ୍ରଚାର କରାଯାଇଥିଲା। ଏଥିରେ ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ଯୋଗଦେଇ ଭୋଟ୍ ପାଇଁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ କେନ୍ଦ୍ରୀୟ ଜୋନ ଜିଲା ପରିଷଦ ସଦସ୍ୟା ମିନତୀ ମହାପାତ୍ର, ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ଅର୍ଜୁନ ସାହୁ, ଦୁଃଖିଶ୍ୟାମ ସାହୁ ପ୍ରମୁଖ ଯୋଗଦେଇଥିଲେ।

# କଂଗ୍ରେସ ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର

କଟକ ସଦର, ୯।୫(ସୁଶାନ୍ତ କୁମାର ଜେନା)

ଆସନ୍ତା ନିର୍ବାଚନ ପାଇଁ କଟକ ସଦର କଂଗ୍ରେସ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ଗୋଛାୟତ ଗୁରୁବାର ବିଭିନ୍ନ ଅଞ୍ଚଳରେ ପ୍ରଚାର କରିଛନ୍ତି। ୪୨ ମୌଜାର ବିଭିନ୍ନ ପଞ୍ଚାୟତ ଓ ଗ୍ରାମ ବୁଲି ଲୋକଙ୍କ ସମସ୍ୟା ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। କଳପଡା ପଞ୍ଚାୟତର ରାଉତରାୟପୁର ଗ୍ରାମରେ ମହିଳା, ଯୁବକ, ଛାତ୍ରୀଛାତ୍ରଙ୍କୁ ଭେଟି କଂଗ୍ରେସ୍‌ର ବିଭିନ୍ନ ଗ୍ୟାରେଣ୍ଟି ବିଷୟରେ ଅବଗତ କରାଇବା ସହ ହାତ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏଥିସହ ଝାରକଟା ପଞ୍ଚାୟତର ମଣିବାଡ ଗ୍ରାମକୁ ଯାଇ ମହିଳା, ଯୁବକ, ମୁରବି ଓ ସ୍ଥାନୀୟ ବାସିନ୍ଦାଙ୍କୁ ଭେଟି ସେମାନଙ୍କ ମୌଳିକ ସମସ୍ୟା ବିଷୟରେ ପଚାରି ବୁଝିଥିଲେ।


ରାଉତରାୟପୁର ଗ୍ରାମରେ କଂଗ୍ରେସ ପ୍ରାର୍ଥୀ ରାମଚନ୍ଦ୍ର ଗୋଛାୟତ ନିର୍ବାଚନ ପ୍ରଚାର କରୁଛନ୍ତି।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଟିଗିରିଆ,୯।୫(ଜାଫର ଖାଁ )

ଟିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଇପୁର ପଞ୍ଚାୟତରେ ଗୁରୁବାର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତସ୍ଥିତ ଚିନ୍ନାପାଟଣା ମଙ୍ଗଳା ମନ୍ଦିରଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପଞ୍ଚାୟତ ବିଜେଡି ସଭାପତି ବୈକୁଣ୍ଠ ବିହାରୀ ନନ୍ଦୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲାପରିଷଦ ସଭ୍ୟ ସସ୍ମିତା ରାଉତ, ଟିଗିରିଆ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରୁପା ଦଳେଇ, ସମସୁରା ବେଗମ, ସ୍ଥାନୀୟ ନେତା ସାହାଦତ ଖାଁ, ସରାଫତ ଖାଁ, ପୀତବାସ ବେହେରା, ସବିତା ବେହେରା, ରାଜକିଶୋର ବାରିକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଶୋଭଯାତ୍ରା ବନମାଳୀପୁର, ଜେମାଦେଇପୁର, ବୁଦ୍ଧଜୟନ୍ତୀ ପୁରସ୍ଥିତ ବୁଦ୍ଧ ବିହାର ପର୍ଯ୍ୟନ୍ତ ଯାଇ ରାଜ୍ୟସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲା। ଏଥିସହ ଘରେ ରେ ଶଙ୍ଖ ଚିହ୍ନ ଲଗାଯାଇଥିଲା।


ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀ।

# ମନମୋହିଲା ରାବଣପୋଡ଼ି ଯାତ୍ରା


ରାବଣପୋଡ଼ି ଯାତ୍ରାରେ ଅଂଶଗ୍ରହଣ କରିଥିବା କଳାକାରମାନେ ।


ଅଗ୍ନି ସଂଯୋଗ ପାଇଁ ରଖାଯାଇଥିବା ରାବଣ ପ୍ରତିକୃତି।

ବାଙ୍କୀ, ୯।୫(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ କଳାପଥର ଅଞ୍ଚଳର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ରାଧାମୋହନ ବିଜେ ନାଟ୍ୟ ମଣ୍ଡପରେ ଚାଲିଥିବା ପ୍ରସିଦ୍ଧ ରାବଣପୋଡି ଯାତ୍ରାର ମୁଖ୍ୟ ଆକର୍ଷଣ ରାବଣ ବଧ ସ୍ଥାନୀୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ସମସ୍ତ କଳାପଥର ଗ୍ରାମ ଉତ୍ସବ ମୁଖର ହୋଇଉଠିଥିଲା। ଏହା ଦେଖିବାକୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଶ୍ରୀ ରଘୁନାଥ ଜୀଉ ରାମଲୀଳା ମଣ୍ଡଳୀ କଳାକାରମାନେ ଇନ୍ଦ୍ରଜିତ ବଧ, ରାବଣ ଦ୍ୱାରା ଲକ୍ଷ୍ମଣ ଶକ୍ତି ପାଠ, ବୀର ହନୁମାନ ଗନ୍ଧମାର୍ଦ୍ଦନ ପର୍ବତରୁ ବିଶଲ୍ୟକରଣୀ ଆଣିବା, ଲକ୍ଷ୍ମଣଙ୍କ ଆରୋଗ୍ୟ ଲାଭ, ଭରତ ଓ ହନୁମାନଙ୍କ ସାକ୍ଷାତ ତଥା ରାବଣର ପୁତ୍ରବଧ ଆଦି ପ୍ରସଙ୍ଗକୁ ଚିତାକର୍ଷକ ଭାବେ ପରିବେଷଣ କରିଥିଲେ। ପଡ଼ିଆରେ ୩୦ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ପ୍ରତିକୃତି ତିଆରି କରାଯାଇଥିଲା। ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ବ୍ରହ୍ମ ସର ଦ୍ୱାରା ଉକ୍ତ ପ୍ରତିକୃତିରେ ଅଗ୍ନିସଂଯୋଗ କରାଯାଇଥିଲା। ଏହାପରେ ଆତସବାଜୀ ପ୍ରତିଯୋଗିତା କରାଯାଇଥିଲା । ଲଙ୍କା ବିଜୟ ପରେ ଘଣ୍ଟଘଣ୍ଟା, ଢ଼ୋଲ, ମର୍ଦ୍ଦଳ ଧ୍ୱନୀରେ ସୁସଜ୍ଜିତ ବିମାନରେ ପ୍ରଭୁ ଶ୍ରୀରାମଚନ୍ଦ୍ର, ମାତା ସୀତା ଏବଂ ଅନୁଜ ଲକ୍ଷ୍ମଣଙ୍କୁ ଏକ ଶୋଭାଯାତ୍ରାରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା। ଏହାପରେ ରାଜ୍ୟଭିଷେକ ହୋଇଥିଲା। ଏହି ଯାତ୍ରା ପରିଚାଳନାରେ କମିଟି ମୁଖ୍ୟ ତଥା ଗୁରୁ ନୀଳମଣି ସାଥୁଆ, ସମ୍ପାଦକ ଗଣେଶ୍ୱର ମହାପାତ୍ର ଏବଂ ସୁବାସ ସାମଲ, ଅକ୍ରୁର ରଣା, ସୁରେନ୍ଦ୍ର ବିଶ୍ୱାଳ, କେଳୁଚରଣ ସାହୁ, ବିଶ୍ୱଜିତ୍ ସାହୁ, ମନୋଜ କୁମାର ସାହୁ, ପ୍ରଦୀପ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ରାମ, ଲକ୍ଷ୍ମଣ, ସୀତା ଭୂମିକାରେ ଗଣେଶ ମହାପାତ୍ର, ଗଣେଶ ବାରିକ, ନୀଳାମ୍ବର ଷଡ଼ଙ୍ଗୀ, ରାବଣ ଭୂମିକାରେ ପ୍ରମୋଦ ଷଡ଼ଙ୍ଗୀ, ହନୁମାନ ଭୂମିକାରେ ପ୍ରଦୀପ କୁମାର ସାହୁ ଅଭିନୟ କରିଥିଲେ। ଏହି ରାମଲୀଳା ଦୀର୍ଘ ୫୦ବର୍ଷରୁ ଊର୍ଦ୍ଧ୍ୱ ଏଠାରେ ପାଳିତ ହୋଇଆସୁଛି ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୫।୨୦୨୪

| | |
|---|---|
| ୩,୦୭,୮୯୫ ଟଙ୍କା | |
| ସୁନା | ୨୦୦ ମିଲିଗ୍ରାମ୍ |
| ରୁପା | ୬.୫୦୦ ଗ୍ରାମ୍ |

# ପ୍ରାର୍ଥୀପତ୍ର ଦାଖଲ କଲେ ବାଇଧର, ପ୍ରଭାତୀ, ସରୋଜିନୀ





କାକଟପୁର ବିଧାନସଭା ଆସନର ଭାଜପା ପ୍ରାର୍ଥୀ ବାଇଧର ମଲ୍ଲିକ ଏବଂ ନିମାପଡ଼ା ବିଧାନସଭା ଆସନର ଭାଜପା ପ୍ରାର୍ଥୀ ପ୍ରଭାତୀ ପରିଡା ନାମାଙ୍କନପତ୍ର ଦାଖଲ କରୁଛନ୍ତି ।

ପୁରୀ/କାକଟପୁର/ନିମାପଡ଼ା/ଗୋପ/କୋଣାର୍କ/ଯୋଗେଶ୍ୱରପୁର, ୯।୫ (ଅଜିତ ମହାନ୍ତି/ ଶୁଭଦର୍ଶନ ମିଶ୍ର/ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ/ଭାରତୀ ଭୂଷଣ ଉପାଧ୍ୟାୟ/ଜ୍ୟୋତିରାଜ ମହାନ୍ତି/ରଶ୍ମିରଞ୍ଜନ ସାହୁ)

କାକଟପୁର ବିଧାନସଭା ଆସନର ଭାଜପା ପ୍ରାର୍ଥୀ ବାଇଧର ମଲ୍ଲିକ ଗୁରୁବାର ପୁରୀ ଅତିରିକ୍ତ ଜିଲାପାଳ (ରାଜସ୍ୱ) ତଥା ରିଟର୍ନିଂ ଅଫିସର କୈଳାସ ଚନ୍ଦ୍ର ନାୟକଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେ ସମର୍ଥକ ଓ ଦଳୀୟ ନେତାଙ୍କ ସହିତ ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ମା' ମଙ୍ଗଳାଙ୍କ ଦର୍ଶନ କରି କାକଟପୁର ବଜାର ପରିକ୍ରମା କରିବା ପରେ ପୁରୀ ଯାଇଥିଲେ। ମୋଦୀ ଗ୍ୟାରେଣ୍ଟି ଓ ଲୋକଙ୍କ ସମସ୍ୟା ସମାଧାନ କରିବାର ପ୍ରତିଶ୍ରୁତି ଦେଇ ଭୋଟ ମାଗିବା ସହିତ କେନ୍ଦ୍ର ସରକାରଙ୍କ ଅନୁଦାନ ତଥା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ରାଜ୍ୟ ସରକାର ଠିକ ଭାବରେ ଲୋକଙ୍କ ନିକଟରେ ପହଞ୍ଚାଇପାରୁନାହିଁ ବୋଲି ମଲ୍ଲିକ କହିଛନ୍ତି। ଉକ୍ତ ଶୋଭାଯାତ୍ରାରେ ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରାଜଲକ୍ଷ୍ମୀ ଦାଶ, ଜିଲା ଉପସଭାପତି ରତିକାନ୍ତ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମଙ୍ଗଳାପ୍ରସାଦ ସାମନ୍ତରାୟ, ନିର୍ବାଚନମଣ୍ଡଳୀ ସଂଯୋଜକ ସୁଦର୍ଶନ ସ୍ୱାଇଁ, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ରମଣୀ ରଞ୍ଜନ ମଲ୍ଲିକ, ସଂଯୋଜକ ଇଂ. ପ୍ରିୟବ୍ରତ ବିଶ୍ୱାଳ ପ୍ରମୁଖ ଶତାଧିକ ସମର୍ଥକ ସାମିଲ ଥିଲେ।

ସେହିପରି ନିମାପଡ଼ା ବିଧାନସଭା ଆସନର ଭାଜପା ପ୍ରାର୍ଥୀ ପ୍ରଭାତୀ ପରିଡ଼ା ପୂର୍ଣ୍ଣେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରାରେ ପୁରୀ ଯାଇ ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶୋଭାଯାତ୍ରାରେ କୃଷ୍ଣଚନ୍ଦ୍ର ସ୍ୱାଇଁ, ଜୀବନାନନ୍ଦ ମହାପାତ୍ର, ପ୍ରଦୀପ୍ତ ଖଟୋଇ, ଅଶୋକ ସାହୁ, ଶଙ୍କର ଭୋଇ ଏବଂ ବ୍ରଜକିଶୋର ନାୟକ ପ୍ରମୁଖ ଶତାଧିକ ସମର୍ଥକ ଓ ଦଳୀୟ ନେତୃବୃନ୍ଦ ସାମିଲ ଥିଲେ। ନିମାପଡ଼ା ବିଧାନସଭା ଆସନର ସ୍ୱାଧୀନ ପ୍ରାର୍ଥୀ ଭାବେ ସରୋଜିନୀ ପ୍ରଧାନ ତାଙ୍କ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଯାଇ ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।



ସମର୍ଥକଙ୍କ ସହ ନିର୍ବାଚନ ପ୍ରଚାର କରୁଛନ୍ତି ଅରୂପ ପଟ୍ଟନାୟକ ଓ ସଞ୍ଜୟ ଦାସବର୍ମା।

## ଅରୂପ, ସଞ୍ଜୟଙ୍କ ନିର୍ବାଚନୀ ପ୍ରଚାର

ସାକ୍ଷୀଗୋପାଳ,୯।୫ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର):

ବିଜେଡିର ଏମ୍‌ପି ପ୍ରାର୍ଥୀ ଅରୂପ ପଟ୍ଟନାୟକ ଏବଂ ସତ୍ୟବାଦୀ ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ସଞ୍ଜୟ କୁମାର ଦାସବର୍ମା ଗୁରୁବାର ସତ୍ୟବାଦୀ ବ୍ଲକ ସୁକଳ ପଞ୍ଚାୟତର ଗାଁକୁ ଗାଁ ବୁଲି ନିର୍ବାଚନ ପ୍ରଚାର କରିଛନ୍ତି। ପଞ୍ଚାୟତସ୍ତରରେ ସମସ୍ୟାକୁ କିଭଳି ସଜଡ଼ାଯିବ, ସେ ବିଷୟରେ ନିଜେ କର୍ମୀଙ୍କ ସହ ଆଲୋଚନା କରିଥିଲେ। ଏହି ନିର୍ବାଚନ ପ୍ରଚାରରେ ୨ ନେତାଙ୍କ ସହ କର୍ମକର୍ତ୍ତା ଯୋଗଦେଇ ପଞ୍ଚାୟତର ପ୍ରତି ଘରକୁ ଯାଇ ସଦସ୍ୟଙ୍କ ସହ ମିଶିବା, ଭଲମନ୍ଦ ପଚାରି ବୁଝି ନିଜ ସପକ୍ଷରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଏଥିସହ ସଞ୍ଜୟ ସତ୍ୟବାଦୀ ପରିଜାପଡ଼ା ପଞ୍ଚାୟତରେ ବୁଲି ସମସ୍ତଙ୍କୁ ନିଜ ପାଇଁ ଭୋଟ ଭିକ୍ଷା କରିଛନ୍ତି।

## ବ୍ଲକ ମହିଳା ମହାସଂଘ ସଭାନେତ୍ରୀଙ୍କୁ ହତ୍ୟା ଧମକ

### ଥାନାରେ ଅଭିଯୋଗ



ଗୋପ,୯।୫ (ଭାରତୀ ଭୂଷଣ ଉପାଧ୍ୟାୟ):

ଗୋପ ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୃଷ୍ଟିଙ୍କୁ ଟେଲିଫୋନରେ ହତ୍ୟା ଧମକ ଦିଆଯାଇଥିବା ଗୋପ ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ଏ ସମ୍ପର୍କରେ ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସ୍‌ପି ପିନାକ ମିଶ୍ରଙ୍କୁ ଅଭିଯୋଗ ଦେଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ମିନାକ୍ଷୀ ପୃଷ୍ଟି ଦୀର୍ଘ ଦିନ ଧରି ଗୋପ ବ୍ଲକ ଓ ପୁରୀ ଜିଲାର ମହିଳା ମହାସଂଘ ସଭାନେତ୍ରୀ ଭାବେ ଦାୟିତ୍ୱ ଚଳାଉଥିବାବେଳେ ବିଭିନ୍ନ ସମୟରେ ମହିଳାଙ୍କ ସ୍ୱାବଲମ୍ବୀ କ୍ଷେତ୍ରରେ ନିଜକୁ ସମର୍ପିତ କରିଥାନ୍ତି। ମାତ୍ର କୌଣସି କାରଣ ନ ଥିବାବେଳେ ଗୁରୁବାର ଅପରାହ୍ନରେ ହଠାତ୍ ଏକ ନମ୍ବରରୁ ମିନାକ୍ଷୀଙ୍କୁ କଲ୍ ଆସିଥିଲା। ମିନାକ୍ଷୀ ଫୋନ ଉଠାଇବା ମାତ୍ରେ ଜନୈକ ବ୍ୟକ୍ତି ଜଣଙ୍କ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତୁମ ଦୁଆର ଦେଇ ଶୋଭାଯାତ୍ରା ଯାଉଛି। ସନ୍ଧ୍ୟା ସୁଦ୍ଧା ୬ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ନଚେତ୍ ତାଙ୍କ ପରିବାର ଉପରେ ବମ୍ ପକାଇବେ ବୋଲି ବାରମ୍ବାର ଧମକ ଦେଇଥିଲେ। ଏପରି ଏକ ଧମକପୂର୍ଣ୍ଣ ଟେଲିଫୋନ ପରେ ମିନାକ୍ଷୀ ଗୋପ ଥାନାରେ ଅଭିଯୋଗ ଦେବା ସହ ପୁରୀ ଜିଲା ପ୍ରଶାସନର ଅଧିକାରୀଙ୍କୁ ଅଭିଯୋଗ ଦେଇଛନ୍ତି। ଏପରି ଏକ ହତ୍ୟା ଓ ଦାଦା ବଟି ମାଗିବା ଖବର ଜଣା ପଡିବା ପରେ ଜିଲା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯିବା ସହିତ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବି କରାଯାଇଛି। ଏହି ଅଭିଯୋଗ ସମ୍ପର୍କରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ ପଢ଼ିହାରୀଙ୍କୁ ପଚାରିବାରେ, ଅଭିଯୋଗରେ ଥିବା ଫୋନ ନମ୍ବରକୁ ନେଇ ଯାଞ୍ଚ କରାଯାଉଛି। ଖୁବ୍‌ଶୀଘ୍ର ଏ ସମ୍ପର୍କରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ

ନିମାପଡ଼ା,୯।୫ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ):

ଆଗାମୀ ନିର୍ବାଚନରେ ପୁରୀ ଜିଲାରେ ନିମାପଡ଼ା ସମେତ ୬ ବିଧାୟନ ସଭା ଆସନରେ ବିଜେଡି ବାଜିମାତ କରିବା ସହ ବିଜୟୀ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁନଶ୍ଚ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ବୋଲି ରାଜ୍ୟବାସୀ ସ୍ଥିର କରିସାରିଲେଣି। ନିମାପଡ଼ାଠାରେ ବିଜେଡି ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଗୁରୁବାର ପୁରୀ ଜିଲା ପର୍ଯ୍ୟବେକ୍ଷକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ମତବ୍ୟକ୍ତ କରିଛନ୍ତି। ଦଳରେ ବିଶୃଙ୍ଖଳା ସୃଷ୍ଟି କରୁଥିବା, ଦଳ ବିରୋଧୀ, କାର୍ଯ୍ୟ କରୁଥିବା ନେତା, ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାଇଁ କହିଛନ୍ତି। ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ଦିଲୀପ ନାୟକ ଯୋଗଦେଇ ନିର୍ବାଚନୀରେ ବିଜେଡି କେବଳ ଲଗାତର ଭାବେ ଛକା, ଚଉକା ମାରି ବିଜୟୀ ହେବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ନିମାପଡ଼ା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଭୂପେଶ ଚନ୍ଦ୍ର ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ବରିଷ୍ଠ ନାରୀନେତ୍ରୀ କୁଞ୍ଜଲତା ସାମଲ, ବରିଷ୍ଠ ନେତା ଧନୁର୍ଦ୍ଧର ଦାସ, ଦିଲୀପ ପାତ୍ର, ମାନସ ପ୍ରଧାନ, ଅକ୍ଷୟ ନାୟକ, ଅଜୟ ଭୋଇ ପ୍ରମୁଖ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ବିଜୟ ପାଇଁ ଦଳର ସମସ୍ତ ନେତୃବୃନ୍ଦ, କାର୍ଯ୍ୟକର୍ତ୍ତାମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ନିମାପଡ଼ାରେ ପୁନଶ୍ଚ ଯୋଡ଼ି ଶଙ୍ଖ ବଜାଇବାକୁ ଏମ୍‌ପି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରାର୍ଥୀ ନାୟକଙ୍କୁ ଜିତାଇବାକୁ କାର୍ଯ୍ୟକର୍ତ୍ତାମାନେ ଶପଥ ନେଇଥିଲେ। ସମ୍ମିଳନୀରେ ବହୁ ମହିଳାଙ୍କ ସମେତ ୫ଶହରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ ଗୋପ ବ୍ଲକ ନାଗପୁର ପଞ୍ଚାୟତ ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଦଳ ଛାଡ଼ି ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଥିଲେ। ନୂତନ କର୍ମୀଙ୍କୁ ପର୍ଯ୍ୟବେକ୍ଷକ ସ୍ୱାଇଁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ନଗରସଭାପତି ଦିଲୀପ ପାତ୍ର, ଯୁବନେତା ରଘୁନାଥ ଗିରି, ଦଳୀୟ ସଂଯୋଜକ ପ୍ରଦୀପ୍ତ ନାୟକ, ସୁଭାଶିଷ ରାଉତରାୟ, ବିଶ୍ୱଜିତ୍ ବାରିକ୍ ପ୍ରମୁଖ ଯୋଗଦେଇଥିଲେ।



କର୍ମୀ ସମ୍ମିଳନୀରେ ବିଜେଡି ପ୍ରାର୍ଥୀ ଦିଲ୍ଲୀପ ନାୟକ ଉଦ୍‌ବୋଧନ ଦେଉଛନ୍ତି ।

## ଜିଲାପାଳଙ୍କ କାର୍ଯ୍ୟାଳୟ ସଂଲଗ୍ନ ଛାତରୁ ଖସିଲା କଂକ୍ରିଟ୍

ପୁରୀ, ୯।୫ (ଅଜିତ୍ କୁମାର ମହାନ୍ତି)

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ଏକ ଅଘଟଣ ଦେଖିବାକୁ ମିଳିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ଥିବା ସଂଲଗ୍ନ ବିଲ୍ଡିଂରୁ ଏକ ବଡ଼ ସିମେଣ୍ଟ କଂକ୍ରିଟ ଖଣ୍ଡ ଖସି ତଳେ ପଡ଼ିଥିଲା। ତେବେ ଏଥିରେ କୌଣସି କ୍ଷୟକ୍ଷତି ହୋଇ ନ ଥିବାବେଳେ ଦୂରରେ ଥିବା ଲୋକେ ଏହା ଦେଖି ଭୟଭୀତ ହୋଇପଡ଼ିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟକୁ ଜନସାଧାରଣ ବିଭିନ୍ନ କାର୍ଯ୍ୟ ପାଇଁ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଉକ୍ତ କଂକ୍ରିଟ ଖଣ୍ଡଟି ପଡ଼ିଥାନ୍ତା ତେବେ ବଡ଼ ଅଘଟଣ ଘଟିଥାନ୍ତା। ଭାଗ୍ୟବଶତଃ କଂକ୍ରିଟ ପଥରଟି ଖସିବା ବେଳେ ସେହି ସ୍ଥାନରେ କୌଣସି ବ୍ୟକ୍ତି ଉପସ୍ଥିତ ନ ଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ହତା ପରିସର ଥିବା ବିଲ୍ଡିଂ ମରାମତି ଅଭାବରୁ ବିଭିନ୍ନ ଜାଗାରେ ଫାଟ ସୃଷ୍ଟି ହୋଇଛି।



## କାଳିକାବାଡ଼ି ଗହୀରରେ ହେଟାବାଘ ମୃତଦେହ

ବ୍ରହ୍ମଗିରି, ୯।୫ (ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ରେଞ୍ଜ ଅଧୀନ କାଳିକାବାଡ଼ି ଗ୍ରାମ ନିକଟରେ ଗୁରୁବାର ଏକ ବିଲରେ ଏକ ହେଟାବାଘର ମୃତଦେହ ମିଳିଛି। ପ୍ରଥମେ ଗ୍ରାମର ମହିଳା ଉକ୍ତ ହେଟାବାଘକୁ ଦେଖିଥିଲେ। ଏନେଇ ଗ୍ରାମବାସୀ ଜାଣିବାରୁ ଲୋକଙ୍କ ଭିଡ଼ ଲାଗିଥିଲା। ପରେ ସ୍ଥାନୀୟ ଲୋକେ ବ୍ରହ୍ମଗିରି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ହେଟାବାଘର ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇଛି। ଇନ୍‌ଫେକଶନ ପାଇଁ ତା'ର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।

## ସଂକ୍ଷେପରେ

### ପିପିଲି ବିଧାନସଭା ଲଢ଼େଇରେ ୯ ପ୍ରାର୍ଥୀ

ପିପିଲି,୯।୫ (ଦୁର୍ଗା ମାଧବ ମିଶ୍ର):

ପିପିଲି ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀପତ୍ର ଦାଖଲ, ଯାଞ୍ଚ ଓ ପ୍ରତ୍ୟାହାର ପରେ ନିର୍ବାଚନ ମଇଦାନରେ ୯ଜଣ ପ୍ରାର୍ଥୀ ଲଢ଼େଇ କରୁଥିବା ତାଲିକା ପ୍ରକାଶ ପାଇଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ୬ଜଣ ପ୍ରାର୍ଥୀ ହୋଇଥିବାବେଳେ ୩ଜଣ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ବିଶେଷକରି କେହି ମହିଳା ପ୍ରାର୍ଥୀ ନ ଥିବା ଜଣାପଡ଼ିଛି। ବିଜେଡିରୁ ରୁଦ୍ର ପ୍ରତାପ ମହାରଥୀ, ଭାଜପାରୁ ଆଶ୍ରିତ ପଟ୍ଟନାୟକ, କଂଗ୍ରେସରୁ ଜ୍ଞାନ ରଞ୍ଜନ ପଟ୍ଟନାୟକ, ବହୁଜନ ସମାଜ ପାର୍ଟିରୁ ଅହମ୍ମଦ ଖାନ୍, ମାନସ ଲୋକଶକ୍ତି ଦଳରୁ ଆରତ ବେହେରା, କମ୍ୟୁନିଷ୍ଟରୁ ଦୀନବନ୍ଧୁ ପରିଡ଼ା ପ୍ରମୁଖ ପ୍ରାର୍ଥୀ ହୋଇଥିବାବେଳେ ସ୍ୱାଧୀନରୁ ଯୁଧିଷ୍ଠିର ସ୍ୱାଇଁ, ରାଧାମୋହନ, ଶୁଭ୍ରାଂଶୁ କୁମାର ମଲ୍ଲିକ ପ୍ରମୁଖ ପ୍ରାର୍ଥୀ ରହିଛନ୍ତି।

### ନାମାଙ୍କନପତ୍ର ପ୍ରତ୍ୟାହାର କଲେ ସମ୍ବିତ ପଟ୍ଟନାୟକ

ପୁରୀ,୯।୫ (ଅଜିତ୍ କୁମାର ମହାନ୍ତି)

ଆସନ୍ତା ୨୫ ତାରିଖରେ ରାଜ୍ୟରେ ତୃତୀୟ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି। ଏଥିନିମନ୍ତେ ଗତ ମାସ ୨୯ରୁ ମେ ୬ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଥିଲେ। ଶୁକ୍ରବାର ପ୍ରାର୍ଥୀପତ୍ର ଯାଞ୍ଚ ଓ ପ୍ରତ୍ୟାହାରର ଶେଷ ଦିବସ ରହିଥିଲା। ପିପିଲି ନିର୍ବାଚନମଣ୍ଡଳୀ ନିମନ୍ତେ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ସମ୍ବିତ ପଟ୍ଟନାୟକ ତାଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଥିବା ସୂଚନା ମିଳିଛି। ଭାଜପାର ପିପିଲି ବିଧାୟକ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ଭାଇ ହେଉଛନ୍ତି ସମ୍ବିତ ପଟ୍ଟନାୟକ। ଆଶ୍ରିତଙ୍କ ପ୍ରାର୍ଥୀପତ୍ର କାଏମ ରହିବା ପରେ ସମ୍ବିତ ତାଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଥିବା ସୂଚନା ମିଳିଛି।

### ପର୍ଯ୍ୟବେକ୍ଷକଙ୍କ ବିବିଧ କାର୍ଯ୍ୟର ସମୀକ୍ଷା

ପୁରୀ,୯।୫ (ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାରେ ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳା, ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା ପାଇଁ ବ୍ୟବସ୍ଥା କରାଯାଇଛି। ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ନିର୍ବାଚନ କାର୍ଯ୍ୟକ୍ରମର ଅନୁଧ୍ୟାନ ପାଇଁ ପୁରୀ ଜିଲାକୁ ଆସିଥିବା ପର୍ଯ୍ୟବେକ୍ଷକମାନେ ବିଭିନ୍ନ ନିର୍ବାଚନମଣ୍ଡଳୀ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଗୁରୁବାର ସାଧାରଣ ପର୍ଯ୍ୟବେକ୍ଷକ ଡ. କୁନାଲ ପ୍ରକାଶ କେନ୍ଦ୍ରୀୟ ବିଦ୍ୟାଳୟ ଓ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ହୋଇଥିବା ଇଭିଏମ୍ ଷ୍ଟ୍ରଙ୍ଗ ରୁମ୍ ବୁଲି ଦେଖିଛନ୍ତି। ସେହିପରି ଖର୍ଚ୍ଚ ପର୍ଯ୍ୟବେକ୍ଷକ ମଦନପାଲ ସିଂ ପିପିଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉରା ଚେକପୋଷ୍ଟରେ ପହଞ୍ଚି ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ। ପରେ ସେ ପିପିଲି ଥାନା ଓ ପିପିଲି ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ବ୍ଲକ କାର୍ଯ୍ୟାଳୟରେ ବିଡିଓ, ତହସିଲଦାର, ଏନ୍‌ଏସି ନିର୍ବାହୀ ଅଧିକାରୀ, ଥାନା ଅଧିକାରୀ ଓ ନିର୍ବାଚନ ଧରପଗଡ଼ରେ ସାମିଲ ଥିବା ବିବିଧ ଟିମ୍ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ।

### ଦେଢ଼ବର୍ଷ ପରେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୯।୫ (ସୂର୍ଯ୍ୟକାନ୍ତ ବେହେରା)

ଜନ୍ମଦିନ ପାଳନ କରିବାକୁ କହି ନିଜ ନାବାଳିକା ଶାଳୀଙ୍କୁ ଫୁଲବାଣୀରୁ ଭୁବନେଶ୍ୱର ଅପହରଣ ମାମଲାରେ ନୟାପଲ୍ଲୀ ଥାନା ପୋଲିସ ଅଭିଯୁକ୍ତ ଭିଶୋଇଙ୍କୁ ଦେଢ ବର୍ଷ ପରେ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କନ୍ଧମାଳ ଜିଲା ଫୁଲବାଣୀ ଟାଉନ ଥାନା ଅଞ୍ଚଳର ରାଜେଶ କୁମାର ସାହୁ (୨୫)। କୋର୍ଟ ଚାଲାଣ ପରେ ଜାମିନ ନ ମିଳିବାରୁ ଗୁରୁବାର ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ବିଜେଡିରେ ମିଶିଲେ ୪୦ ପରିବାର

ଅସ୍ତରଙ୍ଗ,୯।୫ (ପ୍ରଦୀପ୍ତ କୁମାର ଦୀକ୍ଷିତ):

କାକଟପୁର ନିର୍ବାଚନମଣ୍ଡଳୀ ଅଧୀନ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଶିଶୁଆ ପଞ୍ଚାୟତ ନିରାଡ଼ି ବିଜେଡିର କର୍ମୀ ସମ୍ମିଳନୀ, ବନ୍ଧୁମିଳନ ଓ ମିଶ୍ରଣ ପର୍ବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ବିଜେଡି ବିଧାୟକ ପ୍ରାର୍ଥୀ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ସ୍ୱାଧୀନ ନାୟକ, ସମ୍ମାନିତ ଅତିଥି ଶିଶୁଆ ସରପଞ୍ଚ ଜୋସ୍ନାରାଣୀ ପରିଡ଼ା, ସମିତି ସଭ୍ୟା ଆରତି କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ବିଜେଡି ସଭାପତି ପବିତ୍ର ମୋହନ ପରିଡ଼ା ସଭା ପରିଚାଳନା କରିଥିଲେ। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନରେ ଅନୁପ୍ରାଣିତ ହୋଇ ୪୦ ପରିବାରର ୨ଶହରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ନବୀନ ବିକାଶ ପଥକୁ ଆଗକୁ ନେବା ସହ ନିଜ ଅଞ୍ଚଳର ବିକାଶ କରିବେ ବୋଲି କର୍ମୀ ଶପଥ ନେଇଥିଲେ। ଅଗାଧୁ ଚରଣ ମହାନ୍ତିଙ୍କ ସମେତ ନୂତନ କର୍ମକର୍ତ୍ତାଙ୍କୁ ଦଳୀୟ ଉତ୍ତରୀୟ ଦେଇ ଅତିଥିବୃନ୍ଦ ଦଳକୁ ସ୍ୱାଗତ କରିଥିଲେ। କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବରେ ଶତାଧିକ ଲୋକ ଉପସ୍ଥିତ ଥିଲେ। ସେହିପରି ବ୍ଲକ ଅଧୀନ କଟକଣା ପଞ୍ଚାୟତ ପ୍ୟାରୀ ମଣ୍ଡପଠାରେ ବିଜେଡି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ବେହେରା, ମୁଖ୍ୟବକ୍ତା ନାୟକ, ସମ୍ମାନିତ ଅତିଥି ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟୀ ଦଳାଇ, ବ୍ଲକ ବିଜେଡି ସଭାପତି ପ୍ରାଣନାଥ ମଲ୍ଲିକ, ହିମାଂଶୁ ଭୂଷଣ ଦୀକ୍ଷିତ, ପ୍ରଦୀପ୍ତ ଦୀକ୍ଷିତ, ଶିବ ପାତ୍ର, ପ୍ୟାରୁ ଭାଇ ପ୍ରମୁଖ ଉପସ୍ଥିତ ଥିଲେ। ସରଫରାଜ ସଭା ପରିଚାଳନା କରିଥିଲେ। ମିଶ୍ରଣ ପର୍ବରେ ୪୦୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଥିଲେ।




ବିଜେଡିରେ ମିଶିଥିବା ପରିବାର ସଦସ୍ୟଙ୍କୁ ଦଳ କର୍ମକର୍ତ୍ତା ସ୍ୱାଗତ କରୁଛନ୍ତି ।

## ଲୋକ ସଭା ଆସନର ପ୍ରାର୍ଥୀଙ୍କ ଖର୍ଚ୍ଚ ସମୀକ୍ଷା କରିବେ ପର୍ଯ୍ୟବେକ୍ଷକ

ପୁରୀ,୯।୫ (ଅଜିତ୍ କୁମାର ମହାନ୍ତି)

ଚଳିତ ମାସ ୧୨, ୧୮ ଓ ୨୨ ତାରିଖରେ ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀମାନଙ୍କ ଖର୍ଚ୍ଚ ସମୀକ୍ଷା କରାଯିବ। ପୁରୀ ସର୍କିଟ ହାଉସ୍‌ରେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୁଧାଂଶୁଧର ମିଶ୍ର ଏହି ସମୀକ୍ଷା କରିବେ। ଲୋକ ସଭା ନିର୍ବାଚନ କ୍ଷେତ୍ରରେ ପ୍ରାର୍ଥୀଙ୍କ ସର୍ବାଧିକ ଖର୍ଚ୍ଚ ସୀମା ୯୫ ଲକ୍ଷ ଥିବାରୁ ପ୍ରାର୍ଥୀମାନଙ୍କ ସମସ୍ତ ଖର୍ଚ୍ଚର ଉପଯୁକ୍ତ ଲିପିବଦ୍ଧ ପାଇଁ ପର୍ଯ୍ୟବେକ୍ଷକ ମିଶ୍ର ପରାମର୍ଶ ଦେଇଛନ୍ତି। ପୂର୍ବରୁ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ବିଭିନ୍ନ ସାମଗ୍ରୀ ଓ ବସ୍ତୁର ଦ୍ରବ୍ୟ ମୂଲ୍ୟ ସ୍ଥିର କରାଯାଇଥିଲା। ଏହା ଆଧାରରେ ଖର୍ଚ୍ଚଗୁଡିକୁ ଉପଯୁକ୍ତ ରେଜିଷ୍ଟରରେ ପ୍ରାର୍ଥୀମାନେ ଲିପିବଦ୍ଧ କରିବେ। ସେହିପରି ନିର୍ବାଚନ କମିଶନଙ୍କ ମାର୍ଗଦର୍ଶିକା ଆଧାରରେ ନିର୍ବାଚନ ମଣ୍ଡଳୀ ପାଇଁ ନିଯୁକ୍ତ ଖର୍ଚ୍ଚ ତଦାରଖ ଦଳ ବା ଏକ୍ସପେଣ୍ଡିଚର ମନିଟରିଂ ଟିମ୍ ମଧ୍ୟ ପ୍ରାର୍ଥୀମାନଙ୍କର ବିଭିନ୍ନ ଖର୍ଚ୍ଚ ଯାହା ଏଫ୍‌ଏସ୍‌ଟି, ଏସ୍‌ଏସ୍‌ଟି, ଭିଏସ୍‌ଟି, ଏମ୍‌ସିଏମ୍‌ସିର ତଥ୍ୟ ଆଧାରରେ ପ୍ରାପ୍ତ ହୋଇଥିବ ତାହାକୁ ସ୍ୟାଡୋ ରେଜିଷ୍ଟର ବା ଛାୟା ଖର୍ଚ୍ଚ ରେଜିଷ୍ଟରରେ ଲିପିବଦ୍ଧ କରୁଛନ୍ତି। ପ୍ରାର୍ଥୀମାନଙ୍କ ଖର୍ଚ୍ଚର ତଦାରଖ ସମୟରେ ରେଜିଷ୍ଟର ଉପସ୍ଥାପିତ କରାଯିବା ସହ କୌଣସି କ୍ଷେତ୍ରରେ ତାରତମ୍ୟ ଦେଖାଗଲେ ପ୍ରାର୍ଥୀଙ୍କୁ ନୋଟିସ ମାଧ୍ୟମରେ ଅବଗତ କରାଯିବାର ବ୍ୟବସ୍ଥା ରହିଛି। ପ୍ରାର୍ଥୀମାନଙ୍କ ସ୍ପଷ୍ଟୀକରଣକୁ ଅନୁଧ୍ୟାନ କରାଯାଇ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଓ ଖର୍ଚ୍ଚ ପରିଚାଳନା ଟିମ୍ ଏ ସମ୍ପର୍କରେ ପଦକ୍ଷେପ ନେବେ। ପ୍ରାର୍ଥୀମାନଙ୍କ ଖର୍ଚ୍ଚ ତଦାରଖ ସମୟରେ ସାଧାରଣ ଜନତା ମଧ୍ୟ ଉପସ୍ଥିତ ରହିପାରିବେ। ସେମାନେ ଚାହିଁଲେ ତଥ୍ୟର ନକଲ ପୃଷ୍ଠା ପ୍ରତି ୧ ଟଙ୍କା ହିସାବରେ ଦାଖଲ କରି ନେଇପାରିବେ ବୋଲି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଅପରପକ୍ଷରେ ଗୁରୁବାର ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଲୋକ ସଭା ନିର୍ବାଚନର ପ୍ରାର୍ଥୀ, ସେମାନଙ୍କ ପ୍ରତିନିଧି ଓ ପ୍ରାର୍ଥୀଙ୍କ ଖର୍ଚ୍ଚ ଲିପିବଦ୍ଧ କରୁଥିବା ପ୍ରତିନିଧିମାନଙ୍କୁ ଜିଲାପାଳ ସ୍ୱାଇଁ, ସାଧାରଣ ପର୍ଯ୍ୟବେକ୍ଷକ ଡ. କୁନାଲ ପ୍ରକାଶ ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୁଧାଂଶୁଧର ମିଶ୍ର ଖର୍ଚ୍ଚ ରେଜିଷ୍ଟର ପରିଚାଳନା ସମ୍ପର୍କରେ ବୁଝାଇଥିଲେ। ସେହିପରି ଶୁକ୍ରବାର ସର୍କିଟ ହାଉସରେ ମଧ୍ୟ ଖର୍ଚ୍ଚ ପର୍ଯ୍ୟବେକ୍ଷକ ମିଶ୍ର ପୁରୀ ଲୋକସଭା ନିର୍ବାଚନ ରେ ପ୍ରତିଦ୍ୱନ୍ଦିତା କରୁଥିବା ସମସ୍ତ ୭ ଜଣ ପ୍ରାର୍ଥୀ ବା ସେମାନଙ୍କ ଖର୍ଚ୍ଚର ହିସାବ ରଖୁଥିବା ପ୍ରତିନିଧିମାନଙ୍କ ସହ ଅଧିକ ଆଲୋଚନା କରି କିପରି ଠିକ ଭାବେ ତାହା ଲିପିବଦ୍ଧ ହେବ ତାହା ଅବଗତ କରାଇବେ ବୋଲି ସୂଚନା ମିଳିଛି।

## ପୋଲିଂ ଅଫିସରଙ୍କ ରେଣ୍ଡୋମାଇଜେଶନ

ପୁରୀ,୯।୫ (ଅଜିତ୍ କୁମାର ମହାନ୍ତି)

ଚଳିତ ସାଧାରଣ ନିର୍ବାଚନରେ ନିୟୋଜିତ ହେବାକୁ ଥିବା ପ୍ରିଜାଇଡିଂ ଓ ପୋଲିଂ ଅଫିସରମାନଙ୍କର ରେଣ୍ଡୋମାଇଜେଶନ ଗୁରୁବାର କରାଯାଇଛି। ନିର୍ବାଚନ କମିଶନର ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ପର୍ଯ୍ୟବେକ୍ଷକ ଓ ରିଟର୍ନିଂ ଅଫିସରମାନଙ୍କ ଉପସ୍ଥିତିରେ ରେଣ୍ଡୋମାଇଜେଶନ ଅନୁଷ୍ଠିତ ହୋଇଥିଲା। ପୁରୀ ଲୋକସଭା ଅନ୍ତର୍ଗତ ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନିୟୋଜିତ ୬୮୮୨ ଜଣ ପୋଲିଂ ଅଫିସରଙ୍କର ରାଣ୍ଡୋମାଇଜେଶନ କମ୍ପ୍ୟୁଟର ମାଧ୍ୟମରେ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୧୪୭ ଜଣ ଲେଖାଏ ପ୍ରିଜାଇଡିଂ, ଫାଷ୍ଟ ପୋଲିଂଠାରୁ ଫିଫ୍ଥ ପୋଲିଂ ଅଫିସର ପର୍ଯ୍ୟନ୍ତ ସାମିଲ ଥିଲେ। ଅପରପକ୍ଷରେ ଏଥିରେ ଶତକଡ଼ା୧୦ ଭାଗ ଅଧିକ ପୋଲିଂ ଅଫିସରଙ୍କୁ ରିଜର୍ଭ ଅଫିସର ଭାବେ ରଖାଯାଇଛି। ରେଣ୍ଡୋମାଇଜେଶନରେ ଅତିରିକ୍ତ ଜିଲାପାଳ ରାଜସ୍ୱ ତଥା ୧୦୫- କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ତଥା ୧୦୯-ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର ଶରତ ଚନ୍ଦ୍ର ବେହେରା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ୧୦୮-ବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ନିଂ ଅଫିସର ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଉପଜିଲାପାଳ ତଥା ୧୧୦-ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ନିଂ ଅଫିସର ନିଳମାଧବ ମାଝୀ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ରାଷ୍ଟ୍ରୀୟ ବିଜ୍ଞାନ କେନ୍ଦ୍ରର ଡିଆଇଓ ବିଶ୍ୱନାଥ ପଣ୍ଡା, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ନିର୍ବାଚନ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରେଣ୍ଡୋମାଇଜେଶନ ଆଧାରରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଅନୁଷ୍ଠିତ ହେବ ବୋଲି ନିର୍ବାଚନ ବିଭାଗ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଆଜିଠୁ ଚନ୍ଦନ ପୋଖରୀରେ ସାକ୍ଷୀଗୋପାଳଙ୍କ ଚାପ ଆରମ୍ଭ

ସାକ୍ଷୀଗୋପାଳ,୯।୫ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର): ପବିତ୍ର ଅକ୍ଷୟତୃତୀୟା ଅବସରରେ ଶୁକ୍ରବାର ସାକ୍ଷୀଗୋପାଳସ୍ଥିତ ଚନ୍ଦନ ପୁଷ୍କରିଣୀରେ ସାକ୍ଷୀଗୋପାଳ ଠାକୁରଙ୍କ ୨୧ ଦିନ ବ୍ୟାପୀ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ। ଏଥିନିମନ୍ତେ ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ପକ୍ଷରୁ ଚନ୍ଦନ ପୁଷ୍କରିଣୀରେ ଚାପ ନିମନ୍ତେ ନନ୍ଦା ଓ ଭଦ୍ରାଙ୍କ ମରାମତି ଓ ସାଜସଜ୍ଜା ଚାଲିଛି। ଠାକୁର ବିଜେ କରିବା ରାସ୍ତାରେ ଚାଙ୍ଗରେ ଛାମୁଣ୍ଡିଆ କରାଯାଇଛି। ଠାକୁରଙ୍କ ବୀର କେଶରୀ ବଲ୍ଲଭ ଅର୍ଥାତ୍ ଭଣ୍ଡ ଧୂପ ପରେ ଚାପ ପ୍ରତିଷ୍ଠା କରାଯିବ। ଚନ୍ଦନ ମଣ୍ଡପ ଓ ଠାକୁର ବିରାଜମାନ କରିବା ସ୍ଥାନରେ ହୋମ ଅନୁଷ୍ଠିତ ହେବ। ଅପରାହ୍ଣରେ ଠାକୁରଙ୍କ ବିଜେ ପ୍ରତିମା ଏକ ସୁସଜ୍ଜିତ ବିମାନରେ ବିଜେ କରି ଚନ୍ଦନ ମଣ୍ଡପ ନିକଟରେ ବିରାଜମାନ କରିବେ। ପରେ ଚନ୍ଦନ ପୁଷ୍କରିଣୀରେ ପ୍ରସ୍ତୁତ ଥିବା ଚାପରେ ଠାକୁରଙ୍କ ଦିନ ଚାପ ଓ ରାତି ଚାପ ଅନୁଷ୍ଠିତ ହେବ।

### କାଳିକାବଢ଼ି ଗହୀରରେ ହେଟାବାଘର ମୃତଦେହ

ବ୍ରହ୍ମଗିରି,୯।୫(ସ୍ୱାଧୀନ ଚମ୍ପତିରାୟ): ବ୍ରହ୍ମଗିରି ରେଞ୍ଜ ଅଧୀନ କାଳିକାବାଢ଼ି ଗ୍ରାମ ନିକଟରେ ଗୁରୁବାର ଏକ ବିଲରେ ଏକ ହେଟାବାଘର ମୃତଦେହ ମିଳିଛି। ପ୍ରଥମେ ଗ୍ରାମର ମହିଳା ଉକ୍ତ ହେଟାବାଘକୁ ଦେଖିଥିଲେ। ଏନେଇ ଗ୍ରାମବାସୀ ଜାଣିବାରୁ ଲୋକଙ୍କ ଭିଡ଼ ଲାଗିଥିଲା। ପରେ ସ୍ଥାନୀୟ ଲୋକେ ବ୍ରହ୍ମଗିରି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ହେଟାବାଘର ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇଛି। ଇନ୍‌ଫେକଶନ ପାଇଁ ତା'ର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।

### କବି ରକ୍ଷକ ନାୟକ ପାଇଲେ 'ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ'

କଟକ,୯।୫ (କାର୍ତ୍ତିକ ସାହୁ): ସାରଳା ସାହିତ୍ୟ ସଂସଦ ପକ୍ଷରୁ ପ୍ରଖ୍ୟାତ କବି ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ସ୍ମୃତିରେ ସାରସ୍ୱତ ସମାରୋହ କଟକ ସାରଳା ଭବନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ପ୍ରଜ୍ଞାରତ୍ନ ସହଦେବ ସାହୁ ଉଦ୍‌ଘାଟନ କରି ଓଡ଼ିଆ କବିତାରେ ଆଧୁନିକତାର ପ୍ରବର୍ତ୍ତକ ସଚ୍ଚି ରାଉତରାୟ ବୋଲି କହିଥିଲେ। ମୁଖ୍ୟବକ୍ତା ମାଡ୍ରାସ ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ମୁଖ୍ୟ ତଥା ପ୍ରସିଦ୍ଧ ସାହିତ୍ୟିକ ପ୍ରଫେସର ଡ. ଏସ୍. ଆର୍ମଷ୍ଟ୍ରଙ୍ଗ୍ କହିଥିଲେ, ବିଶ୍ୱସାହିତ୍ୟ ସହିତ ସମାନ୍ତରାଳ ଧାରା ସୃଷ୍ଟି କରି ସଚ୍ଚି ରାଉତରାୟ ଓଡ଼ିଆ ଭାଷାରେ କବିତା ରଚନା କରିଯାଇଛନ୍ତି। ମୁଖ୍ୟ ଅତିଥି ଭାବେ କଥାଶିଳ୍ପୀ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ ସଚ୍ଚିବାବୁଙ୍କୁ ଜଣେ ସମ୍ଭ୍ରାନ୍ତ କଥାକାର ଭାବେ ଅଭିହିତ କରିଥିଲେ। ଏହି ଅବସରରେ କବି ରକ୍ଷକ ନାୟକଙ୍କୁ ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ସଚ୍ଚି ରାଉତରାୟଙ୍କ ପୁତ୍ର ଶ୍ରୀହର୍ଷ ରାଉତରାୟ ପିତାଙ୍କ ଜୀବନଚର୍ଯ୍ୟା ଉପରେ ଆଲୋକପାତ କରିଥିଲେ। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ମାନପତ୍ର ପାଠ ଓ ପ୍ରଫେସର ଡ. ନିମାଇଁ ଚରଣ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ରାସ୍ତା ସମ୍ପ୍ରସାରଣ ପାଇଁ ଲୋକଙ୍କ ଘର ଭାଙ୍ଗିବାକୁ ମସୁଧା

**ଅଭିଯୋଗ ଉଠାଇଲା ମହର୍ଷି କଲେଜ ରୋଡ୍ ୱେଲଫେୟାର ଟ୍ରଷ୍ଟ**

ଭୁବନେଶ୍ୱର, ୯।୫ (ବନ୍ଦନା ସେଠୀ)




ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳ ବିଏମ୍‌ସିର ୱାର୍ଡ ନଂ. ୩୦ ଅନ୍ତର୍ଗତ ଶହୀଦ ନଗରର ମୁଖ୍ୟ ରାସ୍ତା (ମହର୍ଷି କଲେଜ ରୋଡ୍)ର ସମ୍ପ୍ରସାରଣ ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ତେବେ ରାସ୍ତା ସମ୍ପ୍ରସାରଣ ନାମରେ ସ୍ଥାନୀୟ ବାସିନ୍ଦାଙ୍କ ଉପରେ ଜୁଲମ୍ କରିବାକୁ ଯୋଜନା କରାଯାଉଥିବା ଅଭିଯୋଗ ହୋଇଛି। ଏପରିକି ରାସ୍ତାର ଗୋଟିଏ ପଟରେ ସମ୍ପୂର୍ଣ୍ଣ ଭାବରେ ସରକାରୀ ଜମି ରହିଥିବାବେଳେ ପ୍ରଶାସନ ସମ୍ପୃକ୍ତ ରାସ୍ତାର ଅପରପାର୍ଶ୍ୱରେ ଘରୋଇ ଜମିରେ ବସବାସ କରୁଥିବା ଲୋକଙ୍କ ଘର ଭାଙ୍ଗି ରାସ୍ତା ବାହାର କରିବାକୁ ମସୁଧା କରୁଥିବା ମହର୍ଷି କଲେଜ ରୋଡ୍ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଗୁରୁବାର ଟ୍ରଷ୍ଟ ପକ୍ଷରୁ ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି ଯେ, ବିଡିଏର ସିଡିପି ମ୍ୟାପ୍ ଅନୁଯାୟୀ, ମହର୍ଷି କଲେଜ ରୋଡ୍ (ବମିଖାଲ ରେଲୱେ ଓଭରବ୍ରିଜଠାରୁ ଜନପଥ ପର୍ଯ୍ୟନ୍ତ)ର ସମ୍ପ୍ରସାରଣ କରାଗଲେ ଏହାଏକ ସୁନ୍ଦର ତଥା ଓସାରିଆ ରୋଡ୍ ହୋଇପାରିବ। ମାତ୍ର କେତେଜଣ ଅସାଧୁ ଅଧିକାରୀ ଓ ମୁଷ୍ଟିମେୟ ବ୍ୟବସାୟୀଙ୍କ ପାଇଁ ଉକ୍ତ ସିଡିପି ମ୍ୟାପକୁ ପରିବର୍ତ୍ତନ ସହିତ ସ୍ଥାନୀୟ ବାସିନ୍ଦା ଘର ଭାଙ୍ଗି ରାସ୍ତା ସମ୍ପ୍ରସାରଣ କରିବାକୁ ପ୍ରଶାସନ ଅଡି ବସିଛି। ନୂଆକରି ଘର ନିର୍ମାଣ ପାଇଁ ପ୍ଲାନ୍ ଆପ୍ରୁଭାଲ କରିବା ସମୟରେ ସେମାନଙ୍କୁ ୮ଫୁଟ ଛାଡିବାକୁ କୁହାଯାଉଛି। ରାସ୍ତା ସମ୍ପ୍ରସାରଣ ପାଇଁ ସରକାରୀ ଜାଗାର ଅଂଶ ନ ନେଇ ଘରୋଇ ଜମି ମାଲିକଙ୍କୁ କିଛି ଅଂଶ ଛାଡିବାକୁ ବାଧ କରାଯାଉଛି। ରାଜସ୍ୱ ଓ ସାଧାରଣ ପ୍ରଶାସନ ବିଭାଗ ଅନୁଯାୟୀ, ରାସ୍ତା ଉତ୍ତର ପାର୍ଶ୍ୱ ସରଳରେଖାରେ ରହିବା କଥା। ମାତ୍ର ଏହାର କିଛି ଭାଗ ୬୦ଫୁଟ, କିଛି ୪୦ଫୁଟ, ୩୦ ଫୁଟ ଏବଂ କିଛି ଭାଗ ୫୨ଫୁଟ ରହିଛି। ଯେଉଁ ସ୍ଥାନରେ ଫ୍ଲାଏ ଓଭର ରାସ୍ତାକୁ ସଂଯୋଗ ହୋଇଛି, ସେହି ସ୍ଥାନରେ ରାସ୍ତା ୬୦ ଫୁଟରୁ ୪୦ ଫୁଟକୁ ସଂକୀର୍ଣ୍ଣ ହୋଇଯାଇଛି। ଫଳରେ ଏହି ସ୍ଥାନ ଏକ ଦୁର୍ଘଟଣାପ୍ରବଣ ସ୍ଥାନରେ ପରିଣତ ହୋଇଗଲାଣି। ସମ୍ପୃକ୍ତ ସ୍ଥାନରେ ନିର୍ମାଣାଧୀନ ବହୁତଳ ଅଟ୍ଟାଳିକା ଉକ୍ତ ରାସ୍ତାକୁ ଅବରୋଧ କରୁଛି। ଅତ୍ୟଧିକ ଗଭୀର ଖନନ ଯୋଗୁ ଶହୀଦନଗରର ଭୂ-ତଳ ଜଳ ମଧ୍ୟ ହ୍ରାସ ପାଉଛି। ତେବେ ଏନେଇ ଟ୍ରଷ୍ଟ ପକ୍ଷରୁ ମୁଖ୍ୟମନ୍ତ୍ରୀ, ବିଡିଏ, ବିଏମ୍‌ସି, ଜିଏ, ଗୃହ ଓ ନଗର ଉନ୍ନୟନ ବିଭାଗ, ଖୋର୍ଦ୍ଧା ଜିଲାପାଳ ପ୍ରମୁଖଙ୍କୁ ବାରମ୍ବାର ପତ୍ର ଲେଖାଯିବା ସତ୍ତ୍ୱେ ସେମାନଙ୍କ ପକ୍ଷରୁ କୌଣସି ଉତ୍ତର ମିଳୁ ନ ଥିବା ଟ୍ରଷ୍ଟ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି।

# ଯାଞ୍ଚବେଳେ ଧକ୍କାଦେଲା କାର୍, ପୋଲିସ ଆହତ

**■ ମଦ୍ୟପ କାର୍ ଚାଳକ ଗିରଫ**

ଭୁବନେଶ୍ୱର,୯।୫ (ସୂର୍ଯ୍ୟକାନ୍ତ ବେହେରା)

ମଦ୍ୟପାନ କରି କାର୍ ଚଳାଇବା ମହଙ୍ଗା ପଡିଛି। ପୋଲିସ ଚେକିଂ ବେଳେ ଚାଳକ କାର୍‌ଟିକୁ ଷ୍ଟପ୍‌ବୋର୍ଡକୁ ଧକ୍କାଦେବାରୁ ଏଥିରେ କେତେଜଣ ପୋଲିସ ଆହତ ହୋଇଛନ୍ତି। ତେବେ ଦୁର୍ଘଟଣା ଘଟାଇବା ପରେ ଚାଳକଜଣକ ଗାଡି ସହ ଖସି ପଳାଉଥିବାବେଳେ ଅନ୍ୟ ପୋଲିସମାନେ ଗୋଡାଇ ଧରିଛନ୍ତି। ଗିରଫ ପରେ ତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଭୁବନେଶ୍ୱରରେ ରହୁଥିବା ଯାଜପୁରର ଅମିତ କୁମାର ବେହୁରିଆ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ତାଙ୍କ କାର୍‌ଟି କୁ ମଧ୍ୟ ଜବତ କରାଯାଇଥିବା ସୂଚନା ଦିଆଯାଇଛି। ସୂଚନାନୁସାରେ, ବୁଧବାର ମଧ୍ୟରାତ୍ରିରେ ଲକ୍ଷ୍ମୀସାଗର ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଥାନାର ପୋଲିସ ଟିମ୍ ଲକ୍ଷ୍ମୀସାଗର ଛକରେ ରାତ୍ରିକାଳୀନ ଯାଞ୍ଚ ପ୍ରକ୍ରିୟା ଜାରି ରଖିଥିଲେ। ରାତି ପ୍ରାୟ ୧ଟା ୧୦ରେ ଅଭିଯୁକ୍ତ ଅମିତ ଦ୍ରୁତ ଗତିରେ ବେପରୁଆ ଭାବରେ କାର ଚଳାଇ ଆସୁଥିବା ଦେଖି ଉପସ୍ଥିତ ପୋଲିସ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ସେ କାର୍ ନ ଅଟକାଇ ସିଧା ପୋଲିସ ଷ୍ଟପ୍ ବୋର୍ଡକୁ ଧକ୍କା ଦେଇ ଫେରାର ହୋଇଯାଉଥିଲେ। ଫଳରେ ସେଠାରେ ଉପସ୍ଥିତ ଥିବା ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଏହାପରେ ଅନ୍ୟ କର୍ମଚାରୀମାନେ ଅଭିଯୁକ୍ତଙ୍କ ପିଛାକରି କାବୁ କରିବାରେ ସକ୍ଷମ ହୋଇଥିଲେ। ଅଭିଯୁକ୍ତଙ୍କୁ ଯାଞ୍ଚ ବେଳେ ସେ ନିଶା ସେବନ କରି ଗାଡି ଚାଳନା କରୁଥିବା ଜଣାପଡିବା ପରେ ଅଭିଯୁକ୍ତଙ୍କ କାର ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଥିଲା।




ବିଶିଷ୍ଟ ଚିତ୍ରଶିଳ୍ପୀ ଦିନନାଥ ପାଠୀଙ୍କ ଜୟନ୍ତୀ ପାଳନ ଅବସରରେ ଗୁରୁବାର ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

### ଡ. ଦିନନାଥ ପାଠୀଙ୍କ ୮୨ତମ ଜୟନ୍ତୀ

ଭୁବନେଶ୍ୱର,୯।୫(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଦିନନାଥ ପାଠୀଙ୍କ ୮୨ତମ ଜୟନ୍ତୀ ସଂସ୍କୃତି ବିଭାଗ ପକ୍ଷରୁ ମହାବିଦ୍ୟାଳୟସ୍ଥିତ ପ୍ରତିମୂର୍ତ୍ତିଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପାଠୀଙ୍କ ଗୁଣାବଳୀର ସ୍ମୃତିଚାରଣ କରିବା ସହ ତାଙ୍କ ଉଦ୍ୟମରେ ରାଜ୍ୟର ଚିତ୍ରକଳା ବିକଶିତ ହୋଇଥିଲା ବୋଲି ଉପସ୍ଥିତ ବ୍ୟକ୍ତିବିଶେଷ ମତ ରଖିଥିଲେ। ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ପ୍ରଥମେ ଏକ ଶୋଭାଯାତ୍ରାରେ ଛାତ୍ରୀଛାତ୍ର ଓ ଅଧ୍ୟାପକ ମଣ୍ଡଳୀ ମହାବିଦ୍ୟାଳୟ ପରିକ୍ରମା କରିଥିଲେ। ପରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଗଜେନ୍ଦ୍ର କୁମାର ପାଢୀ, ପୂର୍ବତନ ଅଧ୍ୟକ୍ଷ ଜୟନ୍ତ କୁମାର ଦାସ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଅଧ୍ୟାପକ ଚନ୍ଦ୍ରଶେଖର ସେଠୀ, ଚୌଧୁରୀ ଆଶିଷ ଶରଣ, ପ୍ରଦୀପ କୁମାର ପାତ୍ରୋ, ଛତ୍ରପତି ବିଶ୍ୱାଳ, ମୀନକେତନ ପଟ୍ଟନାୟକ, ଉମେଶ ନାୟକ, ରାଜକୁମାର ସୁବୁଦ୍ଧି, ଅନ୍ତର୍ଯ୍ୟାମୀ ଦାସ, ଅମିତ୍ ପାତାଳସିଂହଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

# ଜେଲ ଗଲେ ୯ ଜୁଆଡି



ଭୁବନେଶ୍ୱର,୯।୫ (ସୂର୍ଯ୍ୟକାନ୍ତ ବେହେରା)

**ବାଇକ୍, ମୋବାଇଲ, ତାସ୍ ପତା, ଟଙ୍କା ଜବତ**

ମଞ୍ଚେଶ୍ୱର ଥାନା ପୋଲିସ ଅଟକ ରଖିଥିବା ୯ଜଣ ଜୁଆଡିଙ୍କୁ ଗିରଫ ପରେ ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ରହୁଥିବା ରଞ୍ଜନ ବେହେରା, ଅକ୍ଷୟ କୁମାର ଗୋଛାୟତ, ମନୋଜ କୁମାର ପରିଡା, ଏ ଜୟଦେବ ରାଓ, ଗଣେଶ ନାୟକ, ନିରଞ୍ଜନ ପାତ୍ର, ଦିଲ୍ଲୁ ନାହାକ, ଅଶ୍ରୟ ରେଡ୍ଡି ଓ ରିତେଶ ସାହୁ। ସେମାନଙ୍କଠାରୁ ୪ଟି ମୋଟରସାଇକେଲ, ୧୧ ମୋବାଇଲ, ତାସ ପତା ଓ ୨୯ ହଜାରରୁ ଅଧିକ ଟଙ୍କା ଜବତ ହୋଇଛି। ଜାମିନ ନ ମିଳିବାରୁ ସମସ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୁକ୍ତମାନେ ଏକତ୍ରିତ ହୋଇ ପାଣ୍ଡରା ଶିବ ମନ୍ଦିର ପଛ ପାର୍ଶ୍ୱରେ ଥିବା ଏକ ଘରେ ବୁଧବାର ରାତିରେ ଜୁଆ ଖେଳୁଥିଲେ। ସ୍ପେଶାଲ ସ୍କ୍ୱାଡ୍ ଓ ଥାନା ଟିମ୍ ପୂର୍ବପ୍ରସ୍ତୁତି ଅନୁଯାୟୀ ଚଢ଼ାଉ କରି ସେଠାରୁ ୯ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ।

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୯।୫ (ସୂର୍ଯ୍ୟକାନ୍ତ ବେହେରା)

**ନାବାଳିକା ବଳାତ୍କାର ମାମଲାର ରାୟ**

ଭୁବନେଶ୍ୱର ମହିଳା ଥାନାରେ ରୁଜୁ ହୋଇଥିବା ଏକ ବଳାତ୍କାର ମାମଲାର ଗୁରୁବାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ହେମନ୍ତ ବେହେରାଙ୍କୁ ଭୁବନେଶ୍ୱର ଆଡହକ୍ ଅତିରିକ୍ତ ସେସନ୍ସ ଜଜ୍, ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ (ପୋକ୍‌ସୋ)ର ବିଚାରପତି ସରୋଜ କୁମାର ଦୋଷୀ ସାବ୍ୟସ୍ତ କରିଛନ୍ତି। ହେମନ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ସହ ୫ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ସେ ଅଧିକ ୩ ମାସ ଜେଲରେ ରହିବେ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ପୀଡିତାଙ୍କୁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୪ ଡିସେମ୍ବର ୨୦ରେ ଅଭିଯୋଗକାରୀଙ୍କ ପୁତୁରା ରାମ (ଛଦ୍ମନାମ) ଓ ନାବାଳିକା ଝିଅ ସ୍ଥାନୀୟ ଏକ ବସ୍ତିର ଜଣଙ୍କ ଘରକୁ ଯାଇଥିଲେ। ସେଠାରେ ଅଭିଯୁକ୍ତ ହେମନ୍ତ ବେହେରା ମଧ୍ୟ ଥିଲେ। ସେମାନେ ସମସ୍ତେ ଟିଭି ଦେଖୁଥିବା ସମୟରେ ରାମ କିଛି ସମୟ ପରେ ଶୌଚ ହେବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ହେମନ୍ତ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ରାମ ଶୌଚ ସାରି ଫେରିବା ପରେ ଏହି ଘଟଣା ଦେଖିଥିଲେ। ତେବେ ଏ ବିଷୟରେ ପ୍ରଘଟ ନ କରିବାକୁ ରାମଙ୍କୁ ହେମନ୍ତ ତାଗିଦ କରିଥିଲେ। ଫଳରେ ରାମ ଓ ତାଙ୍କ ପୀଡ଼ିତା ଭଉଣୀ ନିଜ ଘରକୁ ଫେରିଆସିଥିଲେ। ସେତେବେଳକୁ ପୀଡିତାଙ୍କ ବାପା ଖଣ୍ଡଗିରି ଥାନାର ଏକ ମାମଲାରେ ଗିରଫ ହୋଇ ଜେଲରେ ଥିଲେ। ଘଟଣାର ୬ଦିନ ପରେ ଅର୍ଥାତ୍ ଡିସେମ୍ବର ୨୬ରେ ସେ ଘରକୁ ଫେରିଥିଲେ। ପୁତୁରା ରାମଙ୍କଠାରୁ ଘଟଣା ବିଷୟରେ ଜାଣିବା ପରେ ସେ ମହିଳା ଥାନାରେ ଏତଲା ଦେଇଥିଲେ। ଏହି ଆଧାରରେ ପୋଲିସ ୨୦୧୫ ଜାନୁଆରୀ ୩ରେ ମାମଲା (ନଂ.୩/୨୦୧୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ହେମନ୍ତଙ୍କୁ ପୋଲିସ ଗିରଫ କରିଥିଲା। ୨୦୧୬ ଅକ୍ଟୋବର ୧ରେ ଏହି ମାମଲାରେ ଚାର୍ଜଶିଟ ଦାଖଲ ହେବା ପରେ ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ସାସମଲ ଏବଂ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ବଳରାମ ଦେଓ ପରିଚାଳନା କରିଥିଲେ।

### ମନ୍ଦିରରୁ ୩ ଦାନବାକ୍ସ, ପୂଜା ସାମଗ୍ରୀ ଦୋକାନରୁ ଲୁଟ୍

ବାରଙ୍ଗ,୯।୫ (ଲିଙ୍ଗରାଜ ରାଉତ)

ନନ୍ଦନକାନନ ଥାନା ଅଧୀନ ଢାୱା ଗ୍ରାମରେ ଅବସ୍ଥିତ ସୋମନାଥ ମନ୍ଦିରର ୨ଟି ଓ ରାମ ମନ୍ଦିରରୁ ଗୋଟିଏ ଦାନବାକ୍ସ ଭାଙ୍ଗି, ମନ୍ଦିର ପାର୍ଶ୍ୱରେ ଥିବା ସମୀର ପଣ୍ଡା ପୂଜା ସାମଗ୍ରୀ ଦୋକାନରୁ ଦୁର୍ବୃତ୍ତ ବୁଧବାର ବିଳମ୍ବିତ ରାତିରେ ଚୋରି କରିଛନ୍ତି। ଦାନବାକ୍ସରୁ ଲକ୍ଷାଧିକ ଟଙ୍କା ସହ ସୁନାରୁପା ଲୁଟିନେଇଥିବା ଗୁରୁବାର ବଡ଼ି ଭୋର ସମୟରେ ପୂଜକ ମନ୍ଦିରକୁ ଯିବା ପରେ ଜାଣିବାକୁ ପାଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ତେବେ ଦୁର୍ବୃତ୍ତମାନେ ମନ୍ଦିର ଦାନବାକ୍ସରୁ କେବଳ କଏନକୁ ଛାଡ଼ିଦେଇଛନ୍ତି।

# ଦେଢ଼ବର୍ଷ ପରେ ଅଭିଯୁକ୍ତ ଭିଣୋଇ ଗିରଫ

ଭୁବନେଶ୍ୱର,୯।୫ (ସୂର୍ଯ୍ୟକାନ୍ତ ବେହେରା)

**ନାବାଳିକା ଶାଳୀଙ୍କୁ ଅପହରଣ ମାମଲା**

ଜନ୍ମଦିନ ପାଳନ କରିବାକୁ କହି ନିଜ ନାବାଳିକା ଶାଳୀଙ୍କୁ ଭୁବନେଶ୍ୱରରୁ ଫୁଲବାଣୀ ଅପହରଣ ମାମଲାରେ ନୟାପଲ୍ଲୀ ଥାନା ପୋଲିସ ଅଭିଯୁକ୍ତ ଭିଣୋଇଙ୍କୁ ଦେଢ ବର୍ଷ ପରେ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କନ୍ଧମାଳ ଜିଲା ଫୁଲବାଣୀ ଟାଉନ ଥାନା ଅଞ୍ଚଳର ରାଜେଶ କୁମାର ସାହୁ (୨୫)। କୋର୍ଟ ଚାଲାଣ ପରେ ଜାମିନ ନ ମିଳିବାରୁ ଗୁରୁବାର ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ, ନାବାଳିକାଙ୍କ ପରିବାର ନୟାପଲ୍ଲୀ ଥାନା ଅନ୍ତର୍ଗତ ବେହେରା ସାହିରେ ରହୁଥିଲେ। ୨୦୨୨ ନଭେମ୍ବର ୨୯ରେ ନାବାଳିକା ଶାଳୀଙ୍କ ଜନ୍ମଦିନ ପାଳନ କରିବାକୁ କହି ଅଭିଯୁକ୍ତ ଭିଣୋଇ ରାଜେଶ ତାଙ୍କୁ ଫୁଲବାଣୀ ନେଇଯାଉଥିବା ଘରେ କହିଥିଲେ। ହେଲେ ସେ ତାଙ୍କୁ ଫୁଲବାଣୀ ପରିବର୍ତ୍ତେ ଅନ୍ୟତ୍ର ନେଇଯାଇଥିଲେ। ନାବାଳିକାଙ୍କ ମା' ସ୍ୱାଇଁ ରାଜେଶଙ୍କୁ ଫୋନ୍ କରି ପଚାରିବାରୁ ସେ ଗାଁକୁ ଯିବାକୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଥିବା ଜଣାଇ ସୁଇଚ୍‌ଅଫ୍ କରିଦେଇଥିଲେ। ହେଲେ ତାଙ୍କ କଥାରେ ସନ୍ଦେହ ହେବାରୁ ନାବାଳିକାଙ୍କ ମା' ଚିନ୍ତାରେ ପଡିବା ସହ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନୟାପଲ୍ଲୀ ଥାନା ପୋଲିସ ତୁରନ୍ତ ତଦନ୍ତ ଆରମ୍ଭ କରିବା ସହ ଫୁଲବାଣୀରେ ଚଢ଼ାଉ କରି ଅପହୃତା ନାବାଳିକାଙ୍କୁ ସ୍ଥାନୀୟ ଥାନା ପୋଲିସ ସହାୟତାରେ ଉଦ୍ଧାର କରିଥିଲା। ହେଲେ ଅଭିଯୁକ୍ତ ରାଜେଶ ଫେରାର ହୋଇଯାଇଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ନଂ.୭୪୫/୨୨ ରୁଜୁ କରିବା ସହ ଉଦ୍ଧାର ନାବାଳିକାଙ୍କୁ ତାଙ୍କ ମା'ଙ୍କୁ ହସ୍ତାନ୍ତର କରିଥିଲା।



ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ପାଇଁ ବିନ୍ଦୁ ସାଗର ପୁଷ୍କରିଣୀରେ ପ୍ରସ୍ତୁତ ହୋଇ ରହିଥିବା ଚାପ ଡଙ୍ଗା।

# ବିନୋଦ ମହାରଣାଙ୍କୁ ଚତୁର୍ଥ 'ଦିନନାଥ ପାଠୀ କଳା ସମ୍ମାନ'

ଭୁବନେଶ୍ୱର,୯।୫(ଶର୍ମିଷ୍ଠା ପାଣିଗ୍ରାହୀ)




କାର୍ଯ୍ୟକ୍ରମରେ ବିନୋଦ ମହାରଣାଙ୍କ ଅନୁପସ୍ଥିତିରେ ସ୍ତ୍ରୀ ସମ୍ମାନ ଗ୍ରହଣ କରୁଛନ୍ତି।

କେତକୀ ଫାଉଣ୍ଡେଶନ ପକ୍ଷରୁ ଭାରତୀୟ ବିଦ୍ୟାଭବନଠାରେ 'ଚତୁର୍ଥ ଦିନନାଥ ପାଠୀ କଳା ସମ୍ମାନ' ଓ 'ଦ୍ୱିତୀୟ ଦିନନାଥ ପାଠୀ ସ୍ମାରକୀ ବକ୍ତୃତା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚଳିତ ବର୍ଷର ଚତୁର୍ଥ 'ଦିନନାଥ ପାଠୀ କଳା ସମ୍ମାନ'ରେ ପଦ୍ମଶ୍ରୀ ବିନୋଦ ମହାରଣାଙ୍କୁ ସମ୍ମାନିତ କରାଯାଇଛି। ତାଙ୍କ ଅନୁପସ୍ଥିତରେ ଧର୍ମପତ୍ନୀ ଏହି ସମ୍ମାନ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା ନୃତ୍ୟବାର୍ତ୍ତା ମାଧ୍ୟମରେ 'ସଖୀନାଟ ଏବଂ ଓଡ଼ିଶୀ' ନୃତ୍ୟର ଉତ୍କର୍ଷ ଏବଂ ଦିନନାଥଙ୍କ ଅବଦାନ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ମୁଖ୍ୟ ଅତିଥି ଓ ବକ୍ତା ଭାବେ ବିଶିଷ୍ଟ କବି ସୀତାକାନ୍ତ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି ଯୋଗଦେଇଥିଲେ। 'ଦ୍ୱିତୀୟ ଦିନନାଥ ପାଠୀ ସ୍ମାରକୀ ବକ୍ତୃତା' ମାଧ୍ୟମରେ ସୀତାକାନ୍ତ ମହାପାତ୍ର ଦିନନାଥଙ୍କର ଚିତ୍ର ଛଡ଼ା ଇତିହାସ ଏବଂ ଓଡ଼ିଆ ଭାଷା, ସଂସ୍କୃତିକୁ ନେଇ ଗବେଷଣା ତଥା କଳା କ୍ଷେତ୍ରରେ ରହିଥିବା ଦକ୍ଷତା ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ଚିତ୍ରଶିଳ୍ପୀ ରାମହରି ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦିନନାଥଙ୍କ ଚିତ୍ରକଳା ଓ ଜୀବନଶୈଳୀର ନାନାଦି ଦିଗ ଉପରେ ଆଧାରିତ ଆଲୋକଚିତ୍ର ପ୍ରଦର୍ଶିତ ହୋଇଥିଲା।

## ସଂକ୍ଷେପରେ

### ଗ୍ରୀଲ ତାଡ଼ି ଘରୁ ଟଙ୍କା, ସୁନାଅଳଙ୍କାର ନେଇଗଲେ

ଟାଙ୍ଗୀ,୯।୫(ରଘୁନାଥ ସାହୁ)

ଟାଙ୍ଗୀ ବଳରାମପୁର ସାହିର ସଞ୍ଜୟ ସାହୁଙ୍କ ଘରର ଗ୍ରୀଲ, କବାଟ ଓ ଆଲମିରା ତାଡ଼ି ଦୁର୍ବୃତ୍ତମାନେ ଟଙ୍କା ସହ ସୁନାଅଳଙ୍କାର ନେଇଯାଇଥିବା ଅଭିଯୋଗ ହୋଇଛି। ଟାଙ୍ଗୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଗତ ୭ତାରିଖରେ ସଞ୍ଜୟ ତାଙ୍କ ସ୍ତ୍ରୀଙ୍କ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲ ଯାଇଥିଲେ। ଗୁରୁବାର ସକାଳେ ଘରକୁ ଫେରିବା ପରେ ତାଙ୍କ କବାଟ ଓ ଆଲମିରା ଖୋଲାଥିବା ବେଳେ ୧ଲକ୍ଷ ଟଙ୍କା, ଗୋଟିଏ ହାର, ୩ଟି ସୁନଚେନ, ୨ହଳ କାନଫୁଲ, ୭ଟି ସୁନାମୁଦି, ସୁନା ଚୁଡି, ୩ଟି ମଙ୍ଗଳସୂତ୍ର ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ନିକଟରେ ଥିବା ସିସିଟିଭି ଫୁଟେଜ ଓ ଅନୁସନ୍ଧାନକାରୀ କୁକୁର ମାଧ୍ୟମରେ ତଦନ୍ତ କରାଗଲେ ଚୋରି ଘଟଣାର ପର୍ଦ୍ଦାଫାଶ ହୋଇପାରିବ ବୋଲି ସାଧାରଣରେ ଦାବି ହେଉଛି।

### ଯାଞ୍ଚବେଳେ ଧକ୍କାଦେଲା କାର୍‌, ପୋଲିସ ଆହତ

ଭୁବନେଶ୍ୱର,୯।୫ (ସୂର୍ଯ୍ୟକାନ୍ତ ବେହେରା)

ମଦ୍ୟପାନ କରି କାର୍‌ ଚଳାଇବା ମହଙ୍ଗା ପଡ଼ିଛି। ପୋଲିସ ଚେକିଂ ବେଳେ ଚାଳକ କାର୍‌ଟିକୁ ଷ୍ଟପ୍‌ବୋର୍ଡକୁ ଧକ୍କା ଦେବାରୁ ଏଥିରେ କେତେଜଣ ପୋଲିସ ଆହତ ହୋଇଛନ୍ତି। ତେବେ ଦୁର୍ଘଟଣା ଘଟାଇବା ପରେ ଚାଳକଜଣକ ଗାଡି ସହ ଖସି ପଳାଉଥିବାବେଳେ ଅନ୍ୟ ପୋଲିସମାନେ ଗୋଡାଇ ଧରିଛନ୍ତି। ଗିରଫ ପରେ ତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଭୁବନେଶ୍ୱରରେ ରହୁଥିବା ଯାଜପୁରର ଅମିତ କୁମାର ବେହୁରିଆ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ତାଙ୍କ କାର୍‌ଟିକୁ ମଧ୍ୟ ଜବତ କରାଯାଇଥିବା ସୂଚନା ଦିଆଯାଇଛି। ସୂଚନାନୁସାରେ, ବୁଧବାର ମଧ୍ୟ ରାତ୍ରିରେ ଲକ୍ଷ୍ମୀସାଗର ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଥାନାର ପୋଲିସ ଟିମ ଲକ୍ଷ୍ମୀସାଗର ଛକରେ ରାତ୍ରିକାଳୀନ ଯାଞ୍ଚ ପ୍ରକ୍ରିୟା ଜାରି ରଖିଥିଲେ। ରାତି ପ୍ରାୟ ୧ଟା ୧୦ରେ ଅଭିଯୁକ୍ତ ଅମିତ ଦ୍ରୁତ ଗତିରେ ବେପରୁଆ ଭାବରେ କାର ଚଳାଇ ଆସୁଥିବା ଦେଖି ଉପସ୍ଥିତ ପୋଲିସ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ସେ କାର୍‌ ନ ଅଟକାଇ ସିଧା ପୋଲିସ ଷ୍ଟପ୍‌ ବୋର୍ଡକୁ ଧକ୍କା ଦେଇ ଫେରାର ହୋଇଯାଉଥିଲେ। ଫଳରେ ସେଠାରେ ଉପସ୍ଥିତ ଥିବା ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଏହାପରେ ଅନ୍ୟ କର୍ମଚାରୀମାନେ ଅଭିଯୁକ୍ତଙ୍କ ପିଛା କରି କାବୁ କରିବାରେ ସକ୍ଷମ ହୋଇଥିଲେ। ଅଭିଯୁକ୍ତଙ୍କୁ ଯାଞ୍ଚ ବେଳେ ସେ ନିଶା ସେବନ କରି ଗାଡି ଚାଳନା କରୁଥିବା ଜଣାପଡିବା ପରେ ଅଭିଯୁକ୍ତଙ୍କ କାର ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଥିଲା।

### ଦେଢ଼ବର୍ଷ ପରେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୯।୫ (ସୂର୍ଯ୍ୟକାନ୍ତ ବେହେରା)

ଜନ୍ମଦିନ ପାଳନ କରିବାକୁ କହି ନିଜ ନାବାଳିକା ଶାଳୀଙ୍କୁ ଫୁଲବାଣୀରୁ ଭୁବନେଶ୍ୱର ଅପହରଣ ମାମଲାରେ ନୟାପଲ୍ଲୀ ଥାନା ପୋଲିସ ଅଭିଯୁକ୍ତ ଭିଣୋଇଙ୍କୁ ଦେଢ ବର୍ଷ ପରେ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କନ୍ଧମାଳ ଜିଲା ଫୁଲବାଣୀ ଟାଉନ ଥାନା ଅଞ୍ଚଳର ରାଜେଶ କୁମାର ସାହୁ (୨୫)। କୋର୍ଟ ଚାଲାଣ ପରେ ଜାମିନ ନ ମିଳିବାରୁ ଗୁରୁବାର ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଚାଷଜମିରେ ପହଞ୍ଚୁନି ପାଣି, ଚାଷୀ ନିରାଶ

## ପୋତିହୋଇପଡ଼ିଛି କେନାଲ



ନିରାକାରପୁର,୯।୫ (ମାନସ ଚନ୍ଦ୍ର ପଟ୍ଟନାୟକ)

ଚାଷ ଓ ଚାଷୀଙ୍କ ଉନ୍ନତି ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ତଳସ୍ତରରେ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତ ଦେଇ ଯାଇଥିବା କେନାଲ କ୍ଷେତ୍ରରେ ଦେଖିବାକୁ ମିଳିଛି। ଏହି କେନାଲଟି ପୋତିହୋଇଯିବାରୁ ଏବେ ଚାଷୀଙ୍କ କାମରେ ଲାଗି ପାରୁନାହିଁ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ସୂଚନାଥାଉ କି, ରାମେଶ୍ୱର ବ୍ୟାରେଜଠାରୁ ଲେଣ୍ଡୋ ପଞ୍ଚାୟତ ଅନ୍ତର୍ଗତ ଭୂଷଣ୍ଡପୋଖରୀ ଓ ଫୁଲଦୋଳ ପଡିଆ ଦେଇ କଣାସ ବ୍ଲକର ମୈତ୍ରିତ୍ରିଲୋଚନପୁର ପର୍ଯ୍ୟନ୍ତ କେନାଲ ଖୋଳାଯାଇଥିଲା। ଏହି କେନାଲ ଯୋଗୁ ସ୍ଥାନୀୟ ଲେଣ୍ଡୋ ପଞ୍ଚାୟତ ଅନ୍ତର୍ଗତ ଗୋପୀନାଥପୁର, ପାଟପୁର, ଆସେଲି, ଆରେଡି, ଅରାଞ୍ଚଳ ଏପରିକି କଣାସ ବ୍ଲକର ମୈତ୍ର-ତ୍ରିଲୋଚନପୁର ଆଦି ଅଞ୍ଚଳର ଚାଷୀମାନେ ଉପକୃତ ହେଉଥିଲେ। ଧାନ ଫସଲ ପରେ ଏହି କେନାଲ କୂଳବର୍ତ୍ତୀ ଅଞ୍ଚଳରେ ବିଭିନ୍ନ ପନିପରିବା ଚାଷ କରି ଚାଷୀ ଉପକୃତ ହେଉଥିଲେ। ହେଲେ ଗତ 'ଫନୀ' ବାତ୍ୟା ପରଠାରୁ ବିଭାଗୀୟ ଅଧିକାରୀମାନଙ୍କ ଦୂରଦୃଷ୍ଟି ଅଭାବରୁ ଏବେ ଏହି କେନାଲ ପୋତି ହୋଇ ଅସ୍ତିତ୍ୱ ହରାଇ ବସିଛି। ଫଳରେ ଦୀର୍ଘ ୫ବର୍ଷ ହେବ ଏହି କେନାଲଟି ଲୋକଙ୍କ କାମରେ ଲାଗୁନାହିଁ। ତେବେ କେନାଲ ପୋତି ହୋଇଯିବାରୁ ଏବେ ବର୍ଷା ଜଳ କେନାଲକୁ ଯିବା ପରିବର୍ତ୍ତେ ବିଭିନ୍ନ ସ୍ଥାନରେ ଜମି ରହୁଛି। ଅନ୍ୟପଟେ ଆବଶ୍ୟକ ଅନୁସାରେ ଜମିକୁ ପାଣି ଯାଇ ନ ପାରିବାରୁ ଧାନଚାଷ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଛି ବୋଲି ଅଶୋକ କୁମାର ରାଉତରାୟ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସଦାଶିବ ପ୍ରଧାନ ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି। କେନାଲ ପୋତି ହୋଇଯାଇଥିବା ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏପରିକି ଉକ୍ତ କେନାଲର ପୁନରୁଦ୍ଧାର ନ ହେବାରୁ ଲେଣ୍ଡୋ ଛକସ୍ଥିତ ନୂଆ ଜଗନ୍ନାଥ ସଡ଼କ ଠାରୁ ଫୁଲଦୋଳ ପଡିଆ ପର୍ଯ୍ୟନ୍ତ ଆସିଥିବା ଏହି କେନାଲର ଉଭୟ ପାର୍ଶ୍ୱ ଏବେ ଜବର ଦଖଲକାରୀଙ୍କ କବ୍‌ଜାରେ ରହିଛି। ସମୟକ୍ରମେ ଏହି କେନାଲ ଅଧିକାଂଶ ସ୍ଥାନରେ ପୋତି ହୋଇଯିବାରୁ ଆଉ ଚାଷୀଙ୍କ କାର୍ଯ୍ୟରେ ଲାଗିପାରୁନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।ତୁରନ୍ତ ଉକ୍ତ କେନାଲର ପୁନରୁଦ୍ଧାର ସହ ଜବରଦଖଲ ମୁକ୍ତ କରିବା ନିମନ୍ତେ ଚାଷୀ ସୁଶାନ୍ତ ବିଶ୍ୱାଳ, ମହେନ୍ଦ୍ର ବିଶ୍ୱାଳ, କେଦାର ଛୋଟରାୟ, ସଚ୍ଚି ବିଶ୍ୱାଳ, ଡମ୍ବରୁ ନାୟକ ପ୍ରମୁଖ ନିବେଦନ କରିଛନ୍ତି । ଏ ସମ୍ପର୍କରେ ଏସ୍‌ଡିଓ କୃଷ୍ଣ ଚନ୍ଦ୍ର ସେଠୀ କହିଛନ୍ତି, ନିର୍ବାଚନ କାର୍ଯ୍ୟ ସରିଲେ କେନାଲର ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯିବ।



ଖୋର୍ଦ୍ଧା ନିର୍ବାଚନୀ ମଣ୍ଡଳୀ ଅନ୍ତର୍ଗତ ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ନିର୍ବାଚନୀ ସଭା ଅବସରରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍‌ ମହିଳାମାନଙ୍କ ସହ ହାତ ମିଳାଉଛନ୍ତି।

### ଡ. ଦିନନାଥ ପାଠୀଙ୍କ ୮୨ତମ ଜୟନ୍ତୀ

ଭୁବନେଶ୍ୱର,୯।୫ (ଶର୍ମିଷ୍ଠା ପାଣିଗ୍ରାହୀ)

ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ବିଭୂତି କାନୁନ୍‌ଗୋ ଚାରୁ ଚାରୁକଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଦିନନାଥ ପାଠୀଙ୍କ ୮୨ତମ ଜୟନ୍ତୀ ସଂସ୍କୃତି ବିଭାଗ ପକ୍ଷରୁ ମହାବିଦ୍ୟାଳୟସ୍ଥିତ ପ୍ରତିମୂର୍ତ୍ତିଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପାଠୀଙ୍କ ଗୁଣାବଳୀର ସ୍ମୃତିଚାରଣ କରିବା ସହ ତାଙ୍କ ଉଦ୍ୟମରେ ରାଜ୍ୟର ଚିତ୍ରକଳା ବିକଶିତ ହୋଇଥିଲା ବୋଲି ଉପସ୍ଥିତ ବ୍ୟକ୍ତିବିଶେଷ ମତ ରଖିଥିଲେ। ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ପ୍ରଥମେ ଏକ ଶୋଭାଯାତ୍ରାରେ ଛାତ୍ରୀଛାତ୍ର ଓ ଅଧ୍ୟାପକ ମଣ୍ଡଳୀ ମହାବିଦ୍ୟାଳୟ ପରିକ୍ରମା କରିଥିଲେ। ପରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଗଜେନ୍ଦ୍ର କୁମାର ପାଢୀ, ପୂର୍ବତନ ଅଧ୍ୟକ୍ଷ ଜୟନ୍ତ କୁମାର ଦାସ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଅଧ୍ୟାପକ ଚନ୍ଦ୍ରଶେଖର ସେଠୀ, ଚୌଧୁରୀ ଆଶିଷ ଶରଣ, ପ୍ରଦୀପ କୁମାର ପାତ୍ରୋ, ଛତ୍ରପତି ବିଶ୍ୱାଳ, ମୀନକେତନ ପଟ୍ଟନାୟକ, ଉମେଶ ନାୟକ, ରାଜକୁମାର ସୁବୁଦ୍ଧି, ଅନ୍ତର୍ଯ୍ୟାମୀ ଦାସ, ଅମିତ୍‌ ପାତାଳସିଂହଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

### ଜେଲ ଗଲେ ୯ ଜୁଆଡି: ବାଇକ୍‌, ମୋବାଇଲ, ତାସ ପତା, ଟଙ୍କା ଜବତ

ଭୁବନେଶ୍ୱର,୯।୫ (ସୂର୍ଯ୍ୟକାନ୍ତ ବେହେରା)

ମଞ୍ଚେଶ୍ୱର ଥାନା ପୋଲିସ ଅଟକ ରଖିଥିବା ୯ଜଣ ଜୁଆଡିଙ୍କୁ ଗିରଫ ପରେ ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ରହୁଥିବା ରଞ୍ଜନ ବେହେରା, ଅକ୍ଷୟ କୁମାର ଗୋଛୀ, ମନୋଜ କୁମାର ପରିଡା,ଏ ଜୟଦେବ ରାଓ, ଗଣେଶ ନାୟକ, ନିରଞ୍ଜନ ପାତ୍ର, ଦିଲ୍ଲୁ ନାହାକ, ଅଶ୍ରୟ ରେଡ୍ଡି ଓ ରିତେଶ ସାହୁ । ସେମାନଙ୍କଠାରୁ ୪ଟି ମୋଟରସାଇକେଲ,୧୧ ମୋବାଇଲ, ତାସ ପତା ଓ ୨୯ ହଜାରରୁ ଅଧିକ ଟଙ୍କା ଜବତ ହୋଇଛି। ଜାମିନ ନ ମିଳିବାରୁ ସମସ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୁକ୍ତମାନେ ଏକତ୍ରିତ ହୋଇ ପାଣ୍ଡରା ଶିବ ମନ୍ଦିର ପଛ ପାର୍ଶ୍ୱରେ ଥିବା ଏକ ଘରେ ବୁଧବାର ରାତିରେ ଜୁଆ ଖେଳୁଥିଲେ। ସ୍ପେଶାଲ ସ୍କ୍ୱାଡ୍‌ ଓ ଥାନା ଟିମ୍‌ ଚଢ଼ାଉ କରି ୯ଜଣଙ୍କୁ କାବୁ କରିଥିଲା।

## ଫିଲିପାଇନ୍ସ ପ୍ରତିନିଧିମଣ୍ଡଳୀଙ୍କ ମଳ ଉପଚାର କେନ୍ଦ୍ର ପରିଦର୍ଶନ

ଜଟଣୀ,୯।୫(ରବୀନ୍ଦ୍ରନାଥ ମହାକୁଡ଼)

ଇୟୁଡବ୍ଲ୍ୟୁଓପି କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ୱାଟ୍‌ ଇଟାଲୀ ଏବଂ ୱାଟରଲିଙ୍କସ ଫିଲିପାଇନ୍ସର ପ୍ରତିନିଧି ମଣ୍ଡଳୀ ଗୁରୁବାର ଜଟଣୀ ପୌରାଞ୍ଚଳର ମଳ ଉପଚାର କେନ୍ଦ୍ର ପରିଦର୍ଶନ କରିଛନ୍ତି। ମାର୍କୋ ସ୍କିବେତ୍ତା, ନିକୋଲେଟା ମେସିଆନୋ, ଆର୍‌. ଟିଟା, ଡାନିଏଲ ନୋଭାରିନୋ, ୟୋଲଣ୍ଡା ଗୋମେଜଙ୍କ ସହ ଅନ୍ୟମାନେ ମଳ ଉପଚାର କେନ୍ଦ୍ର ଦୁଇଦିନଧରି ପରିଦର୍ଶନ କରିଥିଲେ। ଉକ୍ତ କେନ୍ଦ୍ରର ବିଭିନ୍ନ ସ୍ଥାନରୁ ନମୁନା ସଂଗ୍ରହ କରି ଏହାର କାର୍ଯ୍ୟକାରିତା ଉପରେ ପରୀକ୍ଷା କରିଥିଲେ। ଗସ୍ତ ସମୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧୀନ ଓଡ଼ିଶା ଜଳଯୋଗାଣ ଓ ଜଳ ନିଷ୍କାସନ ବୋର୍ଡର ଇଆଇସି ପ୍ରଶାନ୍ତ ମହାପାତ୍ର, ପୌର ପରିଷଦ ପକ୍ଷରୁ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଯୋଶୀ, ପୌର ଯନ୍ତ୍ରୀ ଅନୁରାଧା ପ୍ରଧାନଙ୍କ ସମେତ ଜଟଣୀ ପୌରାଞ୍ଚଳ ଏବଂ ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ମଳ ଉପଚାର କେନ୍ଦ୍ରରେ ନିୟୋଜିତ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଉପସ୍ଥିତ ଥିଲେ। ପ୍ରଥମାର୍ଦ୍ଧରେ ମଳ ଉପଚାର କେନ୍ଦ୍ର ଠାରେ ବିଭିନ୍ନ ନମୁନାର ପରୀକ୍ଷା କରାଯାଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ସ୍ଥାନୀୟ ନାଇଜର ପରିସର ମଧ୍ୟରେ ମଳ ଉପଚାର କେନ୍ଦ୍ରକୁ କିପରି ସହଜରେ ପରିଚାଳନା କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ମଳ ଉପଚାର କେନ୍ଦ୍ରରେ ମଳ ପରିଚାଳନା ପରେ ବାହାରୁ ଶୁଖିଲା ମଳ ଏବଂ ପୌର ପରିଷଦର ଜୈବିକ ଖତକୁ ନେଇ କିପରି କୋ-କମ୍ପୋଷ୍ଟ ପ୍ରସ୍ତୁତ ହୋଇପାରିବ, ଜୈବିକ ଖତ ଭାବେ ବ୍ୟବହାର ହୋଇପାରିବ ତାହାର ପଦ୍ଧତି ଏବଂ ବିଭିନ୍ନ ପ୍ରକ୍ରିୟା ଉପରେ ଆଲୋଚନା ହୋଇଥିଲା।



ମଳ ଉପଚାର କେନ୍ଦ୍ରରେ ଫିଲିପାଇନ୍ସର ପ୍ରତିନିଧି ମଣ୍ଡଳୀ ଏବଂ ଅନ୍ୟମାନେ।

## ଗୋରୁ ବୋଝେଇ ଗାଡ଼ି ଜବତ

ବାଣପୁର,୯।୫(ଦିଲୀପ ସ୍ୱାଇଁ)



ନାଚୁଣୀ ଥାନା ପୋଲିସ ଗୁରୁବାର ଏକ ଗୋରୁ ବୋଝେଇ ଗାଡ଼ିକୁ ଜବତ କରିଛି। ୬୫ଟି ଗୋରୁଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଗାଡ଼ି ଚାଳକ ଓ ହେଲ୍ପର ଫେରାର ହୋଇଯାଇଥିଲେ। ସୂଚନା ମୁତାବକ, ଟାଙ୍ଗୀ ଥାନା ଅନ୍ତର୍ଗତ ଦୀକ୍ଷିତପଡ଼ା ଅଞ୍ଚଳରୁ ଏକ ଗୋରୁ ବୋଝେଇ ଗାଡି (ଟିଏସ୍‌ ୦୮ ୟୁକେ ୨୯୫୭)ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିବା ନେଇ ବଜରଙ୍ଗ ଦଳର କର୍ମକର୍ତ୍ତା ଖବରପାଇ ପିଛା କରିଥିଲେ। ନାଚୁଣୀ ଥାନା ନିକଟରେ ଗାଡି ଅଟକାଇବା ବେଳେ ଘଟଣାସ୍ଥଳରୁ ଗାଡି ଚାଳକ ଓ ହେଲ୍ପର ଫେରାର ହୋଇଯାଇଥିଲେ। ଖବରପାଇ ନାଚୁଣୀ ପୋଲିସ ପହଞ୍ଚିବା ପରେ ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ଗୋରୁଙ୍କୁ ଉଦ୍ଧାର କରି ପୋଲିସ ଜିମା ଦେଇଥିଲେ। ଉଦ୍ଧାର ଗୋରୁଙ୍କୁ ସ୍ଥାନୀୟ ଏକ ଗୋଶାଳାରେ ଛଡ଼ାଯାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୬୮/୨୪)ରୁଜୁକରି ଅଧିକ ତଦନ୍ତ ଚଳାଇଛି।

## ୨୧କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୩ ଗିରଫ

ବାଣପୁର,୯।୫(ଦିଲୀପ ସ୍ୱାଇଁ)



ବାଲୁଗାଁ ଅବକାରୀ ବିଭାଗ ଗୁରୁବାର ୨୧ କେଜି ୧୫୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶର ଫଇଜାଲ(୨୬), ମୁସାରଫ(୨୩) ଏବଂ ଜିସାନ(୨୨)। ସୂଚନା ମୁତାବକ, ୧୬ ନମ୍ବର ଜାତୀୟ ରାଜପଥର ସୁନାଖେଳା ଓଭରବ୍ରିଜ ନିକଟରେ ୩ଜଣ ଯୁବକ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିଲେ। ଖବରପାଇ ବାଲୁଗାଁ ଅବକାରୀ ଅଧିକାରିଣୀ ସ୍ମିତା ପଣ୍ଡା ଓ ଟିମ୍‌ ଉକ୍ତ ସ୍ଥାନରେ ଚଢ଼ାଉ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଧରିବା ସହ ଗଞ୍ଜେଇ ଜବତ କରିଥିଲେ। ତେବେ ଅଭିଯୁକ୍ତମାନେ ଗଞ୍ଜେଇ କେଉଁଠୁ ଆଣିଲେ ଏବଂ କେଉଁଆଡେ ନେଉଥିଲେ ସେ ନେଇ ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।

## କେନ୍ଦ୍ର, ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ସୋନାଲି



ଖବରଦାତା ସମ୍ମିଳନୀରେ ସୋନାଲି ସାହୁ ସୂଚନା ଦେଉଛନ୍ତି।

ଟାଙ୍ଗୀ,୯।୫ (ରଘୁନାଥ ସାହୁ)

ଖୋର୍ଦ୍ଧା ବିଧାନସଭା କଂଗ୍ରେସ ପ୍ରାର୍ଥୀ ସୋନାଲି ସାହୁ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ରାଜ୍ୟରେ ଯୁବତୀ ଯୁବକମାନଙ୍କ ଚାକିରୀ ନାହିଁ, ଚାଷଜମିକୁ ଜଳସେଚନର ବ୍ୟବସ୍ଥା ହୋଇନାହିଁ। ଶୀତଳ ଭଣ୍ଡାର, ପାନୀୟଜଳର ଅଭାବ ରହିଛି। ନିଶା ସେବନ କରି ଯୁବପିଢି ବିପଥଗାମୀ ହେଉଛନ୍ତି ବୋଲି ଅଭିଯୋଗ ଆଣିଥିଲେ। ସେ ଟାଙ୍ଗୀ ବ୍ଲକର ଝିଅ ଓ ବୋହୂ। ତେଣୁ ସ୍ୱାଭିମାନୀ ଟାଙ୍ଗୀ ଜନସାଧାରଣ ସେମାନଙ୍କର ଝିଅକୁ ଅଧିକ ସଂଖ୍ୟାରେ ଭୋଟ୍‌ ଦେବା ପାଇଁ ନିବେଦନ କରିଥିଲେ। ଏହି ସମ୍ମିଳନୀରେ ବ୍ଲକ ସଭାପତି ସୁକାନ୍ତ ରାଉତ, ଜିଲା ସମ୍ପାଦକ ବିଶ୍ୱଜିତ ରାଉତରାୟ, ବ୍ଲକ ସମ୍ପାଦକ ସିଡୁ ଦାସ, ପ୍ରଶାନ୍ତ କୁମାର ଶ୍ରୀଚନ୍ଦନ, ବେଣୁଧର ରାଉତ, ବାସୁଦେବ ବିଶ୍ୱାଳ, ସୌଭାଗ୍ୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## କାଏମ ରହିଲା ପ୍ରାର୍ଥିପତ୍ର

ଖୋର୍ଦ୍ଧା,୯।୫(ପ୍ରଭାତ ପାଣିଗ୍ରାହୀ)

ରାଜ୍ୟରେ ୩ୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତା ୨୫ତାରିଖରେ ମତଦାନ ହେବ। ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ୧୨ ପ୍ରାର୍ଥୀ ଏବଂ ୭ଟି ବିଧାନସଭା ଆସନ ପାଇଁ ୭୮ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ରହିଛି। ସେହିପରି ପୁରୀ ଲୋକ ସଭା ଅନ୍ତର୍ଗତ ଚିଲିକା ବିଧାନସଭା ଆସନ ପାଇଁ ୮ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ରହିଛି।

ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ଭାଜପାରୁ ଅପରାଜିତା ଷଡ଼ଙ୍ଗୀ, ବିଜେଡିରୁ ମନ୍ମଥ କୁମାର ରାଉତରାୟ, କଂଗ୍ରେସରୁ ସୟଦ ୟାସିର ନୱାଜ, ସିପିଆଇ(ଏମ୍‌)ରୁ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଭାରତୀୟ ବିକାଶ ପରିଷଦରୁ ନଟବର ମହାରଣା, କଳିଙ୍ଗ ସେନାରୁ ପ୍ରଦୀପ କୁମାର ସାହୁ, ସୁପ୍ରିମ ଜିରୋ ପାର୍ଟି ଅଫ୍‌ ଭାରତରୁ ଶାନ୍ତିଲତା ରାଉତ, ଓଡ଼ିଶା ଜନତା ପାର୍ଟିରୁ ସଙ୍ଗୀତା ପଟ୍ଟନାୟକ, ସ୍ୱାଧୀନରୁ କିଶୋର କୁମାର ସୂତାର, ସ୍ୱାଧୀନରୁ ସନ୍ତୋଷ କୁମାର ମିଶ୍ର, ସ୍ୱାଧୀନରୁ ସୁଧାଂଶୁ ଶେଖର ଦାସ ଏବଂ ସ୍ୱାଧୀନରୁ ହୁଲ୍ଲାସ ସେନାପତି ପ୍ରାର୍ଥୀଭାବେ ରହିଛନ୍ତି। ସେହିପରି ଏହି ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଜୟଦେବ ବିଧାନସଭା ଆସନରେ ୮ପ୍ରାର୍ଥୀ, ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ୧୪, ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ୧୩, ଏକାମ୍ର ଭୁବନେଶ୍ୱରରେ ୧୨, ଜଟଣୀ ଆସନ ପାଇଁ ୯, ବେଗୁନିଆ ଆସନ ପାଇଁ ୧୧, ଖୋର୍ଦ୍ଧା ଆସନରେ ୧୦, ପୁରୀ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଚିଲିକା ବିଧାନସଭା ଆସନ ପାଇଁ ୮ପ୍ରାର୍ଥୀଙ୍କ ନାମାଙ୍କନ ବୈଧ ରହିଛି।

## ମା' ବୃନ୍ଦାଦେବୀଙ୍କ ବାର୍ଷିକ ଯଜ୍ଞ ଉତ୍ସବ

ବୋଲଗଡ଼,୯।୫(ଦେବବ୍ରତ ହୋତା)

ବୋଲଗଡ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମର ଐତିହାସିକ ପାଞ୍ଚଗଡ ଦୁର୍ଗର ଆରାଧ୍ୟା ମା' ବୃନ୍ଦାଦେବୀଙ୍କ ବାର୍ଷିକ ଯଜ୍ଞଉତ୍ସବ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଅଖିଳ ବିଶ୍ୱ କଲ୍ୟାଣ ନିମନ୍ତେ ବୁଧବାର ଅଧିବାସ ଦିବସରେ ଗ୍ରାମ ନେଳିଆ ପୋଖରୀଠାରେ ପୂର୍ଣ୍ଣ କଳସ ପୂଜାର୍ଚ୍ଚନା ପରେ ଗ୍ରାମ ପରିକ୍ରମା କରାଯାଇ ମା'ଙ୍କ ବିଜେସ୍ଥଳୀରେ କଳସ ସ୍ଥାପନ କରାଯାଇଥିଲା। ଗୁରୁବାର ଦ୍ୱିତୀୟ ଦିବସରେ ମା'ଙ୍କ ସ୍ନାନ ସହିତ ନୂତନ ବସ୍ତ୍ର ପରିଧାନ, ନୂତନ ମୁଖ ସ୍ଥାପନ, ସୂର୍ଯ୍ୟ ପୂଜା, ପୂଜାର୍ଚ୍ଚନା କରାଯାଇଥିଲା। ପରେ ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ ହୋଇଥିଲା। ଏହି ପୂଜା କାର୍ଯ୍ୟରେ କର୍ତ୍ତାଭାବେ ନେତ୍ର ରଞ୍ଜନ ମିଶ୍ର ଦାୟିତ୍ୱ ତୁଲାଇଥିଲେ। ସୌମ୍ୟ ରଞ୍ଜନ ମିଶ୍ର ଓ ପୂଜକ ବ୍ରହ୍ମାନନ୍ଦ ପଣ୍ଡାଙ୍କ ଦ୍ୱାରା ପୂଜାପାଠ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଂପୁର ଗ୍ରାମବାସୀ ଏବଂ ବୃନ୍ଦା ଦେବୀ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମା' ବୃନ୍ଦାଦେବୀଙ୍କ ବାର୍ଷିକ ଯଜ୍ଞଉତ୍ସବ ଅବସରରେ ଅନୁଷ୍ଠିତ କଳସ ଯାତ୍ରା।

## ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ପ୍ରଚାର ଜୋରଦାର

ଖୋର୍ଦ୍ଧା,୯।୫(ପ୍ରଭାତ ପାଣିଗ୍ରାହୀ)

ରାଜ୍ୟରେ ୩ୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପ୍ରତ୍ୟାହାର ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ପ୍ରାର୍ଥୀ ଏବେ ପ୍ରଚାରକୁ ଜୋରଦାର କରିଛନ୍ତି। ଭୁବନେଶ୍ୱର ଲୋକ ସଭା ଏବଂ ୭ଟି ବିଧାନସଭା ଆସନରେ ତ୍ରିମୁଖୀ ଲଢ଼େଇ ହେବା ନେଇ ସମ୍ଭାବନା ରହିଛି। ଲୋକ ସଭା ପ୍ରାର୍ଥୀଭାବେ ବିଜେଡିରୁ ମନ୍ମଥ ରାଉତରାୟ, ଭାଜପାରୁ ଅପରାଜିତା ଷଡ଼ଙ୍ଗୀ ଏବଂ କଂଗ୍ରେସରୁ ସୟଦ ୟାସିର ନୱାଜଙ୍କ ମଧ୍ୟରେ କଡ଼ା ଟକ୍କର ହେବ। ୩ଦଳର ପ୍ରାର୍ଥୀମାନେ ଦଳୀୟ ବିଧାୟକ ପ୍ରାର୍ଥୀଙ୍କୁ ନେଇ ରୋଡ୍‌ ଶୋ, ନିର୍ବାଚନ ସମ୍ମିଳନୀ କରିବା ସହ ଘରକୁ ଘର ବୁଲୁଛନ୍ତି।

ଖୋର୍ଦ୍ଧା ବିଧାନସଭା ଆସନରେ ୧୦ଜଣ ପ୍ରାର୍ଥୀ ମଇଦାନରେ ରହିଥିବା ବେଳେ ବିଜେଡିରୁ ରାଜେନ୍ଦ୍ର ସାହୁ, ଭାଜପାରୁ ପ୍ରଶାନ୍ତ ଜଗଦେବ, ସ୍ୱାଧୀନ ପ୍ରାର୍ଥୀ କାଳୁଚରଣ ଖଣ୍ଡାୟତରାୟଙ୍କ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ଚର୍ଚ୍ଚା ହେଉଛି। ସେପଟେ କଂଗ୍ରେସରୁ ସୋନାଲି ସାହୁ ମଧ୍ୟ ପ୍ରଚାରକୁ ଓହ୍ଲାଇଛନ୍ତି। ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିଛନ୍ତି। ବିଭିନ୍ନ ଗାଁ, ବସ୍ତି ବୁଲି ସମସ୍ୟାର ସମାଧାନ ପାଇ ପ୍ରତିଶ୍ରୁତି ଦେବା ସହ ନିଜ ସପକ୍ଷରେ ଭୋଟ୍‌ ଦେବା ପାଇଁ ନିବେଦନ କରୁଛନ୍ତି। ସେହିପରି ବେଗୁନିଆରେ

### ତ୍ରିମୁଖୀ ଲଢ଼େଇ ହେବା ନେଇ ଚର୍ଚ୍ଚା

୧୨ଜଣ ପ୍ରାର୍ଥୀ ରହିଥିବା ବେଳେ ବିଜେଡି ପ୍ରାର୍ଥୀ ପ୍ରଦୀପ ସାହୁ, କଂଗ୍ରେସର ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଏବଂ ଭାଜପା ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବିଜୁଳିଙ୍କ ମଧ୍ୟରେ ଲଢ଼େଇ ହେବ। ପ୍ରାର୍ଥୀମାନେ ବିଭିନ୍ନ ଗାଁ, ବସ୍ତି ବୁଲି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ସହ ନିଜ ସପକ୍ଷରେ ଭୋଟ୍‌ ଦେବା ପାଇଁ ନିବେଦନ କରୁଛନ୍ତି। ଚିଲିକା ଆସନରେ ୯ଜଣ ପ୍ରାର୍ଥୀ ରହିଥିବା ବେଳେ ଏଠାରେ ମଧ୍ୟ ବିଜେଡିର ରଘୁନାଥ ସାହୁ, ଭାଜପାର ପୃଥ୍ୱୀରାଜ ହରିଚନ୍ଦନ ଏବଂ କଂଗ୍ରେସର ପ୍ରଦୀପ ସ୍ୱାଇଁଙ୍କ ମଧ୍ୟ ଟକ୍କର ହେବାକୁ ଯାଉଛି। ସେହିପରି ଜଟଣୀ ବିଧାନସଭା ଆସନରେ ୯ଜଣ ପ୍ରାର୍ଥୀ ରହିଥିବା ବେଳେ ଏଠାରେ ବିଜେଡିରୁ ବିଭୂତି ଭୂଷଣ ବଳବନ୍ତରାୟ, ଭାଜପାର ବିଶ୍ୱରଞ୍ଜନ ବଡଜେନା ଏବଂ କଂଗ୍ରେସର ସନ୍ତୋଷ ଜେନାଙ୍କ ମଧ୍ୟରେ କଡା ଟକ୍କର ହେବ ବୋଲି ଚର୍ଚ୍ଚା ହେଉଛି। ତେବେ ସ୍ୱାଧୀନ ପ୍ରାର୍ଥୀ ସାମାଜିକ କର୍ମୀ ମନୱର ଅଲ୍ଲୀ ଏବଂ ସୁଜିତ ବଳବନ୍ତରାୟ ମଧ୍ୟ ଜୋରଦାର ପ୍ରଚାର ଚଳାଇଛନ୍ତି। ଅନ୍ୟପକ୍ଷରେ ଅସନ୍ତୁଷ୍ଟ ନେତାମାନେ ଦଳୀୟ ପ୍ରାର୍ଥୀଙ୍କ ଅଙ୍କ ବିଗାଡ଼ି ପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# ଆଇଏସ୍‌ଏଲ୍‌ରେ ଭାରତୀୟ ଖେଳାଳିଙ୍କ ଚମକ

ଇଣ୍ଡିଆନ୍ ସୁପର୍ ଲିଗ୍‌ର ଦଶମ ସଂସ୍କରଣ ଶେଷ ହୋଇଛି। ଗତଥରର ଚାମ୍ପିୟନ ମୋହନ ବାଗାନ ସୁପର ଜାଏଣ୍ଟକୁ ହରାଇ ମୁମ୍ବାଇ ସିଟି ଏଫ୍‌ସି ଦ୍ୱିତୀୟ ଥରପାଇଁ ଟାଇଟଲ ହାସଲ କରିଛି। ଏହି ଲିଗ୍‌ରେ ସାଧାରଣତଃ ବିଦେଶୀ ଖେଳାଳିଙ୍କ ପ୍ରଭାବ ଦେଖିବାକୁ ମିଳିଥାଏ। ତେବେ ଚଳିତ ସଂସ୍କରଣରେ ଅନେକ ଭାରତୀୟ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଗୋଲ ସ୍କୋର କରିବାଠାରୁ ଆରମ୍ଭ କରି ଡିଫେଣ୍ଡ କରିବା ଯାଏ ସବୁଥିରେ ବିଦେଶୀ ଖେଳାଳିଙ୍କ ସହ ତାଳ ମିଳାଇଛନ୍ତି ଭାରତୀୟ ଖେଳାଳି।

–ପ୍ରସ୍ତୁତି: ସରୋଜ ଜେନା

ଇଣ୍ଡିଆନ୍ ସୁପର୍ ଲିଗ୍(ଆଇଏସ୍‌ଏଲ୍)ର ଦଶମ ସଂସ୍କରଣ ଉଦ୍‌ଯାପିତ ହୋଇଛି। ଡିଫେଣ୍ଡିଂ ଚାମ୍ପିୟନ ମୋହନ ବାଗାନ ସୁପର ଜାଏଣ୍ଟକୁ ହରାଇ ମୁମ୍ବାଇ ସିଟି ଏଫ୍‌ସି ଏହାର ଦ୍ୱିତୀୟ ଟାଇଟଲ ହାସଲ କରିଛି। ଚଳିତ ସିଜନରେ ମୋଟ ୩୮୪ ଗୋଲ ସ୍କୋର ହୋଇଥିଲା। ଏପରିକି ଫାଇନାଲରେ ଭାରତୀୟ ଖେଳାଳି ବିପିନ ସିଂଙ୍କ ଗୋଲ ହିଁ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଭାରତର ଫୁଟବଲ ପ୍ରତିଭାକୁ ସମ୍ମୁଖକୁ ଆଣିବା ଉଦ୍ଦେଶ୍ୟ ରଖି ଏହି ଲିଗ୍ ଆରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ଅନେକ ଭାରତୀୟ ଖେଳାଳି ସଫଳ ହୋଇଛନ୍ତି। ମୁମ୍ବାଇ ସିଟି ଏଫ୍‌ସିର ଲାଲିଆଞ୍ଜୁଲା ଛାଙ୍ଗଟେ, ବିକ୍ରମ ପ୍ରତାପ ସିଂ, ମୋହନ ବାଗାନ ସୁପର ଜାଏଣ୍ଟର ମାନବୀର ସିଂ, ଶୁଭାଶିଷ ବୋଷ, ଏଫ୍‌ସି ଗୋଆର ଜୟ ଗୁପ୍ତା ଓ ଓଡ଼ିଶା ଏଫ୍‌ସିର ଆମେ ରଣାୱଡେ ନିଜର ସ୍ୱତନ୍ତ୍ର ଛାପ ଛାଡିବାରେ ସକ୍ଷମ ହୋଇଛନ୍ତି। ଏହି ଲିଗ୍‌ରେ ସାଧାରଣତଃ ବିଦେଶୀ ଖେଳାଳିଙ୍କ ପ୍ରଭାବ ଦେଖିବାକୁ ମିଳିଥାଏ। ତେବେ ଚଳିତ ସଂସ୍କରଣରେ ଅନେକ ଭାରତୀୟ କ୍ୟାପ୍‌ଡ ଓ ଅନକ୍ୟାପ୍‌ଡ ଖେଳାଳି ଚମତ୍କାର ପ୍ରଦର୍ଶନ କରିଛନ୍ତି। ଗୋଲ ସ୍କୋର କରିବାଠାରୁ ଆରମ୍ଭ କରି ଡିଫେଣ୍ଡ କରିବା ଯାଏ ସବୁଥିରେ ବିଦେଶୀ ଖେଳାଳିଙ୍କ ସହ ତାଳ ମିଳାଇଛନ୍ତି ଭାରତୀୟ ଖେଳାଳି। ଫରୱାର୍ଡ ଖେଳାଳି ଭାବରେ ଲାଲିଆଞ୍ଜୁଲା ଛାଙ୍ଗଟେ, ବିକ୍ରମ ପ୍ରତାପ ସିଂ, ମାନବୀର ସିଂ ଓ ନନ୍ଦ କୁମାର ଶେକର ପ୍ରଭାବିତ କରିଥିବା ବେଳେ ମିଡଫିଲ୍ଡରେ ଜୟ ଗୁପ୍ତା, ଆମେ ରଣାୱଡେ ଛାପ ଛାଡିବାରେ ସମର୍ଥ ହୋଇଛନ୍ତି। ସେହିପରି ଶୁଭାଶିଷ ବୋଷଙ୍କ ଡିଫେଣ୍ଡିଂ ଚଳିତ ସିଜନରେ ବେଶ୍ ଚମତ୍କାର ରହିଥିଲା।

**ଗୋଲ୍:** ଫରୱାର୍ଡ ଖେଳାଳିଙ୍କ ମଧ୍ୟରେ କେରଳ ବ୍ଲାଷ୍ଟର୍ସ ପକ୍ଷରୁ ଦିମିତ୍ରୋସ ଡାୟାମାଣ୍ଟାକୋସ ୧୭ ମ୍ୟାଚ୍‌ରୁ ୧୩ ଗୋଲ ସ୍କୋର କରି ପ୍ରଥମ ସ୍ଥାନରେ ରହିଥିଲେ। ରୟ କ୍ରିଷ୍ଣା, ଜାସନ୍ କମିଙ୍ଗ୍ସ ଓ ଡିଏଗୋ ମରିସିଓଙ୍କ ପରି ବିଦେଶୀ ଖେଳାଳି ଏହି ତାଲିକାରେ ଥିବା ବେଳେ ଭାରତୀୟ ଯୁବ ପ୍ରତିଭାମାନେ ମଧ୍ୟ ପଛରେ ପଡି ନ ଥିଲେ। ଲାଲିଆଞ୍ଜୁଲା ଛାଙ୍ଗଟେ ୨୩ ମ୍ୟାଚ୍ ଖେଳି ୧୦ ଗୋଲ ଦେଇଥିଲେ। ସେମିଫାଇନାଲର ଦୁଇଟି ଚରଣରେ ୩ ଗୋଲ ଦେଇଥିଲେ ଛାଙ୍ଗଟେ। ଭାରତୀୟ ଜାତୀୟ ଦଳର ଫରୱାର୍ଡ ବିକ୍ରମ ପ୍ରତାପ ସିଂ ଏହି ସିଜନରେ ୨୩ ମ୍ୟାଚ ଖେଳି ୮ଟି ଗୋଲ ଦେଇଥିଲେ। ନର୍ଥଇଷ୍ଟ ପକ୍ଷରୁ ଖେଳୁଥିବା ଯୁବ ଖେଳାଳି ପାର୍ଥିବ ସୁନ୍ଦର ଗୋଗୋଇ ୧୭ ମ୍ୟାଚ୍ ଖେଳି ୫ ଗୋଲ୍ ଦେଇଥିଲେ। ଇଷ୍ଟବେଙ୍ଗଲ ପାଇଁ ଖେଳୁଥିବା ନନ୍ଦ କୁମାର ଶେକର ୧୯ ମ୍ୟାଚ୍ ଖେଳି ୫ ଗୋଲ ଦେଇଥିଲେ। ଭାରତର ଭେଟେରାନ୍ ସୁନୀଲ ଛେତ୍ରୀ ୨୦ ମ୍ୟାଚ୍ ଖେଳି ୫ ଗୋଲ ଦେଇଥିଲେ। ବେଙ୍ଗାଲୁରୁ ନିରାଶ କରିଥିଲେ ମଧ୍ୟ ଛେତ୍ରୀ ସମସ୍ତଙ୍କୁ ପ୍ରଭାବିତ କରିଥିଲେ।

**ଆସିଷ୍ଟ:** ଫୁଟବଲ ଏକ ଟିମ୍ ଗେମ୍ ହୋଇଥିବା ବେଳେ ଏଥିରେ ଗୋଲ ଅପେକ୍ଷା ଆସିଷ୍ଟର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସର୍ବାଧିକ ଆସିଷ୍ଟ କରିବାରେ ଫ୍ରାନ୍ସ ଖେଳାଳି ମାଦିହ ଟଲାଲ ପ୍ରଥମ ସ୍ଥାନରେ ରହିଛନ୍ତି। ୨୨ ମ୍ୟାଚ୍‌ରେ ସେ ୧୦ ଆସିଷ୍ଟ କରିଛନ୍ତି। ତେବେ ଭାରତୀୟ ଖେଳାଳିମାନେ ଏଥିରେ ପଛରେ ନାହାନ୍ତି। ମୋହନ ବାଗାନ ପକ୍ଷରୁ ଖେଳୁଥିବା ମାନବୀର ସିଂ ୨୩ ମ୍ୟାଚରୁ ୭ ଆସିଷ୍ଟ କରିଥିଲେ। ଅନ୍ୟ ପକ୍ଷରେ ଲାଲିଆଞ୍ଜୁଲା ଛାଙ୍ଗଟେ ୨୫ ମ୍ୟାଚ୍ ଖେଳି ୬ ଗୋଲରେ ଆସିଷ୍ଟ କରିଥିଲେ। ଓଡ଼ିଶା ଏଫ୍‌ସି ଖେଳାଳି ଆମେ ରଣାୱଡେ ୨୪ ମ୍ୟାଚ୍‌ରୁ ୬ଟିରେ ଆସିଷ୍ଟ କରିଛନ୍ତି। ମୁମ୍ବାଇର ଜୟେଶ ରାଣେ ୨୦ ମ୍ୟାଚ୍‌ରୁ ୪ ଓ ସହଲ ଅବଦୁଲ ସମଦ ୧୫ ମ୍ୟାଚ୍‌ରୁ ୪ଟି ଲେଖାଏ ଗୋଲରେ ଆସିଷ୍ଟ କରିଥିଲେ।

**ସୁଯୋଗ ସୃଷ୍ଟି:** ଫୁଟବଲରେ ଦଳ ପାଇଁ ସ୍କୋର କରିବାର ସୁଯୋଗ ସୃଷ୍ଟି କରିବା ଏକ କଳା। ମିଡ୍ ଫିଲ୍ଡର ଭାବରେ ଜାତୀୟ ଦଳ ପାଇଁ ଖେଳୁଥିବା ବ୍ରାଣ୍ଡନ ଫର୍ନାଣ୍ଡେସ୍ ଏହି ତାଲିକାରେ ପ୍ରଥମ ସ୍ଥାନରେ ରହିଛନ୍ତି। ଫର୍ନାଣ୍ଡେସ୍ ୨୦ ମ୍ୟାଚରେ ଏଫ୍‌ସି ଗୋଆ ପାଇଁ ୬୦ଟି ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲେ। ଏହି ତାଲିକାରେ ମୋହନ ବାଗାନର ଦିମିତ୍ରି ପେଟ୍ରାଟୋସ୍(୨୩ ମ୍ୟାଚ୍, ୬୦ ସୁଯୋଗ), ପଞ୍ଜାବ ଏଫ୍‌ସିର ମାଦିହ ଟଲାଲ(୨୨ ମ୍ୟାଚ୍, ୫୭ ସୁଯୋଗ) ଓ ଓଏଫ୍‌ସି ଅହମଦ ଜାହୋହ(୨୨ ମ୍ୟାଚ୍, ୪୭ ସୁଯୋଗ) ଶୀର୍ଷରେ ରହିଥିବା ବେଳେ ଭାରତୀୟ ଖେଳାଳିମାନେ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଲାଲିଆଞ୍ଜୁଲା ଛାଙ୍ଗଟେ ୨୫ ମ୍ୟାଚ୍‌ରେ ୪୩ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲେ। ମାନବୀର ସିଂ ୨୩ ମ୍ୟାଚ୍‌ରେ ୩୭ , ମହେଶ ନାଓରେମ ସିଂ ୨୧ ମ୍ୟାଚ୍‌ରେ ୩୪ ଓ ଏଫ୍‌ସି ଗୋଆର ଜୟ ଗୁପ୍ତା ୨୫ ମ୍ୟାଚ୍‌ରେ ୩୦ଟି ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲେ।

**ପାଶ୍:** ସଫଳତାର ସହ ବଲ୍ ପାସ୍ କରିବା ଏକ କଳା। ଓଏଫ୍‌ସିର ଅହମଦ ଜାହୋହ ୨୨ ମ୍ୟାଚ୍‌ରୁ ୧୩୬୭ ପାଶ୍ ସହ ଏହି ତାଲିକାର ପ୍ରଥମ ସ୍ଥାନରେ ରହିଛନ୍ତି। ଓଏଫ୍‌ସିର ଡିଫେଣ୍ଡର କାର୍ଲୋସ ଡେଲଗାଡୋ ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଭାରତୀୟ ଖେଳାଳିଙ୍କ ମଧ୍ୟରେ ମୋହନ ବାଗାନ ଅଧିନାୟକ ଶୁଭାଶିଷ ବୋଷ ୨୫ ମ୍ୟାଚ୍‌ରୁ ୯୩୫ ପାଶ୍ କରିଛନ୍ତି। ଓଏଫ୍‌ସି ପାଇଁ ଖେଳୁଥିବା ଲାଲଥୁଙ୍ଗା ଖାଲର୍ହିଙ୍ଗ ୨୩ ମ୍ୟାଚ୍‌ରୁ ୯୧୯ ପାଶ୍ କରିଛନ୍ତି। ମୁମ୍ବାଇ ଅଧିନାୟକ ରାହୁଲ ଭେକେ ୨୩ ମ୍ୟାଚ୍‌ରୁ ୯୦୯ ପାଶ୍ କରିଥିବା ବେଳେ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ମେହତାବ ସିଂ ୮୯୫ ପାଶ୍ କରିଛନ୍ତି। ବେଙ୍ଗାଲୁରୁ ଏଫ୍‌ସି ପକ୍ଷରୁ ଖେଳୁଥିବା ଚିଙ୍ଗଲସେନା ସିଂ ୧୯ ମ୍ୟାଚ୍‌ରୁ ୮୫୬ ପାଶ୍ କରିଥିବା ବେଳେ ଏଫ୍‌ସି ଗୋଆର ଜୟ ଗୁପ୍ତା ୨୫ ମ୍ୟାଚ୍‌ରୁ ୮୨୫ ପାଶ୍ ଦେଇଛନ୍ତି।

**କ୍ଲିନ୍ ଶିଟ୍:** ଗୋଲ କିପିଂରେ କିନ୍ତୁ ଭାରତୀୟ ଖେଳାଳି ସବୁଠୁ ଆଗରେ ରହିଛନ୍ତି। ମୁମ୍ବାଇ ସିଟି ଏଫ୍‌ସିର ପୂର୍ବା ଲାଚେମ୍ପା ସର୍ବାଧିକ ୯ କ୍ଲିନ ଶିଟ୍ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ଓଏଫ୍‌ସି ଅଧିନାୟକ ଅମରିନ୍ଦର ସିଂ ୨୪ ମ୍ୟାଚ୍‌ରୁ ଓ ମୋହନ ବାଗାନର ବିଶାଲ୍ କେଥ୍ ୨୫ ମ୍ୟାଚ୍‌ରୁ ସମାନ ୯ଟି ଲେଖାଏ କ୍ଲିନ୍ ଶିଟ୍ ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଏଫ୍‌ସି ଗୋଆର ଅର୍ଶଦୀପ ସିଂ ସାଇନି ଓ ଜାମସେଦପୁର ଏଫ୍‌ସିର ଟି.ପି. ରେନେଶ ୭ଟି ଲେଖାଏ କ୍ଲିନ ଶିଟ୍ ନିଜ ନାମରେ କରିଛନ୍ତି।

**ଇଣ୍ଟରସେପ୍ସନ:** ଫୁଟବଲ ପଡିଆରେ ବିପକ୍ଷ ଦଳର ଫରୱାର୍ଡ ଖେଳାଳିଙ୍କ ଠାରୁ ଡିଫେଣ୍ଡର ବଲ୍ ଛଡାଇବାକୁ ଇଣ୍ଟରସେପ୍ସନ କୁହାଯାଇଥାଏ। ପଞ୍ଜାବ ଏଫ୍‌ସିର ନିଖିଲ ପ୍ରଭୁ ଏହି ତାଲିକାରେ ପ୍ରଥମ ସ୍ଥାନରେ ରହିଛନ୍ତି। ୨୦ ମ୍ୟାଚ୍‌ରେ ନିଖିଲ ୪୨ ଥର ଇଣ୍ଟରସେପ୍ଟ କରିବାରେ ସମର୍ଥ ହୋଇଥିଲେ। ଓଡ଼ିଶା ଏଫ୍‌ସିର ବିଦେଶୀ ଖେଳାଳି ଅହମଦ ଜାହୋହ(୨୨ ମ୍ୟାଚ୍, ୩୫ ଇଣ୍ଟରସେପ୍ସନ) ଓ କାର୍ଲୋସ ଡେଲଗାଡୋ(୨୪ ମ୍ୟାଚ୍, ୩୩ ଇଣ୍ଟରସେପ୍ସନ) କରିବାରେ ସମର୍ଥ ହୋଇଥିଲେ। ତେବେ ଭାରତୀୟ ଖେଳାଳିଙ୍କ ମଧ୍ୟରେ ପାଚୁଆଉ ଲାଲଡିନପୁଇଆ ୨୧ ମ୍ୟାଚ୍‌ରୁ ୩୭ ଇଣ୍ଟରସେପ୍ସନ କରିଛନ୍ତି। ମୋହନବାଗାନ ଅଧିନାୟକ ଶୁଭାଶିଷ ବୋଷ ୨୫ ମ୍ୟାଚ୍‌ରୁ ୩୩, ନାଓରେମ ମହେଶ ସିଂ ୨୦ ମ୍ୟାଚ୍‌ରୁ ୩୧ ଓ ଜାମସେଦପୁର ଏଫ୍‌ସିର ପ୍ରଭାତ ଲାକ୍ରା ୧୫ ମ୍ୟାଚ୍‌ରୁ ୩୦ ଇଣ୍ଟରସେପ୍ସନ କରିଛନ୍ତି।



ଲାଲିଆଞ୍ଜୁଲା ଛାଙ୍ଗଟେ
ଆମେ ରଣାୱଡେ
ବିକ୍ରମ ପ୍ରତାପ ସିଂ

## ଓଏଫ୍‌ସିର ସଫଳତା

ଇଣ୍ଡିଆନ୍ ସୁପର୍ ଲିଗ୍(ଆଇଏସ୍‌ଏଲ୍)ର ଦଶମ ସଂସ୍କରଣ ଓଡ଼ିଶା ଏଫ୍‌ସି(ଓଏଫ୍‌ସି) ପାଇଁ ସଫଳତାର ବର୍ଷ ରହିଥିଲା। ଦ୍ୱିତୀୟ ଥର ପ୍ଲେ ଅଫ୍‌ରେ ପ୍ରବେଶ କରିଥିବା ବେଳେ ପ୍ରଥମ ଥର ସେମିଫାଇନାଲରେ ପହଞ୍ଚିଥିଲା ଦଳ। ସେମିଫାଇନାଲରେ ମୋହନ ବାଗାନ ସୁପର ଜାଏଣ୍ଟ ନିକଟରୁ ହାରିଯାଇଥିଲା ଦଳ। ଚଳିତ ସିଜନରେ ଦଳ ସମୁଦାୟ ୧୩ ବିଜୟ ହାସଲ କରିଥିଲା। ୨୫ ମ୍ୟାଚ୍ ଖେଳି ସ୍କୋର କରିଥିଲା ୩୯ ଗୋଲ୍। ରୟ କ୍ରିଷ୍ଣା ଓଏଫ୍‌ସିର ଗୋଲ ମେଶିନ ରହି ୧୩ ଓ ଡିଏଗୋ ମରିସିଓ ୧୧ ଗୋଲ ଦେଇଥିଲେ। ତେବେ ଚଳିତ ସିଜନରେ ସବୁଠାରୁ ପ୍ରଭାବୀ ଖେଳ ପ୍ରଦର୍ଶନ କରିଥିଲେ ମରକ୍କୋର ଅହମଦ୍ ଜାହୋହ। ଦଳର ଆବଶ୍ୟକତା ଅନୁସାରେ ମିଡ ଫିଲ୍ଡରୁ ଆରମ୍ଭ କରି ଡିଫେଣ୍ଡର ଭାବରେ ଖେଳିଥିଲେ ଜାହୋହ। ବଲ୍ ପାଶ୍ କରିବା ସହ ପ୍ରତିପକ୍ଷ ଫରୱାର୍ଡଙ୍କୁ ଇଣ୍ଟରସେପ୍ଟ କରିବା ସହିତ ନିଜ ଫରୱାର୍ଡ ଖେଳାଳିଙ୍କ ପାଇଁ ସୁଯୋଗ ସୃଷ୍ଟି କରି ସେ ସାଜିଥିଲେ ପ୍ଲେ ମେକର। ୨୨ ମ୍ୟାଚ୍ ଖେଳିଥିବା ଜାହୋହ ୩୫ ଇଣ୍ଟରସେପ୍ସନ ଓ ସିଜନର ସର୍ବାଧିକ ୧୩୬୭ଟି ପାଶ୍ କରିଥିଲେ। ବ୍ୟକ୍ତିଗତ ଭାବରେ ୨ଟି ଗୋଲ ସ୍କୋର କରିଥିବା ବେଳେ ରୟ କ୍ରିଷ୍ଣା ଓ ଡିଏଗୋ ମରିସିଓଙ୍କ ପାଇଁ ୪୭ଟି ସୁଯୋଗ ସୃଷ୍ଟି କରିଥିଲେ। ଫରୱାର୍ଡ ଭାବରେ ଖେଳୁଥିବା ଜେରୀଙ୍କୁ ଚଳିତ ସିଜନରେ ଅଧିକାଂଶ ସମୟ ମିଡଫିଲ୍ଡରେ ଦେଖିବାକୁ ମିଳିଥିଲା। ୧୭ ମ୍ୟାଚ୍ ଖେଳିଥିବା ବେଳେ ସେ ୨ଟି ଗୋଲ ଦେଇଥିବା ବେଳେ ଫରୱାର୍ଡ ଖେଳାଳିଙ୍କ ପାଇଁ ୯ଟି ସୁଯୋଗ ସୃଷ୍ଟି କରିଥିଲେ। ପ୍ରଭାବୀ ପ୍ରଦର୍ଶନ କରିଥିବା ଆଉ ଜଣେ ଖେଳାଳି ଥିଲେ ଆମେ ରଣାୱଡେ। ଜାହୋହଙ୍କ ଭଳି ମିଡଫିଲ୍ଡ ଓ ଡିଫେନ୍ସରେ ଚମତ୍କାର ପ୍ରଦର୍ଶନ କରିଥିଲେ ରଣାୱଡେ। ୨୪ ମ୍ୟାଚ୍‌ରୁ ସେ ୬ଟି ଆସିଷ୍ଟରେ ସାମିଲ ଥିଲେ। ରକ୍ଷଣଭାଗରେ ମୋର୍ଟାଡା ଫଲ୍ ଓ କାର୍ଲୋସ୍ ଡେଲଗାଡୋ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବେଳେ ଅଧିନାୟକ ତଥା ଗୋଲକିପର ଅମରିନ୍ଦର ସିଂ ୯ଟି କ୍ଲିନ୍ ଶିଟ୍ ହାସଲ କରିଥିଲେ। ଚଳିତ ସିଜନରେ ଓଡ଼ିଶା ଏଫ୍‌ସି ଗୋଟିଏ ବି ଘରୋଇ ମ୍ୟାଚରେ ପରାଜିତ ହୋଇ ନ ଥିଲା। ସମୁଦାୟ ୧୧ ମ୍ୟାଚରୁ ଦଳ ୮ ବିଜୟ ଓ ୩ ଡ୍ର ରଖିଥିଲା। ୨୦୨୦-୨୧ରେ ମୋହନ ବାଗାନ ପରେ ଦ୍ୱିତୀୟ ଦଳ ଭାବରେ ଓଏଫ୍‌ସି ଏଭଳି ରେକର୍ଡ କରିଥିଲା।

# ଆଇପିଏଲ୍ ପ୍ଲେ ଅଫ୍ ସମୀକରଣ



ନିର୍ମଳ କୁମାର ମିଶ୍ର

ଆଇପିଏଲ୍ର ଅନ୍ତିମ ପର୍ଯ୍ୟାୟରେ ଅଧିକାଂଶ ନାମୀ ବିଦେଶୀ ଖେଳାଳି ସ୍ୱଦେଶ ଫେରିବେ। ଏହାକୁ ନେଇ ଦଳଗୁଡ଼ିକର ଚିନ୍ତା ବଢ଼ିବାରେ ଲାଗିଛି। ପ୍ଲେ-ଅଫ୍ ସମୀକରଣ ଓ ବିଦେଶୀ ଖେଳାଳିଙ୍କ ଅନୁପସ୍ଥିତିରେ ଟିମ୍ କମ୍ବିନେଶନକୁ ନେଇ ଅଙ୍କକଷା ଆରମ୍ଭ ହୋଇଯାଇଛି...

ଆଇପିଏଲ୍-୧୭ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଗ୍ରୁପ୍ ପର୍ଯ୍ୟାୟରେ ବିଭିନ୍ନ ଦଳ ହାତରେ ଆଉ ୨ କିମ୍ବା ୩ ମ୍ୟାଚ ରହିଛି। ତେଣୁ ପ୍ଲେ-ଅଫ୍ ପ୍ରବେଶ ଉଦ୍ୟମ ଜୋରଦାର ହୋଇଛି। ଏବେ କୋଲକାତା ନାଇଟ ରାଇଡର୍ସ ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ମାଡ଼ି ବସିଥିବାବେଳେ ଦ୍ୱିତୀୟରେ ରହିଛି ଅନ୍ୟତମ ଦାବିଦାର ରାଜସ୍ଥାନ ରୟାଲ୍ସ। କ୍ରମାଗତ ୩ ପରାଜୟ ଏହି ଦଳକୁ ସାମାନ୍ୟ ଅଡୁଆରେ ପକାଇଛି। ୧୬ ପଏଣ୍ଟ, ଉନ୍ନତ ରନ୍ ହାର ସହ ଶୀର୍ଷରେ ରହିଥିବା କୋଲକାତା ହାତରେ ଆହୁରି ୩ ମ୍ୟାଚ ଅଛି। ମୁମ୍ବାଇ, ଗୁଜରାଟ କିମ୍ବା ରାଜସ୍ଥାନ ମଧ୍ୟରୁ କୌଣସି ଗୋଟିଏ ଦଳକୁ ହରାଇଲେ ମଧ୍ୟ ଏହି ଦଳ ପ୍ଲେ-ଅଫ୍ ସ୍ଥାନ ପକ୍କା କରିନେବ। ଗତ ବୁଧବାର ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରି ଟେବୁଲର ତୃତୀୟ ସ୍ଥାନକୁ ଲମ୍ଫ ମାରିଛି ସନ୍‌ରାଇଜର୍ସ ହାଇଦ୍ରାବାଦ। ତେଣୁ ଚେନ୍ନାଇ ସୁପର କିଙ୍ଗ୍ସ, ଦିଲ୍ଲୀ କ୍ୟାପିଟାଲ୍ସ ଓ ଲକ୍ଷ୍ନୌ ପାଇଁ ଆଗାମୀ ମ୍ୟାଚ୍‌ଗୁଡ଼ିକ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ପ୍ରଦର୍ଶନଭିତ୍ତିରେ ବିଭିନ୍ନ ଦଳ ପଏଣ୍ଟ ଟେବୁଲରେ ଉପର ତଳ ହେଉଥିବାବେଳେ ପ୍ଲେ ଅଫ୍‌ରେ ସ୍ଥାନ ପକ୍କା କରିବା ପାଇଁ ଅଙ୍କକଷା ଆରମ୍ଭ ହୋଇଯାଇଛି। ଦିଲ୍ଲୀ ଓ ଲକ୍ଷ୍ନୌ ପରି ଦଳକୁ ବିଜୟ ସହ ରନ୍ ହାରରେ ସୁଧାର ଆଣିବା ଜରୁରୀ ହୋଇପଡ଼ିଛି। କୋଲକାତା ଓ ରାଜସ୍ଥାନ ଆଉ ଗୋଟିଏ ଲେଖାଏ ମ୍ୟାଚ ଜିତିଲେ ପ୍ଲେ-ଅଫ୍ ପକ୍କା କରିବେ। ଚେନ୍ନାଇ ସୁପର କିଙ୍ଗ୍ସ ୧୧ ମ୍ୟାଚରୁ ୧୨ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ତେଣୁ ଗୁଜରାଟ, ରାଜସ୍ଥାନ ଓ ବେଙ୍ଗାଲୁରୁ ବିପକ୍ଷ ପରବର୍ତ୍ତୀ ୩ ମ୍ୟାଚ ଫଳାଫଳ ଏହାର ଭାଗ୍ୟ ନିର୍ଦ୍ଧାରଣ କରିବ । ସନରାଇଜର୍ସ ପ୍ରଦର୍ଶନରେ ସ୍ଥିରତା ରକ୍ଷା କରିପାରି ନ ଥିଲେ ହେଁ ଚଳିତ ଆଇପିଏଲ୍‌ରେ ସବୁଠାରୁ ମନୋରଞ୍ଜକ ଦଳ ହୋଇପାରିଛି। ଲକ୍ଷ୍ନୌ ବିପକ୍ଷ ମ୍ୟାଚ ପରେ ଏହାର ଆଶା ବହୁ ପରିମାଣରେ ବଢ଼ି ଯାଇଛି।



ଟ୍ରାଭିସ ହେଡ୍ ଓ ଅଭିଷେକ ଶର୍ମା

ବୁଧବାର ଅନୁଷ୍ଠିତ ଏହି ମ୍ୟାଚରେ ୧୬୭ ରନ୍‌ର ବିଜୟ ଲକ୍ଷ୍ୟକୁ ହାଇଦ୍ରାବାଦ ଦଳ କୌଣସି ଉଇକେଟ ନ ହରାଇ ମାତ୍ର ୯.୪ ଓଭରରେ ହାସଲ କରିନେଇଥିଲା। ଦୁଇ ଓପନର ଟ୍ରାଭିସ ହେଡ୍ ଓ ଅଭିଷେକ ଶର୍ମାଙ୍କ ଧୂଆଁଧାର ବ୍ୟାଟିଂ ପ୍ରଶଂସକଙ୍କୁ ବେଶ୍ ଉଲ୍ଲସିତ କରିଛି। ଗୁଜରାଟ ଓ ପଞ୍ଜାବ ବିପକ୍ଷ ପରବର୍ତ୍ତୀ ୨ଟି ମ୍ୟାଚ ଦଳପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ।

ଗତବର୍ଷ ଅତି ଖରାପ ପ୍ରଦର୍ଶନ କରିଥିବା ଦିଲ୍ଲୀ କ୍ୟାପିଟାଲ୍ସ ଏଥର ୬ଟି ଲେଖାଏ ବିଜୟ ଓ ପରାଜୟ ସହ ୧୨ ପଏଣ୍ଟରେ ରହିଛି। ତେଣୁ ଏହାର ଆଶା ମଧ୍ୟ ବଳବତ୍ତର ରହିଛି। ପ୍ରଥମ ୫ଟିରୁ ୪ ମ୍ୟାଚ ହାରି ବିପଦରେ ପଡ଼ିଥିବା ଦିଲ୍ଲୀ ପରବର୍ତ୍ତୀ ୭ ମ୍ୟାଚରୁ ୫ଟିରେ ବିଜୟୀ ହୋଇ ରେସ୍‌ରେ ସାମିଲ ହୋଇଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଲକ୍ଷ୍ନୌ ବିପକ୍ଷ ମ୍ୟାଚ ଏହି ଦଳର ଭାଗ୍ୟ ନିର୍ଦ୍ଧାରଣ କରିବ । ୧୬ ପଏଣ୍ଟରେ ପହଞ୍ଚିବାକୁ ହେଲେ ଦଳକୁ ପରବର୍ତ୍ତୀ ୨ଟି ଯାକ ମ୍ୟାଚ ଜିତିବାକୁ ହେବ। ଗୋଟିଏ ମ୍ୟାଚ ଜିତି ଅନ୍ୟଟି ହାରିଲେ ଅନ୍ୟ ଦଳର ଫଳାଫଳ ଓ ରନ୍ ହାର ଉପରେ ଅନେକ ପରିମାଣରେ ନିର୍ଭର କରିବ। ଲକ୍ଷ୍ନୌ ଅବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଶେଷ ୫ ମ୍ୟାଚରୁ ୩ ପରାଜୟ ଯୋଗୁ ଦଳ ଟେବୁଲର ୬ଷ୍ଠ ସ୍ଥାନକୁ ଖସିଆସିଛି। ଏବେ ଦିଲ୍ଲୀ ଓ ମୁମ୍ବାଇ ବିପକ୍ଷ ମ୍ୟାଚ ଦଳପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

ଆଇପିଏଲ୍‌ରେ ସାଧାରଣତଃ କୌଣସି ଦଳ ୧୮ ପଏଣ୍ଟରେ ପହଞ୍ଚିଲେ ପ୍ଲେ-ଅଫ୍ ଯୋଗ୍ୟତା ପାଇଥାଏ। ୧୬ ଏବଂ ୧୪ ପଏଣ୍ଟ ପାଉଥିବା ଦଳ ରନ୍ ହାର ଆଧାରରେ ସୁଯୋଗ ପାଇଥାଏ। ଏ ଦୃଷ୍ଟିରୁ ଦେଖିବାକୁ ଗଲେ ବେଙ୍ଗାଲୁରୁ, ପଞ୍ଜାବ କିଙ୍ଗ୍ସ ଓ ଗୁଜରାଟ ଟାଇଟନ୍ସ ଆଦି ଦଳଗୁଡ଼ିକର ସମ୍ଭାବନା ଅତି କ୍ଷୀଣ ହୋଇଯାଇଛି। ଲକ୍ଷ୍ନୌ ବିପକ୍ଷରେ ହାଇଦ୍ରାବାଦର ବୃହତ୍ ବିଜୟ ମୁମ୍ବାଇ ଇଣ୍ଡିଆନ୍ସର ସମ୍ଭାବନାକୁ ଶେଷ କରିଛି। ଏହି ଦଳ ଅବଶିଷ୍ଟ ୨ଟି ମ୍ୟାଚ କେବଳ ଔପଚାରିକ ଦୃଷ୍ଟିରୁ ଖେଳିବ।

ଆଇପିଏଲ୍‌ର ଅନ୍ତିମ ପର୍ଯ୍ୟାୟରେ ଅଧିକାଂଶ ନାମୀ ବିଦେଶୀ ଖେଳାଳି ସ୍ୱଦେଶ ଫେରିବେ। ଏହାକୁ ନେଇ ଫ୍ରାଞ୍ଚାଇଜ୍ ଦଳଗୁଡ଼ିକର ଚିନ୍ତା ବଢ଼ିବାରେ ଲାଗିଛି। ପଏଣ୍ଟ ଟେବୁଲର ସମୀକରଣ ଓ ନାମୀ ବିଦେଶୀ ଖେଳାଳିଙ୍କ ଅନୁପସ୍ଥିତିରେ ଟିମ୍ କମ୍ବିନେଶନକୁ ନେଇ ଅଙ୍କକଷା ଆରମ୍ଭ ହୋଇଯାଇଛି। ଆଗକୁ ଆଇସିସି ଟି୨୦ ବିଶ୍ୱକପ୍ ଆସୁଥିବାରୁ ଜାତୀୟ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ଯେପରି ଆହତ ସମସ୍ୟାକୁ ନ ଆସିବେ ତା' ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

## ପ୍ରୋଟେକ୍‌ଶନ

ପ୍ୟାରିସ ଅଲିମ୍ପିକ୍ସ ଚବିଶ ମଶାଲକୁ
'ବେଲେମ' ଜାହାଜ ଧରି
ଶେଷରେ ଫ୍ରାନ୍ସ ମାର୍ଶେଲ ବନ୍ଦରରେ
ପହଞ୍ଚି ଯାଇଛି ଘୂରି
ଦଶ ହଜାର ଫ୍ୟାନ୍‌ଙ୍କୁ ଡରି
ଆଠ ହଜାର ସୁରକ୍ଷା କର୍ମୀ ନିୟୋଜିତ
ଆମ ଭାଗ କହ ହରି।
ଅଲିମ୍ପିକ୍ସ ପରି ବିଗ୍ ଟୁର୍ନାମେଣ୍ଟ
ଫ୍ରାନ୍ସ କରି ଆୟୋଜନ
ବିଶ୍ୱକୁ ଶାନ୍ତିର ବାର୍ତ୍ତା ଦେବା ସହ
ଆମ ଦେଶ ହେବ ଧନ୍ୟ
ଅଛୁ ଆମେ ସଚେତନ
ଫ୍ରାନ୍ସ କ୍ରୀଡ଼ାମନ୍ତ୍ରୀ ଆମେଲି ଔଡ଼ି କହେ
ଏ ବିଗ୍ ଚ୍ୟାଲେଞ୍ଜ୍ ଧନ।
ମାଲେସିଆ ଫୁଟବଲର ଫୈଜଲଙ୍କୁ
ହୋଇଛି ଏସିଡ୍ ମାଡ



ଲୁହା ରଡ୍‌ରେ ରଶିଦଙ୍କୁ ପିଟି
ଭାଙ୍ଗି ଦେଲେ ହାତ ଗୋଡ଼
ଦେଶକୁ ବିପଦ ବଡ଼
ସେଇ ଲୋକ ଆତତାୟୀ ହୁଏ ଯିଏ
କ୍ଷେତ ଖାଏ ହୋଇ ବାଡ଼।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ 50 Years

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ମେ ୧୦/୨୦୨୪ Bhubaneswar, Friday, May 10/ 2024


# ମାର୍ସେଲେରେ ଆରମ୍ଭ ହେଲା ଅଲିମ୍ପିକ ମଶାଲ ଯାତ୍ରା

ମାର୍ସେଲେ,୯।୫(ପି.ଟି.)

ଫ୍ରାନ୍ସର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ ସହର ମାର୍ସେଲରେ ଗୁରୁବାର ଆରମ୍ଭ ହୋଇଛି ଅଲିମ୍ପିକ୍ ମଶାଲ ଯାତ୍ରା। ଏପ୍ରିଲ ୧୬ ତାରିଖରେ ଦକ୍ଷିଣ ଗ୍ରୀସର ଏଥେନ୍ସରେ ଥିବା ପୁରାତନ ଗେମ୍ସ ଭେନ୍ୟୁରେ ମଶାଲରେ ଅଗ୍ନି ସଂଯୋଗ କରାଯାଇଥିଲା। ଏହାପରେ ବେଲେମ ନାମକ ଜାହାଜରେ ଏହାକୁ ପ୍ୟାରିସ୍ ଅଭିମୁଖେ ପ୍ରେରଣ କରାଯାଇଥିଲା। ୧୦୦୦ ନୌକା ସହ ପରେଡ୍ କରି ଏହି ଜାହାଜଟି ବୁଧବାର ମାର୍ସେଲେରେ ପହଞ୍ଚିଥିଲା। ଗୁରୁବାର ଠାରୁ ଅଲିମ୍ପିକ ଆରମ୍ଭ ହେବା ପର୍ଯ୍ୟନ୍ତ ମଶାଲ ଫ୍ରାନ୍ସରେ ୧୧ ସପ୍ତାହ ବ୍ୟାପୀ ଗସ୍ତ କରିବ। ୪୫୦ ସହରରେ ୧୦୦୦୦ ଜଣ ମଶାଲ ବାହକ ଏହି ଯାତ୍ରାରେ ଅଂଶ ଗ୍ରହଣ କରିବେ।

ଗୁରୁବାର ମାର୍ସେଲେର ପୂର୍ବତନ ଫୁଟବଲ ଖେଳାଳି ବେସିଲ୍ ବୋଲି ପ୍ରଥମ ମଶାଲ ବାହକ ରହିଥିଲେ। ୯୦ ଦଶକରେ ମାର୍ସେଲେ ଫୁଟବଲ କ୍ଲବ ପକ୍ଷରୁ ଖେଳୁଥିବା ବେସିଲ୍ ନର୍ଟେ ଡେମ ଡି ଲା ଗାର୍ଡେ ବାସିଲିକାରେ ମଶାଲ ଧରିଥିଲେ। ପ୍ରଥମ ମଶାଲ ବାହକ ହୋଇଥିବାରୁ ଏହା ତାଙ୍କ ପାଇଁ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ ବୋଲି ସେ କହିଛନ୍ତି । ଅଲିମ୍ପିକ୍ ମଶାଲ କ୍ରୀଡା ପାଇଁ ସଦାସର୍ବଦା ଗର୍ବର ପ୍ରତୀକ ବୋଲି ସେ କହିଥିଲେ। ଦ୍ୱିତୀୟ ବ୍ୟକ୍ତି ଭାବରେ ବାସ୍କେଟବଲ ଖେଳାଳି ଟୋନି ପାର୍କର ମଶାଲ ଧରିଥିଲେ। ଏହି ତାଲିକାରେ ଜଣେ ଫେନ୍ସିଂ ଚାମ୍ପିୟନ, ଜଣେ ସ୍କେଟ ବୋର୍ଡର, ଜଣେ ମିସେଲିନ୍ ସେଫ୍ ଓ ଜଣେ କମେଡିଆନ୍ ସାମିଲ ହେବେ ବୋଲି ଜଣାପଡିଛି। ଅଲିମ୍ପିକ ମଶାଲ ଦୌଡକୁ ଏକ ଉତ୍ସବ ଭାବରେ ମନାଇବା ପାଇଁ ଆୟୋଜକ କମିଟି ସଭାପତି ଟୋନି ଏଷ୍ଟାନଗୁଏଟ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଆମ ଦେଶକୁ ଅଲିମ୍ପିକ୍ସ କ୍ରୀଡା ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଏହି ଖୁସି ସମଗ୍ର ବିଶ୍ୱର ଲୋକଙ୍କ ସହ ଶେୟାର କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ମଶାଲ ଯାତ୍ରା ଗୁରୁବାର ମାର୍ସେଲେ ସହରର ବିଭିନ୍ନ ସ୍ଥାନ ପରିକ୍ରମା କରିବାର ଯୋଜନା ରହିଛି।

ଫ୍ରାନ୍ସର କ୍ରୀଡାମନ୍ତ୍ରୀ ଆମେଲି ଔଡି କାଷ୍ଟେରା ଏହି ମୁହୂର୍ତ୍ତକୁ ଗର୍ବର ସମୟ ବୋଲି କହିଛନ୍ତି। ବର୍ଷାଧିକ ସମୟର ପ୍ରସ୍ତୁତି ପରେ ପ୍ୟାରିସ୍ ଏଭଳି ଏକ ବୃହତ୍ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଯାଉଛି। ଆମେ କ'ଣ କରିବାରେ ସମର୍ଥ କ୍ରୀଡା ମାଧ୍ୟମରେ ବିଶ୍ୱକୁ ଜଣାଇବାର ସମୟ ଉପନୀତ ବୋଲି ସେ କହିଛନ୍ତି। ମଶାଲ ଯାତ୍ରାରେ ସାମିଲ ଥିବା ୟୁକ୍ରେନ ଜିମ୍ନାଷ୍ଟ ମାରିଆ ଭିସୋଚାନସ୍କା ନିଜ ଦେଶ ପ୍ରତି ସମର୍ଥନ ଜାହିର କରିଛନ୍ତି। ଦୁଇ ଥର ୟୁରୋପିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ସହ ଟୋକିଓ ୨୦୨୦ରେ ସେ ଅଂଶଗ୍ରହଣ କରିଥିଲେ। ୟୁରୋପିଆନ ୟୁନିୟନର ୨୭ ଆଥ୍‌ଲେଟ ଦଳର ନେତୃତ୍ୱ ନେବେ ମାରିଆ ଭିସୋଚାନସ୍କା। ମାର୍ସେଲେରେ ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ବାସିନ୍ଦା ବେଶ୍ ପସନ୍ଦ କରିଛନ୍ତି। ଅଲିମ୍ପିକ୍ସ ସମୟରେ କିଛି ଫୁଟବଲ ମ୍ୟାଚ୍ ଓ ସେଲିଂ ପ୍ରତିଯୋଗିତା ମାର୍ସେଲେରେ ହେବ ବୋଲି ଜଣାପଡିଛି।



ଅଲିମ୍ପିକ୍ ମଶାଲ ସହ ଜଣେ ମଶାଲବାହକ।

# ବଜରଙ୍ଗଙ୍କୁ ସସ୍‌ପେଣ୍ଡ କଲା ୟୁଡବ୍ଲ୍ୟୁଡବ୍ଲ୍ୟୁ

ନୂଆଦିଲ୍ଲୀ, ୯।୫ (ପି.ଟି.)

କୁସ୍ତିର ବିଶ୍ୱପରିଚାଳନା ପରିଷଦ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ବଜରଙ୍ଗ ପୁନିଆଙ୍କୁ ଚଳିତବର୍ଷ ଶେଷ ପର୍ଯ୍ୟନ୍ତ ସସ୍‌ପେଣ୍ଡ କରିଛି। ଡୋପ୍ ଟେଷ୍ଟ କରିବାକୁ ରାଜି ନ ହେବାରୁ ପୂର୍ବରୁ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍‌ସୀ (ନାଡା) ତାଙ୍କୁ ସାମୟିକ ସସ୍‌ପେଣ୍ଡ କରିଥିଲା। ଆଶ୍ଚର୍ଯ୍ୟର କଥା ଏହି କି ଯେ, ନାଡାର ଏହି ନିର୍ଦ୍ଦେଶନାମା ସମ୍ପର୍କରେ ଅବଗତ ଥାଇ ସୁଦ୍ଧା ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ବିଦେଶରେ ଟ୍ରେନିଂ ପାଇଁ ବଜରଙ୍ଗଙ୍କୁ ୯ ଲକ୍ଷ ଟଙ୍କା ମଞ୍ଜୁର କରିବା ଆଶ୍ଚର୍ଯ୍ୟଜନକ କଥା। ବଜରଙ୍ଗଙ୍କୁ ଦେଶର ଅନ୍ୟତମ ଶ୍ରେଷ୍ଠ କୁସ୍ତିଯୋଦ୍ଧା ବିବେଚନା କରାଯାଏ। ଏପ୍ରିଲ ୧୮ରେ ତାଙ୍କ ଅବସ୍ଥାନ ସମ୍ପର୍କରେ ସୂଚନା ଦେଇ ନ ଥିବାରୁ ନାଡା ତାଙ୍କୁ ଏପ୍ରିଲ ୨୩ରେ ସସ୍‌ପେଣ୍ଡ କରିଥିଲା। ବଜରଙ୍ଗ ନିଜକୁ ବଞ୍ଚାଇବାକୁ ଯାଇ ସଫେଇ ଦେଇଥିଲେ ଯେ, ଟେଷ୍ଟିଂ ପାଇଁ ସାମ୍ପଲ ଦେବା ଲାଗି ସେ କେବେ ମନା କରି ନାହାନ୍ତି। କିନ୍ତୁ ସେ ଡୋପ୍ କଣ୍ଟ୍ରୋଲ୍ ଅଫିସରଙ୍କୁ କେବଳ ଏତିକି କହିଥିଲେ ଯେ, ତାଙ୍କଠାରୁ ସମ୍ପଲ ସଂଗ୍ରହକରିବା ଲାଗି ରହିଥିବା କିଟ୍‌ଗୁଡ଼ିକର ଅବଧି ଶେଷ ହୋଇଯାଇଥିଲା। ବଜରଙ୍ଗ ଏକ ସାକ୍ଷାତ୍‌କାରରେ କହିଛନ୍ତି ଯେ, ତାଙ୍କ ସସ୍‌ପେଣ୍ଡ କରାଯାଇଥିବା ସମ୍ପର୍କରେ ତାଙ୍କର ୟୁଡବ୍ଲୁଡବ୍ଲ୍ୟୁଠାରୁ କୌଣସି ନୋଟିସ ହସ୍ତଗତ ହୋଇନାହିଁ। କୌତୂହଳର କଥା ଏହିକି ଯେ, ଗତ ଏପ୍ରିଲ ୨୫ରେ ମିଶନ ଅଲିମ୍ପିକ ସେଲ (ଏମ୍‌ଓସି)ର ଏକ ବୈଠକରେ ମେ ୨୮ରୁ ରୁଷିଆର ଦାଗେସ୍ତାନଠାରେ ପ୍ରସ୍ତାବିତ ଟ୍ରେନିଂ ପାଇଁ ୮,୮୨,୦୦୦ ଟଙ୍କା ମଞ୍ଜୁର ହୋଇଛି। ବଜରଙ୍ଗ କିନ୍ତୁ ତାଙ୍କ ଏହି ଗସ୍ତକ୍ରମକୁ ସ୍ଥଗିତ ରଖିଛନ୍ତି।



## ଜାତୀୟ କରାଟେ ଚାମ୍ପିୟନଶିପ୍

# ଓଡ଼ିଶାକୁ ୪ ପଦକ

ଭୁବନେଶ୍ୱର,୯।୫
(ସରୋଜ ଜେନା)

ଡେରାଡୁନ୍‌ରେ ଅନୁଷ୍ଠିତ ଜାତୀୟ କରାଟେ ଚାମ୍ପିୟନଶିପ୍‌ର ପ୍ରଥମ ଦିନରେ ଓଡ଼ିଶା ଖେଳାଳି ମାନେ ୪ ପଦକ ଜିତିଛନ୍ତି। କ୍ୟାଡେଟ୍, ଜୁନିୟର, ୨୧ ବର୍ଷରୁ କମ୍ ଓ ସିନିୟର ପରି ୪ଟି ବର୍ଗରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ଭାଲେନା ଭାଲେଣ୍ଟିନା ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ବ୍ୟକ୍ତିଗତ ଓ ଦଳଗତ କାଟା ଇଭେଣ୍ଟରେ ସେ ଦୁଇଟି ସ୍ୱର୍ଣ୍ଣ ଜିତିଥିଲେ। ଦଳଗତ କାଟାରେ ଭାଲେଣ୍ଟିନାଙ୍କ ସହ ସୁରୋମିତା ସିହ୍ନା, ଅଫିଫା ପରଭେଜ୍ ଓ ସଞ୍ଚିତା ମହାନ୍ତି ସାମିଲ ଥିଲେ। ଏହା ବ୍ୟତୀତ ୮୪ କିଗ୍ରା ଫାଇଟିଂରେ ରୀତେଶ ରୟ ଏକ ରୌପ୍ୟ ଓ ୫୫ କିଗ୍ରା ଫାଇଟିଂରେ ଅନୁପମା ସ୍ୱାଇଁ ଏକ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ରାଜ୍ୟ କରାଟେ ଡୋ ସଂଘ ପକ୍ଷରୁ ସମସ୍ତ ପଦ ବିଜେତା ଖେଳାଳି ଓ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗକୁ ଧନ୍ୟବାଦ ଜ୍ଞାପନ କରାଯାଇଛି।



କାଟା ଦଳଗତ ଇଭେଣ୍ଟରେ ସ୍ୱର୍ଣ୍ଣ ବିଜେତା ଖେଳାଳି।

# କ୍ୟାପ୍‌ଟେନ୍ସି ଛାଡ଼ିବେ ଲୋକେଶ ରାହୁଲ

**ନୂଆଦିଲ୍ଲୀ,୯।୫(ପି.ଟି.):** ପ୍ଲେ ଅଫ୍ ରେସ୍‌ରୁ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବାଦ୍ ପଡିଥିବା ବେଳେ ଅଧିନାୟକ ଲୋକେଶ ରାହୁଲଙ୍କ ଉପରେ ଝୁଲୁଛି ଡେମୋକ୍ଲିସ୍ ଖଣ୍ଡା। ସନରାଇଜର୍ସ ହାଇଦ୍ରାବାଦ ସହିତ ମ୍ୟାଚ୍‌ରେ ପରାଜୟ ପରେ ଲକ୍ଷ୍ନୌ ମାଲିକ ସଞ୍ଜୀବ ଗୋଏଙ୍କା ପଡିଆରେ ହିଁ ରାହୁଲଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। ଏହି ଘଟଣା ପରେ ୨୦୨୫ ମେଗା ଅକ୍ସନରେ ଲୋକେଶ ରାହୁଲଙ୍କୁ ଲକ୍ଷ୍ନୌ ଛାଡିବାର ସମ୍ଭାବନା ସ୍ପଷ୍ଟ ହୋଇଛି। ତେବେ ଅନ୍ତିମ ଦୁଇ ମ୍ୟାଚ ପାଇଁ ମଧ୍ୟ ରାହୁଲଙ୍କୁ ନେଇ ଆଶଙ୍କା ଦେଖାଦେଇଛି। ଅନ୍ତିମ ଦୁଇ ମ୍ୟାଚ୍‌ରେ ରାହୁଲ ଅଧିନାୟକ ରହି ନ ପାରନ୍ତି ବୋଲି ଆଲୋଚନା ହେବାରେ ଲାଗିଛି। ଦିଲ୍ଲୀ କ୍ୟାପିଟାଲ୍ସ ସହିତ ମ୍ୟାଚ୍‌କୁ ଆଉ ୫ ଦିନ ରହିଥିବା ବେଳେ ରାହୁଲ ଅଧିନାୟକ ପଦରୁ ଓହରି ଯାଆନ୍ତୁ ବୋଲି ଲକ୍ଷ୍ନୌ ମ୍ୟାନେଜମେଣ୍ଟ ଚାହୁଁଛି। ଏହି ୨ ମ୍ୟାଚରେ ରାହୁଲ ନିଜ ବ୍ୟାଟିଂ ଉପରେ ଅଧିକ ଫୋକସ କରିବା ଉଚିତ। ଯଦି ରାହୁଲ ଓହରି ଯାଆନ୍ତି ତେବେ ଉପ ଅଧିନାୟକ ନିକୋଲାସ ପୁରନ ଅଧିନାୟକ ଦାୟିତ୍ୱ ସମ୍ଭାଳିବେ। ଚଳିତ ସିଜନରେ ରାହୁଲ ୧୨ ମ୍ୟାଚ୍‌ରୁ ୪୬୦ ରନ୍ ସ୍କୋର କରିଛନ୍ତି। ତେବେ ତାଙ୍କ ଷ୍ଟ୍ରାଇକ୍‌ରେଟ୍ ମାତ୍ର ୧୩୬ ରହିଛି, ଯାହା ଦଳ ପାଇଁ ଚିନ୍ତାର କାରଣ ପାଲଟିଛି।

# ୨୪ ଜଣିଆ ଭାରତୀୟ ଦଳ ଘୋଷଣା

## ହକି ପ୍ରୋ ଲିଗ୍ ୟୁରୋପ ଲେଗ୍

ନୂଆଦିଲ୍ଲୀ,୯।୫(ପି.ଟି.)

ହକି ପ୍ରୋ ଲିଗ୍ ୟୁରୋପ ଲେଗ୍ ପାଇଁ ୨୪ ଜଣିଆ ଭାରତୀୟ ଦଳ ଗୁରୁବାର ଘୋଷଣା କରାଯାଇଛି। ହରମନପ୍ରୀତ୍ ସିଂ ଏହି ଦଳର ଅଧିନାୟକ ରହିଥିବା ବେଳେ ମେ' ୨୨ରୁ ଏହି ଲେଗ୍ ଆରମ୍ଭ ହେବ। ଭାରତ ଏହି ସମୟରେ ଆର୍ଜେଣ୍ଟିନା, ବେଲଜିୟମ, ଜର୍ମାନୀ ଓ ଗ୍ରେଟ୍ ବ୍ରିଟେନ୍ ବିପକ୍ଷରେ ଦୁଇଟି ଲେଖାଏ ମ୍ୟାଚ୍ ଖେଳିବ। ଆଣ୍ଟୱେର୍ପରେ ମେ' ୨୨-୩୦ ଓ ଲଣ୍ଡନରେ ଜୁନ୍ ୧-୧୨ ଏହି ଟୁର୍ନାମେଣ୍ଟ ଖେଳାଯିବ। ପ୍ୟାରିସ୍ ଅଲିମ୍ପିକ୍ସ ପୂର୍ବରୁ ଭାରତୀୟ ଦଳ ପାଇଁ ଏହା ଅନ୍ତିମ ପ୍ରସ୍ତୁତି ଟୁର୍ନାମେଣ୍ଟ ରହିବ। ଅଲିମ୍ପିକ୍ସ ପୂର୍ବରୁ ଶକ୍ତିଶାଳୀ ଦଳଗୁଡିକ ସହ ମ୍ୟାଚ୍ ଆମକୁ ଆମ ଶକ୍ତି ସମ୍ପର୍କରେ ଜାଣିବାର ସୁଯୋଗ ଦେବ ବୋଲି କହିଛନ୍ତି ମୁଖ୍ୟ କୋଚ କ୍ରେଗ ଫୁଲଟନ୍। **ଭାରତୀୟ ଦଳ:** ଗୋଲକିପର: ପି.ଆର୍. ଶ୍ରୀଜେସ୍, କ୍ରିଷନ ବାହାଦୁର ପାଠକ। ଡିଫେଣ୍ଡର: ଜର୍ମନପ୍ରୀତ୍ ସିଂ, ଅମିତ ରୋହିଦାସ, ହରମନ୍‌ପ୍ରୀତ ସିଂ, ସୁମିତ, ସଞ୍ଜୟ, ଯୁଗରାଜ ସିଂ, ବିଷ୍ଣୁକାନ୍ତ ସିଂ। ମିଡ୍‌ଫିଲ୍ଡର: ବିବେକ ସାଗର ପ୍ରସାଦ, ନୀଲକାନ୍ତ ଶର୍ମା, ମନପ୍ରୀତ ସିଂ, ସମଶେର ସିଂ, ହାର୍ଦ୍ଦିକ ସିଂ, ରାଜକୁମାର ପାଲ୍, ମହମ୍ମଦ ରାହିଲ ମୌସିନ୍। ଫରୱାର୍ଡ: ମନଦୀପ ସିଂ, ଅଭିଷେକ, ସୁଖଜିତ ସିଂ, ଲଳିତ କୁମାର ଉପାଧ୍ୟାୟ, ଗୁରଜନ୍ତ ସିଂ, ଆକାଶଦୀପ ସିଂ, ଅରାଇଜିତ ସିଂ ହୁଣ୍ଡାଲ ଓ ବବି ସିଂ ଧାମି।



ଭାରତୀୟ ପୁରୁଷ ହକି ଦଳ।

# ଭାରତ ୫-୦ରେ ସିରିଜ ବିଜୟୀ

## ମହିଳା ଟି୨୦

ସିଲ୍‌ହେଟ୍, ୯।୫ (ପି.ଟି.)

ସ୍ଥାନୀୟ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ଅନ୍ତର୍ଜାତୀୟ ମହିଳା ଟି୨୦ କ୍ରିକେଟ ମ୍ୟାଚରେ ଭାରତ ୨୧ରନରେ ବିଜୟ ହାସଲ କରିବା ସହ ୫ମ୍ୟାଚ ବିଶିଷ୍ଟ ସିରିଜ ୫-୦ରେ ଜିତି ନେଇଛି। ଏଥିରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ମହିଳା ଦଳ ୫ଉଇକେଟ ବିନିମୟରେ ୧୫୬ରନ କରିଥିଲା। ଜବାବରେ ଘରୋଇ ଦଳ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୩୫ ରନ କରିବାରେ ସମର୍ଥ ହୋଇଥିଲା। ଭାରତୀୟ ଇନିଂସରେ ବିଳମ୍ବରେ ରିଚା ଘୋଷଙ୍କ ବିସ୍ଫୋରକ ଅପରାଜିତ ୨୮ ରନ ଅନ୍ୟତମ। ସେ ୧୭ଟି ବ୍ଲର ସମ୍ମୁଖୀନ ହୋଇ ୩ ଛକା ଓ ଗୋଟିଏ ଚୌକା ଲଗାଇଥିଲେ। ପୂର୍ବରୁ ଦୟାଲାନ ହେମଲତା (୩୭) ଓ ଅଧିନାୟିକା ହରମନପ୍ରୀତ କୌର (୩୦) ତୃତୀୟ ଉଇକେଟରେ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ୬୦ରନ ଯୋଗ କରିଥିଲେ। ଅନ୍ୟ ସଫଳ ବ୍ୟାଟର ଭାବେ ଓପନର ସ୍ମୃତି ମନ୍ଧାନା ୩୩ ରନ (୨୫ବଲ୍, ୪ ଚୌକା,୧ଛକା) କରିଥିଲେ। ସେ ଓ ଶେଫାଳି ବର୍ମା (୧୪) ପ୍ରଥମ ଉଇକେଟରେ ୨୫ ରନ ଯୋଗ କରିଥିଲେ। ସିରିଜରେ ଭାରତ ସର୍ବାଧିକ ସ୍କୋର କରିପାରିଥିଲା।

ବାଂଲାଦେଶର ଦୁଇ ସଫଳ ବୋଲର ରାବେୟା ଖାନ୍ ଓ ନାହିଦା ଅକ୍ତର ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ବାଂଲାଦେଶ ଇନିଂସରେ ଟପ୍ ସ୍କୋରର ରୀତୁ ମୋନି ୩୭ ରନ କରିଥିବାବେଳେ ସୋର୍ଫିଆ ଖାତୁନ ୨୮ ଏବଂ ରୁବିୟା ହାଇଦର ୨୦ ରନ କରିଥିଲେ। ଭାରତ ତରଫରୁ ରାଧା ଯାଦବ ୨୪ ରନ ଦେଇ ୩ ଏବଂ ଆଶା ସୋଭାନା ୨୫ ରନ ଦେଇ ୨ଟି ଉଇକେଟ ନେଇଥିଲେ। ରାଧା ଯାଦବ ଉଭୟ ପ୍ଲେୟର ଅଫ୍‌ଦି ମ୍ୟାଚ ଓ ସିରିଜ ବିବେଚିତ ହୋଇଥିଲେ।




ବିଜୟୀ ଟ୍ରଫି ସହ ଭାରତୀୟ ମହିଳା କ୍ରିକେଟ ଦଳ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ